## ଅଲ୍ଲାଃ ତାଲାଙ୍କ ବାଣୀ

اِنَّ اللّٰہَ وَمَلٰٓئِکَتَہٗ
یُصَلُّوۡنَ عَلَی النَّبِیِّ ؕ
یٰۤاَیُّہَا الَّذِیۡنَ اٰمَنُوۡا
صَلُّوۡا عَلَیۡہِ وَسَلِّمُوۡا تَسۡلِیۡمًا
(سورۃ احزاب:57)

ଅନୁବାଦ-ଅଲ୍ଲାଃ ବାସ୍ତବରେ ଏହି ନବିଙ୍କ ପ୍ରତି ନିଜର ଆର୍ଶୀବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତ ମଧ୍ୟ, (ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି, ତେଣୁ) ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଏହି ନବିଙ୍କ ପ୍ରତି (ଅଲ୍ଲାଃଙ୍କ) ଆଶୀର୍ବାଦ ଭିକ୍ଷାକର (ଅର୍ଥାତ ଦରୁଦ୍ ସରିଫ୍ ପାଠ କର); ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନୋଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷାକର ।

*(ସୁରଃ ଅଲ ମାଇଦାଃ:୫୭)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد
وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 27-28

ବାର୍ଷିକ ଦେୟ: ୫୭୫/-

ସାପ୍ତାହିକ ବଦର କାଦିଆନ
Weekly BADAR Qadian Odia

ସମ୍ପାଦକ : କମରୁଲ୍ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

07-14 ଜୁଲାଇ 2022 | 07-14 ୱଫା 1401 ହି.ଶ | 07-14 ଜୁଲହଜାଃ 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିʼଉମ୍‌ରିହି ୱ ଅମ୍‌ରିହି ॥**

# ସିରତୁନ୍ ନବି ସ.ଆ.ସ ସଂଖ୍ୟା

**ହଜରତ୍ ମୁହମ୍ମଦ୍ ସ ଆ ସ ଈଶ୍ୱରଙ୍କ ଇଚ୍ଛାରେ ନିଜକୁ ହଜାଇଦେଇ ଏକଥାର ପରୁଆ କଲେ ନାହିଁ ଯେ ଏକେଶ୍ୱରବାଦର ଡାକରା ଦେବାଦ୍ୱାରା ନାନାପ୍ରକାରର ବିପତି ଆସି ପହଂଚିଯିବ ତଥା ମୁଶରିକ୍ (ଅନେକେଶ୍ୱରବାଦୀ)ମାନଙ୍କ ହାତରେ କି କି ପ୍ରକାରର ଦୁଃଖ କଷ୍ଟ ଉଠାଇବାକୁ ପଡିବ ବୋଲି, ବରଂ ସମସ୍ତ ଦୁଃଖ, କଷ୍ଟ ଏବଂ ଯନ୍ତ୍ରଣାକୁ ନିଜ ଉପରେ ପକାଇ ନିଜ ପ୍ରଭୂଙ୍କର ନିର୍ଦ୍ଦେଶପାଳନ କଲେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ହଜରତ୍ ମସିହ୍ ମଉଦ୍ ଆ ସ କୁହନ୍ତି:-

ହଜରତ୍ ଖାତମୁଲ୍ ଅମ୍ବିୟା ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍‌ଙ୍କ(ଅଲ୍ଲାଃ ତାଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କରନ୍ତୁ) ଜୀବନଚରିତମୂଳକ ଘଟଣାବଳୀଗୁଡିକ ଉପରେ ଦୃଷ୍ଟିନିକ୍ଷେପ କଲେ ଏହା ସ୍ପଷ୍ଟ ହୋଇଯାଉଛି ଯେ ଆଁହଜରତ୍ ସ ଆ ସ ଉଚ୍ଚ ସ୍ତରର ବ୍ୟକ୍ତିବିଶେଷ,ନିର୍ମଳ ହୃଦୟର ଅଧିକାରୀ ତଥା ଈଶ୍ୱରଙ୍କ ପ୍ରତି ସମର୍ପିତ ଏବଂ ସାଂସାରିକ ଆଶାଭରସାଠାରୁ ସମ୍ପୂର୍ଣ୍ଣରୂପେ ଦୂରେଇ ରହି କେବଳ ଈଶ୍ୱରଙ୍କ ଉପରେ ଭରସା କରୁଥିବା ଜଣେ ସ୍ୱତନ୍ତ୍ର ବ୍ୟକ୍ତି ଥିଲେ । ଯିଏ ଈଶ୍ୱରଙ୍କ ଇଚ୍ଛାରେ ନିଜକୁ ହଜାଇଦେଇ ଏ କଥାର କୌଣସି ପରୁଆ କଲେ ନାହିଁ ଯେ ଏକେଶ୍ୱରବାଦର ଡାକରା ଦେବାଦ୍ୱାରା ନାନାପ୍ରକାରର ବିପତି ଆସି ପହଂଚିଯିବ ଏବଂ ତାଙ୍କୁ ମୁଶରିକ୍ (ଅନେକେଶ୍ୱରବାଦୀ)ମାନଙ୍କ ହାତରେ କି କି ପ୍ରକାରର ଦୁଃଖ ଓ କଷ୍ଟ ଉଠାଇବାକୁ ପଡିବ ବୋଲି , ବରଂ ସମସ୍ତ ଦୁଃଖ, କଷ୍ଟ ଏବଂ ଯନ୍ତ୍ରଣାକୁ ନିଜ ଉପରେ ପକାଇ ନିଜ ପ୍ରଭୂଙ୍କର ନିର୍ଦ୍ଦେଶପାଳନ କଲେ ଏବଂ ମୁଜାହିଦା (ଅର୍ଥାତ ପ୍ରଚେଷ୍ଟା)କରିବାପାଇଁ ଯେଉଁ ସର୍ତମାନ ରହିଛି ଓ ଯାହା ସବୁ ଆଦେଶ ଓ ନିର୍ଦ୍ଦେଶମାନଥିଲା ତାହାସବୁ ପୂରଣ କଲେ । କୌଣସି ଭୟପ୍ରଦାନକାରୀ ସତାକୁ କିଛି ବି ଭବିଲେ ନାହିଁ । ଆମେ ସତ୍ୟ କହୁଅଛୁ ଯେ ସମସ୍ତ ଜୀବନଚରିତମୂଳକ ଘଟଣାବଳୀଗୁଡିକରେ ଏପରି ବିପଦପୂର୍ଣ୍ଣ ପରିସ୍ଥିତିର ସମ୍ମୁଖିନ ହୋଇଥିବା ତଥା ଈଶ୍ୱରଙ୍କ ଉପରେ ଏତେ ମାତ୍ରାରେ ଭରସା କରି ଖୁଲମ୍‌ଖୁଲା ସିର୍କ ମଖଲୁକ୍ ପରସ୍ତି (ଅର୍ଥାତ୍ ଅନେକେଶ୍ୱରବାଦ ଏବଂ ସୃଷ୍ଟିବାଦ)କୁ ବାରଣକରୁଥିବା ବ୍ୟକ୍ତି, ପୁଣି ଏତେମାତ୍ରାରେ ଶତୃମାନଙ୍କ ସମ୍ମୁଖିନ ହୋଇଥିବା ସତ୍ତ୍ୱେ ବି ଏମିତେ ଜଣେ ନିଶ୍ଚଳ/ସ୍ଥିର/ଦୃଢ ବିଶ୍ୱାସ ରଖିଥିବା ବ୍ୟକ୍ତି ଜଣେ ମଧ୍ୟ ମିଳିବାର ପ୍ରମାଣ ନାହିଁ । ଅତେବ ଟିକିଏ ଇମାନଦାରୀରେ ଚିନ୍ତାକରି ଦେଖିବା ଉଚିତ ଯେ ଏହି ସବୁ ପରିସ୍ଥିତି କିପରି ଆଁହଜରତ୍ ସ ଆ ସ ଙ୍କ ଭିତରେ ଥିବା ସତ୍ୟତାକୁ ସତ୍ୟତାକୁ ସୂଚିତ କରୁଅଛି । ଏତଦ୍ ବ୍ୟତୀତ ଯେତେବେଳେ ଜଣେ ଜ୍ଞାନୀ ବ୍ୟକ୍ତି ସେହି ପରିସ୍ଥିତିକୁ ଆହୁରି ଧ୍ୟାନର ସହିତ ଅଧ୍ୟୟନ କରିଥାଏ ,ଯେଉଁ ପରିସ୍ଥିତି(ଅର୍ଥାତ ଯେଉଁ ସମୟରେ )ଆଁହଜରତ୍ ଙ୍କ ଆବିର୍ଭାବ ହୋଇଥିଲା, ତାହା ବାସ୍ତବିକ ଏପରି ସମୟ(ଯୁଗ) ଥିଲା,ସେହି ଅବସ୍ଥା(ତଥା ପରିସ୍ଥିତି) ଜଣେ ପୂଣ୍ୟାତ୍ମା ତଥା ମହାନ ସଂସ୍କାରକ ଓ ସ୍ୱର୍ଗୀୟ ପଥପଦର୍ଶକଙ୍କର ବହୁତ ଆବଶ୍ୟକ ଥିଲା ଏବଂ (ଆଁ ହଜରତ୍ ସ ଆ ସ ଙ୍କ ଜରିଆରେ) ଯେଉଁ ଶିକ୍ଷା ଦିଆଯାଇଅଛି ତାହା ବାସ୍ତବିକ ସତ୍ୟ ଓ ଏପରି (ଗ୍ରହଣୀୟ) ଥିଲା,ଯେ ତାହାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ହୋଇପଲଡିଥିଲା । ତାହା (ଅର୍ଥାତ ସେହି ଶିକ୍ଷା) ଏତେ ବ୍ୟାପକ ଥିଲା ଯେ ସମୟ/ଯୁଗର ସମସ୍ତ ଆବଶ୍ୟକତାକୁ ତାହା ପୂରଣକରୁଥିଲା । ପୁଣି ସେହି ଶିକ୍ଷାର ପ୍ରଭାବ ଏତେ ମାତ୍ରାରେ ପଡିଲା ଯେ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟକୁ ସତ୍ୟ ଆଡକୁ ଟାଣିଆଣିଲା ଏବଂ ଲକ୍ଷ ଲକ୍ଷଙ୍କ ଛାତିରେ ଲା ଇଲାହା ଇଲ୍ଲଲ୍ଲାହୁ ର ନକ୍ସା ସ୍ଥାପନ କରିଦେଲା ଏବଂ ନବୁୱତର ଯେଉଁ ଚରମ ଲକ୍ଷ୍ୟ ରହିଛି ଅର୍ଥାତ ପରିତ୍ରାଣ(ମୋକ୍ଷ)ପାଇବାର ସିଦ୍ଧାନ୍ତକୁ ଏପରି ସିଦ୍ଧତାରେ ପହଂଚାଇଦେଲା, ଯାହା ଅନ୍ୟ କୌଣସି ନବୀଙ୍କ ହାତରେ, ଏପରି ସ୍ତରରେ କୌଣସି ବି ଯୁଗରେ ପଂହଚି ନାହିଁ । ଅତଃ ଏହି ଘଟଣାବଳୀଗୁଡିକ ଉପରେ ଦୃଷ୍ଟି ନିକ୍ଷେପ କଲେ ଅନିଚ୍ଛାକୃତ ଭାବରେ ହୃଦୟରୁ ଏ ସାକ୍ଷ୍ୟ ବାହାରିବ ଯେ ଆଁହଜରତ୍ ସ ଆ ସ ବାସ୍ତବରେ ଈଶ୍ୱରଙ୍କ ତରଫରୁ ଜଣେ ସଚ୍ଚା ପଥପଦର୍ଶକ ଅଟନ୍ତି । ଯେଉଁ ଲୋକ ପକ୍ଷପାତିତା ତଥା ଜିଦ୍ ଧରି ଏହାକୁ ଅସ୍ୱୀକାର କରିବ ତାହାର ରୋଗ ହେଉଛି ଅସାଧ୍ୟ । (ଅର୍ଥାତ ତା ବେମାରି ପାଇଁ କୌଣସି ଔଷଧ ନାହିଁ) । ଯଦିଚ ସେ ଈଶ୍ୱରଙ୍କର ବି ଅସ୍ୱୀକାରୀ ହୋଇଯାଉ । ଅନ୍ୟଥା ସତ୍ୟର ଏସମସ୍ତ ଲକ୍ଷଣ/ଚିହ୍ନ ଯାହା ଆଁହଜରତ୍ ସ ଆ ସ ଙ୍କଠାରେ ସଂପୂର୍ଣ୍ଣ ଭାବରେ ଏକତ୍ର ହୋଇଅଛି ତାହା ଅନ୍ୟ କୌଣସି ନବୀଙ୍କ ନିକଟରେ କିଏ ଗୋଟିଏ ବି ତ ପ୍ରମାଣ କରି ଦେଖାଇଦେଉ, ଯଦ୍ୱାରା ଆମେ ତ ଜାଣିବୁ ।

(ବରାହିନେ ଅହେମଦୀୟା, ରୁହାନୀ ଖଜାଏନ୍, ଖ-୦୧ , ପୃ-୧୧୧)

# ଏହି ସଂଖ୍ୟାରେ


| କ୍ର.ସଂ | ସୂଚିପତ୍ର | ପୃଷ୍ଠା |
|---|---|---|
| ୧ | ସମ୍ପାଦକୀୟ | ୨ |
| ୨ | ଦରସୁଲ୍ କୁରଆନ୍ ଓ ଦରସୁଲ୍ ହଦିସ୍ | ୩ |
| ୩ | ମସିହ୍ ମଉଦ୍ ଆ ସ ଙ୍କ ବାଣୀ | ୪ |
| ୪ | ଖୁତବା ଜୁମା ସୟଦନା ହଜରତ୍ ଖଲିଫତୁଲ୍ ମସିହ୍ ପଂଚମ ଅ ବ ଅ ପ୍ରଦତ ୩ ଜୁନ୍ ୨୦୨୨ | ୫ |
| ୫ | ତକରିର୍ ଜଲସା ସାଲାନାଃ କାଦିଆନ୍ ୨୦୨୧<br>ଆଁ ହଜରତ୍ ସ ଆ ସ ଙ୍କ ଜୀବନୀ | ୧୦ |
| ୬ | ତକରିର୍ ଜଲସା ସାଲାନାଃ କାଦିଆନ୍ ୨୦୨୧<br>ଆର୍ଥିକ ବଳିଦାନର ଗୁରୁତ୍ୱ | ୧୩ |
| ୭ | ତକରିର୍ ଜଲସା ସାଲାନାଃ କାଦିଆନ୍ ୨୦୨୧<br>ସମ୍ମାନସ୍ୱଦ ସାହାବାମାନଙ୍କ ଜୀବନ ଚରିତ | ୧୬ |


ସମ୍ପାଦକୀୟ

## ଦରୁଦ୍ ଶରିଫ୍‌ରେ
## ହଜରତ ଇବ୍ରାହିମ ଆ ସଙ୍କର ନାମକୁ ଭର୍ତି କରିବାର ମାହାତ୍ମ୍ୟ

ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ଏମ ଏ ର ଅ କହିଛନ୍ତି:

ଏହାର କାରଣ ମୁଁ ତ କହିପାରିବି ନାହିଁ ମାତ୍ର ବାସ୍ତବିକତା ହେଉଛି, ମୋତେ ପିଲାଟି ଦିନରୁ ହିଁ ସମସ୍ତ ପ୍ରାଚୀନ ଅବତାରଗଣଙ୍କ ମଧ୍ୟରୁ ହଜରତ ଇବ୍ରାହିମ୍ ଆ ସଙ୍କ ସହିତ ସର୍ବାଧିକ ପ୍ରେମ ରହି ଆସିଛି । ଯେହେତୁ (ଉତ୍ସର୍ଗୀକୃତ ପୂଣ୍ୟାତ୍ମା) ବିଶ୍ୱଗୁରୁ ହଜରତ ମୁହମ୍ମଦ ସ ଆ ସଙ୍କ ସହିତ ପ୍ରେମ ସମ୍ପର୍କ ଅନ୍ୟ ସବୁ ପ୍ରେମ ମଧ୍ୟରେ ସର୍ବୋତ୍କୃଷ୍ଟ କାଳଜୟୀ, ତାହା ପୁଣି ଏତେ ଅଧିକ କାଳଜୟୀ ଯେ ଅନ୍ୟ କୌଣସି ଅବତାରଙ୍କ ପ୍ରତି ପ୍ରେମ ତାଙ୍କ ପ୍ରେମ ଆଗରେ ଅତି ନ୍ୟୁନ ପ୍ରତୀୟମାନ ହୁଏ । ସେଥିପାଇଁ ହଜରତ ଇବ୍ରାହିମ ଆ ସଙ୍କ ପ୍ରତି ବିଶେଷ ପ୍ରେମ ରହିଥିବା ସତ୍ତ୍ୱେ ମୋତେ ପିଲାଟି ଦିନରୁ 'ଦରୁଦ୍' ଅର୍ଥାତ ହଜରତ ମୁହମ୍ମଦ ସ ଆ ସଙ୍କ ପାଇଁ ଆଶୀର୍ବାଦ ଭିକ୍ଷା ଅନ୍ତର୍ଗତ ଏହି ଖଣ୍ଡବାକ୍ୟ **"କମା ସଲ୍ଲୈତା ଅଲା ଇବ୍ରାହିମା"** (ଅର୍ଥାତ ହେ ଈଶ୍ୱର ! ତୁମ୍ଭେ ହଜରତ ମୁହମ୍ମଦ ସ ଆ ସ ପ୍ରତି ସେହିପରି କଲ୍ୟାଣ ଅବତୀର୍ଣ୍ଣ କର, ଯେପରି ତୁମ୍ଭେ ହଜରତ ଇବ୍ରାହିମ ଆ ସଙ୍କ ପ୍ରତି ଅବତୀର୍ଣ୍ଣ କରିଥିଲ) ଖଟକୁଥିଲା ଏବଂ ମୁଁ ମନରେ ଏହି ଭାବନା ଆଣୁଥିଲି ଯେ ଏହି ଶବ୍ଦରେ ପ୍ରକାଶ୍ୟ ଭାବେ ହଜରତ ଇବ୍ରାହିମ ଆ ସଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହେଉଛି, କାରଣ ଏହି ପ୍ରାର୍ଥନାରେ ହଜରତ ଇବ୍ରାହିମ ଆ ସଙ୍କର ଦୃଷ୍ଟାନ୍ତ ଏହା ପ୍ରକାଶ କରୁଛି ଯେ ହଜରତ ଇବ୍ରାହିମ ଆ ସଙ୍କୁ କୌଣସି ଏପରି ବିଶେଷ କଲ୍ୟାଣ ପ୍ରାପ୍ତ ହୋଇଛଇ, ଯାହା ଏ ପର୍ଯ୍ୟନ୍ତ ଆମ ହଜରତ ମୁହମ୍ମଦ ସ ଆ ସଙ୍କୁ ପ୍ରାପ୍ତ ହୋଇନାହିଁ । ଏହି ଭାବନାର ବଶବର୍ତୀ ହୋଇ ମୁଁ ଅଧିକାଂଶ ସମୟରେ ଦରଦୁ ପାଠ କରିବା ବେଳେ ଅସ୍ଥିର ହୋଇ କହି ଉଠୁଥିଲି ଯେ ହେ ଈଶ୍ୱର ! ଏହା କେମିତି କଥା ଯେ ଆମ ନବୀ ଶ୍ରେଷ୍ଠ ରସୁଲ ତଥା ଆଦମଙ୍କର ପୂଣ୍ୟ ସନ୍ତାନ ହୋଇଥିଲେ ସୁଦ୍ଧା ତଥାପି ଦରୁଦ ଭିତରେ ଏହି ଶବ୍ଦ ପ୍ରୟୋଗ କରାଯାଇଛି ଯେ ମୁହମ୍ମଦଙ୍କ ପ୍ରତି ତଦନୁରୂପ କଲ୍ୟାଣ ଓ ସମୃଦ୍ଧି ଅବତୀର୍ଣ୍ଣ ହେଉ, ଠିକ୍ ଯେପରି ହଜରତ ଇବ୍ରାହିମ ଆ ସଙ୍କ ପାଇଁ ଅବତୀର୍ଣ୍ଣ ହୋଇଥିଲା ।

ଶେଷରେ ମୁଁ ଏହାର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିବାର ଏହି ଉପାୟ ବାଛିଲି ଯେ ହଜରତ ଇବ୍ରାହିମ ଆ ସଙ୍କ ଦୃଷ୍ଟାନ୍ତ ଦେବା ଦ୍ୱାରା କଲ୍ୟାଣର ସ୍ତର ଆଡ଼କୁ ଇଶାରା କରିବା ଏହାର ଅଭିପ୍ରାୟ ନୁହେଁ, ବରଂ ନିର୍ଦ୍ଦିଷ୍ଟ ଗୁଣ ପ୍ରତି ଏହା ସଂକେତ ପ୍ରଦାନ କରୁଛି । ଯେହେତୁ ହଜରତ ଇବ୍ରାହିମ ଆ ସଙ୍କୁ ବ୍ୟାପକ ବଂଶବୃଦ୍ଧିର ଅସାଧାରଣ କ୍ଷମତା ଅର୍ପଣ କରାଯାଇଛି ଏବଂ ତାହାଙ୍କ ଆଗାମୀ ବଂଶଧର ମଧ୍ୟରେ ବିପୁଳ ସଂଖ୍ୟାରେ ଅବତାରଗଣ ସୃଷ୍ଟି କରାଯିବାର ବିଶେଷତ୍ୱ ମଧ ରହିଥିଲଶ, ତେଣୁ ମୁଁ ଭାବୁଥିଲି ଯେ ବୋଧହୁଏ ଏହି କାରଣରୁ ହଜରତ ଇବ୍ରାହିମ ଆ ସଙ୍କର ଦୃଷ୍ଟାନ୍ତ ଦିଆଯାଇ ହଜରତ ମୁହମ୍ମଦ ସ ଆ ସଙ୍କ ସକାଶେ ଦରୁଦ ପ୍ରେରଣ ପୂର୍ବକ ପ୍ରାର୍ଥନା କରାଯାଉଛି । ତଥାପି ଏଥିରେ ମୋ ମନ ସମ୍ପୂର୍ଣ୍ଣ ରୂପେ ସନ୍ତୋଷ ହେଉ ନଥିଲା ଏବଂ ସେହି ବାକ୍ୟାଂଶ ସବୁବେଳେ ଅନ୍ତରରେ ଏକ ଝଟକା ଲଗାଉଥିଲା ଏବଂ ମୋର ଅନ୍ତରାତ୍ମାକୁ ଏକ ରକମର ଆଘାତ ଅନୁଭବ ହେଉଥିଲା । କିନ୍ତୁ ତତ୍‌ସହିତ ମୋର ହୃଦୟ ଏହି ବିଶ୍ୱାସରେ ଭରି ଯାଇଥିଲା ଯେ ଏହା ଈଶ୍ୱର ଶିଖାଇଥିବା ପ୍ରାର୍ଥନା ଏବଂ ନିଶ୍ଚୟ ଏଥିରେ କୌଣସି ଗୃଢ଼ ଭେଦ ରହିଛି ଯାହା ସମ୍ଭବତଃ କେତେକ ଲୋକଙ୍କ ଉପରେ ମଧ ପ୍ରକାଶ କରାଯାଇଥିବ ଏବଂ ଈଶ୍ୱର ଚାହିଁଲେ କେବେ ନା କେବେ ମୋ ଉପରେ ମଧ ଅବଶ୍ୟ ପ୍ରକାଶିତ ହୋଇଯିବ । ମୋର କହିବାର ଅର୍ଥ ଏହା ଆଦୌଁ ନୁହେଁ ଯେ ଦରୁଦରେ ହଜରତ ଇବ୍ରାହିମ ଆ ସଙ୍କର ନାମ ସାମିଲ ହେବାରେ କେବଳ ସେହି ଭେଦ ରହିଛି, ଯାହା କି ମୋର ଧାରଣାକୁ ଆସିଛି । ଏହା ମଧ ସମ୍ଭବ ଯେ ଯାହା ଈଶ୍ୱର ଓ ତାଙ୍କ ବାର୍ତାବହଙ୍କ ବାଣୀରେ ବେଳେ ବେଳେ ଏକ ସମୟରେ ଅନେକ ଅର୍ଥ ବାହାରେ, ତାହା ମୋର ମନକୁ ଆସୁଥିବା ବ୍ୟାଖ୍ୟା ଠାରୁ ମଧ ଅଧିକ ଗୋପନୀୟ ତଥା ପ୍ରାଞ୍ଜଳ ଭାବରେ ଅନ୍ୟ କୌଣସି ଗୃଢ଼ ତତ୍ତ୍ୱ ଲୁଚି ରହିଛି । କିନ୍ତୁ ଏବେ ମୋତେ ଅନ୍ତତଃ ଆତ୍ମସନ୍ତୋଷ ନିଶ୍ଚୟ ମିଳିଛି ଯେ ଯେଉଁ ଅର୍ଥ ମୋ ମନରେ ଆସିଛି, ତାହା ଈଶ୍ୱରଙ୍କ କୃପାରୁ ନା କେବଳ ଯଥାର୍ଥ ତାହା ନୁହେଁ, ବରଂ ମୋର ଆଗ୍ରହ ଅନୁଯାୟୀ ସୂକ୍ଷ୍ମ ବିଶ୍ଳେଷଣ ମଧ । ମୁଁ ସେହି ଅର୍ଥକୁ ବନ୍ଧୁମାନଙ୍କ ଅବଗତ ନିମନ୍ତେ ନିମ୍ନରେ ଉଲ୍ଲେଖ କରୁଛି ।

ବନ୍ଧୁମାନଙ୍କୁ ଏହା ତ ଅବଗତ ଥିବ ଯାହା ପ୍ରକୃତ ପକ୍ଷେ ଇସ୍‌ଲାମ୍ ଇତିହାସରେ ଏକ ପ୍ରସିଦ୍ଧ ଘଟଣା ଓ ଯାହାକୁ ମୁସଲମାନର ପ୍ରତ୍ୟେକ ପିଲା ବଡ଼ ଜାଣନ୍ତି ଯେ ହଜରତ ମୁହମ୍ମଦ ସ ଆ ସ ହେଉଛନ୍ତି ହଜରତ ଇବ୍ରାହିମ ଆ ସଙ୍କର ବଂଶଧର ଯିଏ ହଜରତ ଇସମାଇଲଙ୍କ ଦ୍ୱାରା ଅବସ୍ଥାପିତ ହୋଇଥିଲେ । କାବା ଉପାସନା ଗୃହର ଶୁଭ ନିର୍ମାଣ ମଧ ହଜରତ ଇବ୍ରାହିମ ଆ ସ ଓ ହଜରତ ଇସମାଇଲଙ୍କର ପବିତ୍ର ହସ୍ତ ଦ୍ୱାରା ହୋଇଥିଲା, ଯାହାର ପ୍ରତିଟି ପଥର ସେହି ପବିତ୍ର ପିତାପୁତ୍ରଙ୍କର ସହସ୍ର ପ୍ରାର୍ଥନା ସହିତ ରଖା ଯାଇଥିଲା । ସେହି ଅବସରରେ ସେ ଦୁହେଁ ସେହି ବିଶେଷ ପ୍ରାର୍ଥନା ମଧ କରିଥିଲେ, ଯାହର ଫଳ ସ୍ୱରୁପ ହଜରତ ମୁହମ୍ମଦ ସ ଆ ସଙ୍କର ପରମ ଅସ୍ତିତ୍ୱ ଆତ୍ମପ୍ରକାଶ ଲାଭ କଲା । ସୁତରାଂ ପବିତ୍ର କୁର୍‌ଆନ୍ ଏହି ଐତିହାସିକ ପ୍ରାର୍ଥନାକୁ ଏପରି ଗୁରୁ ଗମ୍ଭୀର ଶବ୍ଦରେ ବର୍ଣ୍ଣନା କରିଛି:

**ରବ୍‌ବନା ୱ୍ବଅସ ଫିହୀମ ରସୁଲମ୍ ମିନହୁମ ୟତଲୁ ଆଲୈହିମ୍ ଆୟାତିକା ୱ୍ ୟୋଅଲ୍ଲିମୁହୁମୁଲ୍ କିତାବା ୱ୍ଲ୍ ହିକମତା ୱ୍ ୟୁଜକ୍କିହିମ୍, ଇନ୍ନକା ଅନ୍ତଲ ଅଜିଜୁଲ୍ ହକିମ୍ ।**

ଅର୍ଥାତ "ହେ ଆମ୍ଭର ପାଳନକର୍ତା ! ତୁମ୍ଭେ ଆମରି ବଂଶରେ ଯାହା ଏବେ ଏହି ଦେଶରେ ପ୍ରସାର ଲାଭ କରିବ ଏବଂ ତୁମ୍ଭର ଏହି ପବିତ୍ର ଗୃହର ଚତୁପାର୍ଶ୍ୱରେ ବସତି ସ୍ଥାପନ କରିବ, ଏକ ମହାନ ରସୁଲଙ୍କୁ ଆବିର୍ଭାବ କରାଅ ଯିଏ ସେମାନଙ୍କୁ ତୁମ୍ଭର ଦିବ୍ୟବାଣୀ ପଢ଼ି ଶୁଣାଇବ ଏବଂ ସେମାନଙ୍କୁ ତୁମ୍ଭ ପୁସ୍ତକର ଶିକ୍ଷା ପ୍ରଦାନ କରିବ ଏବଂ ପୁଣି ଏହି ପୁସ୍ତକର ଆଦେଶାବଳୀର ଗୃଢ଼ମର୍ମ ମଧ ଶିଖାଇବ । ଏବଂ ସେମାନଙ୍କୁ ନିଜର ଉଚ୍ଚ ନୈତିକ ଆଦର୍ଶଜନିତ କଲ୍ୟାଣ ବଳରେ ଏକ ଉନ୍ନତଶୀଳ ଜୀବନ ପ୍ରଦାନ କରନ୍ତୁ । ବାସ୍ତବରେ ତୁମ୍ଭେ ଅତ୍ୟନ୍ତ ମହିମାମୟ ଓ ବଡ଼ ତତ୍ତ୍ୱଜ୍ଞ ଈଶ୍ୱର ।"

ଏହି ପ୍ରାର୍ଥନାର ଶବ୍ଦାବଳୀ ଗଭୀର ତତ୍ତ୍ୱ ସମ୍ବଳିତ । କିନ୍ତୁ ମୁଁ ସେହି ତତ୍ତ୍ୱର ବ୍ୟାଖ୍ୟା ଭିତରକୁ ପଶୁ ନାହିଁ, କେବଳ କହିବାର ଉଦ୍ଦେଶ୍ୟ ଏତିକି ଯେ ହଜରତ ଇବ୍ରାହିମ ଆ ସ ଓ ହଜରତ ଇସମାଇଲ କାବା ଗୃହର ନିର୍ମାଣ ସମୟରେ ମକ୍କାବାସୀଙ୍କ ଗହଣରେ ଜଣେ ଏପରି ବିଶେଷ ନବୀଙ୍କର ଆବିର୍ଭାବ ହେବା ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିେ. ଯିଏ ନିଜର ଆଧ୍ୟାତ୍ମିକ, ବୌଦ୍ଧିକ ଓ ସଂସ୍କାର ମୂଳକ କାର୍ଯ୍ୟକ୍ରମ ସହିତ ଅତୁଳନୀୟ କୃତିତ୍ୱର ଅଧିକାରୀ ହେବାର ଥିଲା ଏବଂ ହଜରତ ମୁହମ୍ମଦ ସ ଆ ସ ହଦିସରେ କହିଛନ୍ତି ଯେ ମୋର ଆବିର୍ଭାବ ଏହି ପ୍ରାର୍ଥନାର ଫଳ । ସୁତରାଂ ତାଙ୍କର ଉବାଚ ଏହିପରି:

**ଅନା ଦାଓ୍ୱତୁ ଇବ୍ରାହିମା**

ଅର୍ଥାତ "ମୁଁ ଇବ୍ରାହିମ୍‌ଙ୍କର ପ୍ରାର୍ଥନାର ଦିବ୍ୟ ଫଳ"

ଏବେ ଏଥିରୁ ତିନୋଟି ବିଷୟର ନିଷ୍କର୍ଷ ବାହାରୁଛି:

**ପ୍ରଥମତଃ** ହଜରତ ମୁହମ୍ମଦ ସ ଆ ସ ହେଉଛନ୍ତି ହଜରତ ଇବ୍ରାହିମ ଆ ସଙ୍କର ବଂଶଜ ।

**ଦ୍ୱିତୀୟତଃ** ହଜରତ ଇବ୍ରାହିମ ଆ ସ କାବା ଗୃହ ନିର୍ମାଣ ସମୟରେ ମକ୍କାର ଅଧିବାସୀଙ୍କ ମଧ୍ୟରେ ଜଣେ ମହତ୍ୱପୂର୍ଣ୍ଣ ରସୁଲ ଅର୍ଥାତ ବାର୍ତାବହଙ୍କ ଆଗମନ ସକାଶେ ପ୍ରାର୍ଥନା କରିଥିଲେ ।

**ତୃତୀୟତଃ** ହଜରତ ମୁହମ୍ମଦ ସ ଆ ସଙ୍କର ଆବିର୍ଭାବ ଏହି ପ୍ରାର୍ଥନାର ଫଳ ।

ଏବେ ଯଦି ଆମେ ଏହି ତିନୋଟି ବିଷୟକୁ ଦୃଷ୍ଟିରେ ରଖି ଦରୁଦର ଶବ୍ଦ ପ୍ରତି ଚିନ୍ତା କରିବା, ତା'ହେଲେ ଏହା ଅତି ସ୍ପଷ୍ଟ ହୋଇଯାଏ ଏବଂ ଦରୁଦ୍ ମଧ୍ୟରେ ଉଲ୍ଲେଖ ରହିଥିବା: **କମା ସଲ୍ଲୈତା ଅଲା ଇବ୍ରାହିମା** ଅଥବା **କମା ବାରକତା ଅଲା ଇବ୍ରାହିମା** ଶବ୍ଦ ନା କେବଳ ହଜରତ ମୁହମ୍ମଦ ସ ଆ ସଙ୍କ ଉଚ୍ଚ ମହିମାରେ କୌଣସି ପ୍ରକାର ଊଣା ସାବ୍ୟସ୍ତ ହୁଏ ନାହିଁ, ବରଂ ବାସ୍ତବ ପକ୍ଷେ ଏହି କଥାର ପ୍ରମାଣ ଯୋଗାଇଥାନ୍ତି ଯେ ତାହାକୁ ହଜରତ ମୁହମ୍ମଦ ସ ଆ ସଙ୍କର ଉଚ୍ଚ ମହିମା ଓ ତାଙ୍କର ଅସାଧାରଣ ଉନ୍ନତି ଆଡ଼କୁ କରିବା ପାଇଁ ଦରୁଦରେ ଭର୍ତି କରାଯାଇଛି । ତେବେ ଏହି ଶବ୍ଦ ଏଥିପାଇଁ ରଖାଯାଇଛି, ଯଦ୍ୱାରା ଇବ୍ରାହିମଙ୍କର ଏହି ବିଶେଷତ୍ୱ ପ୍ରତି ସଂକେତ ରଖାଯିବ ଯାହା ତାଙ୍କର କାବା ନିର୍ମାଣ ବେଳର ପ୍ରାର୍ଥନା ଏବଂ ଏହାର ଫଳ ସ୍ୱରୁପ ହଜରତ ମୁହମ୍ମଦ ସ ଆ ସଙ୍କର ଆବିର୍ଭାବ ସହିତ ସମ୍ପର୍କ ରଖିଛି । ଏହିପରି ଭାବରେ ଦରୁଦ ମଧ୍ୟରେ ଏକ ନିତ୍ୟାନ୍ତ ସୂକ୍ଷ୍ମ ତଥା ପବିତ୍ର ସମୟ ଚକ୍ର ଅର୍ଥାତ Pious Circle ସ୍ଥାପିତ କରି ଦିଆଯାଇଛି ଏବଂ ଈଶ୍ୱରଙ୍କ କୃପା ବାରିଧିକୁ ଏହି ପ୍ରାର୍ଥନା

*ଅବଶିଷ୍ଟାଂଶ ପୃଷ୍ଠା- ୨୦ ରେ ଦେଖନ୍ତୁ ......*

**ଅଲ୍ଲାଃ ବାସ୍ତବରେ ଏହି ନବିଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତମାନେ ମଧ୍ୟ (ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି, ତେଣୁ) ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଏହି ନବିଙ୍କ ପ୍ରତି (ଅଲ୍ଲାଃଙ୍କ)ଆଶୀର୍ବାଦ ଭିକ୍ଷାକର (ଅର୍ଥାତ ଦରୁଦ ଶରିଫ୍ ପାଠ କର) ; ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନୋଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷାକର ।**

## ଅଲ୍ଲାଃ ଏବଂ ତାହାଙ୍କ ଫରିସ୍ତା (ଦେବଦୂତମାନ)ଙ୍କର ଆଁହଜରତ୍ ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ୍‌ଙ୍କ (ଅଲ୍ଲାଃଙ୍କ ଶନ୍ତି ଓ କରୁଣା ତାହଙ୍କ ଉପରେ ଅବତୀର୍ଣ୍ଣ ହେଉ) ଉପରେ ଦରୁଦ୍ ତଥା ସଲାମ ପ୍ରେରଣ କରିବା ତଥା ବିଶ୍ୱାସକାରୀମାନଙ୍କୁ ମହାଭାଗ ସ ଆ ସ ଙ୍କ ଉପରେ ଦରୁଦ୍ ଓ ସଲାମ ପ୍ରେରଣ କରିବା ନିମନ୍ତେ ଆଦେଶ ।

اِنَّ اللّٰهَ وَمَلٰٓئِكَتَهٗ يُصَلُّوْنَ عَلَى النَّبِيِّ ؕ يٰٓاَيُّهَا الَّذِيْنَ اٰمَنُوْا صَلُّوْا عَلَيْهِ وَسَلِّمُوْا تَسْلِيْمًا (احزاب: 57)

ଅନୁବାଦ:-ଅଲ୍ଲାଃ ବାସ୍ତବରେ ଏହି ନବିଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତମାନେ ମଧ୍ୟ (ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି, ତେଣୁ) ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଏହି ନବିଙ୍କ ପ୍ରତି (ଅଲ୍ଲାଃଙ୍କ)ଆଶୀର୍ବାଦ ଭିକ୍ଷାକର (ଅର୍ଥାତ ଦରୁଦ ଶରିଫ୍ ପାଠ କର) ; ଓ ତାହାଙ୍କ ପାଇଁ ପ୍ରାର୍ଥନା କର ଓ ମନୋଯୋଗପୂର୍ବକ ତାହାଙ୍କ ପାଇଁ ଶାନ୍ତି ଭିକ୍ଷାକର । **(ସୁରଃ ଅହଜାବ : ୫୭)**

ହଜରତ୍ ମସିହ ମଉଦ ଆ ସ ଏହି ପବିତ୍ର ଆୟତ ସମ୍ବନ୍ଧରେ କୁହନ୍ତି :

''ଏହି ଆୟତରୁ ପ୍ରକାଶ ହେଉଅଛି ଯେ ରସୁଲେ ଅକରମ୍ ସ ଆ ସ ଙ୍କ କର୍ମ ଏପରି ଥିଲା ଯେ ଅଲ୍ଲାଃତାଲା ତାହାଙ୍କ ପ୍ରଶଂସା ବା ତାହାଙ୍କ ଗୁଣ ବର୍ଣ୍ଣନା କରିବାକୁ କୌଣସି ବିଶେଷ ଶବ୍ଦକୁ ଚୟନ କରିନାହାନ୍ତି । ଶବ୍ଦ ତ ମିଳିପାରିଥାନ୍ତା କିନ୍ତୁ ସେ ସ୍ୱୟଂ ବ୍ୟବହାର କରିନାହାନ୍ତି । ଅର୍ଥାତ ମହାଭାଗ ସ ଆ ସ ଙ୍କ ଉତମ କାର୍ଯ୍ୟର ପ୍ରଶଂସା ନିମନ୍ତେ (ତାହାର) ସଜ୍ଞା ନିରୂପଣ କରବା ସୀମା ବାହାରେ ଥିଲା । ଏହି ପ୍ରକାରର ଆୟତ ସେ ଅନ୍ୟ କୌଣସି ନବିଙ୍କ ପ୍ରଶଂସାରେ ବ୍ୟବହାରକରି ନାହାନ୍ତି । ମହାଭାଗ ସ ଆ ସ ଙ୍କ ଆତ୍ମା/ପ୍ରାଣ ଏପରି ସତ୍ୟ ଓ ନିର୍ମଳ ଥିଲା ତଥା ମହାଭାଗ ସ ଆ ସ ଙ୍କ କର୍ମ ଈଶ୍ୱରଙ୍କ ଦୃଷ୍ଟିରେ ଏତେ ପସନ୍ଦ ଥିଲା ଯେ ଅଲ୍ଲାଃତାଲା ସବୁଦିନ ପାଇଁ ଏ ଆଦେଶ ଦେଇଦେଲେ ଯେ ଆସନ୍ତାକୁ ଲୋକମାନେ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ଦରୁଦ୍ ପ୍ରେରଣ କରନ୍ତୁ '' **(ମଲଫୁଜାତ୍ , ଖ-୦୧ , ପୃ-୩୨ , ମୁଦ୍ରିତ ୨୦୧୮ କାଦିଆନ୍)**

## ଆଁ ହଜରତ୍ ସ ଆ ସ ହେଉଛନ୍ତି ସାରା ସଂସାର ପାଇଁ କରୁଣା

وَمَآ اَرْسَلْنٰكَ اِلَّا رَحْمَةً لِّلْعٰلَمِيْنَ ○ (انبیاء : 108)

ଅନୁବାଦ:- ଏବଂ(ହେ ମୁହମ୍ମଦ୍ !)ଆମ୍ଭେ ତୁମକୁ ସାରା ସଂସାର ପାଇଁ କେବଳ କରୁଣା ରୂପେ ଗଢି ପ୍ରେରଣ କରିଅଛୁ । **(ସୁରଃ ଅଲଅମ୍ବିଆ : ୧୦୮)**

## ସାରା ଜଗତର ନବି

وَمَآ اَرْسَلْنٰكَ اِلَّا كَآفَّةً لِّلنَّاسِ بَشِيْرًا وَّنَذِيْرًا وَّلٰكِنَّ اَكْثَرَ النَّاسِ لَا يَعْلَمُوْنَ ○ (سبا : 29)

ଏବଂ ଆମ୍ଭେ ତୁମକୁ ସମଗ୍ର ମାନବସମାଜ ପାଇଁ (ବିଶ୍ୱାସକାରୀମାନଙ୍କୁ) ସୁସମାଚାର ପ୍ରଦାନ କରିବା ସକାଶେ ଓ (ଅବିଶ୍ୱାସକାରୀମାନଙ୍କୁ) ଚେତାବନୀ ଦେବା ସକାଶେ ରସୁଲ ସ୍ୱରୂପ ପ୍ରେରଣ କରିଅଛୁ ; କିନ୍ତୁ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଏହି ସତ୍ୟକୁ ଜାଣନ୍ତି ନାହିଁ । **(ସୁରଃ ସବା : ୨୯)**

## ପୂର୍ବ ଏବଂ ପାଶ୍ଚାତ୍ୟ ନିମନ୍ତେ ଏକମାତ୍ର ରସୁଲ୍

اَللّٰهُ نُوْرُ السَّمٰوٰتِ وَالْاَرْضِ ؕ مَثَلُ نُوْرِهٖ كَمِشْكٰوةٍ فِيْهَا مِصْبَاحٌ ؕ اَلْمِصْبَاحُ فِيْ زُجَاجَةٍ ؕ اَلزُّجَاجَةُ كَاَنَّهَا كَوْكَبٌ دُرِّيٌّ يُّوْقَدُ مِنْ شَجَرَةٍ مُّبٰرَكَةٍ زَيْتُوْنَةٍ لَّا شَرْقِيَّةٍ وَّلَا غَرْبِيَّةٍ ۙ يَّكَادُ زَيْتُهَا يُضِيْٓءُ وَلَوْ لَمْ تَمْسَسْهُ نَارٌ ؕ نُوْرٌ عَلٰى نُوْرٍ ؕ يَهْدِى اللّٰهُ لِنُوْرِهٖ مَنْ يَّشَآءُ ؕ وَيَضْرِبُ اللّٰهُ الْاَمْثَالَ لِلنَّاسِ ؕ وَاللّٰهُ بِكُلِّ شَيْءٍ عَلِيْمٌ ○ (نور : 36)

ଅନୁବାଦ:-ଅଲ୍ଲାଃ ହିଁ ଆକାଶ ଓ ପୃଥିବୀର ଜ୍ୟୋତି, ତାହାଙ୍କ ଜ୍ୟୋତିର ସ୍ୱରୂପ କାନ୍ଥକୁରା ଉପରେ ଥିବା ଏକ ପ୍ରଦୀପ ସଦୃଶ, ଯେଉଁ ପ୍ରଦୀପ ଏକ ବୃତାକାର କାଚ ମଧ୍ୟରେ ଅବସ୍ଥିତ, ଏବଂ ସେହି ବୃତାକାର କାଚ ନକ୍ଷତ୍ର ସଦୃଶ ଦୀପ୍ତିମାନ୍ ହେଉଅଛି; ତାହା ଜୈତୁନ ନାମକ ଏପରି ଏକ ମଙ୍ଗଳମୟ ବୃକ୍ଷ (ତୈଳ)ଦ୍ୱାରା ପ୍ରଜ୍ୱଳିତ ହେଉଅଛି ଯାହା ପୂର୍ବାଂଚଳର ନୁହେଁ କି ପଶ୍ଚିମାଂଚଳର ନୁହେଁ; ଯାହାର ତୈଳ ଅଗ୍ନି ସଂଯୋଗ ନ ହେଉଣୁ ପ୍ରଜ୍ୱଳିତ ହୋଇ ଉଠେ, (ଏହି ପ୍ରଦୀପ) ଅନେକ ଜ୍ୟୋତିର ସମାହାର ବୋଧ ହେଉଛି; ଅଲ୍ଲାଃ ଯାହାକୁ ଇଚ୍ଛା କରନ୍ତି ତାହାକୁ ନିଜ ଜ୍ୟୋତି ପ୍ରତି ସତମାର୍ଗ ପ୍ରଦର୍ଶିତ କରାନ୍ତି; ଏବଂ ଅଲ୍ଲାଃ ଲୋକମାନଙ୍କ (ସମସ୍ତ ଅତ୍ୟାବଶ୍ୟକ)ବିଷୟମାନ ବର୍ଣ୍ଣନା କରନ୍ତି, ଏବଂ ଅଲ୍ଲାଃ ସବୁ ବିଷୟକୁ ଭଲଭାବରେ ଜାଣନ୍ତି ।

ହଜରତ୍ ଖଲିଫତୁଲ୍ ମସିହ୍ ରାବେ(ଫଂଚମ)ରହେମହୁଲ୍ଲାହୁ ତାଲା ଏହି ଆୟତର ବ୍ୟାଖ୍ୟା କରି କୁହନ୍ତି:- ଏହି ଉଦାହରଣରେ ଜୈତୁନ(ଅଲିଭ)ତେଲ ବିଷୟରେ ଉଲ୍ଲେଖ କରାଯାଇଅଛି । ଜୈତୁନ(ଅଲିଭ)ତେଲକୁ ଜଳାଇଲେ ସେଥିରୁ ଆଲୋକ ତ ଉତ୍ପନ୍ନ ହୋଇଥାଏ କିନ୍ତୁ ଧୂଆଁ ଉଠେ ନାହିଁ । ଲା ଶରକିୟତିନ୍ ଓ୍ୱଲା ଗରବିୟତିନ୍ ର ଅର୍ଥ ହେଉଛି ଏହା କି ଅଲ୍ଲାଃଙ୍କ ଜ୍ୟୋତି ନା ତ ପୂର୍ବ ପାଇଁ ନିର୍ଦ୍ଦିଷ୍ଟ ନା ପଶ୍ଚିମ ପାଇଁ ନିର୍ଦ୍ଦିଷ୍ଟ । ରସୁଲୁଲ୍ଲାଃ ସ ଆ ସ ମଧ୍ୟ ଏହି ଦୃଷ୍ଟାନ୍ତର ଉଦାହରଣ ଭାବରେ ଉଭୟ ପୂର୍ବ ତଥା ପଶ୍ଚିମର ଏକମାତ୍ର ଦୂତ ରସୁଲ(ଦୂତ) ଅଟନ୍ତି । ଏହା ହେଉଛି ସେହି ନୂର୍ (ଜ୍ୟୋତି/ଆଲୋକ) ଯାହା ଆପଣ ସ ଆ ସ ଙ୍କ ମାଧ୍ୟମରେ ସାହାବାମାନଙ୍କୁ ମଧ୍ୟ ଦିଆଯାଇଥିଲା । ଅର୍ଥାତ୍ ରସୁଲୁଲ୍ଲାଃ ସେହି ନୂର୍(ଜ୍ୟୋତି/ଆଲୋକ)କୁ କେବଳ ନିଜ ଭିତରେ ସୀମିତ ରଖିଲେ ନାହିଁ ବରଂ ତାହାକୁ ସର୍ବସାଧାରଣ କରିଦେଇଥିଲେ । ସୁତରାଂ ପରବର୍ତୀ ଆୟତରେ ଏହା ଉଲ୍ଲେଖ ହୋଇଅଛି ଯେ ସେହି ନୂର (ଜ୍ୟୋତି/ଆଲୋକ) ସାହାବାମାନଙ୍କ ଘରେ ବି ଚମକୁ ଥିଲା । ତାରା (ଅର୍ଥାତ ନକ୍ଷତ୍ର)ମାନଙ୍କର ଉଦାହରଣ ଏଇଥିପାଇଁ ଦେଇଛନ୍ତି ଯେ ସେମାନଙ୍କର ନୂର(ଜ୍ୟୋତି/ଆଲୋକ) ଦୂରରୁ ଦୃଶ୍ୟମାନ ହୋଇଥାଏ । ସେହିପରି ରସୁଲୁଲ୍ଲାଃ ସ ଆ ସ ଙ୍କର ଏବଂ ସାହାବାମାନଙ୍କର ନୂର(ଜ୍ୟୋତି/ଆଲୋକ) ମଧ୍ୟ ଦୂରରୁ ଦୃଶ୍ୟମାନ ହେବ । **ମିଶକାତ୍** ହେଉଛି ଏପରି ଏକ ସୁରକ୍ଷିତ କାନ୍ଥକୁରା ଯେଉଁଠି ଦୀପ ରଖାଯାଏ । ସେହି ଲ୍ୟାମ୍ପର ଆଲୋକ କାଚରେ ପ୍ରତିଫଳିତ ହୋଇ କେବଳ ସେହି **ମିଶକାତ୍**କୁ ଆଲୋକିତ କରେ ନାହିଁ , ଯେଉଁଥିରେ ସେହି ନୂର୍ ରହିଛି ,ବରଂ ତା ବାହ୍ୟ ଇଲାକାକୁ ବି ପ୍ରତିଫଳିତ କରି (ଆଲୋକିତ) କରିଥାଏ । ଲ୍ୟାମ୍ପର ଚାରିପାଖରେ ଯେଉଁ କାଚ ରହିଥାଏ , ତାହାର ଦୁଇଟି ଉଦ୍ଦେଶ୍ୟ ଅଛି । ପ୍ରଥମତଃ ଯଦି କାଚ ଥାଏ ତାହେଲେ ଲ୍ୟାମ୍ପ ଭିତରୁ ଧୂଆଁ ବାହାରିନଥାଏ । ଦ୍ୱିତୀୟତଃ ତାହାର ଆଲୋକ ଅଧିକ ଉଜ୍ୱଳତା ସହିତ ବାହାରି ବିସ୍ତାରିତ ହୋଇଥାଏ । **(ତରଜୁମତୁଲ୍ କୁରଆନ୍ ହଜରତ୍ ଖଲିଫତୁଲ୍ ମସିହ୍ ରାବେ ରହେମହୁଲ୍ଲାହୁ ତାଲା)**

## ଆଁ ହଜରତ୍ ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ୍ ଜଣେ ଅତି ପ୍ରଭବଶାଳୀ ଓ ସୁନ୍ଦର ଚେହେରା ସମ୍ପନ୍ନ ବ୍ୟକ୍ତି ଥିଲେ

## ଉଜ୍ୱଳ ଗୋରା ରଙ୍ଗ,ଚଉଡା ମସ୍ତକ ଓ ପବିତ୍ର ଚେହେରା ଏପରି ଚମକୁଥିଲା ସତେ ଯେପରି ପୁନେଇଁ ଜହ୍ନ

ହଜରତ୍ ହସନ୍ ବିନ ଅଲୀ ର ଅ ବର୍ଣ୍ଣନା କରିଛନ୍ତି ଯେ ମୁଁ ନିଜ ମାମୁଁ ହିନ୍ଦ୍ ବିନ୍ ଅବି ହାଲାଙ୍କଠାରୁ ଆଁହଜରତ୍ ସ ଆ ସ ଙ୍କ ଚେହେରା/ରୂପ ବିଷୟରେ ପଚାରିଲି । ସେ ଆଁହଜରତ୍ ସ ଆ ସ ଙ୍କ ଚେହେରା/ରୂପ ବର୍ଣ୍ଣନା କରିବାରେ ବଡ ମାହିର୍ ଥିଲେ ଓ ମୁଁ ଚାହୁଁଥିଲି ଯେ ସେ ମୋ ନିକଟରେ ଏମିତି କଥା ବର୍ଣ୍ଣନା କରନ୍ତୁ ଯାହକୁ ମୁଁ ଗଣ୍ଠି କରି ରଖିବି । ଅତେବ ହିନ୍ଦ ମତେ ବତାଇଲେ ଯେ ଆଁ ହଜରତ୍ ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ୍ ଜଣେ ଅତି ପ୍ରଭବଶାଳୀ ଓ ସୁନ୍ଦର ଚେହେରା ସମ୍ପନ୍ନ ବ୍ୟକ୍ତି ଥିଲେ । ଉଜ୍ୱଳ ଗୋରା ରଙ୍ଗ,ପ୍ରଶସ୍ତ କପାଳ ଓ ପବିତ୍ର ଚେହେରା ଏପରି ଚମକୁଥିଲା ସତେ ଯେପରି ପୁନେଇଁ ଜହ୍ନ । ମଧ୍ୟମ ଉଚ୍ଚତା ଅର୍ଥାତ୍ ମଧ୍ୟମ ଉଚ୍ଚତାରୁ କିଛିଟା ଅଧିକା ଓ ଡେଙ୍ଗାଠାରୁ କିଛିଟା କମ୍ ଉଚ୍ଚତା ବିଶିଷ୍ଟ । ବଡ ମୁଣ୍ଡ, କେଶ କୁଂଚକଂଚିଆ ଓ ଘନ ଯାହା କାନର ତଳଭାଗ ପର୍ଯ୍ୟନ୍ତ ପହଂଚୁଥିଲା । ମଥାର ସୁତାଣ ସ୍ୱଷ୍ଟ । ରଙ୍ଗ ତୋଫା ଗୋରା । ମଥା ଚଉଡା । ଭ୍ରୂଲତା ଲମ୍ବା , ସୂକ୍ଷ୍ମ ଓ ଭରପୁର ଥିଲା ଓ ତାହା ଆପୋଷରେ ମିଶି ନଥିଲେ ବରଂ ମଝିରେ ଧଳା ରଙ୍ଗର ଗୋଟିଏ ସ୍ଥାନ ଦୃଷ୍ଟିଗୋଚର ହେଉଥିଲା ,ଯାହା କ୍ରୋଧ ସମୟରେ ସ୍ୱଷ୍ଟ ହୋଇଯାଉଥିଲା । ପତଳା ନାକ ଯେଉଁଠି ନୂର୍ (ଜ୍ୟୋତି)ଝଟକୁ ଥିଲା ଓ ତାହା ଦେଖୁଥିବା ଲୋକମାନଙ୍କୁ ଉପରକୁ ଉଠିଥିବା ପରି ମନେ ହେଉଥିଲା । ଦାଢି ଘନ , ଗାଲ ନରମ ଏବଂ ଚିକ୍କଣ । ଚଉଡା ମୁହଁ । ଦାନ୍ତ ତୀକ୍ଷ୍ଣ ଓ ଚକଚକିଆ । ପତଳା ଆଖି ସକେଟ୍ । ବେକ ସୁରାହିର ବେକପରି ଓ ରୂପା ଭଳି ସ୍ୱଚ୍ଛ ଯେଉଁଥିରେ ଲାଲ ରଙ୍ଗ ଝଲସୁ ଥିଲା । ମଧ୍ୟମ ଧରଣର ସୃଷ୍ଟି । ଶରୀର କିଛିଟା ମାଂସଳ କିନ୍ତୁ ହୃଷ୍ଟପୃଷ୍ଟ ଓ ଫିଟ୍ । ପେଟ ଓ ଛାତି ବରାବର୍ ସମାନ । ଛାତି ଚଉଡା ଏବଂ ପ୍ରଶସ୍ତ । ଗଣ୍ଠି ଗୁଡିକ ମଜଭୂତ ତଥା ପୁରିଲା ପୁରିଲା । ଚର୍ମ ଚମକଦାର ,ସୂକ୍ଷ୍ମ ଓ ନରମ । ଛାତି ଏବଂ ପେଟରେ କେଶ ନଥିଲା କିନ୍ତୁ ଛାତିଠାରୁ ନାଭି ପର୍ଯ୍ୟନ୍ତ ଗୋଟିଏ ପତଳା ଗାର ଆକାରରେ ରହିଥିଲା । ଦୁଇହାତର କହୁଣୀ ପର୍ଯ୍ୟନ୍ତ ଏବଂ କାନ୍ଧରେ କିଛି କିଛି ବାଳ ଥିଲା । ମଣିବନ୍ଧ ଲମ୍ବା ,ହାତ ପାପୁଲି ଚଉଡା ଓ ମାଂସାଳ । ଆଙ୍ଗୁଳିଗୁଡିକ ଲମ୍ବା ଓ ସଳଖ । ପାଦର ତଳିପା କିଛିଟା ଭରି ରହିଥିଲା । ପାଦ ଏତେ ନରମ ତଥା ଚିକ୍କଣ ଯେ ପାଣି

*ଅବଶିଷ୍ଟାଂଶ ପୃଷ୍ଠା- ୨୦ ରେ ଦେଖନ୍ତୁ ......*

**ଆମ ସୟଦ୍ ୱ ମୌଲା ଆଁହଜରତ୍ ସ ଆ ସ ଙ୍କ ସଂସ୍କାର ବହୁତ ବ୍ୟାପକ ଏବଂ ସର୍ବଜନଆଦୃତ । ସଂସ୍କାର ତଥା ସୁଧାର କରିବାର ଏପରି ପଦମର୍ଯ୍ୟାଦାପୂର୍ଣ୍ଣ ସ୍ତରକୁ ଅଧିଗ୍ରହଣ କରିବା ଅତୀତରେ ଆସିଥିବା କୌଣସି ନବିଙ୍କ ସୌଭାଗ୍ୟରେ ନଥିଲା ।**

## ସୟଦନା ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

**ତାହା ସମ୍ପୂର୍ଣ୍ଣ ଭାବେ ଅଲ୍ଲାଃଙ୍କଠାରେ ହଜି ଯାଇଥିବା ଜଣଙ୍କ ଅନ୍ଧକାରମୟ ରାତିଗୁଡିକରେ କରାଯାଇଥିବା ପ୍ରାର୍ଥନା ହିଁ ଥିଲା ଓ ତାହା ଏ ପୃଥିବୀରେ ଏପରି ଚହଳ ସୃଷ୍ଟି କରିଦେଲା ଏବଂ ଏପରି ଅଦ୍ଭୁତ ଘଟଣାମାନ ପ୍ରକଟ କଲା ଯେ ସେହି ଅସହାୟ ଓ ନିରକ୍ଷର ଲୋକଟିର ହାତରେ ଏମିତି ଘଟିବା ଅସମ୍ଭବ ଜଣାପଡୁଥିଲା ।**

''ଆରବର ମରୁଭୂମିରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା, ଯେତେବେଳେ କି ଅଳ୍ପଦିନ ଭିତରେ ଶତ ସହସ୍ର ମୃତ ବ୍ୟକ୍ତି ଜୀବିତ ହୋଇ ଉଠିଲେ ଓ ଯେଉଁମାନେ ବଂଶାନୁକ୍ରମେ ଭ୍ରଷ୍ଟାଚାରରେ ଲିପ୍ତ ଥିଲେ, ସେମାନେ ଦିବ୍ୟ ରଙ୍ଗ ଧାରଣ କଲେ । ଅନ୍ଧ ଦେଖିବାକୁ ଲାଗିଲା ଓ ମୂକର ଜିହ୍ୱାରେ ଦିବ୍ୟଜ୍ଞାନ ସଂଚାଳିତ ହେଲା ।  ପୃଥିବୀରେ ଏପରି ଏକ ବିପ୍ଳବ ସୃଷ୍ଟି ହେଲା ଯାହା କେହି କେବେ ଦେଖି ନଥିଲେ କି ଶୁଣି ନଥିଲେ । ତୁମେ କ'ଣ ହୃଦୟଙ୍ଗମ କରିପାରୁଛ ତାହା କ'ଣ ଥିଲା ? ତାହା ସମ୍ପୂର୍ଣ୍ଣ ଭାବେ ଅଲ୍ଲାଃଙ୍କଠାରେ ହଜି ଯାଇଥିବା ଜଣଙ୍କ ଅନ୍ଧକାରମୟ ରାତିଗୁଡିକରେ କରାଯାଇଥିବା ପ୍ରାର୍ଥନା ହିଁ ଥିଲା ଓ ତାହା ଏ ପୃଥିବୀରେ ଏପରି ଚହଳ ସୃଷ୍ଟି କରିଦେଲା ଏବଂ ଏପରି ଅଦ୍ଭୁତ ଘଟଣାମାନ ପ୍ରକଟ କଲା ଯେ ସେହି ଅସହାୟ ଓ ନିରକ୍ଷର ଲୋକଟିର ହାତରେ ଏମିତି ଘଟିବା ଅସମ୍ଭବ ଜଣାପଡୁଥିଲା । **ଅଲ୍ଲାଃହୁମ୍ମା ସ୍ୱଲ୍ଲି ୱ ସଲ୍ଲିମ୍ ୱ ବାରିକ୍ ଆଲୈହେ ୱ ଆଲିହି ବାଦା ହମ୍ମିହି ୱ ଗମ୍ମିହି ୱ ହୁଜନିହି ଲି ହାଜିହିଲ୍ ଉମ୍ମତି ୱ ଅନଜିଲ୍ ଆଲୈହେ ଅନୱାରା ରହମତିକା ଇଲଲ୍ ଅବ୍ଦ୍** ।  ମୁଁ ମୋ ବ୍ୟକ୍ତିଗତ ଅନୁଭୂତିରୁ ଏହା ଅବଲୋକନ କରୁଅଛି ଯେ ପ୍ରର୍ଥନାର ପ୍ରଭାବ ଜଳ ତଥା ଅଗ୍ନିର ପ୍ରଭାବଠାରୁ ଅଧିକା । ବରଂ ଭୌତିକ ସାଧନମାନଙ୍କ ମଧ୍ୟରେ ପ୍ରାର୍ଥନା ଭଳି ମହାନ୍ ପ୍ରଭାବଶାଳୀ ଜିନିଷ ଆଉ କିଛି ନାହିଁ ।'' **(ରୁହାନୀ ଖଜାଇନ୍ , ଖ-୦୬ , ବରକାତୁଦ୍ ଦୁଆ , ପୃ-୦୭)**

**ଆଁ ହଜରତ୍ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ଙ୍କ ଅପୂର୍ବ ଧୈର୍ଯ୍ୟ ଏବଂଦୃଢତା**

''ଆମ୍ଭ ନବି ଶିରୋମଣୀ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ନିଜ ସମୟରେ ନିଜେ ପ୍ରଥମେ ଆଗକୁ ବଢି ତରବାରୀ ଉଠାଇ ନଥିଲେ, ବରଂ ବହୁଦିନ ପର୍ଯ୍ୟନ୍ତ ଅବିଶ୍ୱାସୀମାନଙ୍କ ହାତରେ ଦୁଃଖ ଓ ଯନ୍ତ୍ରଣା ଭୋଗିଲେ ଏବଂ ଏତେ ମାତ୍ରାରେ ସହ୍ୟକଲେ ଯେ ଏମିତି ସହ୍ୟ କରିବା ମଣିଷର କାମ ନୁହେଁ । ତାହାଙ୍କ ସାହାବାମାନେ ବି ସେହି ଉଚ୍ଚ ସିଦ୍ଧାନ୍ତକୁ ଆଦରି ନେଲେ । ଯେଉଁଭଳି ସେମାନଙ୍କୁ ଆଦେଶ ଦିଆ ଯାଇଥିଲା ଯେ ଦୁଃଖ ଯନ୍ତ୍ରଣା ଭୋଗ ପଛକେ କିନ୍ତୁ ଧୈର୍ଯ୍ୟ ଧର, ଠିକ୍ ସେହିଭଳି ସେମାନେ ଆନ୍ତରିକତା ଓ ଧୈର୍ଯ୍ୟ ଦେଖାଇଲେ । ସେମାନଙ୍କୁ ପାଦ ତଳେ ଦଳି ଦିଆଗଲା । ସେମାନଙ୍କ ପିଲାମାନଙ୍କୁ ସେମାନଙ୍କ ସମ୍ମୁଖରେ କାଟି ଖଣ୍ଡ ଖଣ୍ଡ କରିଦିଆଗଲା । ସେମାନଙ୍କୁ ନିଆଁ ତଥା ପାଣି ଜରିଆରେ ଯନ୍ତ୍ରଣା ଦିଆଗଲା, କିନ୍ତୁ ଖିରପାନ କରୁଥିବା ଶିଶୁଙ୍କ ପରି ସେମାନେ ମନ୍ଦକର୍ମରୁ ଦୂରେଇ ରହିଥିଲେ । କିଏ ଏହା ପ୍ରମାଣ କରିପାରିବ ଯେ ଦୁନିଆର ସମସ୍ତ ନବିମାନଙ୍କ ସମ୍ପ୍ରଦାୟ ମାନଙ୍କ ମଧ୍ୟରୁ କୌଣସି ଜଣେ ବି ପ୍ରତିଶୋଧ ନେବାର ଶକ୍ତି ପ୍ରାପ୍ତ କରିବା ସତ୍ୱେ ମଧ୍ୟ ଈଶ୍ୱରଙ୍କ ଆଦେଶକୁ ଶୁଣି ଏମିତି ବିନମ୍ରତା ଅବଲମ୍ବନ କରଥିବେ ଓ ମୁକାବିଲା କରିବାରୁ ବର୍ତୀ ରହିଥିବେ, ଯେମିତି ସେମାନଙ୍କୁ ଆଦେଶ ମିଳିଥିଲା । କାହା ନିକଟରେ ଏକଥାର ପ୍ରମାଣ ଅଛି ଯେ ଦୁନିଆରେ କ'ଣ ଏମିତି କୌଣସି ଗୋଷ୍ଠୀ ଥିବ ଯାହାକୁ ଶକ୍ତି, ଦଳ, ବାହୁବଳ, ପୁରୁଷତ୍ୱ ତଥା ପୌରୁଷତାର ସମସ୍ତ ଜିନିଷ ଉପଲବ୍ଧ ହୋଇଥିବା ସତ୍ୱେ ମଧ୍ୟ ଦୀର୍ଘ ତେର ବର୍ଷକାଳ ରକ୍ତପିପାଷୁ ଶତୃଙ୍କ ନିର୍ଯ୍ୟାତନା ଓ ଯନ୍ତ୍ରଣାକୁ  ଅନବରତ ସହ୍ୟକରିଚାଲିଥିବ ? ଆମ ସୟଦ ୱ ମୌଲା ଏବଂ ତାହାଙ୍କ ସାହାବାମାନଙ୍କର ଏହି ଧୈର୍ଯ୍ୟ କୌଣସି ବାଧ୍ୟବାଧକତା କାରଣରୁ ହୋଇନଥିଲା  ବରଂ ଏମିତି ଧୈର୍ଯ୍ୟଧରିବା ସମୟରେ ବି ଆପଣ ସ ଆ ସ ଙ୍କ ଜୀବନ ଉତ୍ସର୍ଗୀ ସହାବାମାନଙ୍କ ନିକଟରେ ସେହି ହାତ ଓ ବାହୁ ଥିଲା ଯାହାକୁ ସେମାନେ ଜିହାଦ କରିବାକୁ ଆଦେଶ ମିଳିବା ପରେ ବ୍ୟବହାର କରିଥିଲେ । ବେଳେ ବେଳେ ଏକ ହଜାର୍ ଯୁବକ ଶତ୍ରୁମାନଙ୍କର ଏକ ଲକ୍ଷ ଲୋକଙ୍କୁ ପରାସ୍ତ କରିଦେଉଥିଲେ ।  ଏମିତି ହିଁ ଘଟିଥିଲା ଯଦ୍ୱାରା ଲୋକମାନେ ଜାଣିଯିବେ ଯେ ସେମାନେ ମକ୍କାରେ ଶତୃମାନଙ୍କ ରକ୍ତପାତକୁ କିପରି ବରଦାସ୍ତ କରିଥିଲେ । ଏହା କୌଣସି ଭୟଭୀତତା କିମ୍ବା ଦୁର୍ବଳତା ହେତୁ ନଥିଲା ବରଂ ଈଶ୍ୱରଙ୍କ ଆଦେଶ ଶୁଣି ସେମାନେ ଅସ୍ତ୍ର ତ୍ୟାଗ କରିଥିଲେ ଏବଂ ଛେଳି ମେଣ୍ଢାଙ୍କ ପରି ଜେଭ ହେବାପାଇଁ ପ୍ରସ୍ତୁତ ହୋଇଗଲେ । ବାସ୍ତବରେ ଏମିତି ଧୈର୍ଯ୍ୟ ଅବଲମ୍ବନ କରିବା ମଣିଷର ଶକ୍ତି ବାହାରେ । ଯଦି ଆମେ ସମଗ୍ର ବିଶ୍ୱ ତଥା ସମସ୍ତ ନବିମାନଙ୍କ ଇତିହାସ ପାଠକରିଥାଉଁ,ତାହେଲେ ବି ଆମେ କୌଣସି ସମ୍ପ୍ରଦାୟରେ ଓ କୌଣସି ନବିଙ୍କ ଅନୁଯାୟୀମାନଙ୍କ ନିକଟରେ ଏପରି ଉତମ ନୈତିକତା ପାଇନଥାଉଁ । ଯଦି ଆମେ ପୂର୍ବ ଲୋକମାନଙ୍କର କୌଣସି ଧୈର୍ଯ୍ୟ ଧରିବା ଘଟଣା ଶୁଣିଥାଉଁ ତାହେଲେ ତତକ୍ଷଣାତ୍ ମନରେ ଏକଥା ଆସିଥାଏ ଯେ ପରିସ୍ଥିତି ଏହକୁ ସମ୍ଭବ କରିଦେଇଥାଇପାରେ ଯେ ସେହି ଧୈର୍ଯ୍ୟର କାରଣ ବାସ୍ତବିକ ଭୟଭୀତତା ଓ ପ୍ରତିଶୋଧ ନେବା ଶକ୍ତିର ଅଭାବ ହେତୁ ଥିଲା । କିନ୍ତୁ ଏମିତି ଗୋଟିଏ ଗୋଷ୍ଠୀ ଯାହା ନିକଟରେ ସାମରିକ କୌଶଳ ଥିଲା ଏବଂ ସାହସ ତଥା ମନୋବଳ ଦୃଢ ଥିଲା , କିନ୍ତୁ ଏହା ସତ୍ୱେ ବି ସେମାନଙ୍କୁ ଯନ୍ତ୍ରଣା ଦିଅଯାଉଥିଲା ଓ ସେମାନଙ୍କ ପିଲାମାନଙ୍କୁ  ହତ୍ୟା କରାଯାଉଥିଲା ଓ ସେମାନଙ୍କୁ ବର୍ଛା ଦ୍ୱାରା ଆଘାତ ପହଂଚା ଯାଉଥିଲା, ତଥାପି ସେମାନେ ମନ୍ଦ ସହିତ ଲଢିନଥିଲେ ! ଏହା ହେଉଛି ସେହି ପୌରୁଷତାର ଗୁଣ ଯାହା ସମ୍ପୂର୍ଣ୍ଣରୂପେ ଅର୍ଥାତ୍ ଅନବରତ ତେରବର୍ଷଧରି ଆମ୍ଭ ନବି କରିମଙ୍କଠାରେ ଓ ତାହାଙ୍କ ସାହାବାଙ୍କଠାରେ ପ୍ରକାଶ ପାଇଥିଲା । ଏମିତି ଧୈର୍ଯ୍ୟ ଯେଉଁଥିରେ ଭିଷଣ ବିପର୍ଯ୍ୟୟର ସମ୍ମୁଖିନ ହେବାକୁ ପଡିଥିବ ଓ ତାହା ଦୀର୍ଘ ତେରବର୍ଷ ଧରି ଚାଲିଥିବ, ତାହା ବାସ୍ତବିକ ବିରଳ ଓ ଅତୁଳନୀୟ । ଯଦି କାହାର ଏ ବିଷୟରେ ସନ୍ଦେହ ଥାଏ,ତେବେ ସେ ଆମକୁ ବତାଇଦେଉ ଯେ ଅତୀତର ଧାର୍ମିକମାନଙ୍କ ମଧ୍ୟରେ ଏହି ପ୍ରକାରର ଧୈର୍ଯ୍ୟର ଉଦାହରଣ କେଉଁଠାରେ ଅଛି ?'' **(ରୁହାନୀ ଖଜାଇନ୍ , ଖ-୧୭ , ଗଭର୍ଣ୍ଣମେଂଟ ଅଙ୍ଗରେଜୀ ଅଓର୍ ଜିହାଦ୍ , ପୃ-୧୦,୧୧)**

**ପ୍ରତ୍ୟେକ ପ୍ରକାରର ଅନୈତିକତାକୁ ଦୂର କଲେ । ମଦ୍ୟପାନ, ଯାହା ହେଉଛି ସମସ୍ତ ମନ୍ଦକାର୍ଯ୍ୟର ମାଆ,ତାକୁ ଶେଷ କଲେ । ଜୁଆ ଖେଳର ପ୍ରଥାକୁ ବନ୍ଦ କରିଦେଲେ । କନ୍ୟା ହତ୍ୟାର ମୂଳୋତ୍ପାଟନ କଲେ ।**

''ଆମ ସୟଦ୍ ୱ ମୌଲା ଆଁହଜରତ୍ ସ ଆ ସ ଙ୍କ ସଂସ୍କାର ବହୁତ ବ୍ୟାପକ ଏବଂ ସର୍ବଜନବିଦିତ । ସଂସ୍କାର କରିବାର ଏପରି ପଦମର୍ଯ୍ୟାଦା ଅତୀତରେ ଆସିଥିବା କୌଣସି ନବିଙ୍କ ସୌଭାଗ୍ୟରେ ନଥିଲା । ଯଦି ଜଣେ ଆରବୀୟମାନଙ୍କ ଇତିହାସକୁ ସାମନାରେ ରଖି ଚିନ୍ତା କରିବ ତାହେଲେ ସେ ଜାଣିପାରିବ ଯେ ସେ ସମୟର ପିତୁଳାପୂଜକ, ଖ୍ରୀଷ୍ଟିଆନ୍ ଏବଂ ଇହୁଦୀମାନେ କେତେ ଈର୍ଷାଳୁ ଥିଲେ । ତାହା ଏଇଥିପାଇଁ ଯେ ସେମାନଙ୍କର ସଂସ୍କାର ଶହ ଶହ ବର୍ଷ ଧରି ନିରାଶ ହୋଇଯାଇଥିଲା । ପୁଣି ଆଖି ଉଠାଇ ଦେଖନ୍ତୁ ଯେ ପବିତ୍ର କୁରଆନର ଶିକ୍ଷା,ଯାହା ସେମାନଙ୍କର ସମ୍ପୂର୍ଣ୍ଣ ପରିପନ୍ଥୀ ଥିଲା ,ତାହା କିପରି ପ୍ରଭାବ ପକାଇଲା ଓ କିପରି ପ୍ରତ୍ୟେକ ପ୍ରକାରର ଅନ୍ଧବିଶ୍ୱାସ ତଥା ଅନୈତିକତାର ମୂଳୋତ୍ପାଟନ କଲା । ମଦ୍ୟପାନ ଯାହା ମନ୍ଦକାର୍ଯ୍ୟର ମାତା ଅଟେ ,ତାକୁ ଶେଷ କରିଦେଲା । ଜୁଆ ଖେଳର ପ୍ରଥାକୁ ବନ୍ଦ କରିଦେଲା । କନ୍ୟା ହତ୍ୟାର ମୂଳୋତ୍ପାଟନ କଲା ଏବଂ ଯାହା କିଛି ମାନବିକ ଦୟା,ନ୍ୟାୟ ତଥା ସୁଦ୍ଧତା ବିରୁଦ୍ଧ ଅଭ୍ୟାସ ଥିଲା ,ସେ ସବୁକୁ ସଂଶୋଧନ ଓ ସଂସ୍କାର କରିଦେଲା । ହଁ ଅପରାଧିମାନେ ସେମାନଙ୍କ ଅପରାଧର ଦଣ୍ଡ ପାଇଲେ , ଯାହା ପାଇବା ପାଇଁ ସେମାନେ ହକଦାର ଥିଲେ । ଅତେବ୍ ସଂସ୍କାର ଓ ସୁଧାର ଏମିତି କଥା ନୁହେଁ ଯେ ତାହାକୁ କିଏ ଅସ୍ୱୀକାର କରିଦେବ ।'' **(ରୁହାନୀ ଖଜାଇନ୍ , ଖ-୦୯,  , ପୃ-୩୬୬ ନୂରୁଲ୍ କୁରଆନ୍ ନଂ-୦୧ , ପୃ-୨୮ ହାଶିୟାଃ)**

**ଆମ ନବି ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ଉଭୟ ଗୌରବ ତଥା ସୌନ୍ଦର୍ଯ୍ୟତାର ସମାହାର ଥିଲେ**

''ଆମ ନବି ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ଉଭୟ ଗୌରବ ତଥା ସୌନ୍ଦର୍ଯ୍ୟତାର ସମାହାର ଥିଲେ । ମକ୍କାର ଜୀବନ ସୌନ୍ଦର୍ଯ୍ୟମୟ ଥିଲା ଏବଂ ମଦିନାର ଜୀବନ ଗୌରବମୟ ଥିଲା । ତାପରେ ଏହି ଦୁଇଟିଯାକ ବିଶେଷ ଗୁଣ ଏହି ଉମ୍ମତ୍ (ଅର୍ଥାତ୍ ଇସଲାମ୍ ଧର୍ମ)ନିମନ୍ତେ ଏପରି ବଂଟନ କରାଗଲା ଯେ ସାହାବା ରଜିୟଲ୍ଲାହୁ ଅନହୁମ୍ ଙ୍କୁ ଗୌରବମୟ ଜୀବନ ପ୍ରଦାନ କରାଗଲା ଯେବେକି ସୌନ୍ଦର୍ଯ୍ୟମୟ ଜୀବନ ନିମନ୍ତେ ମସିହ ମଉଦଙ୍କୁ ଆଁହଜରତ୍ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ଙ୍କ ଅନୁରୂପ ଭାବରେ ଅଭିହିତ କରାଗଲା । ''**(ରୁହାନୀ ଖଜାଇନ୍ , ଖ-୧୭, ଅରବଇନ୍ ନଂ-୦୪ , ପୃ-୧୩)**

ଉଚ୍ଚକୋଟିର ପବିତ୍ର ତଥା ବୌଦ୍ଧିକ ଜ୍ଞାନ ପ୍ରଦାନକାରୀ

''ମତେ ବତାଯାଇଅଛି ଯେ ଇସଲାମ୍ ଧର୍ମ ହେଉଛି ସମଗ୍ର ଧର୍ମମାନଙ୍କ ମଧ୍ୟରେ ଏକମାତ୍ର ପ୍ରକୃତ ଧର୍ମ । ମତେ କୁହାଯାଇଛି ଯେ ସମସ୍ତ ମାର୍ଗଦର୍ଶନ ମଧ୍ୟରୁ କେବଳ କୁରଆନୀୟ ମାର୍ଗଦର୍ଶନ ହିଁ ସମ୍ପୂର୍ଣ୍ଣ ରୂପେ ସଠିକ ଅବସ୍ଥାରେ ରହିଛି ଏବଂ ମାନବିକ ମିଶ୍ରଣରୁ ମୁକ୍ତ । ମତେ ବୁଝାଇଦିଆଯାଇଛି ଯେ ସମସ୍ତ ରସୁଲ୍ ମାନଙ୍କ ମଧ୍ୟରେ ପୂର୍ଣ୍ଣ ତଥା ସିଦ୍ଧ ଶିକ୍ଷା ପ୍ରଦାନକାରୀ ଓ ସର୍ବୋଚ୍ଚ ସ୍ତରର ପବିତ୍ର (ଓ ଶୁଦ୍ଧ)ତଥା ପୂର୍ଣ୍ଣ ବୌଦ୍ଧିକ ଜ୍ଞାନ ପ୍ରଦାନକାରୀ ଏବଂ ମାନବୀୟ ସିଦ୍ଧତାର ସର୍ବୋଚ୍ଚ ନମୁନା ପ୍ରଦର୍ଶନକାରୀ ହେଉଛନ୍ତି କେବଳ ହଜରତ୍ ସୟଦନା ୱ ମୌଲାନା ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ।'' **(ରୁହାନୀ ଖଜାଇନ୍ , ଖ-୧୭, ଅରବଇନ୍ ଭାଗ-୦୧ , ପୃ-୭-୮)**

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ସମ୍ମାନୀୟ ସାହାବାମାନେ ସେହି ଯୁଦ୍ଧରେ ଏପରି ଅନନ୍ୟ ଧୈର୍ଯ୍ୟ ଓ ଦୃଢତା ଦେଖାଇଥିଲେ, ଯାହାର ଦୃଷ୍ଟାନ୍ତ ଅନ୍ୟତ୍ର ମିଳେନାହିଁ । ପୁଣି ସେମାନେ ଶତୃମାନଙ୍କ ଆଡକୁ ସେପର୍ଯ୍ୟନ୍ତ ନିରନ୍ତର ବଢିଚାଲିଥିଲେ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଶତୃମାନଙ୍କ ବିରଦ୍ଧରେ ସେମାନଙ୍କୁ ବିଜୟ ପ୍ରଦାନ ନ କରିଦେଇଥିଲେ ।**

**ଆଁ ହଜରତ୍ ସ ଆ ସ ଙ୍କ ମହାନ୍ ପଦମର୍ଯ୍ୟାଦାସମ୍ପନ୍ନ ଖଲିଫା ରାଶିଦ୍ ହଜରତ୍ ଅବୁ ବକର୍ ର ଅଙ୍କ ଗୁଣ ଗାରିମା ବିଷୟରେ ବର୍ଣ୍ଣନା**

ୟମାମାଃ ଯୁଦ୍ଧ ବିଷୟରେ ସବିଶେଷ ବିସ୍ତୃତ ବିବରଣୀ
ମୁସଲେମାଃ କଜ୍ଜାବ୍‌କୁ ବଧ କରାଯିବା ଘଟଣାର ବିବୃତି

**ବିରୋଧପୂର୍ଣ୍ଣ ପରିସ୍ଥିତିରେ ପାକିସ୍ତାନ୍ , ଅଲଜଜାଇର୍ ଏବଂ ଆଫଗାନିସ୍ତାନର ଅହେମଦୀମାନଙ୍କ ନିମନ୍ତେ ଦୁଆ କରିବା ପାଇଁ ଅନୁରୋଧ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ ୦୩ ଜୁନ୍ ୨୦୨୨ ଅନୁଯାୟୀ ୦୩ ଏହସାନ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ ବ ଅ କହିଲେ: ହ ଅବୁ ବକର ର:ଅଙ୍କ ଚର୍ଚ୍ଚା ଚାଲିଥିଲା ଏବଂ ତତ୍‌ସଂକ୍ରାନ୍ତରେ ଆଁ ହଜରତ ୍ ସ ଆ ସ ଙ୍କ ଦେହାନ୍ତ ପରେ ମୁନାଫିକ ତଥା ମୁଖାଲିଫ୍ (ଅର୍ଥାତ କପଟୀ ଓ ବିରୋଧି)ମାନଙ୍କ ସହିତ ଯେଉଁ ଯୁଦ୍ଧ ଚାଲିଥିଲା , ସେ ବିଷୟରେ ଚର୍ଚ୍ଚା ଚାଲିଥିଲା । ଏହି ପରିପ୍ରେକ୍ଷିରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କର ମୁସୈଲେମାଃ କଜାବ୍ (ଅର୍ଥାତ୍ ମିଥ୍ୟାବାଦୀ ମୁସେଲିମାଃ) ସହିତ ଯେଉଁ ଯୁଦ୍ଧ ହୋଇଥିଲା ସେ ବିଷୟରେ ବି ଚର୍ଚ୍ଚା ହୋଇଥିଲା । ପୁଣି ଏ ପ୍ରସଙ୍ଗରେ ମୁସଲମାନମାନଙ୍କର ବିଭିନ୍ନ ଗୋଷ୍ଠୀର ଧ୍ୱଜାବାହାକ ମାନଙ୍କର ସାହାସ ତଥା ବାହାଦୁରି ବିଷ୍ୟ ଉଲ୍ଲେଖ କରାଯାଇଥିଲା । ଉଦାହରଣ ସ୍ୱରୁପ ଉକ୍ତ ଯୁଦ୍ଧରେ ଅନ୍‌ସାରମାନଙ୍କ ଧ୍ୱଜା(ଅର୍ଥାତ ପତାକା) ହଜରତ୍ ସାବିତ୍ ବିନ୍ କୈସ୍ ର ଅଙ୍କ ନିକଟରେ ରହିଥିଲା ଏବଂ ମୁହାଜିର ଅର୍ଥାତ ହିଜ୍‌ରତ୍‌କାରୀଙ୍କ ଧ୍ୱଜା ହ ଜୈଦ୍ ବିନ୍ ଖତାବ୍ ର ଅଙ୍କ ନିକଟରେ ରହିଥିଲା । ହଜରତ୍ ଜୈଦ୍ ବିନ୍ ଖତାବ୍ ଲୋକମାନଙ୍କୁ କହିଲେ ହେ ଲୋକମାନେ ! ଦୃଢ଼ତାର ସହିତ ଦଣ୍ଡାୟମାନ ହୋଇଯାଅ, ଶତ୍ରୁଙ୍କ ଉପରେ ଆକ୍ରମଣ କର ଏବଂ ଆଗକୁ ପାଦ ବଢ଼ାଅ । ପୁନଶ୍ଚ କହିଲେ; ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଯେ ମୁଁ ସେ ପର୍ଯ୍ୟନ୍ତ କଥାବାର୍ତା କରିବି ନାହିଁ ଯେପର୍ଯ୍ୟନ୍ତ ଅଲ୍ଲାଃ ତାଲା ସେମାନଙ୍କୁ ପରାଜିତ ଓ ପତିତ ନକରିଦେଇଛନ୍ତି ଅଥବା ମୁଁ ଅଲ୍ଲାଃ ତାଲାଙ୍କ ନିକଟରେ ଯାଇ ପହଁଚି ଯିବି ଏବଂ ପ୍ରମାଣ ଦେଇ ତାହାଙ୍କ ସହିତ କଥା ହେବି । ପୁନଶ୍ଚ ଏହାପରେ ହଜରତ୍ ଜୈଦ୍ ର:ଅ ଶହୀଦ ହୋଇଗଲେ ଅର୍ଥାତ୍ ବୀରଗତି ପ୍ରାପ୍ତ କଲେ । **(ଅଲବିଦାୟାଃ ୱନ୍ ନହାୟାଃ ଖ-୦୩, ଭାଗ -୦୬ , ପୃ-୩୨୦ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧ )**

ହ ଜୈଦ୍ ବିନ୍ ଖତାବ ର ଅଙ୍କ ସଂପର୍କରେ କୁହାଯାଏ ଯେ ସେ ହ ଉମର ବିନ୍ ଖତାବ ର ଅଙ୍କ ସାବତ ଭାଇ ଥିଲେ । (ଅର୍ଥାତ୍ ତାଙ୍କ ପିତାଙ୍କ ପ୍ରଥମ ପତ୍ନୀଙ୍କ ସନ୍ତାନ ଥିଲେ) । ସେ ପ୍ରାରମ୍ଭିକ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ସାମିଲ ଥିଲେ । ବଦର୍ ଯୁଦ୍ଧ ଏବଂ ତତ୍‌ପରବର୍ତୀ ଯୁଦ୍ଧଗୁଡିକରେ ସେ ସାମିଲ ହୋଇଥିଲେ । ହିଜରତ୍ ପରେ ଆଁ ହଜରତ ସ:ଆ:ସ ତାଙ୍କ ମଧରେ ଓ ମାଆନ୍ ବିନ୍ ଅଦି ଅନ୍‌ସାରୀ ର ଅଙ୍କ ମଧରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ ,ଏବଂ ସେ ଦୁହେଁ ୟମାମା ଯୁଦ୍ଧରେ ଶହୀଦ ହୋଇଥିଲେ ଅର୍ଥାତ୍ ବୀରଗତି ପ୍ରାପ୍ତ କରିଥିଲେ । ୟମାମା ଯୁଦ୍ଧରେ ହ ଖାଲିଦ୍ ର ଅ ଯେତେବେଳେ ସୈନ୍ୟଦଳକୁ କ୍ରମାନୁସାରେ ସଜାଡୁ ଥିଲେ ସେତେବେଳେ ସୈନ୍ୟଦଳର ଗୋଟିଏ ଭାଗର ସେନାପତି ଭାବରେ ହ ଜୈଦ୍ ବିନ୍ ଖତାବ ର ଅଙ୍କୁ ନିଯୁକ୍ତ କରିଥିଲେ । ସେହିପରି ଉକ୍ତ ଯୁଦ୍ଧରେ ମୁହାଜିର୍ ମାନଙ୍କର ଧ୍ୱଜା (ଅର୍ଥାତ୍ ପ୍ରବାସକାରୀଙ୍କ ବାନା ) ମଧ୍ୟ ତାଙ୍କରି ହସ୍ତରେ ରହିଥିଲା । ସେ ବାନା ଧରି ଆଗକୁ ଅଗ୍ରସର ହେଲେ ଏବଂ ଅତ୍ୟନ୍ତ ସାହସିକତାର ସହିତ ଯୁଦ୍ଧ ଲଢ଼ିଲେ । ଏପରି କି ସେ ଶହୀଦ ହୋଇଯିବା ଯୋଗୁଁ ଅର୍ଥାତ ବୀରଗତି ପ୍ରାପ୍ତ କରିବା ଫଳରେ ତାଙ୍କ ହସ୍ତରୁ ସେହି ଧ୍ୱଜା/ବାନା/ପତାକାଟି ଖସି ପଡ଼ିଲା । ସୁତରାଂ ସାଲିମ୍ ମୌଲା ଅବି ହୁଜୈଫା ର ଅ ସେହି ବାନାକୁ ଧରି ନେଇଥିଲେ । ଉକ୍ତ ଯୁଦ୍ଧରେ ଜୈଦ୍ ର ଅ ମୁସୈଲେମା କଜାବର ଡ଼ାହାଣ ହାତ ଅର୍ଥାତ ଅତି ବିଶ୍ୱସ୍ତ ଲୋକ ଓ ଜଣେ ସାହାସୀ ଅଶ୍ୱାରୋହୀ ,ଯାହାର ନାମ ରଜ୍ଜାଲ୍ ବିନ୍ ଅନ୍‌ଫୁଆ ଥିଲ, ତାକୁ ବଧ କରିଥିଲେ, ଏବଂ ହଜରତ ଜୈଦ ର ଅଙ୍କୁ ଯେଉଁ ହତ୍ୟାକାରୀ ଶହୀଦ୍ କରିଥିଲା ତାହାର ନାମ ମରିୟମ୍ ହନ୍‌ଫୀ ଥିଲା । ଏହି ଘଟଣା ପରେ ସେ ମୁସଲମାନ ହୋଇଯାଇଥିଲା ଏବଂ ଏକଦା ହ ଉମର ର ଅ ତାକୁ କହିଲେ; ତୁମେ ମୋର ଭାଇକୁ ହତ୍ୟା କରିଥିଲ ପରା ? ସେ କହିଲା ହେ ଅମୀରୁଲ୍ ମୁମିନିନ୍ ! ଅଲ୍ଲାଃ ତାଲା ମୋ ହସ୍ତରେ ହିଁ ହଜରତ ଜୈଦ ର ଅଙ୍କୁ ମର୍ଯ୍ୟାଦା ପ୍ରଦାନ କରିଲେ ଏବଂ ତାଙ୍କ ହାତରେ ମୋତେ ତିରସ୍କୃତ କଲେନାହିଁ । ଅର୍ତାତ ସେ ତ’ ଶହୀଦ ହୋଇଗଲେ ,ବୀରଗତି ପ୍ରାପ୍ତ କରିନେଲେ । ଯଦି ମୁଁ ସେତେବେଳେ ତାଙ୍କ ହାତରେ ମରିଯାଇଥାନ୍ତି ତାହେଲେ ମୋତେ ଏକ ଅପମାନଜନକ ମୃତ୍ୟୁ ମିଳିଥାନ୍ତା । କିନ୍ତୁ ଏବେ ଦେଖନ୍ତୁ ମତେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାର ସୌଭାଗ୍ୟ ମିଳିଗଲା ।

ହଜରତ୍ ଉମର୍ ବିନ୍ ଖତାବ୍ ର ଅଙ୍କ ପୁତ୍ର ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଉମର୍ ର ଅ ମଧ୍ୟ ୟମାମା ଯୁଦ୍ଧରେ ସାମିଲ ହୋଇଥିଲେ । ସେ ଯେତେବେଳେ ମଦିନା ଫେରଲେ, ହଜରତ୍ ଉମର୍ ବିନ୍ ଖତାବ୍ ର ଅ ନିଜର ସେହି ଶହୀଦ ଭାଇଙ୍କ ଦୁଃଖରେ ମ୍ରିୟମାଣ ହୋଇ କହିଲେ ଯେ ଯେବେ ତୁମ ଚାଚା ଜୈଦ୍ ଯୁଦ୍ଧରେ ଶହୀଦ୍ ହେଲେ, ତୁମେ କାହିଁକି ଲେଉଟି ଆସିଲ ଓ କାହିଁକି ନିଜ ମୁହଁକୁ ମତେ ଦେଖାଉଛ , ମୋଠାରୁ ମୁଁହ ଲୁଚାଇଲ ନାହିଁ କାହିଁକି ? ହଜରତ୍ ଉମର୍ ବିନ୍ ଖତାବ୍ ର ଅଙ୍କୁ ଯେତେବେଳେ ହଜରତ ଜୈଦ ର ଅଙ୍କ ଶହୀଦ ହେବାର ସୁଚନା ମିଳିଲା ସେତେବେଳେ ହଜରତ୍ ଉମର୍ ବିନ୍ ଖତାବ୍ ର ଅ କହିଲେ; ଜୈଦ୍ ଦୁଇଟି ପୁଣ୍ୟରେ ମୋ ଠାରୁ ଆଗରେ ଥିଲେ । ଏ ପ୍ରସଙ୍ଗରେ ପୂର୍ବରୁ ବି ଥରେ ଆଲୋଚନା ହୋଇସାରିଛି । ଅର୍ଥାତ ସେ ମୋ ପୂର୍ବରୁ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ଏବଂ ଦ୍ୱିତୀୟତଃ ସେ ମୋ ପୂର୍ବରୁ ଶହୀଦ ଅର୍ଥାତ ବୀରଗତି ପ୍ରାପ୍ତ କଲେ । ମାଲିକ୍ ବିନ୍ ନୁୱୈରାହ୍‌କୁ ଯେତେବେଳେ ହ ଖାଲିଦ୍ ର ଅ ବଧ କଲେ ସେତେବେଳେ ତା’ର ଭାଇ ମୁତମ୍ମିମ୍ ବିନ୍ ନୁୱୈରାହ୍ ନିଜର ଭାଇର ମୃତ୍ୟୁ ଉଦ୍ଦେଶ୍ୟରେ ସମ୍ବୋଧନାତ୍ମକ ଶୋକ କବିତା କହିଥିଲା । ସେ ତା ଭାଇକୁ ବହୁତ ଭଲ ପାଉଥିଲା । ସେ ଅଧିକାଂଶ ସମୟ ତା ଭାଇର ବିଚ୍ଛେଦରେ କନ୍ଦୁଥିଲା ଓ ଶୋକ କବିତା ପାଠକରୁଥିଲା । ଏକଦା ହ ଉମର ର ଅଙ୍କ ସହିତ ଯେତେବେଳେ ତା’ର ସାକ୍ଷାତ ହେଲା ସେତେବେଳେ ସେ ନିଜ ଭାଇ ଉଦ୍ଦେଶ୍ୟରେ ରଚନା କରିଥିବା ଶୋକ କବିତା ହ ଉମର ର ଅଙ୍କୁ ଶୁଣାଇଲା । ହ ଉମର ର ଅ ମୁତମ୍ମିମ୍‌କୁ କହିଲେ; ହେ ମୁତମ୍ମିମ୍ ! ମୁଁ ଯଦି ତୁମ ପରି ଶୋକ କବିତା କହିପାରନ୍ତି ତାହାହେଲେ ତୁମପରି ମୁଁ ବି ମୋ ଭାଇ ଜୈଦ୍ ର ଅ ଙ୍କ ପାଇଁ କବିତା ପାଠକରିଥାନ୍ତି ! ପ୍ରତ୍ୟୁତରରେ ମୁତମ୍ମିମ୍ କହିଲା ହେ ଅମୀରୁଲ୍ ମୁମିନିନ୍ ! ଯଦି ମୋ ଭାଇର ମୃତ୍ୟୁ ଏପରି ହୋଇଥାନ୍ତ ଯେପରି ମୃତ୍ୟୁ ଆପଣଙ୍କ ଭାଇ ହଜରତ ଜୈଦ ର ଅଙ୍କ ର ହୋଇଅଛି ଅର୍ଥାତ ଶହୀଦ୍ ମୃତ୍ୟୁ ତହେଲେ ମୁଁ କେବେବି ମୋ ଭାଇଙ୍କ ଉଦ୍ଦେଶ୍ୟରେ କାନ୍ଦି ନଥାନ୍ତି କି ଦୁଃଖ କରିନଥାନ୍ତି । ହଜରତ୍ ଉମର ର ଅ ପୁନଶ୍ଚ ମୁତମ୍ମିମ୍‌କୁ କହିଲେ; ହେ ମୁତମ୍ମିମ୍! ଯେଉଁଭଳି ସୁନ୍ଦର ଢ଼ଙ୍ଗରେ ତୁମେ ମୋର ଭାଇ ହଜରତ ଜୈଦ ର ଅଙ୍କ ସକାଶେ ସମବେଦନା ପ୍ରକାଶ କଲ ସେଭଳି ଆଉ କେହି କରି ନାହାନ୍ତି । ହ ଉମର ର ଅ କହୁଥିଲେ ଯେ, ଯେତେବେଳେ ମଳୟ ପବନ ବହେ ସେତେବେଳେ ହଜରତ ଜୈଦ ର ଅଙ୍କ କଥା ମୋର ଭାରି ମନେପଡ଼େ । **(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଅଓର୍ କାରନାମେ , ପୃ-୩୬୨-୩୬୩ ସଂକଳକ ଅଲୀ ମୁହମ୍ମଦ୍ ସଲାବୀ ଅଲଫୁରକାନ୍ ଟରସଟ୍ ଖାନ୍ ଗଢ୍ ପାକିସ୍ତାନ୍) (ତାରୀଖେ ତିବରୀ ଖ-୦୨ , ପୃ-୨୮୦- ଦାରୁଲ୍**

**କୁତୁବୁଲ୍ ଅଲମିୟା ବେରୁତ୍ ୧୯୮୭) (ଅଲଇକତଫାଅ ଖ-୦୨ , ପୃ-୧୧୧ ,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୧୪୨୦ ହିଜ୍ରୀ)**

ହଜୁର ଅନଓ୍ୱର ଅ ବ ଅ କହିଲେ: ସେ ଯାହା ହେଉ ନା କାହିଁକି ଯୁଦ୍ଧ ବିଷୟରେ ଚର୍ଚ୍ଚା ଚାଲିଛି । ମୁସୈଲେମାଃ କଜ୍ଜାବ୍ ବର୍ତମାନ ସୁଦ୍ଧା ଅବିଚଳ ଥିଲା ଏବଂ ଅବିଶ୍ୱାସକାରୀଙ୍କ ନିମନ୍ତେ ଯୁଦ୍ଧର କେନ୍ଦ୍ରସ୍ଥଳୀ ସାଜିଥିଲା । ହ ଖାଲିଦ୍ ର ଅ ଏହା ଅନୁଧ୍ୟାନ କରି ଆକଳନ କଲେ ଯେ, ଯେପର୍ଯ୍ୟନ୍ତ ମୁସୈଲେମାକୁ ବଧ ନ କରାଯାଇଛି ସେ ପର୍ଯ୍ୟନ୍ତ ଯୁଦ୍ଧର ପରିସମାପ୍ତି ଘଟିବ ନାହିଁ । କାରଣ ଯେତେବେଳେ ବନୁ ହନିଫାର କୌଣସି ଲୋକକୁ ହତ୍ୟା କରାଯାଉଥିଲା ,ତାହାର ପ୍ରଭାବ ମୁସଲେମାର ସାଥିମାନଙ୍କ ଉପରେ କିଛି ବି ପଡୁନଥିଲା । ସୁତରାଂ ହ ଖାଲିଦ୍ ର ଅ ଏକାକୀ ଅବିଶ୍ୱାସକାରୀଙ୍କ ସମ୍ମୁଖକୁ ଆସିଲେ ଏବଂ ଜଣ ଜଣକୁ ବ୍ୟକ୍ତିଗତ ଭାବରେ ଯୁଦ୍ଧ କରିବା ପାଇଁ ଆହ୍ୱାନ ଦେଲେ ଏବଂ ନିଜ ଶୈଳୀରେ ସ୍ଲୋଗାନ୍ ଦେଲେ । ମୁସଲମାନଙ୍କର ସ୍ଲୋଗାନ୍ ଥିଲା ୟା ମୁହମ୍ମଦାଃ ! ଥିଲା । ଅତଃ ଯିଏବି ହ ଖାଲିଦ୍ ର ଅଙ୍କ ସମ୍ମୁଖକୁ ଆସିଲା ହ ଖାଲିଦ୍ ର ଅ ତାକୁ ବଧ କରିଦେଲେ । ପୁଣି ମୁସଲମାନ୍ ମାନେ ବହୁତ ଉତ୍ସାହିତ ହୋଇ ଖୁବ ଜୋରରେ ଯୁଦ୍ଧ ଲଢିଲେ । ହଜରତ୍ ଖାଲିଦ୍ ର ଅ ମୁସୈଲେମାକୁ ମୁକାବିଲା କରିବା ପାଇଁ ଆମନ୍ତ୍ରିତ କଲେ । ସେ ତାହା ଗ୍ରହଣ କଲା । ଅତଃ ହ ଖାଲିଦ୍ ର ଅ ତା ଇଚ୍ଛା ମୁତାବକ କିଛି କଥା ଉପସ୍ଥାପନ କଲେ । ତାପରେ ହ ଖାଲିଦ୍ ର ଅ ତା ଉପରେ ଆକ୍ରମଣ କଲେ ,କିନ୍ତୁ ସେ ପଳାୟନ କଲା ଏବଂ ତା ସାଥିମାନେ ମଧ୍ୟ ପଳାୟନ କଲେ । ଅତଏବ ହ ଖାଲିଦ୍ ର ଅ ମୁସଲମାନମାନଙ୍କୁ କହିଲେ ଯେ ହୁଶିଆର ! ଏବେ ଅବହେଳା ପ୍ରଦର୍ଶନ କରିବ ନାହିଁ । ଆଗକୁ ବଢିଚାଲ ଏବଂ କାହାରିକୁ ଜୀବନ୍ତ ଖସିଯିବାକୁ ଦିଅନାହିଁ । ଫଳତଃ ମୁସଲମାନମାନେ ସେମାନଙ୍କ ଆଡ଼କୁ ମାଡ଼ି ଚାଲିଲେ ଓ ଆକ୍ରମଣ କରିଚାଲିଲେ । **(ଅଲକାମିଲ୍ ଫିତତାରିଖେ ଲିଇବନେ ଅସିର୍ ଜିକର୍ ମୁସଲେମ୍ାଃ ୱ ଅହଲଲ୍ ୟମାମାଃ ଖ-୦୨, ପୃ-୨୨୧ , ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୩)**

ଉକ୍ତ ଯୁଦ୍ଧରେ ସାହାବାମାନେ ଯେଉଁ ଅପୂର୍ବ ଧୈର୍ଯ୍ୟ , ଅବିଚଳତା ଓ ବୀରତ୍ୱ ପ୍ରଦର୍ଶନ କରିଥିଲେ ତାହାର ଦୃଷ୍ଟାନ୍ତ ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ମୁସଲମାନମାନେ ଅହରହ ଭାବରେ ଶତ୍ରୁ ଆଡ଼କୁ ଅଗ୍ରସର ହୋଇଚାଲିଲେ । ଏପରିକି ଅଲ୍ଲାଃ ତାଲା ଶତ୍ରୁ ବିରୁଦ୍ଧରେ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ ଏବଂ ଅବିଶ୍ୱାସକାରୀମାନେ ପିଠି ଦେଖାଇ ପଳାୟନ କଲେ । ମୁସଲମାନମାନେ ସେମାନଙ୍କ ପଛରେ ଅନୁଧାବନ କଲେ । ସେମାନଙ୍କୁ ମାରିଚାଲିଥିଲେ ଏବଂ ତରବାରୀ ସେମନଙ୍କ ବେକରେ ଲଗାଇଚାଲିଥିଲେ । ଏପରିକି ସେମାନଙ୍କୁ ଗୋଟିଏ ଉଦ୍ୟାନରେ ଆଶ୍ରୟ ନେବା ପାଇଁ ବାଧ କରିଦେଲେ । ଉକ୍ତ ଉଦ୍ୟାନଟି ଅତ୍ୟନ୍ତ ପ୍ରଶସ୍ତ ଥିଲା ଏବଂ ତାହାର ଚାରି ପାଖରେ କାନ୍ଥ ମଧ୍ୟ ରହିଥିଲା । ବନୁ ହନିଫାର ଜଣେ ସରଦାର୍ ମୁହକିମ୍ ବିନ୍ ତୁଫୈଲ୍ ପଳାୟନ କରି ଲୋକମାନଙ୍କୁ କହୁଥିଲା ଯେ ହେ ଲୋକମାନେ ! ଏହି ବଗିଚାରେ ପଶିଯାଅ । ମୁହକିମ୍ ବିନ୍ ତୁଫୈଲ୍ ବନୁ ହନିଫା ପଛରେ ଅନୁଧାବନ କରୁଥିବା ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା ଆରମ୍ଭ କରିଦେଲା । ଉକ୍ତ ଉଦ୍ୟାନଟି ଯୁଦ୍ଧ ଭୂମିର ନିକଟବର୍ତୀ ରହିଥିଲା ଏବଂ ତାହା ମୁସୈଲେମାର ସମ୍ପତି ଥିଲା । ସେହି ବଗିଚାର ନାମ ହଦିକତୁର୍ ରହମାନ୍ ଥିଲା । କିନ୍ତୁ ସେହି ଯୁଦ୍ଧରେ ଏହି ବଗିଚାରେ ବହୁ ସଂଖ୍ୟକ ଶତ୍ରୁ ମରିବା ଯୋଗୁଁ ସେହି ବଗିଚାକୁ ହଦିକତୁଲ୍ ମୌତ୍ ଅର୍ଥାତ୍ ମୃତ୍ୟୁର ବଗିଚା ଭାବରେ ନାମକରଣ କରାଗଲା । ମୁସୈଲେମା କଜ୍‌ଜାବ ମଧ୍ୟ ନିଜ ସାଥିମାନଙ୍କ ସମେତ ସେହି ଉଦ୍ୟାନକୁ ଚାଲିଗଲା । ହଜରତ୍ ଅବ୍ଦୁର ରହମାନ୍ ବିନ୍ ଅବୁ ବକର୍ ର ଅ ଦେଖିଲେ ଯେ ବନୁ ହନିଫାର ଜଣେ ସରଦାର୍ ମିହକିମ୍ ତା ଲୋକମାନଙ୍କୁ ଉଦବୋଧନ ଦେଉଛି । ଏଥିରେ ହଜରତ୍ ଅବ୍ଦୁର ରହମାନ୍ ବିନ୍ ଅବୁ ବକର୍ ର ଅ ତା ଉପରକୁ ତୀର ଚଳାଇଲେ ଓ ତାକୁ ଶେଷ କରିଦେଲେ । ସୁତରାଂ ଅବିଶ୍ୱାସକାରୀମାନେ ଉଦ୍ୟାନର ମୁଖ୍ୟ ଦ୍ୱାରାକୁ ବନ୍ଦ କରିଦେଲେ । ତେଣୁ ସାହାବାମାନେ ଚତୁପାର୍ଶ୍ୱରୁ ଉକ୍ତ ଉଦ୍ୟାନକୁ ଘେରାଉ କରିନେଲେ । ମୁସଲମାନମାନେ ଉକ୍ତ ଉଦ୍ୟାନରେ ପ୍ରବେଶ କରିବା ପାଇଁ ମାର୍ଗ ଖୋଜୁଥିଲେ ଯେ, କୌଣସି ମତେ ଉକ୍ତ ଉଦ୍ୟାନରେ ପ୍ରବେଶ କରିନେବେ, କିନ୍ତୁ ଉକ୍ତ ଉଦ୍ୟାନଟି ଦୁର୍ଗ ପରି ଦେଖା ଯାଉଥିଲା । ମାର୍ଗ ଖୋଜିବା ସତ୍ୱେ ମଧ୍ୟ ତା’ ମଧ୍ୟକୁ ପ୍ରବେଶ କରିବା ପାଇଁ କୌଣସି ବାଟ ମିଳି ପାରିଲା ନାହିଁ । ପରିଶେଷରେ ହ ବରାଅ ବିନ୍ ମାଲିକ୍ ର ଅ ଯିଏ ହଜରତ୍ ଅନସ୍ ବିନ୍ ମାଲିକଙ୍କ ର ଅ ଙ୍କ ଭାଇ ଥିଲେ, ସେ କହିଲେ; ହେ ମୁସଲମାନମାନେ ! ଉଦ୍ୟାନ ମଧରେ ପ୍ରବେଶ କରିବା ପାଇଁ କେବଳ ଗୋଟିଏ ବାଟ ରହିଛି ଏବଂ ତାହା ହେଉଛି ଏହା କି ଯେ ତୁମେମାନେ ମୋତେ ଟେକି ଉକ୍ତ ଉଦ୍ୟାନ ଭିତରକୁ ଫିଙ୍ଗିଦିଅ । ମୁଁ ଭିତରକୁ ଯାଇ ମୁଖ୍ୟଦ୍ୱାରଟିକୁ ଖୋଲିଦେବି । କିନ୍ତୁ ମୁସଲମାନମାନେ ଏହା ପସନ୍ଦ କଲେ ନାହିଁ ଯେ ସେମାନଙ୍କର ଜଣେ ଉଚ୍ଚ ପଦମର୍ଯ୍ୟାଦାସମ୍ପନ୍ନ ସାଥି ହଜାର ହଜାର୍ ସଂଖ୍ୟକ ଶତ୍ରୁଙ୍କ ଗହଣକୁ ଯାଇ ନିଜର ପ୍ରାଣ ହରାନ୍ତୁ । ତେଣୁ ସେମାନେ ଏପରି କରିବାକୁ ମନା କରିଦେଲେ । କିନ୍ତୁ ହ ବରାଅ ବିନ୍ ମାଲିକ୍ ର ଅ ଜିଦ୍‌ଧରିଲେ ଏବଂ କହିଲେ; ମୁଁ ତୁମମାନଙ୍କୁ ଅଲ୍ଲାଃ ତାଲାଙ୍କ ରାଣ ଦେଇ କହୁଅଛି ଯେ ମୋତେ ଉଦ୍ୟାନ ମଧକୁ ଫିଙ୍ଗିଦିଅ । ପରିଶେଷରେ ବାଧ୍ୟହୋଇ ମୁସଲମାନମାନେ ତାଙ୍କୁ ଉଦ୍ୟାନର ପ୍ରାଚୀର ଉପରେ ଚଢ଼େଇ ଦେଲେ । ପ୍ରାଚୀର ଉପରେ ଚଢ଼ି ଯେତେବେଳେ ବରାଅ ବିନ୍ ମାଲିକ୍ ଶତ୍ରୁର ବିଶାଳ ସଂଖ୍ୟାକୁ ଦେଖିଲେ, ସେତେବେଳେ ସେ ମୁହୁର୍ତକ ପାଇଁ ସ୍ତବ୍ଧ ହୋଇଗଲେ କିନ୍ତୁ ତା ପର ମୂହୁର୍ତରେ ଅଲ୍ଲାଃ ତାଲାଙ୍କ ନାମ ନେଇ ଉଦ୍ୟାନର ମୁଖ୍ୟ ଦ୍ୱାର ସମ୍ମୁଖରେ ଡ଼େଇଁ ପଡ଼ିଲେ ,ଏବଂ ଶତ୍ରୁ ମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ମାରି ଚାଲିଲେ ଓ ଏହିପରି ଲଢି ଲଢି ମୁଖ୍ୟଦ୍ୱାର ଆଡ଼କୁ ଅଗ୍ରସର ହେବାକୁ ଲାଗିଲେ । ପରିଶେଷରେ ସେ ମୂଖ୍ୟ କବାଟ ପାଖରେ ପହଂଚିବାରେ ସଫଳ ହୋଇଗଲେ ଏବଂ ଉଦ୍ୟାନର ଫାଟକକୁ ଖୋଲିଦେଲେ । ମୁସଲମାନମାନେ ବାହାରେ ରହି ଫାଟକ ଖୋଲାଯିବା ପାଇଁ ଅପେକ୍ଷା କରିରହିଥିଲେ । ଯେତେବେଳେ ଫାଟକଟି ଖୋଲିଲା , ସେମାନେ ଉଦ୍ୟାନ ମଧରେ ପ୍ରବେଶ କରିଗଲେ ଏବଂ ଶତ୍ରୁମାନଙ୍କୁ ବଧ କରିବାକୁ ଲାଗିଲେ । ବନୁ ହନିଫାର ଲୋକମାନେ ମୁସଲମାନମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଦଉଡିବାକୁ ଲାଗିଲେ । କିନ୍ତୁ ବାହାରକୁ ଯାଇପାରିଲେ ନାହିଁ । ପରିଣାମ ଏହା ବାହାରିଲା ଯେ ହଜାରରୁ ଉର୍ଦ୍ଧ୍ୱ ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କ ହସ୍ତରେ ବଧ ହେଲେ । ଗୋଟିଏ ରିୱାୟତ୍ ଏପରି ମିଳୁଅଛି ଯେ କେବଳ ହଜରତ୍ ବରାଅ ବିନ୍ ମାଲିକ୍ ର ଅ ନୁହେଁ ବରଂ ଆହୁରି ଅନେକ ମୁସଲମାନମାନେ ସେହି ପ୍ରାଚୀରକୁ ଡେଇଁ ମୁଖ୍ୟ ଫାଟକ ଆଡକୁ ଯାଇଥିଲେ । (ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ **ସଂକଳକ ମୁହମ୍ମଦ୍ ହୁସେନ୍ ହୈକଲ୍ ପୃ-୨୦୦-୨୦୧) (ଅଲବିଦାୟାଃ ୱନ୍ ନହାୟାଃ ଖ-୦୩ , ପୃ-୩୨୧ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧)(ଅଲବିଦାୟାଃ ୱନ୍ ନହାୟାଃ ଖ-୦୭, ପୃ-୨୫୬ ଦାରୁଲ୍ କୁତୁବୁଲ୍ ହିଜର୍ ୧୯୯୮)(ମୁଅଜମୁଲ୍ ବୁଲଦାନ୍ ଖ-୨ ପୃ-୨୬୮ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)(ଉସଦୁଲ୍ ଗାବାଃ ଖ-୦୧ ପୃ-୩୬୩-୩୬୪ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୬)**

ମୁସଲମାନମାନେ ବିଧର୍ମୀମାନଙ୍କ ସହିତ ଲଢି ଲଢି ମିଥ୍ୟାବାଦୀ ମୁସୈଲେମା କଜ୍ଜାବ ପର୍ଯ୍ୟନ୍ତ ପହଂଚିଗଲେ । ସେ କାନ୍ଥର ଫାଟ ନିକଟରେ ଗୋଟିଏ ଧୂସର ରଙ୍ଗର ଓଟପରି ଛିଡାହୋଇଥିଲା । ସେ ନିଜକୁ ବଂଚାଇବା ପାଇଁ କାନ୍ଥ ଉପରେ ଚଢିବାକୁ ଚାହୁଁଥିଲା ଏବଂ କ୍ରୋଧରେ ଜର୍ଜରିତ ହୋଇ ପାଗଳ ହୋଇଚାଲିଥିଲା । ୱହ୍‌ଶି ବିନ୍ ହର୍ବ ଯିଏ ୱହଦ୍ ଯୁଦ୍ଧରେ ହ ହମ୍‌ଜା ର ଅଙ୍କୁ ଶହୀଦ୍ କରିଥିଲା ସେ ମୁସୈଲେମା ଆଡ଼କୁ ଅଗ୍ରସର ହେଲା ଏବଂ ନିଜର ସେହି ବର୍ଚ୍ଛା ଯାହା ସାହାଯ୍ୟରେ ସେ ହ ହମ୍‌ଜା ର ଅଙ୍କୁ ଶହୀଦ କରିଥିଲା , ସେହି ବର୍ଚ୍ଛାକୁ ସେ ମୁସୈଲେମା ଆଡ଼କୁ ଫିଙ୍ଗିଲା ଏବଂ ତାହା ତା’ ଶରୀର ଭେଦକରି ପାର ହୋଇଗଲା । ଅର୍ଥାତ୍ ତା ଶରୀରର ଆର ପାର୍ଶ୍ୱକୁ ଫୁଟି ବାହାରି ପଡ଼ିଲା । ପୁନଶ୍ଚ ହ ଅବୁ ଦୁଜାନା ସିମାକ୍ ବିନ୍ ଖରସାଃ ତା’ ଆଡ଼କୁ ଅଗ୍ରସର ହେଲେ ଏବଂ ତା’କୁ ଖଡ୍ଗ ଦ୍ୱାରା ଆକ୍ରମଣ କଲେ । ଫଳତଃ ସେ ଭୂମି ଉପରେ ପତିତ ହୋଇ ମୃତ୍ୟୁ ବରଣ କଲା । କିଲ୍ଲା ଭିତରୁ ଜଣେ ମହିଳା ଡାକ ଛାଡିଲା ଯେ ହାଏ ! ସୁନ୍ଦର ଲୋକମାନଙ୍କର ଅମୀରକୁ ଜଣେ କଳା ଲୋକ (ଅର୍ଥାତ ନିଗ୍ରୋ)ଦାସ ହତ୍ୟା କରିଦେଇଛି । **(ଅଲବିଦାୟାଃ ୱନ୍ ନହାୟାଃ ଖ-୦୩, ଭାଗ -୦୬ , ପୃ-୩୨୧ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧)(ସିରତୁନ୍ ନବୱିୟା ଲେଇବନେ ହିଶାମ୍ ପୃ-୫୨୮ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧)**

ମୁସେଲମାଃ କଜ୍ଜାବକୁ କିଏ ନର୍କକୁ ପଠାଇଥିଲା ? ବଲାଜରୀ ଅନୁଯାୟୀ ବନୁ ଆମୀର୍ କବିଲାର ଲୋକର କହିଥାନ୍ତି ଯେ ତାଙ୍କ କବିଲାର ଜଣେ ଲୋକ ଯାହାର ନାମ ଖିଦାଶ ବିନ୍ ବଶୀର୍ ଥିଲା, ସେ ତାକୁ ମାରିଥିଲା । ଆଉ ଗୋଟିଏ କଥନ ଅନୁଯାୟୀ ଅନ୍‌ସାରମାନଙ୍କର ଖଜରଜ୍ କବିଲାର ଅବ୍ଦୁଲାଃ ବିନ୍ ଜୈଦ୍ ତାକୁ ମାରିଥିଲା । କିଛି ଲୋକ କହିଥାନ୍ତି ଯେ ହଜରତ୍ ଅବୁ ଦୁଜାନାଃ ର ଅ ତାକୁ ହତ୍ୟା କରିଛନ୍ତି । ମାୱିୟା ବିନ୍ ଅବୁ ସୁଫିୟାନ୍ ଙ୍କ କହିବା କଥା ହେଉଛି ଯେ ସେ ତାକୁ ବଧ କରିଥିଲେ । କେତେକ ଏହା କହିଥାନ୍ତି ଯେ ବୋଧହୁଏ ସମସ୍ତେ ମିଶି ତାକୁ ମାରିଥିବେ । କେତେକ ପୁସ୍ତକରେ , ଯେଉଁଥିରେ ତିବରୀ ବି ସାମିଲ୍ ଅଛି , ସେଥିରୁ ଏହା ଜଣାପଡୁଛି ଯେ ମୁସଲେମା କଜ୍ଜାବକୁ ଜଣେ ଅନସାରୀ ତଥା ଜଣେ ନିଗ୍ରୋ ଉଭୟ ମିଶି ମାରିଥିଲେ । **(ଅସ୍ ସିଦ୍ଦିକ୍ , ସଂକଳକ ପ୍ରଫେସର୍ ଅଲୀ ମୁହସିନ୍ ସିଦ୍ଦିକି , ପୃ-୧୦୨-୧୦୩)**

ରସୁଲୁଲ୍ଲାଃ ସ ଆ ସ ଙ୍କ ନିକଟର ଅ ମୁସଲେମାଃକୁ ବଧ କରିଥିବା ଘଟଣା ବିଷୟରେ ନିଜେ ଏହା ବର୍ଣ୍ଣନା କହିଛନ୍ତି ଯେ ଓହଦ୍ ଯୁଦ୍ଧ ରେ ହଜରତ୍ ହମଜାଃଙ୍କୁ ଶହୀଦ କରିବା ପରେ ଯେବେ ଲୋକମାନେ ଫେରିଲେ , ମୁଁ ବି ସେମାନଙ୍କ ସହିତ ଫେରିଲି । ମୁଁ ମକ୍କାଠାରେ ରହିଲି । ଏପରିକି ଯେତେବେଳେ ରସୁଲୁଲ୍ଲାଃ ସ ଆ ସ ମକ୍କା ବିଜୟ କଲେ ଓ ଏତତ୍‌ଦ୍ୱାରା ଇସଲାମ ବ୍ୟାପିଚାଲିଲା , ମୁଁ ତାଏଫ୍ ଆଡକୁ ପଳାୟନ କଲି । ଲୋକମାନେ ରସୁଲୁଲ୍ଲାଃ ସ ଆ ସ ଙ୍କ ନିକଟକୁ ଦୂତ ପଠାଇଲେ । ମତେ କୁହାଗଲା ଯେ ମହାଭାଗ ସ ଆ ସ ଦୂତ ମାନଙ୍କ ପ୍ରତି ଆପତି କରନ୍ତି ନାହିଁ । ୱହ୍‌ଶି ବିନ୍ ହର୍ବ ର ଅ କହିଲେ ଯେ

ମୁଁ ବି ସେମାନଙ୍କ ସହିତ ବାହାରିଲି । ମୁଁ ଏହିପରି ରସୁଲୁଲ୍ଲାଃ ସ ଆ ସ ଙ୍କ ନିକଟରେ ପହଂଚିଗଲି । ରସୁଲୁଲ୍ଲାଃ ସ ଆ ସ ମତେ ଦେଖି କହିଲେ ତୁମେ ୱ୍‌ହ୍‌ଶି ବିନ୍ ହର୍ବ ? ମୁଁ କହିଲି ଆଜ୍ଞା ହଁ । ମହାଭାଗ ସ ଆ ସ କହିଲେ ବସିଯାଅ ଓ ମତେ ବିସ୍ତାର ଭାବରେ ବତାଅ ଯେ ତୁମେ ହମ୍‌ଜାଃ ର ଅଙ୍କୁ କିପରି ହତ୍ୟା କରିଥିଲ ? ମୁଁ ମହାଭାଗ ସ ଆ ସ ଙ୍କୁ ବିସ୍ତାର ଭାବରେ ବତାଇଦେଲି । ଯେବେ ମୁଁ କଥା ଶେଷକଲି ଆପଣ ସ ଆ ସ କହିଲେ : କଣ ତୁମପାଇଁ ଏହା ସମ୍ଭବ ହୋଇପାରିବ କି ତୁମେ ମୋ ସାମନାରୁ ଚାଲିଯିବ ? ୱ୍‌ହ୍‌ଶି ବିନ୍ ହର୍ବ କହିଲେ ମୁଁ ସେଠାରୁ ଚାଲିଗଲି । ପୁଣି ଯେତେବେଳେ ଆଁହଜରତ୍ ସ ଆ ସ ଙ୍କର ଦେହାନ୍ତ ହେଲା ଏବଂ ମୁସଲେମାଃ କଜ୍ଜାବ୍ ବିଦ୍ରୋହ କଲା , ସେତେବେଳେ ମୁଁ କହିଲି : ମୁଁ ମୁସଲେମାଃ କଜ୍ଜାବ୍ ନିକଟକୁ ନିଶ୍ଚିତ ଭାବରେ ଯିବି ଯଦ୍ୱାରା ମୁଁ ତାକୁ ହତ୍ୟା କରିପାରିବି । ଏତତଦ୍ୱାରା ମୁଁ ହଜରତ୍ ହମଜାଃ ର ଅ ଙ୍କୁ ହତ୍ୟା କରିବାର ପ୍ରାୟଶ୍ଚିତ କରିପାରିବି । ସେ ପୁଣି କୁହନ୍ତି ଯେ ମୁଁ ଲୋକମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ବାହାରିଲି । ପୁଣି ତାର ଅବସ୍ଥା ଯାହା ହେଲା । ସେ ଆଗକୁ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଦେଖିଲି ଯେ ଜଣେ ଲୋକ କାନ୍ଥର ଫାଟ ନିକଟରେ ଛିଡା ହୋଇଛି । ଏମିତି ଲାଗୁଥିଲା ଯେମିତି ଗହମ ରଙ୍ଗର ଗୋଟିଏ ଓଟ । ତା ମୁଣ୍ଡର କେଶଗୁଡିକ ଛିନ୍ନ ଭିନ୍ନ ହୋଇ ରହିଥିଲା । ମୁଁ ତା ଉପରେ ଆକ୍ରମଣ କରି ମୋ ବର୍ଚ୍ଛାଟିକୁ ଏତେ ଜୋରରେ ଫିଙ୍ଗିଲି ଯେ, ତାହା ତା ଦୁଇ କାନ୍ଧ ମଝିରେ ଫୁଟି ବାହାରିଗଲା । ସେ ଯାହା ହେଉ ନା କାହିଁକି ସେ ବର୍ଣ୍ଣନା କରନ୍ତି ଯେ ତାପରେ ଅନସାର୍ ମାନଙ୍କ ମଧ୍ୟରୁ ଜଣେ ତାଉପରକୁ ଝାମ୍ପ ମାରିଲା ଓ ତା ଖପୁରୀ ଉପରେ ତରବାରୀ ଦ୍ୱାରା ଆଘାତ ଦେଲା । ବର୍ଣ୍ଣନାକାରୀ ସୁଲେମାନ୍ ବିନ୍ ୟସାର୍ ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଉମର୍ ର ଅ ଙ୍କଠାରୁ ଶୁଣିଥିଲେ । ସେ କହୁଥିଲେ ଯେ ଯେବେ ମୁସଲେମାଃ କଜ୍ଜାବ୍ କୁ ହତ୍ୟା କରାଗଲା , ସେତେବେଳେ ଗୋଟିଏ ଝିଅ ଯିଏ ତା ଘରର ଛାତ ଉପରେ ଥିଲା, ସେ କହିଲା ଅମୀରୁଲ୍ ମୁମିନିନ୍ ଅର୍ଥାତ୍ ମୁସଲେମା କଜ୍ଜାବକୁ ଜଣେ କଳା ଗୁଲାମ୍ ମାରିଦେଲା । ଏହା ବୁଖାରୀର ରିୱାୟତ୍ ଅଟେ ।

ୱ୍‌ହ୍‌ଶି ବିନ୍ ହର୍ବ କୁହନ୍ତି ଯେ ଅଲ୍ଲାଃତାଲା ହିଁ ଭଲଭାବରେ ଜାଣିଛନ୍ତି ଯେ ଆମ ଦୁଇଜଣଙ୍କ ମଧ୍ୟରୁ କିଏ ମୁସଲେମା କଜ୍ଜାବକୁ ମାରିଛି । ଅର୍ଥାତ୍ ସେହି ଅନସାରି ସାହାବି ଏବଂ ହଜରତ୍ ୱ୍‌ହଶିଙ୍କ ମଧ୍ୟରୁ କିଏ ମୁସଲେମା କଜ୍ଜାବକୁ ହତ୍ୟା କରିଛି । କିନ୍ତୁ ଯଦି ମୁଁ ହିଁ ତାକୁ ମାରିଥାଏ ତାହେଲେ ରସୁଲୁଲ୍ଲାଃ ସ ଆ ସ ଙ୍କ ପରେ ସବୁଠାରୁ ଉତମ ଲୋକ ହଜରତ୍ ହମଜାଃଙ୍କୁ ବି ମୁଁ ମାରିଥିଲି ଓ ସବୁଠାରୁ ଖରାପ ଲୋକକୁ ବି ମାରିଛି । ***(ସିରତୁନ୍ ନବୱିୟା ..... ପୃ-୨୬୫-୨୬୬..... ବେରୁତ ୨୦୦୧)***

***(ସହି ବୁଖାରୀ କିତାବୁଲ୍ ମଗାଜି ବାବ କତଲ ହମଜାଃ ବିନ୍ ଅବ୍ଦୁଲ୍ ମୁତଲିବ୍ ରିୱାୟତ୍ ନଂ-୪୦୭୨)***

ସହି ବୁଖାରୀର ରିୱାୟତରେ ଆଁହଜରତ୍ ସ ଆ ସ ୱ୍‌ହ୍‌ଶି ବିନ୍ ହବକୁ ଯେଉଁ କଥା କହିଥିଲେ ଯେ "କ'ଣ ତୁମେ ମୋ ସମ୍ମୁଖକୁ ନଆସିବା ସମ୍ଭବ ହୋଇପାରିବ କି ?'' ଏହାର ବ୍ୟାଖ୍ୟା କରି ହଜରତ୍ ସୟଦ୍ ଜଇନୁଲ୍ ଆବେଦୀନ୍ ୱଲିଉଲ୍ଲାଃ ଶାହ୍ ସାହେବ୍ ଉଲ୍ଲେଖ କରନ୍ତି ଯେ " ୱ୍‌ହ୍‌ଶି ବିନ୍ ହର୍ବଠାରେ ଯେଉଁ ପରିବର୍ତନ ଦେଖାଦେଇଥିଲା ତାହା ତାଙ୍କର ନିଷ୍ଠା ଓ ଆନ୍ତରିକତାକୁ ଦର୍ଶାଇଥାଏ । ତାଙ୍କର ଏ ଇଚ୍ଛା ଥିଲା ଯେ ସେ କିପରି ନିଜ ଭୂଲର ପ୍ରାୟଶ୍ଚିତ କରିବେ । ଅତେବ ୟମାମାଃର ଭୟଙ୍କର ଯୁଦ୍ଧରେ ସେ ତାଙ୍କର ସେହି ଉଦ୍ଧେଶ୍ୟକୁ ଚରିତାର୍ଥ କଲେ । ଶାହ୍ ସାହେବ୍ ଉଲ୍ଲେଖ କରିଛନ୍ତି ଯେ " ଆଁହଜରତ୍ ସ ଆ ସଙ୍କ ବାକ୍ୟ **ଫହଲ୍ ତସ୍‌ତତିଉ ଅନ୍ ତୁଗୈଇବା ୱ୍‌ଜ୍‌ହକା ଅନ୍ନି**" ଅର୍ଥାତ କଣ ତୁମର ମୋ ସମ୍ମୁଖକୁ ଆସିବା ସମ୍ଭବ ହୋଇପାରିବ କି ? ଏହି ବାକ୍ୟଟି ହେଉଛି ବହୁତ ଉଚ୍ଚ କୋଟିର ନୈତିକତାର ଦର୍ପଣ । ୱ୍‌ହ୍‌ଶି ର ଅ ଙ୍କ ଠାରୁ ଆପଣ ସ ଆ ସ ଚାହିଁଲେ ଯେ ଯଦି ସମ୍ଭବ ହୁଏ ମୋ ସାମନାକୁ ଆସନାହିଁ । ଏପରି ବାକ୍ୟ ଏକଛତ୍ରବାଦୀ ନୁହେଁ ବରଂ ନିବେଦନପୂର୍ବକ ବାକ୍ୟ ଥିଲା । ଏହା ତାହାଙ୍କ ହୃଦୟରେ ହଜରତ୍ ହମଜାଃ ପ୍ରତିଥିବା ପ୍ରେମକୁ ଦର୍ଶାଉଛି । ଗୋଟିଏ ପ୍ରତିଶୋଧପରାୟଣ ମନ କେବଳ ପ୍ରତିଶୋଧ ନେଇପାରେ କିନ୍ତୁ ଆପଣ ସ ଆ ସ କ୍ଷମାକୁ ଆପଣାଇଥିଲେ । କେବଳ ଏତିକି ଇଚ୍ଛା କରିଥିଲେ ଯେ ତୁମେ ମୋ ସାମନାକୁ ଆସନାହିଁ । ଏତତ୍‌ଦ୍ୱାରା ହଜରତ୍ ହମଜାଃ ର ଅଙ୍କ ଶହୀଦ ହେବାର ସ୍ମୃତି ଉଜ୍ଜୀବିତ ହୋଇ ମହାଭାଗ ସ ଆ ସ ଙ୍କ ହୃଦୟ ଦୁଃଖିତ ନହେଉ ।"

**(ସହି ବୁଖାରୀ ମୁତରଜୀମ୍ ସଂକଳକ ଜୈନୁଲ୍ ଆବେଦୀନ୍ ସାହେବ୍ ଖ-୮ ପୃ-୧୯୮-୧୯୯)**

ୟମାମା ଯୁଦ୍ଧର ବିସ୍ତୃତ ବିବରଣୀ ସଂପର୍କରେ ଅନ୍ୟ ଏକ ସ୍ଥାନରେ ଏହିପରି ବର୍ଣ୍ଣିତ ହୋଇଛି ଯେ ମୁସଲମାନମାନେ ଉକ୍ତ ଯୁଦ୍ଧରେ ଯେଉଁ ଅପୂର୍ବ ବୀରତ୍ୱ ଓ ସାହସିକତା ପ୍ରଦର୍ଶନ କରିଥିଲେ ତାହାର ନକ୍ସା ଟଣାଯାଇଛି । ଅର୍ଥାତ ଉଭୟ ଗୋଷ୍ଠୀ ମଧ୍ୟରେ ଘମାଘୋଟ୍ ଯୁଦ୍ଧ ହେଲା । ଏପରିକି ଉଭୟ ପକ୍ଷର ଶତାଧିକ ସୈନ୍ୟ ନୀହତ ଏବଂ ଆହତ ହେଲେ । ମୁସଲମାନମାନଙ୍କ ମଧ୍ୟରୁ ମାଲିକ ବିନ୍ ଅଓସ୍ ସର୍ବପ୍ରଥମେ ବୀରଗତି ପ୍ରାପ୍ତ କରିଥିଲେ ଅର୍ଥାତ ଶହୀଦ ହୋଇଥିଲେ । ସେହିପରି ପବିତ୍ର କୁର୍‌ଆନ୍ କରୀମ୍ କଣ୍ଠସ୍ଥ କରିଥିବା ଅନେକ ହାଫିଜମାନେ ମଧ୍ୟ ବୀରଗତି ପ୍ରାପ୍ତ କରିଥିଲେ ଅର୍ଥାତ ଶହୀଦ ହୋଇଥିଲେ । ଏତେ ଭୟଙ୍କର ଯୁଦ୍ଧ ଚାଲିଥିଲା ଯେ ମୁସଲମାନ ସୈନ୍ୟ ମୁସୈଲେମା ବିନ୍ କଜ୍ଜାବର ସୈନ୍ୟଦଳ ମଧ୍ୟରେ ତଥା ମୁସୈଲେମା ବିନ୍ କଜ୍ଜାବର ସୈନ୍ୟଦଳ ମୁସଲମାନ ସୈନ୍ୟ ମଧ୍ୟରେ ପ୍ରବେଶ କରିଯାଇଥିଲା । ଯେବେ ମୁସଲମାନ ସୈନ୍ୟ ପଛଘୁଂଚା ଦେଉଥିଲା ତ ସେମାନେ ଆଗକୁ ବଢୁଥିଲେ ଯଦ୍ୱାରେ ସେମାନେ ମୁଜାଆ ପର୍ଯ୍ୟନ୍ତ ପଂହଚି ପାରିବେ । ସାଲିମ୍ ମୌଲା ଅବୁ ହୁଜୈଫା ନିଜର ଆଣ୍ଠୁ ପର୍ଯ୍ୟନ୍ତ ଗୋଟିଏ ଗର୍ତ ଖୋଳିଲେ । ତାଙ୍କ ନିକଟରେ ମୁହାଜିର୍ ମାନଙ୍କର ଅର୍ଥାତ୍ ହିଜରତକାରୀଙ୍କ ଧ୍ୱଜା ରହିଥିଲା ଏବଂ ହ ସାବିତ୍ ମଧ୍ୟ ସେହିପରି ନିଜ ପାଇଁ ଏକ ଗର୍ତ ଖୋଳିଲେ ଏବଂ ତାଙ୍କ ନିକଟରେ ଅନ୍‌ସାର୍‌ମାନଙ୍କର ଧ୍ୱଜା ରହିଥିଲା । ଏହାପରେ ଦୁହେଁ ନିଜର ଧ୍ୱଜାକୁ ନିଜ ସହିତ ସଂଲଗ୍ନ କରିନେଲେ । ଲୋକମାନେ ଛିନ୍ନ ଛତ୍ର ହୋଇଯାଇଥିଲେ । ଅର୍ଥାତ୍ ଗାଢ ଖୋଳି ସେଥିରେ ନିଜେ ଛିଡା ହୋଇଗଲେ ଓ ଧ୍ୱଜାକୁ ନିଜ ସହିତ ବାନ୍ଧିଦେଲେ । ଏହିପରି ଅବସ୍ଥାରେ ରହିଥିବା ସମୟରେ ସାଲିମ୍ ବୀରଗତି ପ୍ରାପ୍ତ କରିଥିଲେ ଅର୍ଥାତ ଶହୀଦ ହୋଇଥିଲେ ଏବଂ ହ ଅବୁ ହୁଜୈଫା ମଧ୍ୟ ବୀରଗତି ପ୍ରାପ୍ତ କଲେ । ହ ଅବୁ ହୁଜୈଫା ର ଅଙ୍କ ମୁଣ୍ଡଟି ସାଲିମଙ୍କ ପାଦ ତଳେ ପଡ଼ିଥିଲା ଏବଂ ସାଲିମ୍ ର ଅଙ୍କ ମୁଣ୍ଡଟି ହ ଅବୁ ହୁଜୈଫାଙ୍କ ପାଦ ତଳେ ପଡ଼ି ରହିଥିଲା । ଯେତେବେଳେ ହ ସାଲିମ୍ ର ଅ ବୀରଗତି ପ୍ରାପ୍ତ କଲେ ସେତେବେଳେ ଧ୍ୱଜା କିଛି ସମୟ ପାଇଁ ଏହିପରି ଭାବରେ ପଡ଼ି ରହିଲା । କେହି ତାକୁ ଉଠାଇନଥିଲେ । ପୁନଶ୍ଚ ବଦରୀ ସାହାବି ୟଜିଦ୍ ବିନ୍ କୈସ୍ ଆଗକୁ ବଢ଼ିଲେ ଏବଂ ଧ୍ୱଜାକୁ ଉଠାଇ ନେଲେ, ଏପରିକି ସେ ମଧ୍ୟ ବୀରଗତି ପ୍ରାପ୍ତ କରିଥିଲେ ଅର୍ଥାତ ଶହୀଦ ହୋଇଥିଲେ । ପୁଣି ଏହିପରି ଭାବରେ ସେହି ଧ୍ୱଜାଟି ଏହିପରି କିଛି ସମୟ ପାଇ ତଳେ ପଡ଼ି ରହିଲା ପୁନଶ୍ଚ ହିକମ୍ ବିନ୍ ସଇଦ୍ ବିନ୍ ଆସ୍ ସେହି ଧ୍ୱଜାକୁ ଧରିନେଲେ ଏବଂ ତା'ର ସୁରକ୍ଷାରେ ସାରାଦିନ ଯୁଦ୍ଧ କରିଚାଲିଲେ । ପୁନଶ୍ଚ ସେ ମଧ୍ୟ ବୀରଗତି ପ୍ରାପ୍ତ କଲେ । ୱ୍‌ହ୍‌ଶି କହନ୍ତି ଯେ, ଘମାଘୋଟ ଯୁଦ୍ଧ ହେଲା । ମୁସଲମାନମାନେ ତିନି ତିନି ଥର ଯୁଦ୍ଧରେ ପଛଘୁଂଚା ଦେବା ପରେ ଚତୁର୍ଥ ଥର ମୁସଲମାନମାନେ ପାଲଟା ଆକ୍ରମଣ କରିଦେଲେ ଏବଂ ଯୁଦ୍ଧ ଭୂମିରେ ତିଷ୍ଠି ରହିଲେ ଏବଂ ତରବାରୀ ଆଗରେ ନିର୍ଭୀକ ଭାବରେ ଛିଡ଼ା ହୋଇଗଲେ । ବନୁ ହନିଫା ଏବଂ ସେମାନଙ୍କ ତରବାରୀ ପରସ୍ପର ଉପରେ ପଡିବାକୁ ଲାଗିଲା । ଏପରିକି ନିଆଁର ଚିଙ୍ଗାରି ସେଥିରୁ ବାହାରିବାକୁ ଲାଗିଲା ଓ ସେମାନଙ୍କ ଭିତରୁ ଘଂଟି ର ଶବ୍ଦ ବାହାରୁଥିଲା । ଅଲ୍ଲାଃ ତାଲା ଆମମାନଙ୍କ ଉପରେ ନିଜର ସାହାଯ୍ୟ ସହଯୋଗ ଅବତୀର୍ଣ୍ଣ କଲେ ଫଳତଃ ବନି ହନିଫାକୁ ଅଲ୍ଲାଃ ତାଲା ପରାଜିତ କଲେ ଏବଂ ମୁସୈଲେମା କଜ୍ଜାବକୁ ମୁସଲମାନମାନେ ବଧ କରିଦେଲେ । ୱ୍‌ହ୍‌ଶି କହନ୍ତି; ମୁଁ ସେଦିନ ଖୁବ ଖଡ୍‌ଗ ଚାଳନା କଲି ଏପରିକି ସେହି ଖଡ୍‌ଗଟି ମୋ ହସ୍ତରେ ଖଡ଼ଗର ମୁଠା ପର୍ଯ୍ୟନ୍ତ ରକ୍ତ ରଞ୍ଜିତ ହୋଇଗଲା । ହ ଇବ୍‌ନେ ଉମର୍ କହନ୍ତି ଯେ ମୁଁ ହ ଅମ୍ମାରଙ୍କୁ ଏକ ଚଟାଣ ଉପରେ ଚଢୁଥିବାରେ ଦେଖିଲି । ସେ ଡ଼ାକୁଥିଲେ ଯେ ହେ ମୁସଲମାନମାନଙ୍କର ସୈନ୍ୟଦଳ! କ'ଣ ତୁମେମାନେ ବୈକୁଣ୍ଠ ଛାଡ଼ି ପଳାୟନ କରୁଛ ? ମୁଁ ହେଉଛି ଅମ୍ମାର ବିନ୍ ୟାସିର୍ ମୋ ଆଡ଼ାକୁ (ଧାଇଁ) ଆସ । ବର୍ଣ୍ଣନାକାରୀ କୁହନ୍ତି ଯେ ମୁଁ ଦେଖୁଥିଲି ଯେ ତାଙ୍କର କାନ କଟି ଓହଳି ଯାଇଥିଲା । ଅବୁ ଖୈସମା ନଜ୍ଜାରୀ କୁହନ୍ତି ଯେ, ମୁସଲମାନମାନେ ଯେତେବେଳେ ୟମାମା ଯୁଦ୍ଧରେ ବିକ୍ଷିପ୍ତ ହୋଇଗଲେ ସେତେବେଳେ ମୁଁ ଗୋଟିଏ ପାର୍ଶ୍ୱକୁ ଘୁଂଚି ଗଲି ଏବଂ ମୋ ଆଖି ଆଗରେ ଏହି ଦୃଶ୍ୟ ଏବେ ଦେଖାଯାଉଅଛି ଯେ ଅର୍ଥାତ ମୁଁ ସେଦିନ ହ ଅବୁ ଦୁଜାନାଙ୍କୁ ଦେଖୁଥିଲି । ତାଙ୍କର ନାମ ସିମାକ୍ ବିନ୍ ଖରଶାଃ ଥିଲା । ସେ ଅବୁ ଦୁଜାନା ନାମରେ ପ୍ରଶିଦ୍ଧ ଥିଲେ । ସେ ସେହି ପ୍ରଶିଦ୍ଧ ସାହାବି ଥିଲେ ଯିଏ ଆଁ ହଜରତ୍ ସ ଆ ସ ଙ୍କ ସହିତ ସାମିଲ ହୋଇ ସମସ୍ତ ଯୁଦ୍ଧରେ ଲଢିଥିଲେ । ଓହଦ ଯୁଦ୍ଧ ଦିନ ଆଁ ହଜରତ୍ ସ ଆ ସ ଗୋଟିଏ ତରବାରୀ ହାତରେ ଧରି କହିଲେ : ଏହାର ହକ୍ କିଏ ପ୍ରଦାନ କରିବ ? ଅବୁ ଦୁଜାନା ର ଅ କହିଲେ ମୁଁ କରିବି । ଆଁ ହଜରତ୍ ସ ଆ ସ ତାଙ୍କୁ ସେହି ତରବାରୀଟିକୁ ପ୍ରଦାନ କରିଦେଲେ । ଆଉ କିଛି ରିୱାୟତ୍‌ରେ ଆସିଛି ଯେ ସେ କହିଲେ ଯେ ଏହାର ହକ୍ କଣ ? ଆଁ ହଜରତ୍ ସ ଆ ସ ତାଙ୍କୁ କହିଲେ ଯେ ମୁସଲମାନମାନଙ୍କୁ ମାରିବ ନାହିଁ ଏବଂ କାଫିର୍ ମାନଙ୍କ ସମ୍ମୁଖରୁ ପଳାୟନ କରିବ ନାହିଁ । ହଜରତ୍ ଅବୁ ଦୁଜାନା ର ଅ ନିଜର ଅଭ୍ୟାସ ଅନୁସାରେ ନିଜ ମୁଣ୍ଡରେ ଲାଲ ରଙ୍ଗର ପଟି ବାନ୍ଧିଲେ ଏବଂ ଦାମ୍ଭିକ ଠାଣିରେ ଚାଲି ଚାଲି ଆସି ଧାଡିରେ ଛିଡା ହୋଇଗଲେ । ଆଁ ହଜରତ୍ ସ ଆ ସ କହିଲେ ଏହି ଚାଲି ଯଦିଓ ଖୁଦାଙ୍କ ନିକଟରେ ଅପସନ୍ଦ କିନ୍ତୁ ଏପରି ଅବସରରେ କିଛି ଅସୁବିଧା ନାହିଁ । ସେ ରଣ ଭୂମିରେ ଅତ୍ୟନ୍ତ ସାହାସିକତାର ସହିତ ଲଢିଲେ ଓ ଅନେକ କାଫିର୍ ଅର୍ଥାତ୍ ଅମାନ୍ୟକାରୀ ମାନଙ୍କୁ ବଧ କଲେ ଏବଂ ଆଁ ହଜରତ୍ ସ ଆ ସ ଙ୍କ ସୁରକ୍ଷାରେ ବହୁତଗୁଡିଏ ଆଘାତ ଖାଇଲେ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ରଣ ଭୂଇଁରୁ ପଛଘୁଂଚା ଦେଇନଥିଲେ ।

ଆଁ ହଜରତ୍ ସ ଆ ସଙ୍କ ସମୟର ଏହା ବିଗତ ଘଟଣା ବର୍ଣ୍ଣନା କରାଯାଉଅଛି । ସେ ଯାହା ହେଉ ନା କାହିଁକି ୟମାମାଃ ଯୁଦ୍ଧ ସମୟରେ ଅବୁ ଦୁଜାନାଃ ର ଅ ଙ୍କ ଉପରେ ବନୁ ହନିଫାର ଗୋଟିଏ ଦଳ

ଆକ୍ରମଣ କରିଦେଲା । ଅବୁ ଦୁଜାନା ର ଅ ଉପରେ ବନୁ ହନିଫାର ସୈନ୍ୟଦଳ ଯେତେବେଳେ ଆକ୍ରମଣ କରିଦେଲା ସେତେବେଳେ ସେ ମଧ୍ୟ ନିଜ ସମ୍ମୁଖରେ, ବାମ ପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱରେ ଖଡ଼୍‌ଗ ଚାଳନା କଲେ । ସେ ଜଣେ ଲୋକଙ୍କ ଉପରେ ଆକ୍ରମଣ କରି ତାକୁ ଭୂଇଁ ଉପରେ ପାକାଇଦେଲେ । ଅବୁ ଦୁଜାନା ର ଅ କୌଣସି କଥା ହେଉନଥିଲେ, ଏହିପରି ଅବସ୍ଥାରେ ସେହି ଦଳଟି ଫେରିଗଲା ଓ ମୁସଲମାନମାନେ ନିକଟକୁ ଆସିଗଲେ । ବନୁ ହନିଫା ପରାଜୟ ବରଣ କରି ବଗିଚା ଆଡକୁ ଧାଇଁଲା । ମୁସଲମାନମାନେ ତାଙ୍କ ପଛେ ପଛେ ଅନୁଧାବନ କଲେ ଓ ସେମାନଙ୍କୁ ସେହି ଉଦ୍ୟାନରେ ଶରଣ ନେବାପାଇଁ ବାଧ୍ୟ କରିଦେଲେ । ସେମାନେ ବଗିଚାର ଫାଟକକୁ ବନ୍ଦ କରିଦେଲେ । ଏହା ଦେଖି ଅବୁ ଦୁଜାନା ର ଅ କହିଲେ ମତେ ଢାଲରେ ରଖି ବଗିଚା ଭିତରକୁ ଫିଙ୍ଗିଦିଅ ଯଦ୍ୱାରା ମୁଁ ଭିତରକୁ ଯାଇ ଫାଟକକୁ ଖୋଲିଦେବି । ଅତଃ ମୁସଲମାନମାନେ ସେହିପରି କଲେ ଫଳତଃ ସେ ବଗିଚା ଭିତରେ ପ୍ରବେଶ କରିଗଲେ । ସେ କହୁଥିଲେ ଯେ ତୁମର ପଳାୟନ କରିବା ତୁମକୁ ଲାଭ ଦେବ ନାହିଁ କି ଆମଠାରୁ ବଂଚାଇପାରିବ ନାହିଁ । ସୁତରାଂ ସେ ସେମାନଙ୍କ ସହିତ ଭିଷଣ ଭାବରେ ଯୁଦ୍ଧ କଲେ । ଏହିପରି ସେ ଯାଇ ବଗିଚାର ଫାଟକଟିକୁ ଖୋଲିଦେଲେ । ରାଓ୍ୱି କୁହନ୍ତି ଯେ ଆମେ ଆପଣ ର ଅ ଙ୍କ ନିକଟକୁ ବଗିଚାରେ ସେତେବେଳେ ଯାଇ ପହଂଚିଲୁଁ ଯେତେବେଳେ ସେ ଶହୀଦ୍ ହୋଇଯାଇଥିଲେ । ଆଉ ଏକ ରିଓ୍ୱାୟତ୍ ମୁତାବକ ବରାଆ ବିନ୍ ମାଲିକ୍ ଙ୍କୁ ବଗିଚା ଭିତରକୁ ଫିଙ୍ଗାଯାଇଥିଲା । କିନ୍ତୁ ପ୍ରଥମ ରିଓ୍ୱାୟତ୍ ଯାହା ବରାଆ ବିନ୍ ମାଲିକ୍ ର ଅ ଙ୍କର ଥିଲା , ତାହା ଅଧିକ ସଠିକ୍ ଲାଗୁଛି । **(ଅଲଇକ୍‌ତଫାଅ ଭାଗ-୨ ପୃ-୧୨୧-୧୨୬ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୧୪୨୦ ହିଜରୀ) (ସହି ମୁସଲିମ୍ କିତାବୁଲ୍ ଫଜାଏଲ୍ .....ହଦିସ ନଂ-୬୩୫୩)(କନ୍‌ଜୁଲ୍ ଉମ୍ମାଲ୍ ଭାଗ-୪ ପୃ-୩୩୯ ହଦିସ୍ ନଂ -୧୦୭୯୨ ମୁସିସତୁର୍ ରିସାଲାଃ ବେରୁତ୍ ୧୯୮୫)**

ଏହାର ବିବରଣୀ ମଧ୍ୟ ରହିଛି । ବାକି ଇନଶାଅଲ୍ଲାଃ ଆସନ୍ତାକୁ ବର୍ଣ୍ଣନା କରାଯିବ ।

ବର୍ତମାନ ମୁଁ ପାକିସ୍ତାନ ପାଇଁ ଦୁଆ କରିବାକୁ ଆହ୍ୱାନ ଜଣାଉଛି । ଅହେମଦୀ ମାନଙ୍କ ନିମନ୍ତେ ବିଶେଷଭାବରେ ଦୁଆ କରନ୍ତୁ । ପାକିସ୍ତାନର ଅବସ୍ଥା ସାଧାରଣତଃ ବିଗିଡି ଯାଇଛି । ଅତି ଉତ୍କଟ ପରିସ୍ଥିତି ସୃଷ୍ଟି ହୋଇଛି । କିନ୍ତୁ ଏଭଳି ଉତ୍କଟ ପରିସ୍ଥିତିରେ ଅଣଅହେମଦୀମାନଙ୍କର ଧ୍ୟାନ ଅହେମଦୀମାନଙ୍କ ଆଡ଼କୁ ହୋଇଯାଏ । ବିରୋଧ ବୃଦ୍ଧି ପାଉଛି । ସେମାନେ ପୁରୁଣା କବରକୁ ମଧ୍ୟ ଖୋଳିବାକୁ ପଛାଉ ନାହାନ୍ତି । ଅତ୍ୟନ୍ତ ନୀଚ ପ୍ରକୃତିର ଲୋକେ ଅଟନ୍ତି । ଅଲ୍ଲାଃ ତାଲା ଯଥାଶୀଘ୍ର ସେମାନଙ୍କୁ ଧରନ୍ତୁ । ସେହିପରି ଉପଦ୍ୱୀପରେ ବାସ କରୁଥିବା ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ସେମାନେ ମଧ୍ୟ ଆଜିକାଲି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡିଛନ୍ତି । ଆଫଗାନିସ୍ତାନର ଅହେମଦୀମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃ ତାଲା ସମସ୍ତଙ୍କ ଉପରେ ନିଜର କୃପା ଅବତୀର୍ଣ୍ଣ କରନ୍ତୁ । ଆମିନ୍ ।

ହଜୁର ଅନଓ୍ୱର ଅ ବ ଅ କହିଲେ; ବର୍ତମାନ ମୁଁ କେତେକ ମରହୁମୀନ୍ ଅର୍ଥାତ୍ ମୃତକମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଏବଂ ସେମାନଙ୍କର ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି । ପ୍ରଥମ ମୃତକ ଜଣକ ହେଉଛନ୍ତି ସମ୍ମାନନୀୟ ସ୍ୱର୍ଗତ ନସିମ୍ ମେହଦୀ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କ । ସେ ଶ୍ରୀମାନ୍ ମୌଲାନା ଅହମଦ୍ ଖାନ୍ ନସିମ୍ ସାହେବଙ୍କ ପୁତ୍ର ଥିଲେ । ବିଗତ ଦିନ ୬୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହେ ରାଜେଉନ୍ ।** ଅଲ୍ଲାଃତାଲାଙ୍କ କୃପାରୁ ସେ ମୁସି ଥିଲେ । ସେ ଦୁଇଥର ବିବାହ କରିଥିଲେ । ପ୍ରଥମ ସ୍ତ୍ରୀ ଙ୍କର ଦେହାନ୍ତ ହୋଇଯାଇଥିଲା । ତାଙ୍କ ପରିବାରରେ ଏବେ ତାଙ୍କ ଦ୍ୱିତୀୟ ପତ୍ନୀ ଓ ଦୁଇଜଣ ପତ୍ନୀଙ୍କଠାରୁ ଦୁଇ ଦୁଇ ଜଣ ପୁତ୍ର ଓ ଜଣେଲାଖେ ଝିଅ ଅଛନ୍ତି । ସ୍ୱର୍ଗତ ୧୯୭୬ ମସିହାରେ ଯାମିୟା ଅହେମଦିୟାରୁ ଶିକ୍ଷା ସମାପ୍ତ କରିଥିଲେ । ପୁଣି ଇସଲାହ୍ ଇରଶାଦ୍ ମୁକାମିରେ ତାଙ୍କୁ ସେବାକରିବାର ସୌଭାଗ୍ୟ ମିଳିଥିଲା । ପୁଣି ୧୯୭୭ ମସିହାରେ ତାଙ୍କୁ ମୁବଲ୍ଲିଗ୍ ଭାବରେ ସୁଇଜରଲାଣ୍ଡରେ ନିଯୁକ୍ତି ଦିଆଯାଇଥିଲା । ସେଠାରେ ତାଙ୍କୁ ଖିଦମତ୍ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ପୁଣି ୧୯୮୪ ମସିହାରେ ତାଙ୍କୁ ନାଏବ୍ ଓ୍ୱକିଲୁତ୍ ତବଶୀର୍ ଭାବରେ ନିଯୁକ୍ତ କରାଯାଇଥିଲା । କିଛି ମାସ ତାଙ୍କୁ କାଏମ୍ ମକାମ୍ ଓ୍ୱକିଲୁଲ୍ ତବଶୀର୍ ଭାବରେ ସେବା କରିବାର ସୌଭାଗ୍ୟ ମିଳିଛି । ୧୯୮୪ ମସିହା ଡ଼ିସେମ୍ବର ମାସରେ ସେ ଲଣ୍ଡନ ଆସିଥିଲେ । ଏଠାରେ ସେ ପ୍ରଇଭେଟ୍ ସେକ୍ରେଟାରୀ ଲଣ୍ଡନ୍ ଭାବରେ ମଧ୍ୟ ସେବା କରିବାର ସୌଭାଗ୍ୟ ଲାଭକରିଥିଲେ । ପୁଣି କିଛି ମାସ ପରେ ସେ ୧୯୮୫ ମସିହାରେ ଲଣ୍ଡନରୁ କାନାଡା ଚାଲିଗଲେ । ୧୯୮୫ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଜଣେ ମୁବଲ୍ଲିଗ୍ ହିସାବରେ ଏବଂ ଏହାପରେ କାନାଡ଼ାର ମୁବଲ୍ଲିଗ୍ ଇନଚାର୍ଜ ଭାବରେ ସେବା କରିବାକୁ ସୌଭାଗ୍ୟ ଲାଭକରିଥିଲେ । ସେହି ଅବଧିରେ ସେ କାନାଡ଼ାର ଅମୀର ମଧ୍ୟ ରହିଥିଲେ । ୨୦୦୯ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ଆମେରିକାର ମୁବଲ୍ଲିଗ୍ ଇନ୍‌ଚାର୍ଜ ଭାବରେ ମଧ୍ୟ ସେବା କାର୍ଯ୍ୟ କରିବାର ସୌଭାଗ୍ୟ ପାଇଥିଲେ । ପୁଣି ସେ ବେମାର ହୋଇଗଲେ । କିନ୍ତୁ ସେ ଲେଖିଲେ ଯେ ଡାକ୍ତର ତାଙ୍କୁ କହିଛନ୍ତି ଯେ ସେ ଅସୁସ୍ଥ ଥିବାରୁ ଅଧିକା ପରଶ୍ରମ କରିପାରିବେ ନାହିଁ । ସୁତରାଂ ସେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟି ନେଇଥିଲେ । ସେ ଯାହା ବି ହେଉ ମୁଁ ତାଙ୍କୁ ଲେଖିଥିଲି ଯେ ଯଦି ଏପରି ଅବସ୍ଥା, ଓ ଡାକ୍ତର କହୁଛନ୍ତି ତାହେଲେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅ । ଯେବେ ଠିକ ହୋଇଯିବେ ବତାଇଦେବେ । ଇନଶାଅଲ୍ଲାଃ ତାଲା ପୁଣି ଆପଣଙ୍କଠାରୁ କାମ ନିଆଯିବ । କିନ୍ତୁ ତାଙ୍କର ରୋଗ ବଢିଚାଲିଲା ।

ଯେମିତି କି ମୁଁ କହିସାରିଛି ଯେ ୧୯୮୫ ମସିହାରେ ସେ କାନାଡା ଯାଇଥିଲେ । ୧୯୮୬ ମସିହାରେ ମିଶନ୍ ହାଉସ୍ ବୈତୁଲ୍ ଇସ୍‌ଲାମ୍ ପାଇଁ ୨୪ ଏକର ଜମି କ୍ରୟ କରାଗଲା ଏବଂ ପରେ ଏହାକୁ ବାସୋପଯୋଗୀ ମଧ୍ୟ କରାଗଲା । ତାଙ୍କ ରହଣି ସମୟରେ ଅନେକ ଅହେମଦିମାନେ ଆସି କାନାଡ଼ା ଠାରେ ବସବାସ କଲେ ଏବଂ ସେ ସେହି ଲୋକମାନଙ୍କୁ ଖୁବ୍ ସାହାଯ୍ୟ ମଧ୍ୟ କରିଥିଲେ । ଆହୁରି ଅନେକ ଲେକେ ତାଙ୍କର କୃତଜ୍ଞ ଅଟନ୍ତି । ଟୋରାଂଟୋ, କ୍ୟାଲ୍‌ଗେରୀରେ ଦୁଇଟି ବଡ଼ ବଡ ମସ୍‌ଜିଦ୍ ନିର୍ମାଣ କରାଗଲା ଏବଂ ଅନ୍ୟ ଜମାଅତ୍‌ମାନଙ୍କରେ ମଧ୍ୟ ସେଂଟରମାନ ସ୍ଥାପନ କରାଗଲା । ହଜୁର ଅନଓ୍ୱର ଅ ବ ଅ କହିଲେ: ମୁଁ ଭାବୁଛି ବୋଧହୁଏ ଓ୍ୱାଙ୍କଓଭରର ମସ୍‌ଜିଦ୍ ମଧ୍ୟ ତାଙ୍କ ସମୟରେ ନିର୍ମିତ ହୋଇଥିଲା । ସେ ଯାହା ହେଉ ନା କାହିଁକି ଏହି ଦୁଇଟି ବଡ଼ ବଡ ମସ୍‌ଜିଦ୍ ତ ରହିଛି । ୨୦୦୩ ମସିହାରେ ତାଙ୍କ ସମୟରେ ହିଁ ଅଲ୍ଲାଃ ତାଲାଙ୍କ ଦୟା ତଥା କୃପା ବଳରେ ଯାମିୟା ଅହେମଦିୟା କାନାଡ଼ା ସ୍ଥାପିତ ହୋଇଥିଲା । ଏମ୍.ଟି.ଏ ନର୍ଥ ଅମେରିକା ଷ୍ଟେସନ ସ୍ଥାପନ କରିବାରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଅଲ୍ଲାଃ ତାଲା ତାଙ୍କର ଏହି ସମସ୍ତ ସେବାଗୁଡ଼ିକୁ ଗ୍ରହଣ କରନ୍ତୁ । ଆମିନ୍

ତାଙ୍କ ପତ୍ନୀ ଅମତୁଲ୍ ନସିର୍ ସାହିବା ଲେଖିଛନ୍ତି ଯେ ନସିମ୍ ମେହେଦୀ ସାହେବ୍ ଙ୍କ ସହିତ ଦାମ୍ପତ୍ୟ ଜୀବନର ୨୬ ବର୍ଷ ମଧ୍ୟରେ ମୁଁ ଯାହା ଦେଖିଛି ତାହା ହେଉଛି ଏହା କି ମୁଁ ତାଙ୍କୁ ପ୍ରତ୍ୟେକ ସୁଖ ଦୁଃଖରେ ନିଜର ସାଥି ପାଇଛି । ଅତ୍ୟନ୍ତ ସ୍ନେହି ତଥା ସମ୍ମାନଦେଉଥିବା ସ୍ୱାମୀ ଥିଲେ । ସ୍ନେହି ବାପା ଓ ଉତ୍ସର୍ଗୀ ଭାଇ ଥିଲେ । ମାନବିକତାର ଦରଦ ରଖିଥିବା ଜଣେ ଦରଦି ମଣିଷ ଥିଲେ । ଖିଲାଫତର ଆଜ୍ଞାକାରୀ ଥିଲେ । ଅଲ୍ଲାଃଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଥିଲେ । ପୂଣ୍ୟବନ୍ତ ମଣିଷ ଥିଲେ । ତାଙ୍କ ପତ୍ନୀ ପୁଣି ଲେଖିଛନ୍ତି ଯେ ସେ ଲୋକମାନଙ୍କ ପାଇଁ ନିସ୍ୱାର୍ଥପର ସେବା କରୁଥିଲେ । ଅନ୍ୟମାନଙ୍କ ସହିତ ବହୁତ ପ୍ରେମପୂର୍ଣ୍ଣ ସମ୍ପର୍କ ଥିଲା । ଜମାତ୍ ବିରୁଦ୍ଧରେ ନାତ କୌଣସି କଥା ଶୁଣୁଥିଲେ ନା କାହାକୁ କଥା ହେବାକୁ ଦେଉଥିଲେ ଏବଂ ନା କାହାକୁ ତାଙ୍କ ସାମନାରେ ଏପରି କଥା ହେବାକୁ ସାହସ ଥିଲା । ସେ ବହୁତ ଅତିଥିପରାୟଣ ଥିଲେ । ଦରୁଦ୍ ଶରିଫ୍ ପାଠ କରିବା ପ୍ରତି ବହୁତ ଧ୍ୟାନ ରହୁଥିଲା । ସେ କୁହନ୍ତି ଯେବେ ସେ ଉମରାଃ କରିବା ପାଇଁ ଗଲେ , ମୁଁ ପଚାରିଲି ଯେ କ'ଣ ଦୁଆ କଲେ ? ସେ କହିଲେ ଯେ ମୁଁ ତ ସେଠାରେ କେବଳ ଦରୁଦ୍ ଶରିଫ୍ ପଢିଛି ।

ତାଙ୍କ ଝିଅ ସାଆଦିୟା ମେହେଦୀ କୁହନ୍ତି ଯେ ; ମୋ ବାପା ଜଣେ ବହୁତ ଦୁଆ କରୁଥିବା ମଣିଷ ଥିଲେ । ପୁଣି ସେ କୁହନ୍ତି ;ଯେବେ ମୁଁ କେବେ ଦୁଆ କରିବାକୁ କହେ , ସେ ମତେ କହିଥାନ୍ତି ଯେ ଦରୁଦ ଶରିଫ୍ ପଢ । ଯେବେ ବି କୌଣସି ବିଷୟରେ ଦୁଆ କରିବାକୁ କହେ , ସର୍ବଦା ଦରୁଦ୍ ଶରିଫ୍ ପଢିବା ପ୍ରତି ଧ୍ୟାନ ଆକର୍ଷଣ କରିଥାନ୍ତି । ମୁଁ ଦିନେ ତାଙ୍କୁ ପଚାରିଲି ଯେ ଆପଣ ପ୍ରତ୍ୟେକ କଥାରେ ଏହା ହିଁ କହୁଛନ୍ତି ଯେ ଦରୁଦ୍ ଶରିଫ୍ ପଢ । ଏଥିରେ ସେ କୁହନ୍ତି ଯେ ଦରୁଦ୍ ଶରିଫ୍ ପଢ । ପୁଣି ବୁଝାଇଥାନ୍ତି ଯେ ସବୁଠାରୁ ବଡ ଦୁଆ ହେଉଛି ଦରୁଦ୍ ଶରିଫ୍ । ଯଦି ଏହା କୁବୁଲ୍ ଅର୍ଥାତ୍ ଗୃହିତ ହୋଇଯାଏ ତାହେଲେ ସବୁ ଦୁଆ ପୂରଣ ହୋଇଯିବ ।

ପୁଣି ଇସମତ୍ ଶରିଫ୍ ସାହିବା କୁହନ୍ତି

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଯେ ମେହେଦୀ ସାହେବ୍ ମୋର ଭିଣୋଇ ଥିଲେ । ମୁଁ ତାଙ୍କୁ ବାଇଶି ବର୍ଷହେବ ବହୁତ ନିକଟରୁ ଦେଖିଆସିଛି । ସେ ଅତ୍ୟନ୍ତ ଦୟାଳୁ , ଅତ୍ୟନ୍ତ ଯତ୍ନଶୀଳ ଓ ଅତ୍ୟନ୍ତ ସ୍ନେହି ଲୋକ ଥିଲେ । ଯୁଗ ଖଲିଫାଙ୍କ ସହିତ ବି ତାଙ୍କର ଅଗାଢ ଆସ୍ଥା ଓ ଭକ୍ତି ଥିଲା । ତାଙ୍କ ଭଉଣୀ କୁହନ୍ତି ଯେ ଯେବେ ସେ ସୁଇଜରଲ୍ୟାଣ୍ଡରେ ମୁବଲ୍ଲିଗ୍ ଥିଲେ , ସେତେବେଳେ ଜଣେ ସୁଇସ୍ ଝିଅ ଯିଏ ଅହେମଦୀ ହୋଇଯାଇଥିଲେ , ସେ ଜଲସା ସାଲାନା ରବଓ୍ୱା ରେ ଯୋଗଦେବା ପାଇଁ ଆସିଥିଲେ । ଏବଂ ରବଓ୍ୱା ରେ ଆମ ଘରକୁ ଆସି କହିଲେ ଯେ ମୁଁ ନସିମ୍ ମେହେଦୀ ଙ୍କ ମାଆଙ୍କ ସହିତ ସାକ୍ଷାତ କରିବାକୁ ଚାହୁଁଛି । ପୁଣି ସେ କହିଲେ ଯେ ମୋର ଆନ୍ତରିକ ଇଛା ଅଛି ଯେ ମୁଁ ସେହି ମାଆଙ୍କୁ ସାକ୍ଷାତ କରିବି ଯାହାଙ୍କ ପୁଅ ଏତେ ବୁଦ୍ଧିମାନ , ଯିଏ ଏତେ ଅଳ୍ପ ସମୟ ମଧ୍ୟରେ ଏତେ ଗୁଡିଏ ଭାଷା ଶିଖିଛନ୍ତି ଏବଂ ବିନା କୌଣସି ସଂକୋଚରେ ସେ ତବଲିଗ୍ (ଅର୍ଥାତ ଧର୍ମ ପ୍ରଚାର ଓ ପ୍ରସାର) କାମରେ ଲାଗିରହିଥାନ୍ତି ଓ ବହୁତ ସୁନ୍ଦର ଭାବରେ ପ୍ରତ୍ୟେକ ବିଷୟରେ କଥା ହୋଇଥାନ୍ତି ।

ତାଙ୍କର ବୋହୂ କୁହନ୍ତି ଯେ ସେ ସର୍ବଦା ଆମକୁ ଦରୁଦ ଶରିଫର ଗୁରୁତ୍ୱ ଓ ତା ସାହାରାରେ ଦୁଆ କୁବୁଲ୍ ଅର୍ଥାତ୍ ଗୃହିତ ହେବାର ଗୁରୁତ୍ୱ ସମ୍ବନ୍ଧରେ ବତାଇଥାନ୍ତି । ସେ ଥରେ ବତାଇଲେ ଯେ ମୁଁ ଏୟାରପୋର୍ଟର ଲାଇନରେ ଛିଡା ହୋଇଥିଲି ଓ ଚିନ୍ତା ସୃଷ୍ଟି ହେଲା ଯେ ତାଙ୍କ ପାସପୋର୍ଟର ଅବଧି ଶେଷ ହୋଇଯାଇଅଛି । ତତକ୍ଷଣାତ୍ ଦରୁଦ ଶରିଫ ପଢିବା ଆରମ୍ଭ କରିଦେଲେ ଓ ଲାଇନରେ ସେହିପରି ଛିଡା ହୋଇଥିଲେ । କାଉଁଟରରେ ଥିବା ଲୋକଜଣକ ତାଙ୍କ ପାସପୋର୍ଟକୁ ଦେଖିଲେ ବି ନାହିଁ । ଏହିପରି ଆଗକୁ ବଢାଇଦେଲେ ।

ତାଙ୍କ ଜ୍ୱାଇଁ ଲେଖିଛନ୍ତି ଯେ ଯେବେଠାରୁ ମୋର ବିବାହ ହେଲାଣି ସେ ମତେ ବହୁତ ସ୍ନେହ କରିଆସୁଛନ୍ତି । ନିଜ ହାତରେ ଚା ତିଆରି କରି ପିଇବାକୁ ଦିଅନ୍ତି । ଫଜର୍ ନମାଜ୍ ପରେ ମୋ ସହିତ ବସିଯାଆନ୍ତି ଏବଂ ପବିତ୍ର କୁରଆନର କୌଣସି ଆୟତ ବା କୌଣସି ଘଟଣା ଶୁଣାନ୍ତି । ପୁଣି ତାହାର ବ୍ୟାଖ୍ୟା କରନ୍ତି । ଏହିପରି ସେ ବହୁତ ସୁନ୍ଦର ଭାବରେ ଆମର ତରବିୟତ୍ ଅର୍ଥାତ୍ ପ୍ରଶିକ୍ଷଣ କରୁଥିଲେ ।

ତାଙ୍କ ଝିଅ ନଓ୍ୱାଲ୍ ମେହଦୀ କୁହନ୍ତି ଯେ ମୁଁ ସର୍ବଦା ତାଙ୍କୁ ଦେଖିଆସିଛି ଯେ ତାଙ୍କୁ ପବିତ୍ର କୁରଆନ୍ ପ୍ରତି ବହୁତ ଧ୍ୟାନ ତଥା ବହୁତ ସଉକ ଥିଲା । ସେ ପବିତ୍ର କୁରଆନ୍ ର ପ୍ରକୃତ ପ୍ରେମୀ ଥିଲେ ଓ ଆମକୁ ବି କହୁଥିଲେ ଯେ ପବିତ୍ର କୁରଆନ୍ କୁ ଗଭୀର ଭାବରେ ଅଧ୍ୟୟନ କର । ଏହାର ଅର୍ଥକୁ ବୁଝିବାକୁ ଚେଷ୍ଟା ଯଦି କରିବ ତାହେଲେ ତୁମେ ଅଲ୍ଲାଃତାଲାଙ୍କ ଶକ୍ତିର ଦୃଶ୍ୟକୁ ଦେଖିପାରିବ ଓ ପବିତ୍ର କୁରଆନକୁ ପଢିବାର ମଜା ବି ମିଳିବା ଆରମ୍ଭ ହୋଇଯିବ । ସେ ପୁଣି କୁହନ୍ତି : ସେ ନିୟମିତ ଭାବରେ ତହଜ୍ଜୁଦ୍ ନମାଜ ପଢୁଥିଲେ । କୟାମ୍ , ରୁକୁ ଏବଂ ସଜଦାଃ ବହୁତ୍ ଲମ୍ବା କରୁଥିଲେ । ତାଙ୍କ ନମାଜ ବହୁତ ଭାବବିହୋଳ ହେଉଥିଲା । ପବିତ୍ର ରମଜାନ୍ ମାସରେ ପବିତ୍ର କୁରଆନ ଦରସ୍ ପ୍ରତି ନିୟମିତ ବ୍ୟବସ୍ଥା କରୁଥିଲେ । ବହୁତ ପରଶ୍ରମ କରି ଦରସ ପ୍ରସ୍ତୁତ କରୁଥିଲେ । ଏକଥା ଆହୁରି ଅନେକ ଲୋକେ ବି ଲେଖିଛନ୍ତି । ପବିତ୍ର କୁରଆନରେ ଥିବା କଠିନ ଶବ୍ଦର ଅର୍ଥ ବୁଝାଉଥିଲେ । ସହଜ ଶବ୍ଦ ବ୍ୟବହାର କରୁଥିଲେ ଯଦ୍ୱାରା ଲୋକମାନେ ବୁଝିପାରିବେ ।

ଅମୀର୍ ଜମାଅତ୍ କାନାଡା ଲାଲ୍ ଖାନ୍ ସାହେବ୍ କୁହନ୍ତି : ପୂର୍ବତନ ଅମୀର୍ ତଥା ମିଶନାରୀ ଇନଚାର୍ଜ କନାଡା ଙ୍କ ସହିତ ମୁଁ ୧୯୮୭ ମସିହାରୁ ନେଇ ବହୁତ ଲମ୍ବା ସମୟ ଧରି କାମ କରିଥିଲି । ଅଲ୍ଲାଃତାଲା ତାଙ୍କୁ ବଡ ବଡ ସୁଗୁଣର ଅଧିକାରୀ କରିଥିଲେ । ଯେଉଁ ବିଶେଷତ୍ୱ ଥିଲା ସେ ଜମାଅତର ସେବାରେ ବିନିଯୋଗ କରିଥିଲେ । ତାଙ୍କୁ ବନ୍ଧୁତା ସ୍ଥାପନ କରିବା ତଥା ବନ୍ଧୁତାକୁ ବଜାୟ ରଖିବା ଏବଂ ସେହି ବନ୍ଧନକୁ ଜମାତର ହିତରେ ବ୍ୟବହାର କରିବାର ସାମର୍ଥ୍ୟ ଅଲ୍ଲାଃତାଲା ତାଙ୍କୁ ଦେଇଥିଲେ । କାନାଡିୟ ସମାଜର ବିଭିନ୍ନ ବିଭାଗର ନେତୃସ୍ଥାନୀୟ ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ସେମାନଙ୍କୁ ଜମାତ୍ ସହିତ ପରିଚିତ କରାଇଥିଲେ । ମାଶାଅଲ୍ଲାଃ ତାଙ୍କ ନିକଟରେ ଏହି ଗୁଣ ବହୁତ ସୁନ୍ଦର ଭାବରେ ଭରିରହିଥିଲା । ଯାହା ସହିତ ବି ସମ୍ପର୍କ ସ୍ଥାପନ କରିଥିଲେ , ବହୁତ ଗଭୀର ସମ୍ପର୍କ ସ୍ଥାପନ କରିଥିଲେ । ଅନ୍ୟମାନେ ବି ଏହି ସମ୍ପର୍କକୁ ବଜାୟ ରଖିଥିଲେ । ଅନ୍ୟ ସମ୍ପ୍ରଦାୟର ଲୋକମାନେ ବି ତାଙ୍କ ମୃତ୍ୟୁରେ ସମବେଦନା ଜଣାଇଛନ୍ତି । ପୁଣି ସେହି ଲାଲ୍ ଖାନ୍ ସାହେବ୍ ଲେଖିଛନ୍ତି ଯେ ଅଲ୍ଲାଃତାଲା ତାଙ୍କୁ ପାକିସ୍ତାନ୍ ତଥା ଅନ୍ୟାନ୍ୟ ଦେଶଗୁଡିକରୁ ଆସିଥିବା ଲୋକମାନଙ୍କ ପ୍ରତି ଏବଂ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ମାର୍ଗଦର୍ଶନ ତଥା ସେମାନଙ୍କ ପ୍ରତି ଥିବା ଦାୟିତ୍ୱ ଓ କର୍ତବ୍ୟକୁ ନିର୍ବାହ କରିବାକୁ ଶକ୍ତି ପ୍ରଦାନ କରିଥିଲେ । ପୁଣି ସେ କୁହନ୍ତି ଯେ ମଜଲିସ୍ ଆମିଲାର ସଦସ୍ୟମାନଙ୍କ ସହିତ ତାଙ୍କର ଯୋଗା ଯୋଗ ଓ ସମ୍ପର୍କ ସାଙ୍ଗ ସାଥି ପରି ଥିଲା । ସେ କୁହନ୍ତି ମତେ ତାଙ୍କ ଇମାରତ୍ ଅର୍ଥାତ୍ ତାଙ୍କ ଅମୀର୍ ରହିବା ସମୟରେ କୋଡିଏ ବର୍ଷ କାମ କରିବାର ସୁଯୋଗ ମିଳିଥିଲା । ସେହି ସମୟରେ ସେ ମତେ କେବେ ବି ଏ ଅନୁଭବ କରିବାକୁ ଦେଇନାହାନ୍ତି ଯେ ତାଙ୍କ ଅମୀର୍ ହେବା ହେତୁ ମୁଁ ତାଙ୍କ ଅଧିନରେ ଅଛି ବୋଲି ବରଂ ତାଙ୍କର ବ୍ୟବହାର ମୋ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଥିଲା ।

ପୁଣି ଡାକ୍ତର ଅସଲମ୍ ଦାଉଦ୍ ସାହେବ୍ କୁହନ୍ତି ଯେ ନସିମ୍ ମେହେଦୀ ସାହେବ ଙ୍କୁ ଆଓ୍ୱାର୍ଡ ଆଫ୍ ଓଂଟାରିୟୋର ପଦକ ୨୦୦୯ ମସିହାରେ ମିଳିଥିଲା । ତାହା ପ୍ରଦେଶର ସବୁଠାରୁ ସମ୍ମାନଜନକ ପୁରସ୍କାର ଯାହା କୌଣସି ନାଗରିକକୁ ଦିଆଯାଇଥାଏ । ଏହି ସମ୍ମାନ ଯେ କୌଣସି ଫିଲ୍ଡରେ ସଫଳତା ପାଇଁ ଏବଂ ସର୍ବୋଚ୍ଚ ସେବା ଲାଗି ପ୍ରଦାନ କରାଯାଇଥାଏ । ସେ କୁହନ୍ତି ଯେ ଯେବେ ସେ ଆମେରିକାରେ ମୃତୟନ ହେଲେ, ଏକଦା ଜଲ୍ସା ସାଲାନା ଅବସରରେ ତାଙ୍କ ସହିତ ମୋର ସାକ୍ଷାତ ହେଲା । ସେତେବେଳେ ସେ ମୋତେ ଉପଦେଶ ଦେଲେ ଯେ ତୁମେ ଯେଉଁ ପୋଜିଶନରେ ଏବେ ଅଛ ,ତୁମେ ଯେତେ ଅଧିକା ଲୋକମାନଙ୍କ ର ସେବା କରିପାରୁଛ କରିଚାଲ । ଯେବେ ବି ଜମାତର କୌଣସି ସଦସ୍ୟ ତୁମ ନିକଟକୁ ଆସନ୍ତି ତୁମେ ତାଙ୍କର ସାହାଯ୍ୟ କରିଚାଲ । କେବେ ବି ସେମାନଙ୍କୁ ଧିକ୍କାର କରନାହିଁ । ଯାହା କିଛି ସେମାନଙ୍କ ପାଇଁ କରିପାରୁଛ କର । ପୁଣି ସେ କହିଲେ ଯେ ଲୋକମାନେ ବେଳେ ବେଳେ ସଠିକ ଭବରେ କହିପାରନ୍ତି ନାହିଁ । ତେଣୁ ଗୁପ୍ତ ଭାବରେ ସେମାନଙ୍କର ଠିକଣା ଖୋଜି ସେମାନଙ୍କୁ ସାହାଯ୍ୟ କରିବା ଉଚିତ । ପୁଣି ସେ କୁହନ୍ତି ମୁଁ ତାଙ୍କୁ ସର୍ବଦା ଦେଖିଆସିଛି ଯେ ସେ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରିଆସୁଛନ୍ତି ଓ ସର୍ବଦା ସେ ଏପରି ସାହାଯ୍ୟ କରୁଥିଲେ ଯେ ଏତତଦ୍ୱାରା କୌଣସି ଅଭାବୀ ଲୋକ ଯେମିତି ଲଜ୍ଜିତ ନହେବ ।

ଶକୁର୍ ସାହେବ୍ ମୁରବୀ ସିଲସିଲା କୁହନ୍ତି ଯେ ତାଙ୍କର ବହୁତ କଥାମାନଙ୍କ ମଧ୍ୟରୁ ଗୋଟିଏ ଉପଦେଶ ଯାହା ମୋ ମନରେ ଘର କରି ରହିଯାଇଛି , ତାହା ହେଉଛି ଏହା କି ,ସେ କୁହନ୍ତି ମୁଁ ଜାମିଆ ଅହେମଦୀୟାରେ ପାଠ ପଢୁଥିବା ସମୟରେ ମୁଁ ସେତେବେଳେ ବୋଧହୁଏ ଦରଯାଃ ସାନିୟାଃ (ଅର୍ଥାତ୍ ଜାମିଆ ଅହେମଦୀୟାର ଦ୍ୱିତୀୟ ଶ୍ରେଣୀରେ) ପଢୁଥିଲି । ଏକଦା ମୁଁ ଅସର୍ ନମାଜ ବେଳେ ଚପଲ ପିନ୍ଧି ମସଜିଦକୁ ଚାଲିଆସିଲି । ଏଥରେ ସେ କହିଲେ ସିଲସିଲାର ଜଣେ ମୁରବୀକୁ ପ୍ରତ୍ୟେକ ପରିସ୍ଥିତି ପାଇଁ ପ୍ରସ୍ତୁତ ହୋଇ ଘରୁ ବାହାରିବା ଉଚିତ୍ । ଯଦ୍ୱାରା ଯଦି କିଛି ଆଦେଶ ମିଳିଯାଏ ,ତୁରନ୍ତ ସେହିଠାରୁ ସେହି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ତୁମେମାନେ ପ୍ରସ୍ତୁତ ହୋଇ ଚାଲିଯିବ । ଏପରି ନହେଉ କି ତୁମେ ଏକଥା କହିବ ଯେ ମୁଁ ଘରକୁ ଯାଇ ପ୍ରସ୍ତୁତ ହୋଇ ଆସୁଅଛି । ମାନସିକ ତଥା ଶାରୀରିକ ଭାବରେ ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ ।

ଏହିପରି ମୁରବୀ ସିଲସିଲା ଆମେରିକା ଶ୍ରୀମାନ୍ ଫରାସତ୍ ଉମର୍ ସାହେବ୍ କହିଛନ୍ତି ଯେ ଯେବେ ଜାମିଆରେ ମୋର ଇଂଟରଭ୍ୟୁ ହେଲା , ମେହେଦୀ ସାହେବ ପ୍ରଶ୍ନ ପଚାରିଲେ ଯେ ଯଦି ତୁମକୁ ମିଶନାରୀ ଭାବରେ ଆଫ୍ରିକା ଦେଶକୁ ପଠାଯାଏ ଓ ସେଠାରେ ସ୍ଥାନୀୟ ଲୋକମାନଙ୍କ ତରଫରୁ ମୁଖାଲିଫତ୍ ଅର୍ଥାତ ବିରୋଧ କରାଯାଏ ତାହେଲେ ତୁମେ କାହା ସହିତ ପ୍ରଥମେ ଯୋଗାଯୋଗ କରିବ ନିଜ ମାଆଙ୍କ ସହିତ ବା ଖଲିଫତୁଲ୍ ମସିହ୍ ଙ୍କ ସହିତ ? ଏଥିରେ ମୁଁ ଚିନ୍ତାକରି କହିଲି ଖଲିଫତୁଲ୍ ମସିହ୍ ଙ୍କ ସହିତ । ଏହା ଶୁଣି ନସିମ୍ ମେହେଦୀ ସାହେବ୍ କହିଲେ ଯେ ଏହି ଆଧାରରେ ମୁଁ ତୁମର ସୁପାରିଶ କରୁଅଛି ଯେ ତୁମକୁ ଜାମିଆରେ ପ୍ରବେଶ ଦିଆଯାଉ ଓ ଏହା ହିଁ ସଠିକ ଉତର ।

କରନେଲ୍ ଦିଲଦାର୍ ସେହେବ ଯିଏ ସେକ୍ରେଟାରୀ ମିଶନ୍ ହାଉସ୍ ଅଛନ୍ତି । ସେ କୁହନ୍ତି ଯେ ନସିମ ମେହେଦୀ ସାହେବଙ୍କଠାରେ ଖିଲାଫତର ଆଜ୍ଞାପାଳନ କରିବାର ମନୋଭାବ ସ୍ୱତନ୍ତ୍ର ଥିଲା । ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟମାନଙ୍କ ମଧ୍ୟରୁ ଗୋଟିଏ କାମ ହେଉଛି ପିସ୍ ଭିଲେଜ୍ ସ୍ଥାପନ । ଏହା ଏମିତି ଭାବରେ ସୃଷ୍ଟି ହୋଇଥିଲା ଯେ ଯେଉଁ ସମୟରେ କାନାଡାର ଜଲସା ସାଲାନା ମସଜିଦ୍ ବଇତୁଲ୍ ଇସଲାମ୍ ସହିତ ସଂଲଗ୍ନ ପଡିଆରେ ଅନୁଷ୍ଠିତ ହେଉଥିଲା । ସେତେବେଳେ ତା ସହିତ ସଂଲଗ୍ନ ଥିବା ଚାଷଜମି ଖଣ୍ଡିକର ମାଲିକାଣୀ ଜଲସା ସାଲାନା ଅବସରରେ ପ୍ରତି ବର୍ଷ ଏ ଅଭିଯୋଗ କରୁଥିଲା ଯେ ଜଲସାର କୋଳାହଳ ଦ୍ୱାରା ତାଙ୍କୁ ବହୁତ ଘାବେରା ଛାନିଆ ଲାଗୁଛି ଏବଂ ଲଙ୍ଗର୍ ଖାନାର ବାସ୍ନା ତାଙ୍କୁ ସହ୍ୟ ହେଉନାହିଁ । ଅବଶ୍ୟ କିଛିଦିନ ପରେ ଯେବେ ସରକାର ସେହି ଚାଷଜମିକୁ ଜୋନିଂ କଲେ ଏବଂ ତାକୁ ଆବାସିକ ଜୋନରେ ପରିଣତ କଲେ, ସେତେବେଳେ ନସିମ୍ ମେହେଦୀ ସାହେବ୍ ଚିନ୍ତିତ

ଅବଶିଷ୍ଟାଂଶ ପୃଷ୍ଠା- ୨୧ ରେ ଦେଖନ୍ତୁ ......

## ୧୨୭ ତମ ଜଲ୍ସା ସାଲାନା କାଦିଆନ୍

୧୨୭ ତମ ଜଲ୍ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍ସା ସାଲାନ ସଫଳ ଓ ବାବର୍କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍ଲାହ୍ ଓ୍ୱ ଇର୍ଶାଦ୍ ମର୍କଜିୟା କାଦିଆନ୍)***

ତକରିର୍ ଜଲ୍‌ସା ସାଲାନା କାଦିଆନ୍ ୨୦୨୧

# ରାଷ୍ଟ୍ରମୁଖ୍ୟମାନଙ୍କ ନିମନ୍ତେ ମୁହମ୍ମଦ ସ ଆ ସଙ୍କ ସୁନ୍ଦର ଆଦର୍ଶ

(ମୁହମ୍ମଦ ଇନାମ୍ ଘୋରୀ, ନାଜିର୍ ଆଲା ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିଆନ୍)

إِنَّ اللّٰهَ يَأْمُرُكُمْ أَنْ تُؤَدُّوا الْأَمٰنٰتِ إِلٰى أَهْلِهَا ۙ وَإِذَا حَكَمْتُمْ بَيْنَ النَّاسِ أَنْ تَحْكُمُوْا بِالْعَدْلِ ۗ إِنَّ اللّٰهَ نِعِمَّا يَعِظُكُمْ بِهٖ ۗ إِنَّ اللّٰهَ كَانَ سَمِيْعًا بَصِيْرًا (سورۃ النساء آیت 59)

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି:- *ଇନ୍ନଲ୍ଲାହା ୟାମୁରୁକୁମ୍........ ଇନ୍ନଲ୍ଲାହା କାନା ସମିଅନ୍ ବସିରା (ସୁରଃ ନିସା:୫୯)*

ଅନୁବାଦ:- ବାସ୍ତବରେ ଅଲ୍ଲାଃ ତୁମମାନଙ୍କୁ ଆଦେଶ ଦେଇଛନ୍ତି ଯେ ତୁମେମାନେ ଅମାନତକୁ ତାହାର ହକ୍‌ଦାର (ବ୍ୟକ୍ତି)ମାନଙ୍କୁ ଅର୍ପଣ କର ଏବଂ ତୁମେମାନେ ଲୋକମାନଙ୍କ ମଧ୍ୟରେ ନିଷ୍ପତି କରିବା ବେଳେ ନ୍ୟାୟ ସଙ୍ଗତ ଭାବେ ନିଷ୍ପତି କର; ଅଲ୍ଲାଃ ଯେଉଁ ବିଷୟରେ ତୁମମାନଙ୍କୁ ଉପଦେଶ ଦେଇଛନ୍ତି ତାହା ବାସ୍ତବିକ ଅତି ଉତମ; ବାସ୍ତବରେ ଅଲ୍ଲାଃ ମହାନ୍ ଶ୍ରୋତା (ଓ) ମହାନ୍ ଦ୍ରଷ୍ଟା ।

اَلَّذِيْنَ اِنْ مَّكَّنّٰهُمْ فِي الْاَرْضِ اَقَامُوا الصَّلٰوةَ وَاٰتَوُا الزَّكٰوةَ وَاَمَرُوْا بِالْمَعْرُوْفِ وَنَهَوْا عَنِ الْمُنْكَرِ ۗ وَلِلّٰهِ عَاقِبَةُ الْاُمُوْرِ (الحج آیت 42)

***ଅଲ୍ଲଜିନା ଇମ୍ ମକ୍କନ୍ନାହୁମ୍ ଫିଲ୍ ଅର୍‌ଜି.......... ୱ ଲିଲ୍ଲାହି ଆକିବତୁଲ୍ ଉମୁର୍ (ସୁରଃ ହଜ୍: ୪୨)***

ଅନୁବାଦ:-ଏମାନେ ହେଉଛନ୍ତି ସେହି ଲୋକେ, ଯେଉଁମାନଙ୍କୁ, ଯଦି ଆମ୍ଭେ ଏହି ସଂସାରରେ ଶକ୍ତି ପ୍ରଦାନ କରିବୁ ତେବେ ସେମାନେ ସୁଚାରୁରୂପେ ନମାଜ ପାଠ କରିବେ ଓ ଜକାତ୍ ଦେବେ ଏବଂ ସତ୍‌କାର୍ଯ୍ୟ ପାଇଁ ଆଦେଶ ଦେବେ ଓ ଅସତ୍ କାର୍ଯ୍ୟରୁ ବାରଣ କରିବେ; ଏବଂ ସମସ୍ତ କାର୍ଯ୍ୟର ପରିଣାମ ଅଲ୍ଲାଃଙ୍କଠାରେ ରହିଅଛି ।

اِنَّ لَكَ اَلَّا تَجُوْعَ فِيْهَا وَلَا تَعْرٰى ۝ وَاَنَّكَ لَا تَظْمَؤُا فِيْهَا وَلَا تَضْحٰى ۝ (سورۃ طٰہٰ آیات 119تا120)

***ଇନ୍ନା ଲକା ଅଲ୍ଲା ତଜୁଆ....... ୱଲା ତଜ୍‌ହା (ସୁରଃ ତାହା:୧୧୯-୧୨୦)***

ଅନୁବାଦ:- ଏଠାରେ କେବେ ତୁମେ କ୍ଷୁଧାର୍ତ ହେବ ନାହିଁ କି ଉଲଗ୍ନ ରହିବ ନାହିଁ । ଏବଂ ତୁମେ ତୃଷାର୍ତ ହେବ ନାହିଁ କି ରୌଦ୍ର ତାପରେ କଷ୍ଟ ପାଇବ ନାହିଁ ।

ଉପରୋକ୍ତ ତିନୋଟି ଆୟତ ଯାହାର ମୁଁ ଆବୃତି କରିବା ପରେ ଅନୁବାଦ ବି ପାଠ କଲି, ସେଥିରେ କୌଣସି ବି ରାଷ୍ଟ୍ରର/ ଦେଶର ନାଗରିକ ଓ ଶାସକ, ସେ ଯେ କୌଣସି ପ୍ରକ୍ରୀୟାରେ ଶାସନ ଚଳାଉଥାନ୍ତୁ ନା କାହିଁକି, ଉଭୟଙ୍କ ପାଇଁ ଏଥିରେ ସ୍ୱଚ୍ଛ ବାର୍ତା ଓ ଏକ ନିୟମାବଳୀ ଉପସ୍ଥାପନ କରାଯାଇଅଛି । ଦେଶର ନାଗରିକମାନଙ୍କୁ ଏ ଆଦେଶ ଦିଆଯାଇଅଛି ଯେ ନିର୍ବାଚନର ଗଣତାନ୍ତ୍ରିକ ପ୍ରକ୍ରିୟା ଅତି କମ୍‌ରେ ସଚ୍ଚୋଟତା ଉପରେ ଆଧାରିତ ହେବା ଉଚିତ । ଏପରି ଅଧିକାରୀ/ ଶାସକ ଚୟନ ତଥା ମନୋନୀତ କରିବାକୁ ପ୍ରୟାସ କରିବା ଉଚିତ ଯିଏ କେବଳ ସଚ୍ଚୋଟ ହୋଇନଥିବେ ବରଂ ଜାତୀୟ ଦାୟିତ୍ୱକୁ ନିର୍ବାହ କରିବା ପାଇଁ ସକ୍ଷମ ହୋଇଥିବେ ଏବଂ ଯେତେବେଳେ ସରକାର ଗଠନ ହୋଇଯିବ ସେତେବେଳେ ରାଷ୍ଟ୍ରମୁଖ୍ୟ (ଅର୍ଥାତ ସରକାର)ଙ୍କ ଏ କର୍ତବ୍ୟ ଯେ ବିନା କୌଣସି ଭେଦଭାବରେ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସହିତ ନ୍ୟାୟ ଆଚରଣ କରି ଦେଶର ନାଗରିକମାନଙ୍କର ଅଧିକାରକୁ ପ୍ରଦାନ କରିବା ପାଇଁ ଚେଷ୍ଟା କରିବେ ।

ନାଗରିକମାନଙ୍କର ଅଧିକାର ଭିତରୁ ପ୍ରାଥମିକ ଅଧିକାର ହେଉଛି ମୌଳିକ ଆବଶ୍ୟକତାର ବ୍ୟବସ୍ଥା କରିବା । ସର୍ବନିମ୍ନ ମୌଳିକ ଆବଶ୍ୟକତା ହେଉଛି ଏହା କି କୌଣସି ଲୋକ ଭୋକିଲା ନ ରହୁ । ପିଇବା ପାଣିର ବ୍ୟବସ୍ଥା କରିବା ପାଇଁ ଚେଷ୍ଟା କରାଯାଉ ଶରୀର ଢ଼ାଙ୍କିବା ପାଇଁ ବସ୍ତ୍ର ଏବଂ ରହିବା ପାଇଁ ସରକାରଙ୍କ ସାଧନ ଅନୁସାରେ ବାସଗୃହର ବ୍ୟବସ୍ଥା କରାଯାଉ । ଏହି ଉଦ୍ଦେଶ୍ୟକୁ ସାର୍ଥକ କରିବା ପାଇଁ ଇସ୍‌ଲାମ୍‌ରେ ଜକାତ ତଥା ଜିଜିୟା (କର) ବ୍ୟବସ୍ଥା ଜାରି କରାଯାଇଛି ।

ତା'ପରେ ସରକାରଙ୍କର ଏ କର୍ତବ୍ୟ ରହିବା ଉଚିତ ଯେ ନାଗରିକର ବିଶ୍ୱାସ ଓ ପ୍ରଥା ଅନୁଯାୟୀ, ସେମାନଙ୍କୁ ଉପାସନା (ବା ପୂଜା) କରିବାର ସ୍ୱାଧିନତା ଦିଆଯାଉ । ମସ୍‌ଜିଦ୍, ଚର୍ଚ୍ଚ, ସିନେଗାଗ୍ (ଅର୍ଥାତ ଇହୁଦୀମାନଙ୍କ ଧର୍ମପୀଠ) ଏବଂ ମନ୍ଦିରମାନଙ୍କର ସମ୍ମାନ ଓ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯିବା ଉଚିତ । ଏପରି ଏକ ସମାଜ ପ୍ରତିଷ୍ଠା କରିବାକୁ ଚେଷ୍ଟା କରାଯାଉ ଯେଉଁ ସମାଜରେ ଲୋକମାନେ ନିଜକୁ ଓ ଅନ୍ୟମାନଙ୍କୁ ବି ସଦ୍‌ବ୍ୟବହାର ଦେଖାନ୍ତୁ , ନୈତିକତା ଓ ନ୍ୟାୟବାନ ହେବା ପାଇଁ ପରାମର୍ଶ ଦେବାରେ ଅଭ୍ୟସ୍ତ ହୋଇଯାଆନ୍ତୁ ଏବଂ ନିଜକୁ ଓ ଅନ୍ୟମାନଙ୍କୁ ସମସ୍ତ ଅବାଞ୍ଛିତ ବିଷୟରୁ ରକ୍ଷା କରନ୍ତୁ । ତାହା ସାଂସାରିକ ହେଉ ବା ଧାର୍ମିକ, ଚାରିତ୍ରିକ ହେଉ ବା ସାମାଜିକ ତଥା ଅର୍ଥନୈତିକ ବିଷୟ ହୋଇଥାଉ ନା କାହିଁକି ।

ଏହି ସଂକ୍ଷିପ୍ତ ମୁଖବନ୍ଧ ପରେ ଆସନ୍ତୁ ଏବେ ସୟଦନା **ହଜରତ ଅକଦସ୍ ମୁହମ୍ମଦ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍**‌ଙ୍କୁ ଗୋଟିଏ ରାଜ୍ୟର ରାଜ୍ୟମୁଖ୍ୟ ହେବାର ଯେଉଁ ସୌଭାଗ୍ୟ ମିଳିଥିଲା ସେଥିରେ ମହାଭାଗ ସ ଆ ସଙ୍କର କ'ଣ ଆଦର୍ଶ ଥିଲା ? ତାହାର ସମୀକ୍ଷା କରିବା ପାଇଁ ମଦିନା ମନୱ୍ୱାରର ସ୍ଥିତି ଉପରେ ଏକ ସଂକ୍ଷିପ୍ତ ଦୃଷ୍ଟି ପକାଇବା ।

ନବୁୱ୍ୱତ୍‌ର ଦାବି ପରେ ପବିତ୍ର ମକ୍କାରେ ଦୀର୍ଘ (୧୩) ବର୍ଷ କାଳ ଦୁଃଖ ଓ ଯାତନା ସହିବା ପରେ ଅଲ୍ଲାଃଙ୍କ ନିର୍ଦ୍ଦେଶାନୁସାରେ ୟସରବ୍ (ଅର୍ଥାତ ବର୍ତମାନର ମଦିନା) ଆଡ଼କୁ ହିଜ୍‌ରତ୍ (ସ୍ଥାନାନ୍ତର) କରିବାର ଘଟଣା ଘଟିଲା । ମଦିନା ପହଂଚିବା ପରେ ମହାଭାଗ ସ ଆ ସଙ୍କ ମନରେ ଯେଉଁ ପ୍ରଥମ ଚିନ୍ତା ଘାରିଥିଲା, ତାହା ବାଯମାଅତ୍ (ଅର୍ଥାତ ସାମୁହିକ) ନମାଜ ପାଠ ନିମନ୍ତେ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରିବାର ଯୋଜନା ଥିଲା । ସୁତରାଂ ସର୍ବପ୍ରଥମେ "କୁବା" ନାମକ ସ୍ଥାନରେ, ଯେଉଁଠି ମହାଭାଗ ସ ଆ ସ କିଛି ଦିନ ରହିଥିଲେ, ସେଠାରେ ପ୍ରଥମ ମସ୍‌ଜିଦ୍ ନିର୍ମାଣ କରାଇଲେ । ମଦିନାରେ ପହଂଚି ଦୁଇଜଣ ଅନାଥ ପିଲାଙ୍କଠାରୁ ଜମି କିଣି ମସ୍‌ଜିଦ୍ ନବୱ୍ୱିର ଭିତିପ୍ରସ୍ତର ସ୍ଥାପନ କଲେ । ଖଜୁରୀ ଗଛର ଶାଖାଗୁଡ଼ିକରେ ଛାତ ତିଆରି କରି ଅତି ସରଳ ଓ ପ୍ରଶସ୍ତ ମସ୍‌ଜିଦ୍ ଟିଏ ନିର୍ମାଣ କରାଇଲେ । ଏହିପରି **ଅଲ୍ଲଜିନା ଇମ୍ ମକ୍କାନ୍ନାହୁମ୍ ଫିଲ୍ ଅର୍‌ଜି ଅକାମୁସ୍ ସଲାତା**ର ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ବାଯମାଅତ୍ ନମାଜ କାଏମ୍ କରିବାର ବ୍ୟବସ୍ଥା କଲେ ଏବଂ ପୁଣି ମଦିନା ରାଜ୍ୟର ପ୍ରଶାସନ ସମ୍ଭାଳିବା ପ୍ରତି ଧ୍ୟାନ କେନ୍ଦ୍ରିତ କଲେ । ଏକଥା ମନେ ରଖିବା ଉଚିତ ଯେ ମଦିନା ରାଜ୍ୟଟି କୌଣସି ଫୁଲର ଶେଜ ନଥିଲା କି **ହଜରତ ଅକ୍‌ଦସ୍ ମୁହମ୍ମଦ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍** ସେଠାରେ ଥିବା ଅଧିକାଂଶ ଲୋକମାନଙ୍କର ଭୋଟ ଜିତି ମଦିନା ରାଜ୍ୟର ମୁଖ୍ୟ ହୋଇନଥିଲେ ବରଂ କେତେଜଣ ବିଶ୍ୱସ୍ତ ଅନୁଗାମୀ, ଯେଉଁମାନେ ଇସ୍‌ଲାମ୍‌ର ବାର୍ତା ଦ୍ୱାରା ଏବଂ ଆଁ ହଜରତ ସ ଆ ସଙ୍କ ମହାନ ନୈତିକ ଗୁଣ ଦ୍ୱାରା ଅନୁପ୍ରାଣିତ ହୋଇ ମହାଭାଗ ସ ଆ ସଙ୍କୁ ୟସ୍‌ରବ୍ (ବର୍ତମାନର ମଦିନା) ପରିଦର୍ଶନ କରିବାକୁ ଅନୁରୋଧ କରିଥିଲେ । ଅପରପକ୍ଷେ ଅଲ୍ଲାଃ ତାଲାଙ୍କର ଏ ଇଚ୍ଛା ଥିଲା ଯେ ଏହି ବସ୍ତିକୁ **ମଦିନତୁର୍ ରସୁଲ୍** (ଅର୍ଥାତ ରସୁଲଙ୍କ ମଦିନା) ବନାଇ ଦେବେ । ଅତଏବ ଆଁ ହଜରତ ସ ଆ ସ ବିପର୍ଯ୍ୟସ୍ତ ଅବସ୍ଥାରେ ନିଜର ଜଣେ ସାଥି ହଜରତ ଅବୁ ବକର ସିଦ୍ଦିକ୍ ର ଅଙ୍କ ସହିତ ଗୋପନରେ ସେଠାରେ ପହଂଚିଥିଲେ । କିନ୍ତୁ ଅଲ୍ଲାଃ ତାଲା ୟସ୍‌ରବ୍‌ର କିଛି ଅନ୍‌ସାର (ଅର୍ଥାତ ସାହାଯ୍ୟ ସହଯୋଗକାରୀ ମୁସଲମାନ)ମାନଙ୍କ ହୃଦୟରେ ଏପରି ପ୍ରେମ ଓ ଭକ୍ତି ଭାବନା ସୃଷ୍ଟି କରିଦେଲେ ଯେ ପ୍ରତ୍ୟେକ ଏହା ଚାହୁଥିଲେ କି ଆଁ ହଜରତ ସ ଆ ସ ଆମ ଘରକୁ ବରକତ୍ (ଅର୍ଥାତ କଲ୍ୟାଣ ଓ ଆର୍ଶୀବାଦ) ପ୍ରଦାନ କରନ୍ତୁ । ପୁଣି କିଛି ହିଁ ଦିନ ପରେ ଆଁ ହଜରତ ସ ଆ ସଙ୍କ ପରିବାର ଏବଂ ସାହାବାଗଣ ମକ୍କାରୁ ମଦିନା ହିଜ୍‌ରତ୍ (Migration) କରି ଚାଲି ଆସିଲେ । ସର୍ବପ୍ରଥମେ ସେହି ମୁହାଜରି୍ (ଅର୍ଥାତ ଶରଣାର୍ଥି)ମାନେ ଯେଉଁମାନେ ନିଜର ଧନସମ୍ପତି ସବୁ ମକ୍କାରେ ଛାଡ଼ି ଖାଲି ହାତରେ ଚାଲି ଆସିଲେ, ସେମାନଙ୍କର ପୁନଃଥଇଥାନର ବ୍ୟବସ୍ଥା କରିବାର ଥିଲା । ଯଦିଓ ସ୍ୱଂୟ ଆଁ ହଜରତ ସ ଆ ସ ଜଣେ ବିଦେଶୀ ଭାବରେ ସେଠାରେ ପହଂଚିଥିଲେ । ସେଠାରେ କୌଣସି ସରକାର (ଅର୍ଥାତ ପ୍ରଶାସନ) ନଥିଲା କି ନିଜ ନିକଟରେ କୌଣସି ରାଜକୋଶ ନଥିଲା । ପ୍ରତିକୂଳ ପରିସ୍ଥିତିରେ ଆଁ ହଜରତ ସ ଆ ସ ଗୋଟିଏ ବୁଦ୍ଧିମାନ କାର୍ଯ୍ୟ ଏହା କଲେ ଯେ ମକ୍କାର ଜଣେ ମୁହାଜର୍‌ଙ୍କ ସହିତ ମଦିନାର ଜଣେ ଅନ୍‌ସାର ସଙ୍ଗେ ମୁଆଖାତ୍ (ଅର୍ଥାତ ଭାଇଚାରା) ସମ୍ପର୍କ ସ୍ଥାପନ କରାଇଦେଲେ । (ଅର୍ଥାତ ମକ୍କାର ପ୍ରତ୍ୟେକ ମୁହାଜିର୍‌ଙ୍କୁ ମଦିନାର ଜଣେ ଜଣେ ଅନ୍‌ସାର୍‌ମାନଙ୍କ ସହିତ ଭାଇ ଭାଇର ସମ୍ପର୍କ ସ୍ଥାପନ କରାଇଲେ) । ଏହି ଭାଇଚାରା ଏପରି ଆଦର୍ଶ ସାବ୍ୟସ୍ତ ହେଲା ଯେ କିଛି ଅନ୍‌ସାର୍ ସେମାନଙ୍କ ପ୍ରବାସୀ ଭାଇଙ୍କୁ ଏହା କହିଦେଲେ ଯେ, ଦେଖ ଏହା ମୋର ସମ୍ପତି ଓ ଏହି ସମ୍ପତିର ଅଧା ଭାଗ ହେଉଛି ତୁମର । ଏବଂ ପ୍ରେମ ଓ ଆନ୍ତରିକତାରେ ଏ ପ୍ରସ୍ତାବ ବି ଦେଇଦେଲେ ଯେ ଦେଖନ୍ତୁ ! ମୋର ଦୁଇଜଣ ପତ୍ନୀ ଅଛନ୍ତି, ସେଥି ମଧ୍ୟରୁ ଜଣକୁ ଛାଡ଼ପତ୍ର ଦେଇ ଦେଉଛି, ଇଦ୍ଦତ୍ ବିତିଯିବା ପରେ ତୁମେ ତାଙ୍କୁ ବିବାହ କରିନେବ । କିନ୍ତୁ ସେହି ମୁହାଜିର୍ (ପ୍ରବାସୀ) ଭାଇ ତାଙ୍କୁ ପ୍ରତିଉତରରେ କହିଲେ ଯେ ତୁମର ଧନସମ୍ପତି, ତୁମର ପରିବାର ତୁମ ପାଇଁ କଲ୍ୟାଣ ସାବ୍ୟସ୍ତ ହେଉ, ଆମକୁ କେବଳ ବଜାରର ରାସ୍ତା ଦେଖାଇ ଦିଅନ୍ତୁ ଓ କିଛି

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।'' *(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)* |
|---|---|
| ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)* | |

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଅର୍ଥରାଶି ଉଧାର ଦିଅନ୍ତୁ । ସୁତରାଂ ନା କେବଳ ସେମାନେ ଖୁବ୍ ଶୀଘ୍ର ନିଜ ଗୋଡ଼ରେ ଛିଡ଼ା ହୋଇଗଲେ ବରଂ ଅନ୍ୟମାନଙ୍କର ସାହାଯ୍ୟ ସହଯୋଗ କରିବା ନିମନ୍ତେ ସକ୍ଷମ ହୋଇଗଲେ । ମଦିନାର ମୁସଲମାନ ସାହାବା, ଯେଉଁମାନଙ୍କୁ ଅନ୍‌ସାର୍ କୁହାଯାଉଥିଲା ଏବଂ ମକ୍କାର ମୁସଲମାନ, ଯେଉଁମାନଙ୍କୁ ମୁହାଜିର୍ କୁହାଯାଉଥିଲା, ଏହା ଥିଲା ସେମାନଙ୍କର ଏକତା, ଭାଇଚାରା ଓ ବୁଦ୍ଧିମତାର ଉଦାହରଣ ଓ ସଂକ୍ଷିପ୍ତ ବିବରଣୀ ।

ଏବେ ଆଗକୁ ଦେଖିବା ଯେ ଏହି ରାଜ୍ୟରେ ଆଉ କେଉଁ ସବୁ କୌମ୍ (ଜାତି) ଓ କବାଇଲ୍ (ଜନଜାତି) ବାସ କରୁଥିଲେ ? ସେ ସମସ୍ତଙ୍କୁ ସାଥିରେ ରଖି ଏକତା ସ୍ଥାପନ କରିବା ନିମନ୍ତେ ଓ ଗୋଟିଏ ବ୍ୟବସ୍ଥା ଅନ୍ତର୍ଗତ ରହିବା ନିମନ୍ତେ ଆଁ ହଜରତ ସ ଆ ସ କଣ ପଦକ୍ଷେପ ନେଇଥିଲେ ? ମଦିନାରେ ସେତେବେଳେ ଇହୁଦୀମାନଙ୍କର ତିନୋଟି କବିଲା (ଜନଜାତି) ବନୁ କୈନ୍‌କାଆ, ବନୁ ନଜିର୍ ଓ ବନୁ କୁରୈଜାଃ ବସବାସ କରୁଥିଲେ । ସେହିପରି ଆଉ ଦୁଇଟି କବିଲା (ଜନଜାତି) ମୂର୍ତ୍ତିପୂଜକ ବସବାସ କରୁଥବଲେ, ସେମାନେ ହେଲେ ଅଓସ୍ ଓ ଖଜ୍‌ରଜ୍ ।

ଏହି ପାଚେଂାଟି କବିଲାରେ ଅନୁଶାସନ ନିମନ୍ତେ କିଛି ବି ନିୟମ କାନୁନ ନଥିଲା । ବିଶେଷ ଭାବରେ ଇହୁଦୀମାନଙ୍କ ତିନୋଟି କବିଲାର ଲୋକମାନେ ସ୍ୱାଧିନ ଓ ମୁକ୍ତ ଭାବରେ ଅଲଗା ଅଲଗା କିଲ୍ଲାରେ ବସବାସ କରୁଥିଲେ ।

ଅପରପକ୍ଷେ ମକ୍କାର କୁରୈଶ (ଅର୍ଥାତ ମକ୍କାର ଅବିଶ୍ୱାସକାରୀ ଗୋଷ୍ଠୀ, ଯେଉଁମାନେ ଆଁ ହଜରତ ସ ଆ ସଙ୍କୁ ନିର୍ଯ୍ୟାତନା ଦେଉଥିଲେ ସେମାନେ) ଆଁ ହଜରତ ସ ଆ ସ ତଥା ତାଙ୍କର ଅଧିକାଂଶ ସାଥିମାନଙ୍କୁ ମଦିନା ପ୍ରବାସ କରିଯିବା ଯୋଗୁଁ ଅଶାନ୍ତରେ ଥିଲେ ଓ ନିଜର ଶକ୍ତି ସଂଗ୍ରହ କରିବାରେ ନିୟୋଜିତ ଥିଲେ ଯେ ଯେବେ ବି ସୁଯୋଗ ମିଳିବ, ସେମାନେ ମଦିନା ଉପରେ ଆକ୍ରମଣ କରି ମୁସଲମାନମାନଙ୍କୁ ସେଠାରୁ ବିତାଡ଼ିତ କରିବାରେ କିପରି ସଫଳ ହେବେ ।

ସୁତରାଂ ମଦିନାର ଆଭ୍ୟନ୍ତର ତଥା ବାହ୍ୟ ଉଭୟର ଏପରି ଅବସ୍ଥାଥିବା ସ୍ଥଳେ ମୁହମ୍ମଦ ସ ଆ ସ ଓ ତାଙ୍କ ସାହାବାମାନଙ୍କ ନିମନ୍ତେ ଏପରି ଅବସ୍ଥା ଶାନ୍ତି ପ୍ରଦାନକାରୀ ନଥିଲା । ସେହି ସାହାବାଗଣ ଅନ୍‌ସାର ହୁଅନ୍ତୁ ବା ମୁହାଜରି । ଏପରିକି ସ୍ୱୟଂ ମୁହମ୍ମଦ ସ ଆ ସ ଓ ସାହାବାମାନେ ମଧ୍ୟ ଶାନ୍ତିରେ ଶୋଇ ପାରୁନଥିଲେ । ତେବେ ଅତ୍ୟନ୍ତ ପକ୍ଷେ ରାଜ୍ୟ ଭିତରେ ଥିବା ମୁସଲମାନ ଓ ଅନ୍ୟାନ୍ୟ ଅଣ-ମୁସଲମାନ ଜନଜାତି, ବିଶେଷ ଭାବରେ ଇହୁଦୀମାନଙ୍କ ସହିତ ଶାନ୍ତି ଓ ସୌହାର୍ଦ୍ଦ୍ୟରେ ରହିବା ପାଇଁ ମୁହମ୍ମଦ ସ ଆ ସଙ୍କ ଦୂରଦୃଷ୍ଟି ଗୋଟିଏ ଲିଖିତ ଚୁକ୍ତି କରିବା ପାଇଁ ଜରୁରୀ ମଣିଲା । ଯାହାର ସର୍ତାବଳୀଗୁଡ଼ିକ କିଛି ଏପରି ଥିଲା ଯେ:-

(୧) ମୁସଲମାନ ଏବଂ ଇହୁଦୀମାନେ ପାରସ୍ପରିକ ସହାନୁଭୂତି ଓ ଆନ୍ତରିକତା ସହିତ ବସବାସ କରିବେ ଏବଂ ପରସ୍ପର ବିରୁଦ୍ଧରେ ହିଂସା କିମ୍ବା ଅତ୍ୟାଚର ପୂର୍ଣ୍ଣ ବ୍ୟବହାର କରିବେନାହିଁ ।

(୨) ପ୍ରତ୍ୟେକ ଜାତିର (ଅର୍ଥାତ ସମ୍ପ୍ରଦାୟର) ଧାର୍ମିକ ସ୍ୱାଧିନତା ରହିବ ।

(୩) ସମସ୍ତ ନାଗରିକମାନଙ୍କର ଧନ ଓ ଜୀବନ ସୁରକ୍ଷିତ ରହିବ ।

(୪) ସବୁ ପ୍ରକାର ମତଭେଦ ତଥା ବାଦ ବିବାଦର (ସମାଧାନ) ନିମନ୍ତେ ଆଁ ହଜରତ ସ ଆ ସଙ୍କ ନିକଟକୁ ଯିବେ ଏବଂ ପ୍ରତ୍ୟେକଙ୍କ ନିଷ୍ପତି ସେମାନଙ୍କ ନିଜ ନିଜ ଜାତିର ଶରିୟତ୍ (ଅର୍ଥାତ ନିୟମକାନୁନ) ଅନୁସାରେ ନ୍ୟାୟ ବିଚାର କରାଯିବ ।

(୫) ଯଦି କୌଣସି କୌମ୍ (ଅର୍ଥାତ ଜାତି ବା ସମ୍ପ୍ରଦାୟ) ଇହୁଦୀ କିମ୍ବା ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରନ୍ତି, ତା'ହେଲେ ଇହୁଦୀ ଓ ମୁସଲମାନମାନେ ପରସ୍ପର ପାଇଁ ସାହାଯ୍ୟ ସହଯୋଗ ନିମନ୍ତେ ବାହାରିବେ ।

(୬) ଯଦି ମଦିନା ଉପରେ ଆକ୍ରମଣ ହୁଏ, ତେବେ ସମସ୍ତେ ମିଶି ତାହାର ମୁକାବିଲା କରିବେ ।

(୭) ମକ୍କାର କୁରୈଶ୍ ଓ ସେମାନଙ୍କ ସହଯୋଗୀମାନଙ୍କୁ ଇହୁଦୀମାନେ କୌଣସି ପ୍ରକାରର ସାହାଯ୍ୟ କରିବେ ନାହିଁ କି ସେମାନଙ୍କୁ ଆଶ୍ରୟ ଦେବେ ନାହିଁ ।

(୮) ଆଁ ହଜରତ ସ ଆ ସଙ୍କ ବିନା ଅନୁମତିରେ କୌଣସି ପକ୍ଷ ବି ଯୁଦ୍ଧ କରିବା ପାଇଁ ବାହାରିବେ ନାହିଁ ।

(୯) ଏହି ଚୁକ୍ତିନାମା ଅନୁଯାୟୀ କୌଣସି ଅତ୍ୟାଚାରୀ ବା କୌଣସି ବିଭ୍ରାଟକାରୀ (ଓ ଦଙ୍ଗାକାରୀ) ଦଣ୍ଡ ପାଇବାରୁ ବର୍ତିବେ ନାହିଁ ।

ଯଦିଓ ପରବର୍ତୀ ଘଟଣାମାନ ଏହା ଦର୍ଶାଉଛି ଯେ ଉପର ବର୍ଣ୍ଣିତ ଇହୁଦୀ କବିଲାଗୁଡ଼ିକ କେତେକ ଚୁକ୍ତିକୁ ଉଲ୍ଲଂଘନ କରିଥିଲେ ଏବଂ ଅଓସ୍ ଓ ଖଜ୍‌ରଜ୍ କବିଲାର କେତେକ ମୁସ୍‌ରିକ୍ (ଅର୍ଥାତ ଅନେକେଶ୍ୱରବାଦୀ ପିତୁଳା ପୂଜକ) ମୁସଲମାନମାନଙ୍କ ସହିତ ରହିବା ନିରାପଦ ମନେକରି ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିଲେ । କିନ୍ତୁ ସେମାନଙ୍କ ହୃଦୟରେ ଇମାନ୍ (ବିଶ୍ୱାସ) ସେ ପର୍ଯ୍ୟନ୍ତ ପ୍ରବେଶ କରିନଥିଲା । ବରଂ ସେମାନେ ପ୍ରତ୍ୟେକ ଜଟିଳ ମୁହୂର୍ତରେ ନିଜ ମୁନାଫିକତ୍ (ଅର୍ଥାତ କପଟୀ ସ୍ୱଭାବ)ର ରଙ୍ଗ ଦେଖାଇ ଚାଲିଥିଲେ । କିନ୍ତୁ ଏହି ଚୁକ୍ତି ମୁସଲମାନ ଏବଂ ଇହୁଦୀମାନଙ୍କ ମଧ୍ୟରେ ସମ୍ପର୍କକୁ ମଜଭୁତ୍ କରିଦେଇଥିଲା । ଫଳତଃ ମଦିନାରେ ଗୋଟିଏ ସୁସଂଘଠିତ ସରକାର (ବା ପ୍ରଶାସନ) ପ୍ରତିଷ୍ଠା ହୋଇଗଲା । ଯାହାର ମୁଖିଆ ଭାବେ ଆଁ ହଜରତ ସ ଆ ସ ଅଭିହିତ ହେଲେ ।

ସୁତରାଂ ଏପରି ପ୍ରତିକୂଳ ପରିସ୍ଥିତିରେ ମୁହମ୍ମଦ ସ ଆ ସ ଅତ୍ୟନ୍ତ ବୁଦ୍ଧିମତାର ସହିତ ମଦିନା ରାଜ୍ୟର ପ୍ରଶାସନ ପରିଚାଳନାର ଦାୟିତ୍ୱ ନିର୍ବାହ କରିବା , ତା'ପରେ ନିଜର ଉଚ୍ଚତମ ଚରିତ୍ର, ସହନଶୀଳତା, ସମାନତା ଓ ସିଦ୍ଧ ନ୍ୟାୟ ମାଧ୍ୟମରେ ମଦିନାକୁ ଏକ ଆଦର୍ଶ ରାଜ୍ୟ ଭାବରେ ଗଢ଼ିବାରେ ଆଁ ହଜରତ ସ ଆ ସଙ୍କର ଏପରି ଅନୁକରଣୀୟ ଆଦର୍ଶ ଥିଲା ଯାହା ପ୍ରତ୍ୟେକ ଏପରି ରାଷ୍ଟ୍ରମୂଖ୍ୟ, ଯେଉଁମାନେ ନିଜ ଦେଶର ଅଧିକାଂଶ ନାଗରିକମାନଙ୍କର ଦ୍ୱାରା ନିର୍ବାଚିତ ତଥା ମନୋନୀତ ହେଉଛନ୍ତି, ସେମାନଙ୍କ ମାର୍ଗଦର୍ଶନ ନିମନ୍ତେ ଆପଣ ସ ଆ ସ ହେଉଛନ୍ତି ଗୋଟିଏ ବତିଘର ସଦୃଶ ।

ବର୍ତମାନ ମୁଁ ଆଁ ହଜରତ ସ ଆ ସଙ୍କ ପବିତ୍ର ଜୀବନଚରିତ ପ୍ରସଙ୍ଗରେ ଏକଥା ବର୍ଣ୍ଣନା କରିବାକୁ ଚାହୁଁଛି ଯେ ମହାଭାଗ ସ ଆ ସଙ୍କ ଆଧାତ୍ମିକ ପଦମର୍ଯ୍ୟାଦା ଓ ସ୍ଥାନ ବ୍ୟତୀତ, ଏପରି କେଉଁ ସବୁ ବିଶେଷ କଥା ଥିଲା, ଯାହା ଯୋଗୁଁ ସେ ଜଣେ ଲୋକପ୍ରିୟ ଓ ସଫଳ ରାଜ୍ୟମୂଖ୍ୟ ଭାବରେ ପରିଗଣିତ ହେଲେ ଓ ଅଳ୍ପ କିଛି ବିଦ୍ରୋହୀ ତଥା କପଟୀମାନଙ୍କୁ ଛାଡ଼ିଦେଲେ ସେହି ରାଜ୍ୟର ଲୋକମାନେ ଆପଣ ସ ଆ ସଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗ କରିଦେବା ପାଇଁ ଗର୍ବ ଅନୁଭବ କରୁଥିଲେ ।

ସର୍ବପ୍ରଥମ ବୈଶିଷ୍ଟ୍ୟ ଯାହା ସ୍ପଷ୍ଟ ଭାବରେ ନଜର ଆସୁଛି, ତାହା ହେଉଛି ଧାର୍ମିକ ସ୍ୱାଧିନତା ଏବଂ ସହନଶୀଳତା । ବିଶେଷ କରି ଏପରି ଏକ ରାଜ୍ୟ, ଯେଉଁଥିରେ ବିଭିନ୍ନ ଧର୍ମ ଓ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ, ଭିନ୍ନ ଭିନ୍ନ ବିଶ୍ୱାସ ଓ ଆସ୍ଥା ରଖିଥିବା ଲୋକମାନେ ବସବାସ କରୁଥିଲେ । ସେଠିକାର ପ୍ରତ୍ୟେକ ନାଗରିକ ନିଜ ନିଜର ବିଶ୍ୱାସକୁ ନିଜ ନିଜର ଆସ୍ଥାକୁ ପରିପ୍ରକାଶ କରିବା ପାଇଁ ସ୍ୱାଧିନ ଥିଲେ ଓ ତାହାକୁ ଶାନ୍ତି ପୂର୍ଣ୍ଣ ଭାବରେ ପ୍ରଚାର ପ୍ରସାର କରିବା ପାଇଁ ତଥା ତାହା ଉପରେ ପରିଚାଳିତ ହେବା ପାଇଁ ସ୍ୱାଧିନ ଥିଲେ ଓ ସେଠାରେ ଜଣେ ଅନ୍ୟଜଣକ ମନକୁ ଆଘାତ ପହଂଚାଇବା ପାଇଁ ଅନୁମତି ନଥିଲା ।

ଅତଏବ ଯେପରି କି ଏହା ବର୍ଣ୍ଣନା ହୋଇସାରିଛି ଯେ, ମଦିନାରେ ଯେଉଁଠି ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କ ଉପରେ, ହଜରତ ଅକ୍‌ଦସ୍ ମୁହମ୍ମଦ ସ ଆ ସଙ୍କ ଉପରେ ବିଶ୍ୱାସ ଆଣିଥିବା ତଥା ପବିତ୍ର କୁର୍‌ଆନ୍‌ର ନିୟମାବଳୀ ଉପରେ ପରିଚାଳିତ ହେଉଥିବା ମୁସଲମାନମାନେ ବସବାସ କରୁଥିଲେ ସେଠି ମୁସା ଆ ସଙ୍କ ଶରିୟତ୍ "ତୌରାତ୍" ଉପରେ ପରିଚାଳିତ ହେଉଥିବା ଇହୁଦୀମାନେ ଏବଂ ହଜରତ ଇସା ଆ ସଙ୍କୁ ମାନୁଥିବା କେତେକ ଇସାଇ ତଥା ଅନେକ ପିତୁଳା ପୁଜକ ଅନେକେଶ୍ୱରବାଦୀ ଲୋକେ ମଧ୍ୟ ବସବାସ କରୁଥିଲେ । ଆଁ ହଜରତ ସ ଆ ସ ସେମାନଙ୍କ ସହିତ ଯେଉଁ ଚୁକ୍ତି କରିଥିଲେ, ତା ମୁତାବକ ପରିଚାଳିତ ହେବା ପାଇଁ ଆପଣ ସ ଆ ସ ସମସ୍ତଙ୍କୁ ଧାର୍ମିକ ସ୍ୱାଧିନତା ପ୍ରଦାନ କରିଥିଲେ । ଆପଣ ସ ଆ ସ ଜଣେ ସର୍ବସମ୍ମତ ନେତା ଭାବରେ ପ୍ରତ୍ୟେକ ଧର୍ମର ଲୋକମାନଙ୍କ ବିବାଦକୁ ସେମାନଙ୍କ ନିଜ ନିଜର ଶରିୟତ (ଅର୍ଥାତ ଧର୍ମବିଧାନ) ଓ ଆସ୍ଥା ମୁତାବକ ନ୍ୟାୟ ଓ ନିଷ୍ପତି ପ୍ରଦାନ କରୁଥିଲେ ।

ପବିତ୍ର କୁର୍‌ଆନ୍ ତ ଏ ନିର୍ଦ୍ଦେଶ ଦେଇଛି ଯେ, ଯେଉଁମାନେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ ଅସ୍ତିତ୍ୱମାନଙ୍କର ପୁଜା କରୁଛନ୍ତି, ତୁମେମାନେ ସେମାନଙ୍କୁ ବି ଖରାପ କଥା କୁହ ନାହିଁ । ଅନ୍ୟଥା ସେମାନେ ମଧ୍ୟ ଶତୃତା କରି ଅଜ୍ଞତାରେ ଅଲ୍ଲାଃଙ୍କୁ ଗାଳି ଗୁଲଜ କରିବେ । *(ସୁରଃ ଅଲ୍ ଅନାମ୍ ଆୟତ ନଂ-୧୦୯)*

ମକ୍କାର ମୁଶ୍‌ରିକ୍‌ମାନେ ଉହଦ୍ ଯୁଦ୍ଧ ଅବସରରେ ମୁସଲମାନ ଶହୀଦମାନଙ୍କ ଶବକୁ ଅସମ୍ମାନ ଓ ଅପମାନିତ କରିଥିଲେ ଏବଂ ହଜରତ ହମ୍‌ଜାଃ ର ଅଙ୍କ କଲିଜାକୁ ଚୋବା ଯାଇଥିଲା । କିନ୍ତୁ ଆଁ ହଜରତ ସ ଆ ସ କେବେ ବି ତାହାର ପ୍ରତିଶୋଧ ନେବାପାଇଁ ଚାହିଁନଥିଲେ ବରଂ ସର୍ବଦା ସେମାନଙ୍କ ସହିତ ସଦ୍‌ବ୍ୟବହାର କରି ଆସୁଥିଲେ ।

ହଜରତ ହସନ୍ ବିନ୍ ଅସୱଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଗୋଟିଏ ଯୁଦ୍ଧ ଅବସରରେ ମୃତକମାନଙ୍କ ମଧ୍ୟରେ କିଛି ପିଲାମାନଙ୍କର ମୃତଦେହ ବି ମିଳିଥିଲା । ଯେତେବେଳେ ଆଁ ହଜରତ ସ ଆ ସ ସେମାନଙ୍କ ବିଷୟରେ ପଚାରିଲେ, ଜଣେ ଉତର ଦେଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ ! ସେମାନେ ମୁଶ୍‌ରିକ୍‌ମାନଙ୍କର ସନ୍ତାନ ହିଁ ଥିଲେ । ଏଥିରେ ନବୀ କରିମ୍ ସ ଆ ସ କହିଲେ, ଆଜି ତୁମମାନଙ୍କ ମଧ୍ୟରେ ଯେଉଁମାନେ ଉତମ ଲୋକ ହୋଇଛନ୍ତି, ସେମାନେ (ଗତ) କାଲି (ଅର୍ଥାତ ଇସ୍‌ଲାମ୍ ଆଣିବା ପୂର୍ବରୁ) ମୁଶ୍‌ରିକ୍‌ମାନଙ୍କ ସନ୍ତାନ ହିଁ ତ ଥିଲେ । ମନେରଖ ! ଯେବେ ବି କୌଣସି ପିଲା ଜନ୍ମ ନେଇଥାଏ, ସେ ପୂଣ୍ୟ ପ୍ରକୃତି ସହିତ ଜନ୍ମ ହୋଇଥାଏ । ତା'ପରେ ତା ମାଆବାପା ତାକୁ ଇହୁଦୀ, ବା ଇସାଇ ବନାଇ ଦିଅନ୍ତି । *(ମସନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୬, ପୃ-୨୪, ବେରୁତ)*

ଆଁ ହଜରତ ସ ଆ ସଙ୍କର ଜଣେ ରାଷ୍ଟ୍ରର ମୂଖ୍ୟ ଭାବରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ନ୍ୟାୟ ପ୍ରଦାନ କରିବାର ଏପରି ଶୈଳୀ ଯାହା ବିଶ୍ୱ ଶାନ୍ତି ପାଇଁ ଉଦ୍ଦିଷ୍ଟ । ଆଜିକାଲି ଏ ଦୁନିଆରେ ଯେଉଁସବୁ ଅସ୍ଥିରତା ଓ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଚାଲିଛି ତାହାର ବଡ କାରଣ ହେଉଛି ନ୍ୟାୟର ଅଭାବ । ଇସ୍‌ଲାମ୍ କେବଳ ନିଜ ପାଇଁ ନୁହେଁ ବରଂ ଅନ୍ୟମାନଙ୍କର ତଥା ଶତୃମାନଙ୍କ ସହିତ ନ୍ୟାୟ କରିବା ପାଇଁ ଶିକ୍ଷା ଦେଇଥାଏ । ଏ ସମ୍ବନ୍ଧରେ ହଜରତ ରସୁଲେ କରିମ୍ ସ ଆ ସଙ୍କ ପବିତ୍ର ଜୀବନୀ ଅନନ୍ୟ ଉଦାହରଣରେ ସୁସଜ୍ଜିତ । ସମୟକୁ ଆଖି ଆଗରେ ରଖି କେବଳ ଦୁଇଟି ଘଟଣା ଏଠାରେ ଉପସ୍ଥାପନ କରିବି ।

ଯେଉଁ ଜାତିର ନୈତିକତା ହ୍ରାସ ହେବାକୁ ଲାଗିଥାଏ, ସେମାନଙ୍କ ମଧ୍ୟରେ ପକ୍ଷପାତିତା ତଥା ଅନ୍ୟାୟ ଦେଖାଯାଇଥାଏ ଓ ଏହା ସର୍ବସାଧାରଣ ନିୟମରେ ପରିଣତ ହୋଇଯାଏ ଯେ ବଡ଼ ବଡ଼ ଲୋକମାନେ ତ ନିୟମ କାନୁନ ଭଙ୍ଗ କରି ବଂଚିଯାଇଥାନ୍ତି, କେବଳ ଗରୀବ ଓ ଅସହାୟ ଲୋକମାନଙ୍କୁ ଦଣ୍ଡ ଦିଆଯାଏ । କିନ୍ତୁ **ହଜରତ ଅକ୍‌ଦସ୍ ମୁହମ୍ମଦ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ରହ୍‌ମତୁଲ୍ ଲିଲ୍ ଆଲମୀନ୍** (ଅର୍ଥାତ ସାରା ଜଗତ ପାଇଁ କରୁଣା) ଏବଂ ରଉଫ୍ ୱ ରହିମ୍ (ଅର୍ଥାତ ବଡ଼ ଦୟାଳୁ ଓ କରୁଣାମୟ) ହେବା ସତ୍ୱେ ମଧ୍ୟ ଶରିୟତର ନିୟମ କାନୁନ୍‌କୁ କାର୍ଯ୍ୟକାରୀ କରିବାରେ ବଡ଼ ସ୍ୱାଭିମାନୀ ଥିଲେ ଓ ନ୍ୟାୟକୁ କେବେ ବି

ହାତଛଡ଼ା କରିନଥିଲେ । ସୁତରାଂ ବୁଖାରୀ ଶରିଫ୍‌ରେ ହଜରତ ଆଇଶା ର ଅଙ୍କଠାରୁ ଏ କଥନ ବର୍ଣ୍ଣିତ ହୋଇଅଛି ଯେ:-

"ବନି ମଖ୍‌ଜୁମ୍ କବିଲାର ଫାତିମା ନାମି ଜଣେ ମହିଳା ଚୋରି କରିଥିଲା । ତେଣୁ ଲୋକମାନେ ଏହା ଚାହିଁଲେ ଯେ ସେହି ମହିଳାଙ୍କ ମାମଲାରେ ରସୁଲେ୍ କରିମ୍ ସ ଆ ସଙ୍କ ସେବାରେ ଏ ସୁପାରିଶ୍ କରାଯାଉ ଯେ ତାଙ୍କୁ କୋହଳ ଦଣ୍ଡ ମିଳୁ । ତେଣୁ ରସୁଲେ୍ କରିମ୍ ସ ଆ ସଙ୍କ ପ୍ରିୟ ଓ ଗେଲବସର ଉସାମା ବିନ୍ ଜୈଦ୍‌ଙ୍କୁ ସେମାନେ ପ୍ରସ୍ତୁତ କଲେ । ସେ ଯାଇ ରସୁଲେ୍ କରିମ୍ ସ ଆ ସଙ୍କ ସେବାରେ ଦଣ୍ଡ କୋହଳ କରିବାକୁ ନିବେଦନ କଲେ । ରସୁଲେ୍ କରିମ୍ ସ ଆ ସ ବହୁତ ଖରାପ ଭାବିଲେ ଏବଂ କ୍ରୋଧରେ ଆପଣ ସ ଆ ସଙ୍କ ଚେହେରା ଲାଲ ହୋଇଗଲା । ଆପଣ ସ ଆ ସ କହିଲେ:-

"ବନି ଇସ୍ରାଇଲର ଏ ଅଭ୍ୟାସ ଥିଲା ଯେ ଯଦି ସେମାନଙ୍କ ମଧ୍ୟରୁ କୌଣସି ସମ୍ଭ୍ରାନ୍ତ ବ୍ୟକ୍ତି ଚୋରି କରୁଥିଲା, ତା'ହେଲେ ସେମାନେ ତାକୁ ଛାଡ଼ି ଦେଉଥିଲେ କିନ୍ତୁ ଯଦି ଜଣେ ଗରିବ ଲୋକ ଚୋରି କରୁଥିଲା, ତା' ହାତ କାଟି ଦେଉଥିଲେ । କିନ୍ତୁ ମୋର ଏ ଅବସ୍ଥା ଯେ, ମୁଁ ତା ରାଣ ଖାଇ କହୁଅଛି ଯାହାର ହାତରେ ମୋର ଜୀବନ/ପ୍ରାଣ ଅଛି । ଯଦି ମୁହମ୍ମଦର ଝିଅ ଫାତିମା ବି ଚୋରି କରିଥାନ୍ତା, ତା'ହେଲେ ବି ମୁଁ ତା ହାତ କାଟିଦେଇଥାନ୍ତି ।"

**ଅଲ୍ଲାହୁମ୍ମା ସ୍ୱଲ୍ଲେ ଅଲା ମୁହମ୍ମଦିନ୍ ୱ ଆଲେ**

**ମୁହମ୍ମଦିନ୍ ୱ ବାରିକ୍ ୱ ସଲ୍ଲିମ୍**

ଦ୍ୱିତୀୟ ଘଟଣାଟି ଏପରି କି ବଦର ଯୁଦ୍ଧରେ ମକ୍କାର ମୁଶ୍‌ରିକ୍‌ମାନଙ୍କ କଏଦିମାନଙ୍କ ମଧ୍ୟରେ ରସୁଲେ୍ କରିମ୍ ସ ଆ ସଙ୍କ ଚାଚା ହଜରତ ଅବାସ୍ ର:ଅ ବି ଥିଲେ । କଏଦିମାନଙ୍କର ନିରିକ୍ଷଣ କାର୍ଯ୍ୟଦାୟିତ୍ୱ ଯେତେବେଳେ ହଜରତ ଉମର ର ଅଙ୍କୁ ଦିଆଗଲା ସେ ସବୁ କଏଦିମାନଙ୍କର ରସିକୁ ଭଲ ଭାବରେ କସି କରି ବାନ୍ଧିଦେଲେ । ସେମାନେ ମସ୍‌ଜିଦ୍ ନବୱିର ପ୍ରାଙ୍ଗଣରେ ବନ୍ଧା ହୋଇ ରହିଥିଲେ । ଏଥିରେ ହଜରତ ଅବାସ୍ (କଷ୍ଟରେ) ଆର୍ତନାଦ କଲେ । ରସୁଲୁଲ୍ଲାଃ ସ ଆ ସ ଯେବେ ନିଜ ଚାଚାଙ୍କ କ୍ରନ୍ଦନ ସ୍ୱର ଶୁଣିଲେ, ବହୁତ ଅସ୍ଥିରତା ଅନୁଭବ କଲେ ଫଳତଃ ତାଙ୍କର ନିଦ ଉଡ଼ିଗଲା । ଅନ୍‌ସାର୍‌ମାନେ କିପରି ଏକଥାକୁ ଜାଣିନେଲେ । ତେଣୁ ସେମାନେ ହଜରତ ଅବାସ୍ ର ଅଙ୍କ ରସିର ଗଣ୍ଠିକୁ ଢ଼ିଲା କରିଦେଲେ । ତେଣୁ ତାଙ୍କର କ୍ରନ୍ଦନ ବନ୍ଦ ହୋଇଗଲା । ଏଥିରେ ଆଁ ହଜରତ ସ ଆ ସ ପଚାରିଲେ : ଅବାସଙ୍କ କାନ୍ଦିବା ସ୍ୱର ଏବେ କାହିଁକି ଶୁଭୁନାହିଁ? ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ ! ଆମେ ଆପଣ ସ ଆ ସଙ୍କ ଯନ୍ତ୍ରଣା ହେତୁ ତାଙ୍କର ରସିକୁ ଢ଼ିଲା କରିଦେଇଛୁ । ଏହା ଶୁଣି ଆଁ ହଜରତ ସ ଆ ସ କହିଲେ ଯେ ଏହା ତ ନ୍ୟାୟ ବିରୁଦ୍ଧ କଥା । ଏବେ ତୁମମାନେ ବାକି କଏଦିମାନଙ୍କର ରସିଗୁଡ଼ିକୁ ମଧ୍ୟ ଢ଼ିଲା କରିଦିଅ ଅଥବା ଅବାସଙ୍କ ରସିକୁ ମଧ୍ୟ କସିକି ବାନ୍ଧି ଦିଅ । ଏଥିରେ ସାହାବାମାନେ ସମସ୍ତ କଏଦିମାନଙ୍କର ରସିକୁ ଢ଼ିଲା କରିଦେଲେ ।

ପୁଣି ଆଉ ଏକ ବୈଶିଷ୍ଟ୍ୟ ସାମନାକୁ ଆସୁଅଛି ଯେ ଆମର ପ୍ରୀୟ ମୁନୀବ **ହଜରତ ମୁହମ୍ମଦ ମୁସ୍ତଫା ସ୍ୱଲେଲ୍ଲାହୁ ଆଲୈହେ ୱ ସଲ୍ଲମ୍** ନିଜର ଆଦର୍ଶ ଜରିଆରେ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ବତାଇଛନ୍ତି ଯେ ଜଣେ ସଫଳ ରାଷ୍ଟ୍ର ମୂଖ୍ୟଙ୍କ ପାଇଁ ଏହା ଜରୁରୀ ଅଟେ ଯେ, ସେ ପ୍ରତ୍ୟେକ ଜଟିଳ ପରିସ୍ଥିତିରେ ଦେଶର / ଜାତିର ମାର୍ଗଦର୍ଶନ ନିମନ୍ତେ ସଦା ସର୍ବଦା ପ୍ରସ୍ତୁତ ରହନ୍ତୁ ଏବଂ ଯଥା ସମ୍ଭବ ପ୍ରତ୍ୟେକ ଅବସରରେ ଯଥା ସ୍ଥାନରେ ପହଂଚି ମାର୍ଗଦର୍ଶନ କରନ୍ତୁ ଏବଂ ଜାତିର/ଦେଶର ଲୋକମାନଙ୍କୁ ଉତ୍ସାହିତ କରନ୍ତୁ । ଏ ସମ୍ବନ୍ଧରେ ଏଠାରେ ମୁଁ କେବଳ ଗୋଟିଏ ଘଟଣା ଉପସ୍ଥାପନ କରିବି ।

ଖନ୍ଦକ ଯୁଦ୍ଧ ଅବସରରେ ସୁରକ୍ଷା ତଥା ଯୁଦ୍ଧ ଦୃଷ୍ଟିକୋଣରୁ ମଦିନାର ଚାରିପାଖରେ ଗୋଟିଏ ଖନ୍ଦକ (ଅର୍ଥାତ ଗଡ଼ଖାଇ/ଖାଲ) ଖୋଳା ଯାଉଥିଲା । ସାହାବାମାନଙ୍କର ଅବସ୍ଥା ଏମିତି ହୋଇଯାଇଥିଲା ଯେ ସେମାନେ ଭୋକ ଦାଉରୁ ରକ୍ଷା ପାଇବା ପାଇଁ ପେଟରେ ପଥର ବାନ୍ଧି ରଖିଥିଲେ । ଖୋଳିବା ସମୟରେ ଗୋଟିଏ ବଡ଼ ପଥରଟିଏ ଭାଙ୍ଗୁ ନଥିଲା । ତେଣୁ ସାହାବାମାନେ ଆଁ ହଜରତ ସ ଆ ସଙ୍କ ଗୋଚରରେ ଏହି ବିଷୟ ଉପସ୍ଥାପନ କରି ମାର୍ଗଦର୍ଶନ ଚାହିଁଲେ । ସୁତରାଂ ଆଁ ହଜରତ ସ ଆ ସ ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଂଚିଲେ । ଯେବେ କି ଆଁ ହଜରତ ସ ଆ ସ ଭୋକର ତିବ୍ରତାକୁ ହ୍ରାସ କରିବା ପାଇଁ ନିଜ ପେଟରେ ଦୁଇ ଦୁଇଟି ପଥର ବାନ୍ଧି ରଖିଥିଲେ । ଏପରି ପରିସ୍ଥିତି ସତ୍ତ୍ୱେ ବି ଆପଣ ସ ଆ ସ ନିଜ ହାତରେ କୋଦାଳ ଧରି ସେହି ଚଟାଣଟିକୁ ତିନିଥର ପ୍ରହାର କଲେ ଓ ତାକୁ ଭାଙ୍ଗି ଚୁରମାର କରିଦେଲେ । ଈଶ୍ୱରଙ୍କର ଚମତ୍କାର ଦେଖନ୍ତୁ ଯେ ଏପରି ଦୁର୍ବଳତା ତଥା ଅସହାୟ ଅବସ୍ଥାରେ ବି ପ୍ରତ୍ୟେକ ପ୍ରହାର ସମୟରେ ଖୁଦାତାଲା ଆଖପାଖର ମହାନ ରାଜ୍ୟଗୁଡ଼ିକ ଉପରେ ମୁସଲମାନମାନଙ୍କର ବିଜୟର ଦୃଶ୍ୟ ଦେଖାଇଲେ ଏବଂ ପ୍ରତି ପ୍ରହାରରେ ଅଲ୍ଲାହୁ ଅକ୍‌ବର୍ ସ୍ଲୋଗାନ ଦେଇ ସାହାବାମାନଙ୍କୁ ସୁସମାଚାର ଶୁଣାଇଲେ ଯେ ସିରିଆ, ଇରାନ୍, ସନ୍‌ଆ ତଥା ୟମନ୍ ରାଜ୍ୟର ପ୍ରାସାଦଗୁଡ଼ିକର ଚାବିକାଠି ମତେ ପ୍ରଦାନ କରାଯାଇଅଛି । ଅତଏବ ଆଁ ହଜରତ ସ ଆ ସଙ୍କ ଜୀବଦଶାରେ ହିଁ ଇସ୍‌ଲାମ୍ ଆରବ ଦ୍ୱୀପପୁଞ୍ଜରେ ପ୍ରାଧାନ୍ୟ ବିସ୍ତାର କରିସାରିଥିଲା ଏବଂ ମହାଭାଗ ସ ଆ ସଙ୍କ ଦେହାନ୍ତର (୯) ବର୍ଷ ମଧ୍ୟରେ ସମସ୍ତ ଆରବ ଜଗତ ଉପରେ ମୁସଲମାନମାନଙ୍କ ରାଜତ୍ୱ ପ୍ରତିଷ୍ଠା ହୋଇସାରିଥିଲା ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ସାମନାକୁ ଆସିଥାଏ ଯେ ହଜରତ ମୁହମ୍ମଦ ସ ଆ ସ ମଦିନା ରାଜ୍ୟର ସର୍ବେ ସର୍ବା ହେବା ପୂର୍ବରୁ ଏବଂ ପରେ ମଧ୍ୟ ତାଙ୍କ ଜୀବନରେ କୌଣସି ପାର୍ଥକ୍ୟ ଦେଖା ଦେଇନଥିଲା । ମକ୍କାରେ ବସବାସ କରିବା ସମୟରେ ଯେଉଁ ଭଳି ବିପର୍ଯ୍ୟସ୍ତ ଓ ଅସହାୟ ଜୀବନ ସମୟରେ ବି ତାଙ୍କର ଯେଉଁ ଜୀବନ ଶୈଳୀ ଥିଲା, ମଦିନାର ସମ୍ରାଟ ହୋଇଯିବା ପରେ ବି ତାଙ୍କଠାରେ କୌଣସି ପରିବର୍ତନ ଦେଖାଯାଇ ନଥିଲା । ଗୋଟିଏ ପଟେ ଇରାନୀ ସାମ୍ରାଜ୍ୟର ମୁଖିଆମାନଙ୍କର ବୈଭବ ଓ ପ୍ରତିଷ୍ଠା, ଭୟ ଓ ଆତଙ୍କ ସାରା ଏସିଆରେ ବ୍ୟାପି ରହିଥିଲା, ଏବଂ ଅପରପକ୍ଷେ ରୋମ୍ ସାମ୍ରାଜ୍ୟ ନିଜର ପାଶ୍ଚାତ୍ୟ ଗୌରବ ଏବଂ ଭୋଗ ବିଳାସର ନମୁନା ପେଶ୍ କରୁଥିଲା ଏବଂ ଏହି ଦୁଇଟି ଶକ୍ତିଶାଳୀ ସାମ୍ରାଜ୍ୟ ମଧ୍ୟରେ ଆରବ ଜନଜାତିମାନେ କ୍ରିତଦାସମାନଙ୍କ ଉପସ୍ଥିତିରେ ନିଜ ସାମର୍ଥ୍ୟଠାରୁ ଅଧିକା ନିଜର ମହାଜନି ଆଭିମୁଖ୍ୟର ଗୌରବ ଦେଖାଇବାକୁ ଚେଷ୍ଟା କରୁଥିଲେ ।

ଏହିପରି ପରିବେଶରେ ସରୱରେ କାଏନାତ୍ ଫଖ୍‌ରେ ମୌଜୁଦାତ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ଅତି ସରଳ ଓ ସାଧା ଜୀବନରେ କୌଣସି ପରିବର୍ତନ ପରିଲିଖିତ ହେଉ ନାହିଁ ବରଂ ନିଜ ସାହାବାମାନଙ୍କର ତଥା ମଦିନାବାସୀଙ୍କ ମଙ୍ଗଳ ପାଇଁ ଓ ସେମାନଙ୍କ ଅବସ୍ଥାରେ ସୁଧାର ଆଣିବା ନିମନ୍ତେ ଚିନ୍ତା କରି ନିଜକୁ ଓ ନିଜ ପରିବାରବର୍ଗଙ୍କୁ ଆହୁରି କଷ୍ଟରେ କାଳାତିପାତ କରିବାକୁ ଶ୍ରେୟସ୍କର ମଣିଥିଲେ । ଗୃହକାର୍ଯ୍ୟ କରିବା ପାଇଁ କୌଣସି ଚାକର ନଥିଲେ । ସେ ନିଜେ ହିଁ ନିଜର ସମସ୍ତ କାର୍ଯ୍ୟକୁ ତୁଲାଉଥିଲେ । ଅତଃ ଏକଦା ହଜରତ ଆଇଶା ର ଅଙ୍କୁ ପଚରାଗଲା ଯେ ନବି ଅକ୍‌ରମ୍ ସ ଆ ସ ଘରେ କ'ଣ ସବୁ କାମ କରୁଥିଲେ । ସେ ଉତର ଦେଇ କହିଲେ ଯେ **ୟକୁନୁ ଫି ମିହ୍‌ନତି ଅହ୍‌ଲିହି ଫଇଜା ହଜରତିସ୍ ସଲାତୁ ଖରଜା ଇଲସ୍ ସଲାତି** ଅର୍ଥାତ ନିଜ ଘର ଲୋକମାନଙ୍କ କାମରେ ସାହାଯ୍ୟ କରୁଥିଲେ ଏବଂ ଯେତେବେଳେ ନମାଜ ପାଠ କରିବାର ସମୟ ହୋଇଯାଉଥିଲା, ସେ ନମାଜ ପାଠ କରିବା ପାଇଁ ବାହାରକୁ ଯାଉଥିଲେ । (ବୁଖାରୀ, କିତାବୁସ୍ ସଲାତ୍)

କେଡ଼େ ଅପୂର୍ବ ଉଦାହରଣ । କଣ ଏପରି କୌଣସି ବ୍ୟକ୍ତିକୁ ଉପସ୍ଥାପନ କରାଯାଇପାରେ, ଯିଏ ଜଣେ ସମ୍ରାଟ ହୋଇ ସୁଧା ନିଜ ଘରର କାମ କରିବା ପାଇଁ କୌଣସି ସେବକ ନ ରଖିବାର ଉଦାହରଣ ଦେଖାଇଥିବେ? ଯେବେ କି ଆରବ ଦେଶର ସମ୍ରାଟ ହୋଇ ଆଁ ହଜରତ ସ ଆ ସ ଗରିବ ଓ ଅସହାୟ ଲୋକମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଓ ଦଳ ଦଳ ଗୃହପାଳିତ ପଶୁ ବାଟିଂ ଦେଇଥିଲେ । ଥରେ ଆଁ ହଜରତ ସ ଆ ସଙ୍କ ନିକଟକୁ ସତୁରି (୭୦) ହଜାର ଦିର୍‌ହମ୍ ଆସିଲା । ଆଉ କିଛି ରିୱାୟତ୍‌ରେ ନବେ (୯୦) ହଜାର ଦିର୍‌ହମ୍ ଉଲ୍ଲେଖ ରହିଛି । ସେହି ଦିର୍‌ହମ୍‌ଗୁଡ଼ିକୁ ଆପଣ ଆ ସ ଚଟାଇ ଉପରେ ରଖି ବାଂଟିବାକୁ ଛିଡ଼ା ହେଲେ ଓ ସେ ସବୁକୁ ବାଂଟିବା ପରେ ହିଁ ନିଶ୍ୱାସ ମାରିଲେ । *(ଅଲ୍‌ଫୱାଆ ବା ହୱାଲଲ୍ ମୁସ୍ତଫା ଇବ୍‌ନେ ଅଲ୍‌ଜୁଜି, ପୃ-୪୪୭, ବେରୁତ)*

ଏକଦା ଜଣେ ଲୋକ ମହାଭାଗ ସ ଆ ସଙ୍କଠାରୁ ଉପତ୍ୟକାର ମଧ୍ୟ ଭାଗରେ ଥିବା ଜମିଟିକୁ ବି ମାଗିଲେ । ଆପଣ ସ ଆ ସ ତାଙ୍କୁ ସେହି ଚାରଣଭୂମି ତଥା ଛେଳିଗୁଡ଼ିକ ସମେତ ସବୁ କିଛି ଦାନ କରିଦେଲେ । ସେହି ବ୍ୟକ୍ତି ଜଣକ ନିଜ ଲୋକମାନଙ୍କ ନିକଟକୁ ଫେରିଯାଇ କହିଲେ: ହେ ମୋର ଜାତି ଭାଇମାନେ! ତୁମେ ସମସ୍ତେ ମୁସଲମାନ ହୋଇଯାଅ । ମୁହମ୍ମଦ ମୁସ୍ତଫା ସ ଆ ସ ଏତେ ଦାନ ଦେଉଛନ୍ତି ଯେ, ସେ କେବେ ବି ଦାରିଦ୍ର୍ୟକୁ ଭୟ ହିଁ କରୁନାହାନ୍ତି । *(ମଜ୍‌ମୁଅଜ୍ ଜୱାଇଦ୍ ହୈଶମୀ, ଖଣ୍ଡ-୯, ପୃ-୧୩, ବେରୁତ)*

କିନ୍ତୁ ନିଜକୁ ଓ ନିଜ ପରିବାର ବର୍ଗକୁ ଜାତୀୟ ରାଜକୋଷ ବ୍ୟବହାର କରିବାରୁ ସର୍ବଦା ବାରଣ କରିଥିଲେ । ଏପରି କି ଥରେ ମହାଭାଗ ସ ଆ ସଙ୍କ ନାତି ହଜରତ ଇମାମ୍ ହୁସୈନ୍ ଆ ସ, ଯିଏ ସେତେବେଳେ ଛୋଟ ପିଲା ଥିଲେ ଖଜୁରୀ ଗଦା ମଧ୍ୟରୁ ଗୋଟିଏ ବା ଦୁଇଟି ଖଜୁରୀ କୋଳି ମୁହଁରେ ପକାଇ ଦେଲେ । ଆଁ ହଜରତ ସ ଆ ସ ତୁରନ୍ତ ତାଙ୍କ (ନାତିଙ୍କ) ମୁହଁରେ ନିଜ ଆଙ୍ଗୁଳି ପୁରାଇ ସେହି ଖଜୁରୀକୁ ବାହାର କରିଦେଲେ, ଓ କହିଲେ ନା, ପୁଅ, ଏହା ହେଉଛି ସଦ୍‌କାଃ (ଅର୍ଥାତ ଦାନ ଦିଆଯାଇଥିବା) ଖଜୁରୀ ଏବଂ ଏହି ସଦ୍‌କାଃ ଆମ ପାଇଁ ଅନୁମତି ନାହିଁ ।

ଏବଂ ନିଜ ଘରର ଅବସ୍ଥା ଏପରି ଥିଲା ଯେ ହଜରତ ଆଇଶା ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେ ତାଙ୍କ ଭଣଜା ହଜରତ ଉରୱା ର ଅଙ୍କୁ କହିଲେ: " ହେ ମୋର ଭଣଜା! ଆମେ ହିଲାଲ୍ (ଅର୍ଥାତ ନୂଆ ଜହ୍ନ) ପରେ ହିଲାଲ୍ ଦେଖି ଚାଲୁଥିଲୁଁ ଏପରିକି ତିନି ତିନୋଟି ହିଲାଲ୍ ଦେଖି ନେଉଥିଲୁଁ ଅର୍ଥାତ ଦୁଇ ଦୁଇ ମାସ ବିତିଯାଉଥିଲା, କିନ୍ତୁ ଆଁ ହଜରତ ସ ଆ ସଙ୍କ ଘରେ ଚୂଲି ଜଳୁନଥିଲା ହଜରତ ଉରୱା କୁହନ୍ତି: ମୁଁ କହିଲି ହେ ମୋର ଖାଲା (ଅର୍ଥାତ ମାଉସୀ)! ତା'ହେଲେ ଆପଣମାନେ କଣ ଖାଉଥିଲେ? ହଜରତ ଆଇଶା ର ଅ ଉତର ଦେଲେ **"ଅସ୍‌ୱାଦାନେ"** ଅର୍ଥାତ ଖଜୁରୀ ଓ ପାଣି ଦ୍ୱାରା କାମ ଚଳାଉଥିଲେ । ହଁ ଏତିକି କଥା ଥିଲା ଯେ ରସୁଲୁଲ୍ଲାଃ ସ ଆ ସଙ୍କ ଚତୁଃପାର୍ଶ୍ୱରେ ଅନ୍‌ସାର୍‌ମାନେ ପଡ଼ୋଶୀ ଥିଲେ । ସେମାନଙ୍କ ନିକଟରେ ଦୁଧିଆଳି ଛେଳୀ ରହିଥିଲେ । ତେଣୁ ସେମାନେ ମହାଭାଗ ସ ଆ ସଙ୍କ ନିକଟକୁ ସେହି ଛେଳୀମାନଙ୍କର କ୍ଷୀର ଉପହାର ସ୍ୱରୁପ ପଠାଇ ଦେଉଥିଲେ, ଯାହାକୁ ଆପଣ ସ ଆ ସ ଆମମାନଙ୍କୁ ପିଇବାକୁ ଦେଉଥିଲେ ।

ଆଁ ହଜରତ ସ ଆ ସଙ୍କ ଗେଲବସରର ଝିଅ ସୟଦତୁନ୍ ନିସା ହଜରତ ଫାତିମା ର ଅଙ୍କର ପରିସ୍ଥିତି ଏପରି ଥିଲା ଯେ, ସେ ଘରେ ଚକ୍କି ପେଶୁଥିବା ସମୟରେ ହାତରେ ଫୋଟକା ହୋଇଯାଉଥିଲା ଯେବେ ଜାଣିଲେ ଯେ ଆଁ ହଜରତ ସ ଆ ସଙ୍କ ନିକଟକୁ କିଛି ଗୁଲାମ୍ (ଅର୍ଥାତ ଦାସ ବା ସେବକ) ଆସିଛନ୍ତି, ତେଣୁ ସେ ଇଚ୍ଛା ପ୍ରକାଶ କଲେ ଯେ ଜଣେ ଗୁଲାମ ତାଙ୍କୁ ଦିଆଯାଉ, ଯଦ୍ୱାରା ଗୃହ କାର୍ଯ୍ୟରେ କିଛିଟା ସାହାଯ୍ୟ ମିଳିଯିବ । ଆଁ ହଜରତ ସ ଆ ସ ରାତିବେଳା ନିଜ ଝିଅ ଓ ଜ୍ୱାଇଁଙ୍କ ନିକଟରେ ପହଂଚିଲେ ଓ ସେମାନଙ୍କ ମଝିରେ ବିଛଣା ଉପରେ ବସିପଡ଼ି, ବହୁତ ସ୍ନେହର ସହିତ ବୁଝାଇଲେ ଯେ କଣ ମୁଁ ତୁମକୁ ଏପରି କଥା ବତାଇବି ନାହିଁ, ଯାହା ତୁମେ ମାଗିଥିବା ଜିନିଷ ଅପେକ୍ଷା

*ଅବଶିଷ୍ଟାଂଶ ପୃଷ୍ଠା- ୨୨ ରେ ଦେଖନ୍ତୁ ......*

ତକ୍‌ରିର୍ ଜଲସା ସାଲାନା ୨୦୨୧

# ମାଲି କୁର୍ବାନୀ (ଆର୍ଥିକ ବଳିଦାନ)ର ମହତ୍ୱ

**(ଆଁ ହଜରତ ସ ଆ ସଙ୍କ ସାହାବାମାନଙ୍କ ଜୀବନୀ ତଥା ହଜରତ ମସିହ୍ ମଉଦ ଆ ସଙ୍କ ଜୀବନୀର ଆଲୋକରେ)**

**(ରଫିକ୍ ଅହ୍‌ମଦ୍ ବେଗ୍, ନାଜିର ବଇତୁଲ୍ ମାଲ୍ ଆମଦ୍, ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)**

ସମ୍ମାନସ୍ପଦ ସଭାପତି ମହୋଦୟ ଏବଂ ପ୍ରିୟ ଶ୍ରୋତାଗଣ! ଅସ୍‌ସଲାମୁ ଆଲୈକୁମ୍ ୱ ରହମ୍‌ତୁଲ୍ଲାହି ୱ ବରକାତୁହୁ! ମୋ ଭାଷଣର ବିଷୟବସ୍ତୁ ହେଉଛି "ଆଁ ହଜରତ ସ ଆ ସ ଏବଂ ହଜରତ ମସିହ ମଉଦ ଆ ସଙ୍କ ସାହାବାମାନଙ୍କର ଜୀବନଚରିତ ଆଲୋକରେ ଆର୍ଥିକ ବଳିଦାନର ଗୁରୁତ୍ୱ / ମହତ୍ୱ"

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ଆର୍ଥିକ ବଳିଦାନର ଗୁରୁତ୍ୱ ଓ ଆଶିଷ ସମ୍ବନ୍ଧରେ କହିଛନ୍ତି:- **ମସଲୁଲ୍ ଲଜିନା ୟୁନ୍‌ଫିକୁନା.... ୱଲ୍ଲାହୁ ୱାସିଉନ୍ ଅଲୀମ୍ (ସୁରଃ ଅଲ୍‌ବକ୍‌ରାଃ: ଆୟତ ନଂ- ୨୬୨)**

**ମସଲୁଲ୍ ଲଜିନା.......... ୱଲ୍ଲାହୁ ବିମା ତାମଲୁନା ବସିର୍ (ସୁରଃ ବକ୍‌ରାଃ:୨୬୬)**

ଅନୁବାଦ:- ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ସେମାନଙ୍କ (ଏହି କାର୍ଯ୍ୟର) ଉପମା ସେହି ଶସ୍ୟର ଏକ ବୀଜ ସହିତ ତୁଳନୀୟ ଯେଉଁଥିରୁ ସାତଗୋଟି ଶସ୍ୟଗୁଚ୍ଛ ଉତ୍ପନ୍ନ ହୁଏ; ଏବଂ ପ୍ରତ୍ୟେକ ଗୁଚ୍ଛରେ ଏକଶତ ବୀଜ ଥାଏ; ଏବଂ ଅଲ୍ଲାଃ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି ତାହାଙ୍କୁ (ଏହାଠାରୁ ମଧ୍ୟ) ଅଧିକ ପ୍ରଦାନ କରନ୍ତି; ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ ବଦାନ୍ୟ ଓ ସର୍ବଜ୍ଞ। (ଅଲ୍‌ବକ୍‌ରାଃ:୨୬୨)

ଏବଂ ଯେଉଁମାନେ ଅଲ୍ଲାଃଙ୍କର ପ୍ରୀତିଭାଜନ ହେବା ପାଇଁ ଓ ନିଜକୁ ସଦୃଢ଼ କରିବା ପାଇଁ ନିଜ ଧନ ବ୍ୟୟ କରନ୍ତି ସେମାନଙ୍କ ବ୍ୟୟର ଉପମା ଉଚ୍ଚ ଭୂମି ଉପରେ ଥିବା ଏକ ଉଦ୍ୟାନର ଅବସ୍ଥା ସଦୃଶ ଯେଉଁଠାରେ ବହୁଳ ବୃଷ୍ଟି ହେଲେ ତାହା ଦୁଇଗୁଣ ଫଳ ଦିଏ; ଏବଂ ବହୁଳ ବୃଷ୍ଟି ନ ହେଲେ ଅଳ୍ପ ବୃଷ୍ଟି ହିଁ (ତାହା ପାଇଁ ଯଥେଷ୍ଟ); ଏବଂ ତୁମେମାନେ ଯାହା କରୁଅଛ ଅଲ୍ଲାଃ ତାଲା ତାହା ଦେଖୁଛନ୍ତି। (ସୁରଃ ବକ୍‌ରାଃ:୨୬୬)

ଉପରୋକ୍ତ ଦୁଇଟି ଯାକ ଆୟତରେ ଅଲ୍ଲାଃ ତାଲା ବହୁତ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି ଯେ ଅଲ୍ଲାଃଙ୍କ ମାର୍ଗରେ ଧନ ଖର୍ଚ୍ଚ କରୁଥିବା ଲୋକ କେବେ ବି ଧନ ଖର୍ଚ୍ଚ କରିଥିବା ଯୋଗୁଁ ନଷ୍ଟ ହୁଏ ନାହିଁ କି କଦାପି କ୍ଷତି ସହେ ନାହିଁ। ବରଂ ତାଙ୍କ ଧନରେ ଅସାଧାରଣ ବରକତ୍ (ଅର୍ଥାତ ଆର୍ଶୀବାଦ ଓ ବୃଦ୍ଧି) ଘଟିଥାଏ। ଯେପରି ଗୋଟିଏ ମଞ୍ଜିକୁ ଭୂଇଁରେ ବୁଣିଦେଲେ, ସେଥିରୁ ସାତୋଟି କେନା ବାହାରି ଥାଏ ଏବଂ ପ୍ରତ୍ୟେକ କେନାରୁ ଶହେ ଶହେଟି ଶସ୍ୟ ବାହାରି ସାତୋଟି କେନାରୁ ସାତଶହ ଶସ୍ୟ ବାହାରିଥାଏ। ବରଂ ଅଲ୍ଲାଃ ଯଦି ଚାହିଁବେ ତା ଠାରୁ ବି ଅଧିକା ଶସ୍ୟ ବାହାରି ପାରିବ। ସାମ୍ପ୍ରତିକ ବୈଜ୍ଞାନିକ ଯୁଗରେ ଏହା ପ୍ରମାଣିତ ହୋଇସାରିଲାଣି ଯେ ଗୋଟିଏ ଶସ୍ୟରୁ ଶହ ଶହ ଶସ୍ୟ ଉତ୍ପନ୍ନ କରାଯାଇପାରେ।

ଏହିପରି ଅଲ୍ଲାଃ ତାଲା ବିଶ୍ୱାସକାରୀମାନଙ୍କୁ ଏ ଅଶ୍ୱାସନା ଦେଇଥାନ୍ତି ଯେ ଯଦି ତୁମେମାନେ ଅଲ୍ଲାଃଙ୍କ ପ୍ରସନ୍ନତା ପାଇଁ କୌଣସି ଭଲ କାର୍ଯ୍ୟ ନିମନ୍ତେ ଧନ ଖର୍ଚ୍ଚ କରିବ, ତା'ହେଲେ ତୁମର ଧନ କମ୍ ହୋଇଯିବ ନାହିଁ କି ତୁମର ବଗିଚା ନଷ୍ଟ ହେବ ନାହିଁ। ସେହିପରି ତୁମର ବେପାର ବାଣିଜ୍ୟରେ କୌଣସି ଘାଟା ହେବ ନାହିଁ କି ତୁମେ କ୍ଷତିରେ ପଡ଼ିବ ନାହିଁ। ବରଂ ପ୍ରତ୍ୟେକ କାର୍ଯ୍ୟରେ ଅସାଧାରଣ ବରକତ୍ (ଅର୍ଥାତ ଅଶେଷ ଆର୍ଶୀବାଦ ଓ କଲ୍ୟାଣ) ପ୍ରାପ୍ତ ହେବ।

**ଖୁଦା ସେ ୱହି ଲୋଗ୍ କରତେ ହେଁ ପ୍ୟାର୍**
**ଯୋ ସବ୍ କୁଛ ହି କର୍‌ତେ ହେଁ ଉସ୍‌ମେ ନିସାର୍**
**ଇସି ଫିକ୍‌ର୍ ମେଁ ରହ୍‌ତେ ହେଁ ରୋଜୋ ଶବ୍**
**କେ ରାଜି ୱହ୍ ଦିଲ୍‌ଦାର୍ ହୋତା ହେ କବ୍**
**ଉସେ ଦେ ଚୁକେ ମାଲୋ ଜାନ୍ ବାର୍ ବାର୍**
**ଅଭି ଖୌଫ୍ ଦିଲ୍ ମେଁ କେ ହେଁ ନାବ୍‌କାର୍**

ପ୍ରୀୟ ଶ୍ରୋତାଗଣ! ପ୍ରାଥମିକ ଯୁଗର ବିଶ୍ୱାସକାରୀମାନେ ଆର୍ଥିକ ବଳିଦାନର ମହତ୍ୱକୁ ହୃଦୟଙ୍ଗମ କରି ସେହି ବରକତ୍‌ରୁ (ଅର୍ଥାତ ସେହି ଆଶିଷ ଓ କଲ୍ୟାଣରୁ) ଉପକୃତ ହୋଇଥିଲେ, ଯେଉଁ ବର୍‌କତ୍‌ଗୁଡ଼ିକ ବିଷୟରେ ଉପରୋକ୍ତ ପବିତ୍ର ଆୟତ ଦ୍ୱୟରେ ସଂକ୍ଷିପ୍ତରେ ବର୍ଣ୍ଣନା କରାଯାଇଅଛି। ଆଁ ହଜରତ ସ ଆ ସଙ୍କ ସାହାବମାନେ (ଅଲ୍ଲାଃ ସେମାନଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ) ନିଜର ଅନୁପମ ବଳିଦାନ ଏବଂ ପ୍ରେମରେ ମଗ୍ନ ହେହାଇ ଅଲ୍ଲାଃଙ୍କ ମାର୍ଗରେ ନିଜକୁ ହଜାଇ ଦେଲେ ତଥା ଅଲ୍ଲାଃଙ୍କ ରସୁଲ୍‌ଙ୍କୁ ଅଲ୍ଲାଃଙ୍କ ଖାତିର ଏତେମାତ୍ରାରେ ଭଲ ପାଇ ଏପରି ପଦମର୍ଯ୍ୟାଦା/ ସ୍ଥାନ ପ୍ରତିଷ୍ଠା କରିଦେଲେ ଯେ ତାହା ସଂସାରରେ ଥିବା ପର୍ଯ୍ୟନ୍ତ ଏକ ଦୃଷ୍ଟାନ୍ତ/ ନମୁନା ହୋଇ ରହିଗଲା। ସେହି ସାହାବାମାନେ ନିଜର କର୍ମ ଦ୍ୱାରା ଏହା ପ୍ରମାଣିତ କରିଦେଲେ ଯେ ବାସ୍ତବିକ ଆଁ ହଜରତ ସ ଆ ସଙ୍କ ସମୟଟି / ଯୁଗଟି ବିଶ୍ୱ ଇତିହାସରେ ଏକ ସୁବର୍ଣ୍ଣ ଯୁଗ ଥିଲା। କାରଣ ଏମାନେ ସେହି ସାହାବାଗଣ ଥିଲେ, ଯେଉଁମାନେ ଅଲ୍ଲାଃଙ୍କର ଏହି ଡ଼ାକ **ୟା ଅୟୋହଲ୍ ଲଜିନା ଆମନୁ କୁନୁ ଅନ୍‌ସାରୁଲ୍ଲାହା** ଅର୍ଥାତ ହେ ବିଶ୍ୱାସକାରୀଗଣ ତୁମେମାନେ ଅଲ୍ଲାଃଙ୍କ ଧର୍ମର ସାହାଯ୍ୟକାରୀ ହୋଇଯାଅ, କୁ ଶୁଣି ମହାଭାଗ ସ ଆ ସଙ୍କ ପାଦତଳେ ନିଜର ଜୀବନକୁ ଉତ୍ସର୍ଗ କରିଦେଇଥିଲେ।

ଯେତେବେଳେ ମାଲି କୁର୍ବାନୀ (ଆର୍ଥିକ ବଳୀଦାନ)ର ଆହ୍ୱାନ ଦିଆଯାଉଥିଲା, ସେତେବେଳେ ସାହାବମାନେ ନିଜ ନିଜ ଘରକୁ ଧାଇଁ ଯାଉଥିଲେ ଓ ଘରେ ଯାହା କିଛି ବି ଉପଲବ୍ଧ ହେଉଥିଲା, ତାହା ଧରି ମହାଭାଗ ସ ଆ ସଙ୍କ ସମ୍ମୁଖରେ ଉପସ୍ଥାପନ କରିଦେଉଥିଲେ। ପୂଣ୍ୟକାର୍ଯ୍ୟରେ ପରସ୍ପରଠାରୁ ଆଗକୁ ବଢ଼ିଯିବା ପାଇଁ ଏକ ପ୍ରତିଯୋଗିତା ଲାଗି ରହୁଥିଲା। ଗୋଟିଏ ଅବସରରେ ହଜରତ ଅବୁ ବକର ର ଅ ଓ ହଜରତ ଉମର ର ଅ ନିଜ ନିଜ ଘରୁ ଧନ ଘେନି ଆଣିଲେ। ରସୁଲୁଲ୍ଲାଃ ସ ଆ ସ ହଜରତ ଉମର ର ଅଙ୍କୁ ପଚାରିଲେ ହେ ଉମର୍! ତୁମେ କ'ଣ ଘେନି ଆଣିଛ? ସେ ଉତର ଦେଲେ ହେ ଅଲ୍ଲାଃଙ୍କ ରସୁଲ୍! ମୁଁ ମୋ ଧନସମ୍ପତିର ଅଧାଭାଗ ନେଇ ଆସିଛି। ସେହିପରି ମହାଭାଗ ସ ଆ ସ ହଜରତ ଅବୁ ବକର୍ ର ଅଙ୍କୁ ମଧ୍ୟ ପଚାରିଲେ। ସେ ଉତର ଦେଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍! ମୁଁ ମୋର ସମସ୍ତ ଧନ ସମ୍ପତି ନେଇ ଆସିଛି ଏବଂ ଘରେ ଅଲ୍ଲାଃଙ୍କର ଓ ତାହାଙ୍କ ରସୁଲ୍‌ଙ୍କ ସ୍ମୃତିକୁ ଛାଡ଼ି ଆସିଛି।

ହଜରତ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍‌ଙ୍କର ବହୁତ କମ୍ ସମ୍ପତି ଥିଲା। ବହୁତ କଷ୍ଟରେ ନିଜ ପିଲାମାନଙ୍କର ପ୍ରତିପାଳନ କରୁଥିଲେ। କିନ୍ତୁ ଏପରି ଏକ ସମୟ ଆସିଲା, ଯେତେବେଳେ ଇସ୍‌ଲାମ୍ ପାଇଁ ଧନର ଆବଶ୍ୟକତା ଥିଲା। ତାହା ପୂରଣ କରିବା ନିମନ୍ତେ ଚାନ୍ଦା (ଦାନ ସଂଗ୍ରହ) ପାଇଁ ଆହ୍ୱାନ ଦିଆଗଲା। ହଜରତ ଅବ୍‌ଦୁଲ୍ଲାଃଙ୍କ ନିକଟରେ ଯଦିଓ ଧନସମ୍ପତିର ଅଭାବ ଥିଲା କିନ୍ତୁ ତାଙ୍କ ହୃଦୟରେ ବିଶ୍ୱାସର ଉଷ୍ମତା ଭରି ରହିଥିଲା। ସେ ସେଥିରେ ପ୍ରଭାବିତ ହୋଇ ତାଙ୍କ ନିକଟରେ ଯାହା କିଛି ଥିଲା, ସବୁତକ ଈଶ୍ୱରଙ୍କ ମାର୍ଗରେ ଅର୍ପଣ କରିଦେଲେ। ତାଙ୍କ ବାପା ଆଁ ହଜରତ ସ ଆ ସଙ୍କ ନିକଟରେ ଆସି ଅଭିଯୋଗ କଲେ। ସୁତରାଂ ଆଁ ହଜରତ ସ ଆ ସ ତାଙ୍କୁ ଡ଼କାଇ କହିଲେ ଯେ ଅଲ୍ଲାଃ ତାଲା ତୁମର ଏହି ଦାନକୁ ଗ୍ରହଣ କରିସାରିଛନ୍ତି କିନ୍ତୁ ଏବେ ତୁମର ବାପାଙ୍କ ଉତରାଧିକାରୀ ଭାବରେ ସେ ତୁମକୁ ଲେଉଟାଉଛନ୍ତି। ତୁମେ ଏହାକୁ ଗ୍ରହଣ କର।

ହଜରତ ତଲ୍‌ହା ର ଅ ସତର ଅଠର ବର୍ଷ ବୟସରେ ଇସ୍‌ଲାମ୍ ଗ୍ରହଣ କରିଥିଲେ। ସେ ବଦର୍ ଯୁଦ୍ଧରେ ଖୁବ୍ ବୀରତ୍ୱର ସହିତ ଆଁ ହଜରତ ସ ଆ ସଙ୍କ ସାଥିରେ ରହି ଲଢ଼ିଥିଲେ। କିନ୍ତୁ ଆର୍ଥିକ ବଳିଦାନ ଦୃଷ୍ଟିକୋଣରୁ ସେ କାହାଠାରୁ ପଛରେ ନଥିଲେ। ସେ ଏ ପ୍ରତିଜ୍ଞା କରି ରଖିଥିଲେ ଯେ ଯୁଦ୍ଧ ଅଭିଯାନଗୁଡ଼ିକର ଖର୍ଚ୍ଚ ନିମନ୍ତେ ସେ ନିଜର ସମ୍ପତି ଦାନ କରିଚାଲିବେ। ସୁତରାଂ ସେ ନିଜର ଏହି ପ୍ରତିଜ୍ଞାକୁ ସ୍ଥାୟୀ ଭାବରେ ନିରନ୍ତର ନିର୍ବାହ କରିଥିଲେ। ତବୁକ୍ ଯୁଦ୍ଧ ଅବସରରେ, ଯେବେ ମୁସଲମାନମାନଙ୍କର ଅବସ୍ଥା ସ୍ୱଚ୍ଛଳ ନଥିଲା ଏବଂ ଯୁଦ୍ଧ ସାମଗ୍ରୀର ଭିଷଣ ଆବଶ୍ୟକତା ଥିଲା, ସେତେବେଳେ ସେ ବିପୁଳ ପରିମାଣର ଅର୍ଥ ପ୍ରଦାନ କରିଥିଲେ। ଏହା ଦେଖି ଆଁ ହଜରତ ସ ଆ ସ ତାଙ୍କୁ "ଫୟାଜ୍" ନାମରେ ସମ୍ବୋଧନ କରିଥିଲେ। (ଅର୍ଥାତ ବଡ଼ ଦାନୀ)।

ଯେବେ ପବିତ୍ର କୁର୍‌ଆନ୍‌ର ଏହି ଆୟତ ଅର୍ଥାତ- **ମିନଲ୍ ମୁମିନିନା ରିଜାଲୁନ୍ ସଦକୁ ମା ଆହଦୁଲ୍ଲାହା ଆଲୈହେ; ଫମିନ୍‌ହୁମ୍ ମନ୍ କଜା ନହ୍‌ବହୁ ୱ ମିନ୍‌ହୁମ୍ ମନ ୟନ୍‌ତଜିର୍** ଅର୍ଥାତ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଈଶ୍ୱରଙ୍କ ସହିତ କରିଥିବା ପ୍ରତିଜ୍ଞାକୁ ପାଳନ କରି ସତ୍ୟ ପ୍ରମାଣିତ କରି ଦେଖାଇଦେଲେ। ଏଥିରେ ଆଁ ହଜରତ ସ ଆ ସ କହିଲେ। ହେ ତଲ୍‌ହା ତୁମେ ବି ସେହି ଲୋକମାନଙ୍କ ମଧ୍ୟରେ ପରିଗଣିତ। ପୁଣି ଯେତେବେଳେ ଆୟତ- **ଲନ୍ ତନାଲୁଲ୍ ବିର୍‌ରା ହତ୍‌ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍** ଅବତୀର୍ଣ୍ଣ ହେଲା, ସେତେବେଳେ ବି ଅନୁକରଣୀୟ ଆଦର୍ଶ ଉପସ୍ଥାପନ କରି ବେର୍‌ହା ବଗିଚାକୁ ରସୁଲୁଲ୍ଲାଃ ସ ଆ ସଙ୍କ ସେବାରେ / ଗୋଚରେ ପେଶ୍ କରିଦେଲେ।

ହଜରତ ଅବ୍ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର ଅ ନିଜର ଯୌବନାବସ୍ଥାରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ସେ ଜଣେ ବଡ଼ ବ୍ୟବସାୟୀ ଓ ବହୁତ ବଡ଼ ଧନୀ ଥିଲେ କିନ୍ତୁ ଧନସମ୍ପତି ମୋହ ବିଲ୍‌କୁଲ୍ ନଥିଲା । ବରଂ ତାହାକୁ ଈଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କରିବାକୁ ଖୁସି ପାଉଥିଲେ । ଥରେ ତାଙ୍କ ବ୍ୟବସାୟୀ କାଫିଲା (ଅର୍ଥାତ ଦଳ) ମଦିନାରେ ପହଂଚିଲା । ସେଥିରେ ଶାତ ଶହ ଓଟ ଉପରେ ଗହମ, ଅଟା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଭରି ରହିଥିଲା । ଯେହେତୁ ଏହା ଏକ ଅସାଧାରଣ କଥା ଥିଲା । ତେଣୁ ସମଗ୍ର ମଦିନାରେ ଏ ବିଷୟ ଚର୍ଚ୍ଚା ହେବାକୁ ଲାଗିଲା । ହଜରତ ଆଇଶା ର ଅ କହିଲେ ଯେ ଆଁ ହଜରତ ସ ଆ ସ କହୁଥିଲେ ଅବ୍ଦୁର୍ ରହ୍‌ମାନ୍ ବୈକୁଣ୍ଠରେ ଘୁଷୁରି ଘୁଷୁରି ପ୍ରବେଶ କରିବେ । ଏ କଥା ହଜରତ ଅବ୍ଦୁର୍ ରହ୍‌ମାନ୍‌ଙ୍କ ନିକଟରେ ପହଂଚିଲା । ସୁତରାଂ ସେ ହଜରତ ଆଇଶା ର ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ଯେ ଆପଣ ସାକ୍ଷୀ ରହନ୍ତୁ ଯେ ମୁଁ ଏହି କାଫିଲା (ଅର୍ଥାତ ବ୍ୟବସାୟୀ ଦଳ)କୁ ସମସ୍ତ ଜିନିଷ ପତ୍ର ସମେତ, ଏପରି କି ଓଟ ଉପରେ ଲାଗିଥିବା କୁଜାଓ୍ୱାକୁ ବି ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିଦେଲି ।

ମୃତ୍ୟୁ ସମୟରେ ମଧ ସେ ପଚାଶ ହଜାର ଦିନାର୍ ଏବଂ ଏକ ହଜାର ଘୋଡ଼ା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦାନ କରିବା ପାଇଁ ଓ୍ୱସିୟତ୍ (ଇଚ୍ଛାପତ୍ର) କରିଥିଲେ । ଏହା ବ୍ୟତୀତ ବଦ୍ରୀ ସାହାବାମାନଙ୍କ ମଧ୍ୟରୁ ଯେଉଁମାନେ ଜୀବିତ ଥିଲେ, ପ୍ରତ୍ୟେକଙ୍କ ପାଇଁ ଚାରି ଚାରି ଶହ ଲେଖା ଦିନାର୍ ଓ୍ୱସିୟତ କରିଥିଲେ । କୁହାଯାଏ ଯେ ସେ ସମୟରେ ଏକ ଶହ ବଦ୍ରୀ ସାହାବି ଜୀବିତ ଥିଲେ । ସେହି ଓ୍ୱସିୟତ୍‌ରୁ ସମସ୍ତେ ଉପକୃତ ହୋଇଥିଲେ । ଏପରି କି ହଜରତ ଉସ୍‌ମାନ୍ ମଧ ନିଜର ଭାଗ ପାଇଥିଲେ ।

ହଜରତ ଉସ୍‌ମାନ୍ ର ଅ ୩୪ ବର୍ଷ ବୟସରେ ଇସ୍‌ଲାମ୍ ଗ୍ରହଣ କରିଥିଲେ । ସେ ବହୁତ ବଡ଼ ଧନୀ ଲୋକ ଥିଲେ । ଯେତେବେଳେ ମୁସଲମାନମାନେ ମକ୍କାରୁ ହିଜ୍‌ରତ୍ କରି (ଅର୍ଥାତ ସ୍ଥାନାନ୍ତରିତ) ହୋଇ ମଦିନା ଆସିଲେ, ସେତେବେଳେ ସେଠାରେ ଜଳର ଭିଷଣ ଅଭାବ ଥିଲା । କେବଳ ଗୋଟିଏ କୂଅ (ବେରେ ରୋମା ନାମକ କୂଅ) ଏପରି ଥିଲା, ଯାହାର ପାଣି ଉତମ ଓ ମଧୁର ଥିଲା । କିନ୍ତୁ ତାହା ଜଣେ ଇହୁଦୀ ଲୋକର ଥିଲା, ଯିଏ ତାହାର ପାଣିକୁ ବିକ୍ରୀ କରୁଥିଲା । ଏପଟେ ସାହାବା ମାନଙ୍କର ଆର୍ଥିକ ଅବସ୍ଥା ଏପରି ନଥିଲା ଯେ ସେମାନେ ସେହି ପାଣିକୁ କିଣି ପିଇପାରିଥାନ୍ତେ । ତେଣୁ ହଜରତ ଉସ୍‌ମାନ୍ ର ଅ ସେହି କୂଅଟିକୁ ଉକ୍ତ ଇହୁଦୀଙ୍କ ନିକଟରୁ କୋଡ଼ିଏ ହଜାର ଦିର୍‌ହମ୍ ବିନିମୟରେ କିଣି (ଲୋକମାନଙ୍କ ପାଇଁ) ଉତ୍ସର୍ଗ କରିଦେଲେ ।

ଆଁ ହଜରତ ସ ଆ ସ ଯେତେବେଳେ ତବୁକ୍ ଯୁଦ୍ଧର ପ୍ରସ୍ତୁତି ପାଇଁ ଆଦେଶ ଦେଲେ, ସେତେବେଳେ ଆର୍ଥିକ ଅଭାବ ଅତ୍ୟଧିକ ଥିଲା । ଯୁଦ୍ଧ ସାମଗ୍ରୀ ଯୋଗାଡ଼ କରିବା ବହୁତ କଷ୍ଟକର ହୋଇପଡ଼ିଥିଲା । ତେଣୁ ମହାଭାଗ ସ ଆ ସ ସାହାବାମାନଙ୍କୁ ଆର୍ଥିକ ସହାୟତା କରିବା ପାଇଁ ଅନୁରୋଧ କରିଥିଲେ । ହଜରତ ଉସ୍‌ମାନ୍ ର ଅ ନିଜ ଖର୍ଚ୍ଚରେ ଦଶ ହଜାର ସୈନିକଙ୍କ ଖର୍ଚ୍ଚ ପାଣି ବହନ କଲେ ଏବଂ ସେମାନଙ୍କ ପାଇଁ ସାଧାରଣରୁ ସାଧାରଣ ଜିନିଷ ବି ଆପଣ ର ଅଙ୍କ ଟଙ୍କାରେ କିଣା ଯାଇଥିଲା । ଏତଦ୍ ବ୍ୟତୀତ ଏକ ହଜାର ଓଟ, ସତୁରୀଟି ଘୋଡ଼ା ଓ ସାମଗ୍ରୀ ପହଂଚାଇବା ପାଇଁ ଏକ ହଜାର ଦିନାର୍ ନଗଦ ରାଶି ଉପସ୍ଥାପନ କରିଥିଲେ ।

ପ୍ରିୟ ଶ୍ରୋତାଗଣ ! ଆଁ ହଜରତ ସ ଆ ସଙ୍କ ସାହାବାମାନଙ୍କ ସଙ୍ଗେ ସଙ୍ଗେ ମହିଳା ସାହାବାମାନେ ମଧ ଆର୍ଥିକ ବଳିଦାନ କରିବାରେ କିଛି ପଛରେ ନଥିଲେ । ସେମାନେ ନିଜ ସନ୍ତାନମାନଙ୍କୁ ଯେଉଁଠି ଇସ୍‌ଲାମ୍‌ର ଗୌରବ ଓ ଯଶ ପାଇଁ ଉପସ୍ଥାପନ କଲେ, ସେଠି ନିଜର ଅତ୍ୟନ୍ତ ପ୍ରିୟ ବସ୍ତୁଗୁଡ଼ିକୁ ଅର୍ଥାତ ଧନ ସମ୍ପତି ସହିତ ନିଜର ଅଳଙ୍କାର ଓ ଦାମି ଆଭୁଷଣକୁ ଈଶ୍ୱରଙ୍କ ମାର୍ଗରେ ବିନା ଦ୍ୱିଧାରେ ଉର୍ତ୍ସଗ କରିଦେଇଥିଲେ । ଉମ୍ମୁଲ୍ ମୁମିନିନ୍ ହଜରତ ସୌଦା ର ଅଙ୍କ ସମ୍ବନ୍ଧରେ ଆଁ ହଜରତ ସ ଆ ସ କହିଥିଲେ ଯେ ଲମ୍ବା ହାତ ଥିବା ବ୍ୟକ୍ତି ସ୍ୱର୍ଗରେ ସର୍ବପ୍ରଥମେ ମୋ ସହିତ ସାକ୍ଷାତ କରିବେ । ଅର୍ଥାତ ଈଶ୍ୱରଙ୍କ ମାର୍ଗରେ ସବୁଠାରୁ ଅଧିକା ଖର୍ଚ୍ଚ କରୁଥିବା ବ୍ୟକ୍ତି । ଏଥିରୁ ଆମେ ଜାଣିଥାଉଁ ଯେ ଈଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କରିବା ଦ୍ୱାରା ଜଣେ ଈଶ୍ୱର ତଥା ତାହାଙ୍କ ରସୁଲ୍ (ଦୂତ)ଙ୍କ ନିକଟତର ହୋଇଥାଏ ।

ପ୍ରିୟ ବନ୍ଧୁଗଣ ! ଯେ ପର୍ଯ୍ୟନ୍ତ ଏପରି ବଳିଦାନର ଆତ୍ମା ସେହି ଉର୍ତ୍ସଗୀ ସାହାବା ତଥା ସେମାନଙ୍କ ଅନୁଗାମୀମାନଙ୍କ ମଧ୍ୟରେ ଥିଲା ସେପର୍ଯ୍ୟନ୍ତ ବିକାଶର ଧାରା ଜାରି ରହିଥିଲା ଓ ଅଲ୍ଲାଃଙ୍କ ସାହାଯ୍ୟ ଓ ସମର୍ଥନ ସେମାନଙ୍କୁ ପ୍ରାପ୍ତ ହେଉଥିଲା । ଆପଣ ସ ଆ ସଙ୍କ ଆର୍ବିଭାବର ତିନିଶହ ବର୍ଷ ପରେ ଗୋଟିଏ ଅନ୍ଧକାରମୟ ଯୁଗ ଆରମ୍ଭ ହୋଇଗଲା । ଯାହାର ଅନ୍ଧକାର ଏକ ହଜାର ବର୍ଷରେ ସର୍ବୋଚ୍ଚ ସ୍ତରରେ ପହଂଚିଗଲା । ଆଁ ହଜରତ ସ ଆ ସଙ୍କ କଥନ ମୁତାବକ ଇସ୍‌ଲାମ୍‌ର କେବଳ ନାମ ବାକି ରହିଗଲା ଏବଂ ବଳିଦାନର ଆତ୍ମା ହଜିଗଲା ଏବଂ ପ୍ରକୃତ ଇମାନ୍ (ବିଶ୍ୱାସ) ଏ ଦୁନିଆରୁ ଉଠି ସୁରୟା ନାମକ ତାରା ନିକଟରେ ପହଂଚିଗଲା (ଅର୍ଥାତ ପୃଥିବୀରୁ ବିଶ୍ୱାସ ଉଠିଗଲା) । ଅତଃ ଏପରି ପରିସ୍ଥିତିରେ ଅଲ୍ଲାଃଙ୍କର ଦୟା ଉଚ୍ଛୁଳି ପଡ଼ିଲା । ପବିତ୍ର କୁରଆନ୍‌ରେ ସୁରଃ ମୁହମ୍ମଦ୍‌ରେ ବର୍ଣ୍ଣିତ ନିମ୍ନଲିଖିତ ସ୍ପଷ୍ଟ ଭବିଷ୍ୟବାଣୀ ମୁତାବକ **ଓ୍ୱ ଇନ୍ ତତଓ୍ୱଲ୍ଲଓ ୟସ୍‌ତବ୍‌ଦିଲ୍ କୌମନ୍ ଗୈରାକୁମ୍ ସୁମ୍ମା ଲା ୟକୁନୁ ଅମ୍‌ସାଲକୁମ୍** ଅର୍ଥାତ:- ହେ ମୁସଲମାନମାନେ ! ଯଦି ତୁମେମାନେ ଇସ୍‌ଲାମ୍‌ର ଜୀବନ ପାଇଁ ବଳିଦାନ କରିବାରୁ ଦୂରେଇ ରୁହ ତା'ହେଲେ ଖୁଦାତାଲା ତୁମ ବଦଳରେ ଅନ୍ୟ ଏକ କୌମ୍ (ଅର୍ଥାତ ଆଉ ଏକ ଜାତି ବା ସମ୍ପ୍ରଦାୟ)କୁ ନେଇ ଆସିବ । ଯେଉଁମାନେ ତୁମମାନଙ୍କ ପରି ବଳିଦାନ କରିବାରୁ ବିମୁଖ ହେବେନାହିଁ । ଏହି ସ୍ପଷ୍ଟ ଭବିଷ୍ୟବାଣୀ ମୁତାବକ ଚତୁର୍ଦ୍ଦଶ ଶତାବ୍ଦୀ ପ୍ରାରମ୍ଭରେ ଅଲ୍ଲାଃ ତାଲା ସେହି ମୁହମ୍ମଦଙ୍କ ମସିହ ଓ ମେହେଦୀ ଆ ସଙ୍କୁ ଜଗତକୁ ପଠାଇଲେ ଯାହାଙ୍କ ମାଧମରେ ଇସ୍‌ଲାମ୍‌ର ବିଶ୍ୱବ୍ୟାପି ବିଜୟ ହେବା ବିଧିର ବିଧାନ ଥିଲା । ତାଙ୍କର ଆଗମନ ଏପରି ସମୟରେ ହେଲା, ଯେତେବେଳେ ଏ ଦୁନିଆରେ ଅନ୍ଧକାର ଓ ବିଭ୍ରାନ୍ତି ବ୍ୟାପି ରହିଥିଲା ଏବଂ ମିଥ୍ୟା ସମ୍ପ୍ରଦାୟଗୁଡ଼ିକ ଇସ୍‌ଲାମ୍‌କୁ ଦୁର୍ବଳ କରିବା ପାଇଁ ଯଥାସମ୍ଭବ ଚେଷ୍ଟା ଚଳାଉଥିଲେ । ଲକ୍ଷ ଲକ୍ଷ ମୁସଲମାନ ଖ୍ରୀଷ୍ଟିୟାନ୍ ତଥା ଅନ୍ୟାନ୍ୟ ଧର୍ମର ଧର୍ମ ଦ୍ୱାରା ପ୍ରାତରିତ ହୋଇଥିଲେ, ଏବଂ ଯେଉଁ ଇସ୍‌ଲାମ୍ ସାରା ପୃଥିବୀକୁ ମୁହମ୍ମଦ ରସୁଲୁଲ୍ଲାଃ ସ ଆ ସଙ୍କ ନୂର୍ (ଜ୍ୟୋତି ଓ ଆଲୋକ) ଦ୍ୱାରା ଆଲୋକିତ କରିବାକୁ ଆସିଥିଲା, ସେହି ଆଲୋକକୁ ସେମାନେ ଲିଭାଇବାକୁ ଲାଗିଥିଲେ । ଏହିପରି ଏକ ଘଡ଼ିସନ୍ଧି ସମୟରେ କାଦିଆନ୍‌ର ଗୋଟିଏ ଅଜ୍ଞାତ ବସ୍ତିରୁ ହଜରତ ମୁହମ୍ମଦ୍ ରସୁଲୁଲ୍ଲାଃ ସ ଆ ସଙ୍କ ସଚ୍ଚା ପ୍ରେମୀ ଓ ମହାଭାଗ ସ ଆ ସଙ୍କ ଉପରେ ସବୁଠାରୁ ଅଧିକ ଦରୁଦ୍ ତଥା ସଲାମ୍ ପ୍ରେରଣ କରୁଥିବା ସୟଦନା ହଜରତ ମସିହ ମଉଦ୍ ଓ ମେହେଦୀ ମାହୁଦ୍ ଆ ସଙ୍କ ଆବିର୍ଭାବ ହେଲା । ତାଙ୍କୁ ଅଲ୍ଲାଃ ତାଲା ଏ ସୁସମାଚାର ପ୍ରଦାନ କଲେ ଯେ ମୁଁ ତୁମ୍ଭ ନାମକୁ ସମ୍ମାନର ସହିତ ଜଗତରେ ବିସ୍ତାର କରିବି ଏପରି କି ରାଜାମାନେ ମଧ ତୁମ ପୋଷାକରୁ ଆର୍ଶିବାଦ ଲୋଡ଼ିବେ । ପୁଣି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଅଲ୍ଲାଃ ତାଲା ଏ ସୁସମାଚାର ବି ଦେଲେ ଯେ ମୁଁ ତୁମକୁ ଉତ୍ସର୍ଗୀ ତଥା ବିଶ୍ୱସ୍ତମାନଙ୍କର ଗୋଟିଏ ପବିତ୍ର ଜମାତ (ଗୋଷ୍ଠୀ/ଦଳ) ବି ଦେବି । ପୁଣି ଅଲ୍ଲାଃ ତାଲା ଏ ସୁସମାଚାର ବି ଦେଲେ ଯେ, ତୁମକୁ ସାହାଯ୍ୟ ଓ ସହଯୋଗ ଏପରି ଲୋକମାନେ କରିବେ, ଯେଉଁମାନଙ୍କ ହୃଦୟରେ ଆମ୍ଭେ ନିଜ ତରଫରୁ ଏଲହାମ୍ (ଐଶିବାଣୀ) କରିବୁ ।

**ମୁବାରକ ଓ୍ୱହ ଯୋ ଅବ୍ ଇମାନ୍ ଲାୟା**
**ସାହାବା ସେ ମିଲା ଜବ୍ ମୁଝ୍‌କୁ ପାୟା**

ଶୁଦ୍ଧ ଆତ୍ମା ରଖିଥିବା ହଜରତ ମୌଲାନା ହକିମ୍ ନୁରୁଦ୍ଦିନ୍ ର ଅ, ଯିଏ ସର୍ବପ୍ରଥମେ ହଜରତ ମସିହ ମଉଦ୍ ଆ ସଙ୍କ ବୟତ କରି ଜମାଅତ୍ ଅହେମଦିୟାରେ ଯୋଗଦେଇଥିଲେ । ସେ ପରେ ନିଜର ଅପୂର୍ବ ନିଷ୍ଠା, ଆନ୍ତରିକତା ଏବଂ ବଳିଦାନ ଫଳରେ ଖଲିଫତୁଲ୍ ମସିହ୍ ଅଲ୍ ଅଓ୍ୱଲ୍ (ପ୍ରଥମ) ହେଲେ । ହଜରତ ମସିହ ମଉଦ୍ ଆ ସଙ୍କ ସେବାରେ ଲେଖିଲେ:

"ମୁଁ ଆପଣଙ୍କ ମାର୍ଗରେ ଉତ୍ସର୍ଗ ହେଉଛି । ମୋର ଯାହା କିଛି ଅଛି, ମୋର ନୁହେଁ ସେ ସବୁ ଆପଣଙ୍କର । ହେ ମୋର ମହାନ୍ ପଥପଦର୍ଶକ ! ମୁଁ ଅନ୍ତରଆତ୍ମାରୁ ଆନ୍ତରିକତାର ସହ ନିବେଦନ କରୁଅଛି ଯେ ମୋ ସମସ୍ତ ଧନ ସମ୍ପତି ଯଦି ଧର୍ମ ପ୍ରଚାର ନିମନ୍ତେ ଖର୍ଚ୍ଚ ହୋଇଯାଏ, ତା'ହେଲେ ମୁଁ ମୋ ଉଦ୍ଦେଶ୍ୟକୁ ପ୍ରାପ୍ତ କରିନେବି ।" *(ଫତହ ଇସ୍‌ଲାମ୍ ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୩୬)*

ହଜରତ ମସିହ ମଉଦ୍ ଆ ସ ତାଙ୍କର ଏହି ସେବା କାର୍ଯ୍ୟକୁ ପ୍ରଶଂସା କରି ବର୍ଣ୍ଣନା କଲେ;

"ମୁଁ ତାଙ୍କର କେତେକ ଧର୍ମ ସେବା କାର୍ଯ୍ୟକୁ, ଯାହାକୁ ସେ ନିଜର ପବିତ୍ର ଧନ ଦ୍ୱାରା ଖର୍ଚ୍ଚ କରି ଇସ୍‌ଲାମ୍‌ର ବାଣୀକୁ ଉଚ୍ଚ କରିବା ନିମନ୍ତେ ସମ୍ପାଦନ କରୁଅଛନ୍ତି, ମୁଁ ତାହାକୁ ବହୁତ ଲୋଲୁପ ଦୃଷ୍ଟିରେ ଦେଖୁଅଛି ଯେ କାଳେ ସେହି ସେବାକାର୍ଯ୍ୟ ମୋ ଦ୍ୱାରା ସମ୍ପାଦିତ ହୋଇପାରିଥାନ୍ତା । ................. ସେ ମୋ (ବତାଇବା) ମାର୍ଗରେ ଧନସମ୍ପତି କଣ, ବରଂ ଜୀବନ ଓ ସମ୍ମାନକୁ ବି ଖର୍ଚ୍ଚ କରିବାକୁ ଦ୍ୱିଧା ବୋଧ କରି ନାହାନ୍ତି ।"

ହଜରତ ମୌଲାନା ନୁରୁଦ୍ଦିନ୍ ସାହେବଙ୍କ ପରି ଅନେକ ବୁଜୁର୍ଗ (ମହାତ୍ମା/ ଶୁଦ୍ଧାତ୍ମା) ଥିଲେ, ସେମାନେ ସମସ୍ତେ ଏହା ଚାହୁଁଥିଲେ ଯେ କାଳେ ସେମାନଙ୍କର ସବୁ ଧନ ସମ୍ପତି ଈଶ୍ୱରୀୟ ଧର୍ମର ପ୍ରଚାର ଓ ପ୍ରସାରରେ ଖର୍ଚ୍ଚ ହୁଅନ୍ତା କି ? ଯେମିତି ହଜରତ ମସିହ୍ ମଉଦ୍ ଆ ସ ନିଜେ କହିଛନ୍ତି:-

"ମୁଁ ଈଶ୍ୱରଙ୍କ ରାଣ ଖାଇ କହିପାରିବି ଯେ ମୋ ଜମାଅତ୍‌ରେ ଅତିକମ୍‌ରେ ଏକ ଲକ୍ଷ ଲୋକ ଏପରି ଅଛନ୍ତି, ଯେଉଁମାନେ ମୋ ଉପରେ ଆନ୍ତରିକତାର ସହ ବିଶ୍ୱାସ ଆଣିଛନ୍ତି ଏବଂ ଉତମ କର୍ମ କରିଛନ୍ତି............ ମୁଁ ଏହା ଦେଖୁଅଛି ଯେ ମୋ ଜମାତ୍‌ର ଲୋକମାନେ ଯେଉଁ ସମସ୍ତ ପୂଣ୍ୟକର୍ମ ତଥା ଦକ୍ଷତାରେ ଉନ୍ନତି କରିଛନ୍ତି, ଏହା ମଧ ଏକ ଚମତ୍କାର । ହଜାର ହଜାର ଲୋକେ ହୃଦୟରୁ ଉତ୍ସର୍ଗ ହୋଇଛନ୍ତି । ଯଦି ଆଜି ସେମାନଙ୍କୁ କୁହାଯାଏ ଯେ, ସେମାନେ ନିଜର ସମସ୍ତ ଧନସମ୍ପତିକୁ ତ୍ୟାଗ କରିଦିଅନ୍ତୁ, ତା'ହେଲେ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛନ୍ତି ।" *(ସିରତୁଲ୍ ମେହେଦୀ, ପ୍ରଥମ ଭାଗ, ପୃ-୧୫୦, ରିଓ୍ୱାୟତ ନଂ-୧୫୭)*

ସୁତରାଂ ଅହେମଦୀୟତ୍‌ର ଇତିହାସରେ ବଳିଦାନର ଏପରି ଅଗଣିତ ଉଦାହରଣ ଭରି ରହିଛି, ଯେଉଁମାନେ ସୟଦନା ହଜରତ ମସିହ୍ ମଉଦ୍ ଆ ସଙ୍କ ଅଦେଶକୁ ପାଳନ କରି, ସମସ୍ତ ପ୍ରକାରର ଧାର୍ମିକ ଆବଶ୍ୟକତାକୁ ପୂରଣ କରିବା

ନିମନ୍ତେ ନିଜର ଶରୀର, ମନ ଓ ଧନକୁ ହଜୁର ଆ ସଙ୍କ ପାଦତଳେ ଉତ୍ସର୍ଗ କରିଦେଲେ ।

ହଜରତ ମିର୍ଜା ବଶୀର୍ ଅହେମଦ୍ ସାହେବ ର ଅଙ୍କର ଗୋଟିଏ ରିଓ୍ୱାୟତ୍ (ବର୍ଣ୍ଣନା) ମିଳୁଛି ଯେ ଗୋଟିଏ ଅବସରରେ ହଜରତ ମସିହ୍ ମଉଦ୍ ଆ ସଙ୍କୁ ଲୁଧିୟାନାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାପନ ଛପାଇବା ପାଇଁ ୬୦ (ଷାଠିଏ) ଟଙ୍କାର ଆବଶ୍ୟକ ଥିଲା । ସେହି ଦିନଗୁଡ଼ିକରେ ତାଙ୍କର ଜଣେ ସାହାବି (ସାଥି ଓ ଶିଶ୍ୟ) ହଜରତ ମୁନ୍‌ଶି ଜଫର୍ ଅହ୍‌ମଦ୍ ସାହେବ ର ଅ ଲୁଧିୟାନା ଆସିଥିଲେ । ହଜୁର ଆ ସ ତାଙ୍କୁ ଡ଼କାଇ ପଠାଇଲେ ଓ କହିଲେ ଯେ ଏବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଅର୍ଥର ଆବଶ୍ୟକତା ଅଛି, କ'ଣ ଆପଣଙ୍କ ଜମାଅତ୍ ଏତେ ଟଙ୍କା ଯୋଗାଡ଼ କରିପାରିବ ? ସେ କହିଲେ ହଜୁର ! ଇନ୍‌ଶାଅଲ୍ଲାଃ ହୋଇଯିବ । ମୁଁ ଯାଇ ଟଙ୍କା ଘେନି ଆସୁଛି । ଅତଃ ସେ ତୁରନ୍ତ କପୁର୍‌ଥଲା ଚାଲିଗଲେ ଓ ଜମାତ୍‌ର କୌଣସି ସଦସ୍ୟଙ୍କ ସହିତ ଏ ବିଷୟରେ ଚର୍ଚ୍ଚା ନ କରି ନିଜ ପତ୍ନୀଙ୍କର ଗୋଟିଏ ଗହଣା ବିକ୍ରୀ କରି ଷାଠିଏ ଟଙ୍କା ହାସଲ କଲେ, ପୁଣି ତାହା ଆଣି ହଜରତ ସାହେବଙ୍କ ସେବାରେ ଉପସ୍ଥାପିତ କରିଦେଲେ । *(ଅସ୍‌ହାବେ ଅହେମଦ୍, ଖଣ୍ଡ-୪, ପୃ-୯୭.....)*

ଏହି ରିଓ୍ୱାୟତ୍‌ଟି ବହୁତ ଲମ୍ବା । ଯେହେତୁ ମୁନ୍‌ଶି ଜଫର୍ ଅହେମଦ୍ ସାହେବ ଏକାକୀ ଏହି ସେବାକାର୍ଯ୍ୟ ସମ୍ପାଦନ କରିନେଇଥିଲେ । କପୁର୍‌ଥଲା ଜମାଅତ୍‌ର ସଦସ୍ୟମାନଙ୍କୁ ଏଥିରେ ସାମିଲ ହେବାକୁ ଅବସର ଦେଇନଥିଲେ, ତେଣୁ ଏହି ଘଟଣା ବିଷୟରେ ଜାଣିବା ପରେ ସେହି (କପୁର୍‌ଥଲା) ଜମାତ୍‌ର ଜଣେ ସଦସ୍ୟ ମୁନ୍‌ସି ଅରୋଡ଼େ ଖାନ୍ ସାହେବ ଛ'ମାସ ପର୍ଯ୍ୟନ୍ତ ମୁନ୍‌ଶି ଜଫର୍ ଅହେମଦ୍ ସାହେବଙ୍କଠାରୁ ନାରାଜ ରହିଲେ (ଅର୍ଥାତ ତାଙ୍କ ଉପରେ ଅପ୍ରସନ୍ନ ରହିଲେ) ଯେ କାହିଁକି ଆପଣ ଆମକୁ ଆର୍ଥିକ ବଳିଦାନରୁ ବଂଚିତ ରଖିଲେ । ଏମାନଙ୍କ ପରି ଉତ୍ସର୍ଗୀ ସାହାବା ହଜରତ ମସିହ୍ ମଉଦ୍ ଆ ସଙ୍କୁ ମିଳିଥିଲେ ।

ହଜରତ ଅମ୍ମାଜାନ୍ ସୟଦାଃ ନୁସ୍‌ରତ୍ ଜାହାଁ ବେଗମ୍ ସାହିବା ର ଅଙ୍କ ସମ୍ବନ୍ଧରେ ଆସିଛି ଯେ, ସେ ମିନାରତୁଲ୍ ମସିହ୍‌ର ନିର୍ମାଣ ନିମନ୍ତେ ଏକ ହଜାର ଟଙ୍କା ଦେବା ପାଇଁ ଓ୍ୱାଦା (ପ୍ରତିଶୃତି) କରିଥିଲେ । ସେ ନିଜର ଦିଲ୍ଲିସ୍ଥିତ ଗୋଟିଏ ଘରକୁ ବିକ୍ରୀ କରି ଉକ୍ତ ଅର୍ଥରାଶିକୁ ପଇଠ କଲେ ।

ହଜରତ ମସିହ୍ ମଉଦ୍ ଆ ସ ଯେବେ ମିନାରତୁଲ୍ ମସିହ୍ ନିର୍ମାଣ କରିବା ନିମନ୍ତେ ଆହ୍ୱାନ କଲେ, ହଜରତ ମିଆଁ ଶାଦିଖାନ୍ ସାହେବ ସିଆଲ୍‌କୋଟି ର ଅ ନିଜ ଖଟିଆ ବ୍ୟତୀତ ନିଜ ଘରର ସମସ୍ତ ଆସବାବ ପତ୍ର ତିନିଶହ ଟଙ୍କାରେ ବିକ୍ରୀ କରି ସବୁତକ ଟଙ୍କା ହଜୁର ଆ ସଙ୍କ ସେବାରେ ପେଶ୍ କରିଦେଇଥିଲେ । ଏଥିରେ ହଜରତ ମସିହ୍ ମଉଦ୍ ଆ ସ ଖୁସି ବ୍ୟକ୍ତ କରି କହିଥିଲେ ଯେ " ଆପଣ ତ ହଜରତ ଅବୁ ବକର ର:ଅଙ୍କ ଆଦର୍ଶ ଦେଖାଇଛନ୍ତି ।" ଏକଥା ଶୁଣି ସେ ନିଜ ଘରକୁ ଗଲେ ଓ ସେହି ଖଟିଆଟିକୁ ବିକ୍ରୀ କରି ଯାହା ଅର୍ଥ ପ୍ରାପ୍ତ ହେଲା, ସମ୍ପୂର୍ଣ୍ଣ ଅର୍ଥକୁ ଚାନ୍ଦାରେ ଦେଇଦେଲେ । *(ତାରିଖେ ଅହେମଦୀୟତ୍, ଖଣ୍ଡ-୨, ପୃ-୧୪୭)*

ହଜରତ ମସିହ୍ ମଉଦ୍ ଆ ସ ଉଲ୍ଲେଖ କରିଛନ୍ତି:- "ମିଆଁ ଶାଦିଖାନ୍ ଲକଡ଼ି ଫରୋଶ୍ (ଅର୍ଥାତ କାଠ ବିକାଳି), ସାକିନ୍ ସିଆଲ୍‌କୋଟ୍ । ଏବେ ସେ ଗୋଟିଏ କାମ ପାଇଁ ଦେଢ଼ ଶହ ଟଙ୍କା ଚାନ୍ଦାରେ ଦେଇ ସାରିଥିଲେ ପୁଣି ଏହି କାମ ପାଇଁ ଦୁଇଶହ ଟଙ୍କା ଚାନ୍ଦା ପଠାଇଛନ୍ତି । ସେ ଏପରି ଜଣେ ଈଶ୍ୱର ବିଶ୍ୱସ୍ତ ବ୍ୟକ୍ତି, ଯଦି ତାଙ୍କ ଘରର ସମ୍ପତିକୁ ଦେଖାଯାଏ ତେବେ ବୋଧ ହୁଏ ସୁବତକର ମୂଲ୍ୟ ପଚାଶ ଟଙ୍କାରୁ ଅଧିକ ହେବନାହିଁ । ସେ ନିଜ ଚିଠିରେ ଲେଖିଛନ୍ତି ଯେ 'ଯେହେତୁ ଦୁର୍ଭିକ୍ଷର ଦିନ ଚାଲିଛି, ଓ ସାଂସାରିକ ବାଣିଜ୍ୟରେ ସ୍ପଷ୍ଟ କ୍ଷତି ନଜର ଆସୁଅଛି, ତେଣୁ ଏହା ଭଲ ହେବ ଯେ ଆମେ ଧାର୍ମିକ ବ୍ୟବସାୟ ବାଣିଜ୍ୟରେ ମନୋନିବେଶ କରିବା । ତେଣୁ ଯାହା କିଛି ନିଜ ପାଖରେ ଥିଲା ସବୁ ପଠାଇ ଦେଲି । ବାସ୍ତବିକ ସେ ଏପରି କାମ କରିଛନ୍ତି, ଯାହା ହଜରତ ଅବୁ ବକର୍ ର ଅ କରିଥିଲେ ।" *(ମଜ୍‌ମୁଆ ଇସ୍ତେହାରାତ୍, ଖଣ୍ଡ-୩, ପୃ-୭୯, ମୁଦ୍ରିତ କାଦିଆନ୍ ୨୦୧୯)*

ହଜରତ ମୁସ୍‌ଲେହ ମଉଦ ର ଅ ହଜରତ ଡ଼ାକ୍ତର ଖଲିଫା ରଶିଦୁଦ୍ଦିନ୍ ସାହେବ ର ଅଙ୍କ ସମ୍ବନ୍ଧରେ କୁହନ୍ତି ଯେ ତାଙ୍କର ଆର୍ଥିକ ବଳିଦାନ ଏତେମାତ୍ରାରେ ବଢ଼ି ଯାଇଥିଲା ଯେ ହଜରତ ସାହେବ (ଅର୍ଥାତ ହଜରତ ମସିହ୍ ମଉଦ୍ ଆ ସ) ତାଙ୍କୁ ଏକ ଲିଖିତ ପ୍ରମାଣ ପତ୍ର ପ୍ରଦାନ କଲେ ଯେ ଆପଣ ଏହି ସମ୍ପ୍ରଦାୟ ପାଇଁ ଏତେମାତ୍ରାରେ ଅର୍ଥିକ ବଳିଦାନ କରିସାରିଛନ୍ତି ଯେ, ଭବିଷ୍ୟତରେ ଆପଣଙ୍କୁ ବଳିଦାନ ଦେବାର ଆବଶ୍ୟକ ନାହିଁ । ହଜରତ ମସିହ୍ ମଉଦ୍ ଆ ସଙ୍କର ସେହି ସମୟ ମତେ ମନେ ଅଛି, ଯେବେ ଗୁରୁଦାସପୁରଠାରେ ଆପଣ ଆ ସଙ୍କ ଉପରେ ମୋକଦ୍ଦମା ଲଗାଯାଇଥିଲା । ସେଥିପାଇଁ ଟଙ୍କାର ଆବଶ୍ୟକତା ଥିଲା । ହଜରତ ସାହେବ ନିଜ ବନ୍ଧୁମାନଙ୍କ ନିକଟକୁ ଏ ପ୍ରସ୍ତାବ ପଠାଇଲେ ଯେ ଯେହେତୁ ଖର୍ଚ୍ଚ ବଢ଼ିଚାଲିଛି, ଦୁଇଟି ସ୍ଥାନରେ ଲଙ୍ଗର୍‌ଖାନା ଚାଲୁଅଛି । ଗୋଟିଏ କାଦିଆନ୍‌ରେ ଓ ଆଉ ଗୋଟିଏ ଏଠି ଗୁରୁଦାସ୍‌ପୁରରେ, ଏତଦ୍‌ବ୍ୟତୀତ ମୋକଦ୍ଦମାର ଖର୍ଚ୍ଚ ହୋଇଚାଲିଛି । ତେଣୁ ବନ୍ଧୁମାନେ ସାହାଯ୍ୟ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ଯେତେବେଳେ ହଜରତ ସାହେବଙ୍କର ଏ ପ୍ରସ୍ତାବ ଡ଼ାକ୍ତର ସାହେବଙ୍କ ନିକଟରେ ପହଂଚିଲା, ସଂଯୋଗବଶତଃ ଏପରି ହେଲା, ଯେ ସେହି ଦିନ ତାଙ୍କୁ ୪୫୦ ଟଙ୍କା ଦରମା ମିଳିଥିଲା, ସୁତରାଂ ସେ ସବୁତକ ଦରମା ସେହି କ୍ଷଣି ହଜରତ ସାହେବଙ୍କ ସେବାରେ ପଠାଇଦେଲେ । ତାଙ୍କର ଜଣେ ବନ୍ଧୁ ତାଙ୍କୁ ପଚାରିଲେ ଯେ ଆପଣ ଘରର ଆବଶ୍ୟକତା ପାଇଁ କିଛି ରଖିଦେଇଥାନ୍ତେ । ଏଥିରେ ସେ ଉତର ଦଲେ ଯେ ଅଲ୍ଲାଃଙ୍କ ମସିହ ଲେଖିଛନ୍ତି ଯେ ଧର୍ମକାର୍ଯ୍ୟ ପାଇଁ ଆବଶ୍ୟକ ଅଛି । ତେବେ ମୁଁ ଏହା ଆଉ କାହା ପାଇଁ ରଖିପାରିଥାନ୍ତି ? *(ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୯, ପୃ-୪୦୩)*

ସେହିପରି ହଜରତ ସାହେବଜାଦାଃ ପୀର୍ ମନ୍‌ଜୁର୍ ଅହ୍‌ମଦ୍ ସାହେବଙ୍କର ସମ୍ବନ୍ଧରେ ହଜରତ ମିର୍ଜା ଅବ୍‌ଦୁଲ୍ ହକ୍ ସାହେବ ଏଡ୍‌ଭୋକେଟ୍ ଉଲ୍ଲେଖ କରିଛନ୍ତି ଯେ "ହ ସାହେବ୍‌ଜାଦାଃ ପୀର୍ ମଞ୍ଜୁର୍ ଅହେମଦ ସାହେବ୍ କାଏଦାଃ ୟସ୍‌ସର୍‌ନଲ୍ କୁର୍‌ଆନ୍‌ର ଉଦ୍ଭାବକ ଥିଲେ । ସେହି କାଏଦାଃ ବହୁତ ଲୋକପ୍ରୀୟ ହୋଇଯାଇଥିଲା । ସେ ସମୟରେ ଶହ ଶହ ଟଙ୍କା ମାସକୁ ରୋଜଗାର ହେଉଥିଲା । କିନ୍ତୁ ଧର୍ମ ମାର୍ଗରେ ବଳିଦାନ ଦେବାର ଅବସ୍ଥା ତାଙ୍‌କର ଏପରି ଥିଲା ଯେ କେବଳ ତିରିଶି (୩୦) ଟଙ୍କା ମାସିକ ନିଜ ଖର୍ଚ୍ଚ ବାବଦରେ ରଖି ବାକି ସବୁତକା ଟଙ୍କା ହଜରତ ମୁସଲେହ୍ ମଉଦ୍ ର ଅଙ୍କ ସେବାରେ ପବିତ୍ର କୁର୍‌ଆନ୍‌ର ପ୍ରକାଶନ ଓ ଧର୍ମକାର୍ଯ୍ୟ ପାଇଁ ପଠାଇ ଦେଉଥିଲେ । ୧୯୪୦ ମସିହା ପରେ ଯେବେ ମୁଦ୍ରାସ୍ଫିତି ଆରମ୍ଭ ହେଲା, ସେ ମାସିକ ୪୦ ଟଙ୍କା ରଖିବା ଆରମ୍ଭ କରିଦେଲେ ଏବଂ ଗୋଟିଏ ବର୍ଷରେ ଧର୍ମ ସେବା ପାଇଁ ଦଶ ହଜାର ଟଙ୍କା ଦେଇଥିଲେ ।" *(ମାହାନା ଅନ୍‌ସାରୁଲ୍ଲାହ୍, ରବଓ୍ୱା, ଏପ୍ରିଲ୍ ୧୯୬୯)*

ସମ୍ମାନୀୟ ଶ୍ରୋତାବୃନ୍ଦ ! ଅତ୍ୟନ୍ତ ଜଟିଳ ଓ କଠିନ ପରିସ୍ଥିତିରେ ମନର ଅଭିଳାଷାକୁ ଜଳାଞ୍ଜଳି ଦେଇ ଈଶ୍ୱରଙ୍କ ମାର୍ଗରେ ବଳିଦାନ ଦେବା କୌଣସି ମାମୁଲି କଥା ନୁହେଁ । ଏହାର ଅନେକ ଉଦାହରଣ ଅହେମଦୀୟତ୍‌ର ଇତିହାସରେ ମିଳିଥାଏ । ହଜରତ୍ କାଜି ମୁହମ୍ମଦ୍ ୟୁସୁଫ୍ ସାହେବ୍ ପେଶାଓ୍ୱରି ର ଅ ହଜରତ ମସିହ୍ ମଉଦ୍ ଆ ସଙ୍କ ସମୟର ଗୋଟିଏ ଘଟଣା ନିମ୍ନଲିଖିତ ବର୍ଣ୍ଣନା କରିଛନ୍ତି ଯେ:-

"ଓଜିରାବାଦ୍‌ର ଶେକ୍ ପରିବାରର ଜଣେ ଯୁବକଙ୍କର ଦେହାନ୍ତ ହୋଇଗଲା । ତାଙ୍କ ବାପା କଫନ୍ ପାଇଁ ୨୦୦ ଟଙ୍କା ରଖିଥିଲେ । ହଜରତ ମସିହ୍ ମଉଦ୍ ଆ ସ ଲଙ୍ଗର ଖାନାର ଖର୍ଚ୍ଚ ବାବଦରେ ଆହ୍ୱାନ କଲେ । ତାଙ୍କ ନିକଟକୁ ବି ଚିଠି ପଠାଯାଇଥିଲା । ସେ ହଜରତ ମସିହ୍ ମଉଦ୍ ଆ ସଙ୍କୁ ଟଙ୍କା ପଠାଇବା ପରେ ଚିଠି ଲେଖିଲେ ଯେ ମୋର ଯବାନ୍ ପୁଅ ତାଉନ୍ (ଅର୍ଥାତ ପ୍ଲେଗ୍ ମହାମାରୀ)ରେ ମରିଯାଇଛି । ମୁଁ ତା ଅନ୍ତିମ ସଂସ୍କାର ପାଇଁ ୨୦୦ (ଦୁଇଶହ)ଟଙ୍କା ସାଇତି ରଖିଥିଲି, ତାହା ପଠାଉଛି ଓ ପୁଅକୁ ତା ପିନ୍ଧିଥିବା ପୋଷାକରେ ହିଁ ଦଫନ୍ କରୁଛି ।" *(ରିସାଲା ଜହୁରେ ଅହ୍‌ମଦ୍ ମୁଦ୍, ପୃ-୭୦-୭୦, ୩୦ ଜାନୁୟାରୀ ୧୯୫୫)*

ହଜରତ ୟାକୁବ୍ ଅଲୀ ଇର୍‌ଫାନୀ ସାହେବ ର ଅ ଉଲ୍ଲେଖ କରିଛନ୍ତ:- ମୋ ମନରୁ ସେହି ଦୃଶ୍ୟ ଯାଉନାହିଁ ଓ ମୁଁ ତାହା ଭୂଲି ପାରିବି ନାହିଁ ଯେ ହଜରତ ମସିହ୍ ମଉଦ୍ ଆ ସଙ୍କ ଦେହାନ୍ତକୁ ଏବେ କିଛି ଦିନ ହିଁ ବିତିଥିଲା ଯେ ଦିନେ କେହି ଜଣେ ମତେ ବାହାରୁ ଡ଼ାକିଲେ । ଆମ ଚାକରାଣୀ ବା କୌଣସି ପିଲା ଏକଥା ବତାଇଲେ ଯେ କେହି ଜଣେ ଦାଣ୍ଡ କବାଟ ନିକଟରେ ଠିଆ ହୋଇଛନ୍ତି, ଓ ସେ ଆପଣଙ୍କୁ ଡ଼ାକୁଛନ୍ତ । ମୁଁ ବାହାରକୁ ବାହାରି ଦେଖେ ତ ସେ ହଜରତ ମୁନ୍‌ଶି ଆରୋଡ଼େ ଖାନ୍ ସାହେବ ର ଅ ଥିଲେ । ସେ ଉତ୍ସାହିତ ହୋଇ ଆଗକୁ ବଢ଼ିଲେ, ମୋ ସହିତ ହାତ ମିଳାଇଲେ, ତା'ପରେ ସେ ନିଜ ପକେଟ୍ ଭିତରୁ ............ ଦୁଇ ବା ତିନି ପାଉଣ୍ଡ ବାହାର କରି କହିଲେ, ଏହା ହଜରତ ଅମ୍ମାଜାନ୍‌ଙ୍କୁ ଦେଇଦେବେ । ଏତିକି କହି ସେ ଏତେମାତ୍ରାରେ ଭାବ ପ୍ରବଣ ହୋଇଗଲେ ଯେ ଚିତ୍କାର କରି କାନ୍ଦିବାକୁ ଲାଗିଲେ । ତାଙ୍କର କ୍ରନ୍ଦନ ଏପରି ଥିଲା, ସତେ ଯେପରି ଗୋଟିଏ ଛେଳିକୁ ଜେଭ କରାଯାଉଅଛି । ମୁଁ କିଛିଟା ଆଶ୍ଚର୍ଯ୍ୟ ହୋଇଗଲି ଯେ କାହିଁକି କାନ୍ଦୁଛନ୍ତି ? କିନତୁ ମୁଁ ଚୁପ୍‌ଚାପ ଛିଡ଼ା ହୋଇ ରହିଲି ଏବଂ ମୁଁ ଏ ଅପେକ୍ଷାରେ ରହିଲି ଯେ ସେ ଚୁପ୍ ହେବା ପରେ ମୁଁ କାନ୍ଦିବାର କାରଣ ପଚାରିବି । ................ ଯେତେବେଳେ ସେ ଟିକିଏ ଧୈର୍ଯ୍ୟ ଧରିଲେ, ମୁଁ ତାଙ୍କୁ ପଚାରିଲି, ଆପଣ କାହିଁ କାନ୍ଦି ପକାଇଲେ ? ସେ କହିଲେ ମୁଁ ଗରିବ ଲୋକ ଥିଲି । କିନ୍ତୁ ଯେବେ ବି ମତେ ଛୁଟି ମିଳେ ମୁଁ କାଦିଆନ୍ ଯିବାକୁ ବାହାରି ପଡୁଥିଲି । ମୁଁ ଅଧିକାଂଶ ସମୟ ପାଦରେ ଚାଲି ଚାଲି ଯାତ୍ରା କରୁଥିଲି ଯଦ୍ୱାରା ଏ ସିଲ୍‌ସିଲା (ସମ୍ପ୍ରଦାୟ)ର ସେବାକାର୍ଯ୍ୟ ପାଇଁ କିଛି ଟଙ୍କା ସଂଚୟ ହୋଇଯିବ । ତଥାପି ଟଙ୍କାଏ ଦେଢ଼ଟଙ୍କା ଖର୍ଚ୍ଚ ହୋଇଯାଉଥିଲା । ଏଠାରେ ଆସି ମୁଁ ଯେତେବେଳେ ଧନୀ ଲୋକମାନଙ୍କୁ ଦେଖିଲି ଯେ, ସେମାନେ ଏହି ସିଲ୍‌ସିଲା ପାଇଁ ବହୁମାତ୍ରାରେ ଅର୍ଥ ଖର୍ଚ୍ଚ କରୁଛନ୍ତି । ଅତଏବ ମୋ ମନରେ ଏ ଭାବନା ଆସିଲା ଯେ, କାଲେ ମୋ ନିକଟରେ ଟଙ୍କା ଥାଆନ୍ତା ଓ ମୁଁ ହଜରତ ମସିହ୍ ମଉଦ୍ ଆ ସଙ୍କ ସେବାରେ ରୂପା ଉପହାର ପରିବର୍ତେ ସୁନା ଉପହାର ପେଶ୍ କରନ୍ତି । ଶେଷରେ ମୋ ଦରମା କିଛି ବଢ଼ିଗଲା । (ସେ ସମୟରେ ତାଙ୍କ ଦରମା ବୋଧ ହୁଏ କୋଡ଼ିଏ ପଚିଶି ଟଙ୍କା ହୋଇଯାଇଥିଲା) । ମୁଁ ପ୍ରତ୍ୟେକ ମାସରେ କିଛି କିଛି ଟଙ୍କା ସଂଚୟ କରିବା ଆରମ୍ଭ କରିଦେଲି । ମୁଁ ମୋ ମନେ ମନେ ଏକଥା ସ୍ଥିର କଲି ଯେ

*ଅବଶିଷ୍ଟାଂଶ ପୃଷ୍ଠା- ୨୩ ରେ ଦେଖନ୍ତୁ ......*

ତକ୍‌ରିର୍ ଜଲ୍‌ସା ସାଲାନା କାଦିଆନ ୨୦୨୧

# ସାହାବା ରଜିଅଲ୍ଲାହୁ ଅନ୍‌ହୁମ୍‌ଙ୍କ ଜୀବନ ଚରିତରୁ ଇସ୍‌ଲାମର ପ୍ରାରମ୍ଭିକ ଯୁଗରେ ହଜରତ ଇମାମ୍ ହସନ୍ ର ଅ ଏବଂ ଶେଷ ଯୁଗରେ କମ୍‌ରୁଲ୍ ଅମ୍ବିୟା ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ର ଅଙ୍କ ଜୀବନ ଚରିତର ବର୍ଣ୍ଣନା

(ମୁହମ୍ମଦ୍ ହମିଦ୍ କୌସର୍, ଶିକ୍ଷକ ଜାମିଆ ଅହେମଦୀୟା କାଦିଆନ୍)

ପ୍ରୀୟ ଶ୍ରୋତାଗଣ ! ମତେ ବର୍ତମାନ ସାହାବାମାନଙ୍କ ଜୀବନ ଚରିତ ମଧ୍ୟରୁ "ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟରେ ହଜରତ ଇମାମ୍ ହସନ୍ ର ଅ ଏବଂ ଶେଷ ସମୟରେ କମ୍‌ରୁଲ୍ ଅମ୍ବିୟା ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ର ଅ"ଙ୍କର କିଛି ଜୀବନୀ ଉପସ୍ଥାପନ କରିବାକୁ ଅଛି ।

**ହ ଇମାମ୍ ହସନ୍ ର ଅଙ୍କ ଜୀବନୀ**

ନବୁଓ୍ୱତ୍‌ର ଖଣିର ଏହି ମୂଲ୍ୟବାନ ରତ୍ନ, ଶାନ୍ତିର ରାଜକୁମାର, ବିଦ୍ରୋହର ମୂଳୋତ୍ପାଟନକାରୀ, ସରୱରେ ଦୋ ଆଲମ୍ ସ ଆ ସଙ୍କ ସୁସମାଚାର ପୂରଣକାରୀ, ରସୁଲୁଲ୍ଲାଃ ସ ଆ ସଙ୍କ ନାତି, ହଜରତ ଅଲୀ ତଥା ହଜରତ ଫାତିମା ର ଅଙ୍କ ସୁପୁତ୍ର ହିଜ୍ରି ବର୍ଷର ତୃତୀୟ ବର୍ଷ ପବିତ୍ର ରମ୍‌ଜାନ୍ ମାସରେ ମଦିନାରେ ଜନ୍ମ ହୋଇଥିଲେ ଏବଂ ଆଁ ହଜରତ ସ ଆ ସ ତାଙ୍କ କାନରେ ଆଜାନ୍ ଦେଇଥିଲେ ।

ହଜରତ ଅଲୀ ବିନ୍ ଅବି ତାଲିବ୍ ବର୍ଣ୍ଣନା କରନ୍ତି: ଯେବେ ହଜରତ ହସନ୍ ଜନ୍ମ ହେଲେ, ରସୁଲୁଲ୍ଲାଃ ସ ଆ ସ ଆସି ପହଂଚି କହିଲେ ମୋ ପୁତ୍ରକୁ ମତେ ଦେଖାଅ । ତୁମେ ତା'ର ନାମ କ'ଣ ରଖିଛ ? ମୁଁ କହିଲି, ମୁଁ ତା'ର ନାମ୍ ହରବ୍ ରଖିଛି । ହଜୁର ସ ଆ ସ କହିଲେ: ସେ ହରବ୍ ନୁହେଁ ତା'ର ନାମ ହେଉଛି ହସନ୍ । *(ଉସୁଦୁଲ୍ ଗାବାଃ....... ଖଣ୍ଡ-୧, ତଜ୍‌କରାଃ ହସନ୍ ବିନ୍ ଅଲୀ ର ଅ, ପୃ-୫୫୬-୫୫୭...... ଲେବ୍‌ନାନ୍ ୨୦୦୩)*

**ପିଲାଦିନ ଏବି ଶିକ୍ଷା**

ହଜରତ ଅବୁ ହୁରୈରାଃ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ କରିମ୍ ସ ଆ ସ ହଜରତ ହସନ୍ ର ଅଙ୍କ ସମ୍ବନ୍ଧରେ କହିଲେ: **ଅଲ୍ଲାହୁମ୍ମା ଇନ୍ନି ଉହିବ୍‌ବୁହୁ ଫଅହିବ୍‌ବୁହୁ ୱ ଅହ୍‌ବିବ୍ ମନ୍ ୟୁହିବ୍‌ବୁହୁ** ଅର୍ଥାତ ହେ ଅଲ୍ଲାଃ । ମୁଁ ଆକୁ ଭଲ ପାଏ, ତୁମ୍ଭେ ମଧ୍ୟ ଆକୁ ଭଲ ପାଅ ଏବଂ ଯିଏ ଆକୁ ଭଲ ପାଏ, ତୁମ୍ଭେ ତାକୁ ଭଲ ପାଅ । *(ସହି ମୁସ୍‌ଲିମ୍, କିତାବୁଲ୍ ଫଜାଇଲ୍........ ହଦିସ୍-୪୪୩୧, ଖଣ୍ଡ-୧୩, ପୃ-୫୧, ତର୍‌ଜୁମା ନୂର୍ ଫାଉଣ୍ଡେଶନ୍)*

**ପବିତ୍ର ଭାବବାଦୀ ସ ଆ ସଙ୍କ ପ୍ରେମ ଓ ସ୍ନେହ**

ହଜରତ ଇବ୍‌ନେ ଅବ୍‌ବାସ୍ ର ଅ ବର୍ଣ୍ଣନା କରିଛନ୍ତି ଯେ ମୁଁ ନବି କରିମ୍ ସ ଆ ସଙ୍କୁ ଏପରି ଅବସ୍ଥାରେ ଦେଖିଛି ଯେ, ସେ ହଜରତ ହସନ୍ ବିନ୍ ଅଲୀ ର ଅଙ୍କୁ ନିଜ କାନ୍ଧରେ ବସାଇ ନେଇ ଯାଉଥିଲେ । ସେ କୁହନ୍ତି ଯେ, ଜଣେ ଲୋକ ଏ ଦୃଶ୍ୟକୁ ଦେଖି କହିଲଶ ଯେ ହେ ପିଲା ! ତୁମର ବାହନ କେଡ଼େ ଭଲ । ଏଥିରେ ଆଁ ହଜରତ ସ ଆ ସ କହିଲେ: ଏବଂ ବାହନ ଉପରେ ବସି ଥିବା ଲୋକଟି ବି କେଡ଼େ ଭଲ । *(ଅଲ୍‌ମୁସ୍ତଦ୍‌ରକ୍..... ହଦିସ୍-୪୮୫୯, ଦାରୁଲ୍ ହର୍‌ମୈନ୍........ ୧୯୯୭)*

ହଜରତ ବିରଦାଃ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଥରେ ରସୁଲୁଲ୍ଲାଃ ସ ଆ ସ ଆମମାନଙ୍କୁ ସମ୍ବୋଧନ କରୁଥିଲେ ଯେ ହଜରତ ହସନ୍ ଏବଂ ହୁସେନ୍ ଆ ସ ପଡ଼ି ଉଠିକି ଆସିଲେ, ଉଭୟେ ଲାଲ୍ ରଙ୍ଗର କୁର୍ତା ପିନ୍ଧିଥିଲେ । ଆଁ ହଜରତ ସ ଆ ସ ଏହା ଦେଖି ମେମ୍ବର ଉପରୁ ଓହ୍ଲାଇଲେ ଏବଂ ସେହି ଦୁଇଜଣଙ୍କୁ ଉଠାଇଲେ, ନିଜ ସାମନାରେ ବସାଇଲେ ଓ କହିଲେ ଯେ ଅଲ୍ଲାଃ ତାଲା ସତ୍ୟ କହିଛନ୍ତି ଯେ:- **ଇନ୍ନମା ଅମ୍‌ୱାଲୁକୁମ୍ ୱ ଅଓଲାଦୁକୁମ୍ ଫିତ୍‌ନାଃ (ତଗାବୁନ୍:୧୫)** ଅର୍ଥାତ ତୁମମାନଙ୍କ ଧନସମ୍ପତି ଓ ତୁମମାନଙ୍କ ସନ୍ତାନସନ୍ତତି (ତୁମମାନଙ୍କ ସକାଶେ) କେବଳ ଏକ ପରୀକ୍ଷାର ମାଧ୍ୟମ ଅଟେ । ମୁଁ ଏହି ଦୁଇଜଣ ପିଲାଙ୍କୁ ଦେଖିଲି ଯେ, ଏମାନେ ଚାଲୁଛନ୍ତି ଓ ପଡ଼ିଯାଉଛନ୍ତି, ଅତଏବ ମୁଁ ରହିପାରିଲି ନାହିଁ ତେଣୁ ମୁଁ ମୋ କଥାକୁ ବନ୍ଦ କରି ଏହି ଦୁଇଜଣଙ୍କୁ ଉଠାଇନେଲି । *(ଜାମେ ତିର୍‌ମିଜି କିତାବୁଲ୍ ମନାକିବ୍....... ହଦିସ୍ ନଂ-୩୭୭୪ ଦାରୁସ୍ ସଲାମ୍....... ରିୟାଜ୍)*

ହଜରତ ଅନସ୍ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବି କରିମ୍ ସ ଆ ସଙ୍କ ସାଦୃଶ୍ୟତାରେ (ଅର୍ଥାତ ଚେହେରା ଅନୁରୂପ) ଆଉ କେହି ହସନ୍ ବିନ୍ ଅଲୀ ର ଅଙ୍କଠାରୁ ଅଧିକା ନଥିଲେ । *(ବୁଖାରୀ କିତାବ୍ ଫଜାଇଲ୍ ଅସହାବୁନ୍ ନବୀ ସ ଆ ସ.......... ହଦିସ୍-୩୭୫୨)*

ଅବୁ ବକ୍‌ରାଃ ର ଅ କୁହନ୍ତି:- ମୁଁ ନବି ସ ଆ ସଙ୍କଠାରୁ ମେମ୍ବର (ଡ଼ାଇସ୍) ଉପରୁ ବକ୍ତବ୍ୟ ଶୁଣୁଥିଲି ଓ ହସନ୍ ର ଅ ଆପଣ ସ ଆ ସଙ୍କ ପାଖରେ ଥିଲେ । କେବେ ଆପଣ ସ ଆ ସ ଲୋକମାନଙ୍କୁ ଦେଖୁଥିଲେ ତ କେବେ ହସନ୍ ର ଅଙ୍କ ଆଡ଼କୁ ଦେଖୁଥିଲେ । ପୁଣି ଆପଣ ସ ଆ ସ କହିଲେ ମୋର ଏହି ପୁଅ ସର୍ଦାର୍ (ମୁଖିଆ) ହେବ । ଆଶା କରୁଛି ଯେ ଅଲ୍ଲାଃ ଆଙ୍କ ଯୋଗୁଁ ମୁସଲମାନମାନଙ୍କର ଦୁଇଟି ଗୋଷ୍ଠୀ ମଧ୍ୟରେ ଶାନ୍ତି ଓ ସମନ୍ୱୟ ସ୍ଥାପନ କରିଦେବେ । *(ସହି ବୁଖାରୀ, କିତାବ୍ ଫଜାଇଲେ ଅସ୍‌ହାବୁନ୍ ନବି ସ ଆ ସ...... ହଦିସ୍ ନଂ-୩୭୪୬)*

ଜଣେ ସାହାବି କୁହନ୍ତି: ଯେ ରସୁଲେ କରିମ୍ ସ ଆ ସ ଏକଦା ନମାଜ ପଢ଼ାଉଥିଲେ । ଯେବେ ଆପଣ ସ ଆ ସ ସିଜ୍‌ଦାଃକୁ ଗଲେ, ବହୁତ ବିଳମ୍ବ କଲେ, ସଜ୍‌ଦାଃ ବହୁତ ଲମ୍ବା ହୋଇଗଲା । ଏହା ଦେଖି ମୋ ମନରେ ଭ୍ରମ ସୃଷ୍ଟି ହେଲା ଯେ ଅଲ୍ଲାଃ ନ କରନ୍ତୁ କିଛି ଅଘଟଣ ହୋଇଯାଇନି ତ । ଅତଏବ ମୁଁ ମୁଣ୍ଡ ଉଠାଇ ଦେଖିଲି କ'ଣ ଦେଖୁଛି । ମୁଁ ଦେଖିଲି ଯେ ହଜରତ ହସନ୍ ରସୁଲୁଲ୍ଲାଃ ସ ଆ ସଙ୍କ ବେକ ଉପରେ ଏପରି ବସିଛନ୍ତି, ଯେପରି ଜଣେ ଘୋଡ଼ା ପିଠିରେ ବସିଥାଏ । ଏହା ଦେଖି ମୁଁ ପୁଣି ଶିଘ୍ର ଶିଘ୍ର ସିଜ୍‌ଦାଃକୁ ଚାଲିଗଲି । ଯେବେ ନମାଜ ଶେଷ ହେଲା, ବାକି ସାହାବାଗଣ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ ! କ'ଣ ସିଜ୍‌ଦାଃରେ ଆପଣଙ୍କ ଉପରେ ଐଶିବାଣୀ ଅବତୀର୍ଣ୍ଣ ହେଉଥିଲା ଯେ ଆପଣ ଏତେ ବିଳମ୍ବ କଲେ ? ବା କ'ଣ କିଛି ଅସୁବିଧା ହେଲା କି ? ଆମେ ତ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲୁଁ । ଏଥିରେ ରସୁଲେ କରିମ୍ ସ ଆ ସ କହିଲେ:- ନା କୌଣସି ଐଶିବାଣୀ ଅବତୀର୍ଣ୍ଣ ହେଉଥିଲା ନା ଅଲ୍ଲାଃଙ୍କ କୃପାରୁ ଅନ୍ୟ କୌଣସି ଅସୁବିଧା ଥିଲା । ଇଏ ଆମ ପୁଅ ମୋ ବେକ ଉପରେ ବାହନ ଚାଳକ ପରି ବସି ପଡ଼ିଥିଲା, ଆମ୍ଭେ ବି କହିଲୁ ଠିକ୍ ଅଛି, ସେ କିଛି ସମୟ ବାହାନ ଚଳାଉ, ଯଦି ତାକୁ ହଟାଇଦେବେ ତାକୁ କଷ୍ଟ ହେବ । *(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୮, ପୃ-୬୩୩)*

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଏବଂ ହଜରତ ଉମର ର ଅଙ୍କ ଖିଲାଫତ୍ କାଳରେ ହଜରତ ହସନ୍ ର ଅଙ୍କର ବୟସ ବହୁତ୍ କମ୍ ଥିଲା । ସେମାନଙ୍କର ଅର୍ଥାତ ହଜରତ ଅବୁ ବକର୍ ର ଅ ଓ ହଜରତ ଉମର ର ଅଙ୍କ ସ୍ନେହ ପାଇଥିଲେ, ହଜରତ ଉସ୍‌ମାନ୍ ର ଅ ମଧ୍ୟ ନିଜ ସମୟରେ ତାଙ୍କ ସହିତ ସେହିପରି ପ୍ରେମପୂର୍ଣ୍ଣ ଆଚରଣ କରିଥିଲେ । ହଜରତ ଉସ୍‌ମାନ୍ ର ଅଙ୍କ ଖିଲାଫତ୍ ସମୟରେ ହଜରତ ହସନ୍ ର ଅ ଯୁବକ ହୋଇସାରିଥିଲେ । ଯେତେବେଳେ ବିଦ୍ରୋହୀମାନେ ହଜରତ ଉସ୍‌ମାନ୍ ର ଅଙ୍କର ଘରକୁ ଘେରାଉ କଲେ, ହଜରତ ହସନ୍ ଓ ତାଙ୍କ ସାଥିମାନେ ଏପରି ବିପଦପୂର୍ଣ୍ଣ ଓ ସଙ୍କଟ ସମୟରେ ଅତ୍ୟନ୍ତ ସାହାସିକତାର ସହ ଆକ୍ରମଣକାରୀଙ୍କୁ ପ୍ରତିରୋଧ କଲେ ଓ ବିଦ୍ରୋହୀମାନଙ୍କୁ ଭିତରକୁ ପଶିବାକୁ ଦେଲେନାହିଁ । ଏହି କାର୍ଯ୍ୟରେ ସେ ନିଜେ ମଧ୍ୟ ବହୁତ ଆହତ ହେଲେ । ସମଗ୍ର ଶରୀର ରକ୍ତରେ ଜୁବୁବୁବୁ ହୋଇଯାଇଥିଲା । *(ସିରସ୍ ସାହାବାଃ ସଂକଳକ ମୁଇନୁଦ୍ଦିନ୍ ଅହ୍‌ମଦ୍ ନଦୱି, ଖଣ୍ଡ-୪, ପୃ-୧୪, ୧୫....... ଅନାର୍‌କଲୀ ଲାହୋର୍) (ତାରିଖୁଲ୍ ଖୋଲଫାଆ ଲି ସିୟୁତି, ପୃ-୧୨୪....... ଲେବ୍‌ନାନ୍ ୧୯୯୯)*

ହଜରତ ଅଲୀଙ୍କ ଦେହାନ୍ତ ପରେ ୪୦ ହିଜ୍‌ରୀରେ ହସନ୍ ବିନ୍ ଅଲୀଙ୍କ ଜରିଆରେ ଖିଲାଫତ୍‌ର ବୟତ ହେଲା ଏବଂ କିଛି ମାସ ପରେ ମୁସଲମାନମାନଙ୍କ ରକ୍ତର ସୁରକ୍ଷା ନିମନ୍ତେ ବିଦ୍ରୋହ ଏବଂ ବିଭ୍ରାଟର ମୂଳୋତ୍ପାଟନ କରିବା ନିମନ୍ତେ ଖିଲାଫତରୁ ଓହରି ଯିବାର ଘୋଷଣା କରିଦେଲେ ଏବଂ ମାଓ୍ୱିୟାଙ୍କଠାରୁ ଭତା ନେଇ ଗୁଜୁରାଣ ମେଂଟାଇଲେ ।

ହଜରତ ମସିହ୍ ମଉଦ୍ ଆ ସ କୁହନ୍ତି: "ମୋ ମତରେ ହଜରତ ହସନ୍ ର ଅ ଖିଲାଫତ୍‌ରୁ ଓହରି ଯାଇ ବହୁତୁ ଭଲ କାମ କଲେ, ପ୍ରଥମରୁ ହିଁ ହଜାର ହଜାର ରକ୍ତପାତ ହୋଇସାରିଥିଲା । ଆହୁରି ରକ୍ତପାତ ହେବାକୁ ସେ ଚାହିଁଲେ ନାହିଁ । ସେଥିପାଇଁ ସେ ମାଓ୍ୱିୟାଙ୍କଠାରୁ ଭତା (ଅର୍ଥାତ ଗୁଜୁରାଣ) ନେଇନେଲେ । କାରଣ ହଜରତ ହସନ୍ ର ଅଙ୍କର ଏହି କାର୍ଯ୍ୟ ଶିଆମାନଙ୍କୁ ପ୍ରଭାବିତ କରିଥାଏ, ତେଣୁ ସେମାନେ ହଜରତ ଇମାମ୍ ହସନ୍ ର ଅଙ୍କ ଉପରେ ସମ୍ପୂର୍ଣ୍ଣ ରୂପେ ସନ୍ତୁଷ୍ଟ ନାହାନ୍ତି । ଆମେ ଉଭୟଙ୍କୁ ପ୍ରଶଂସା କରିଥାଉଁ । ଅସଲ କଥା ହେଉଛି ସମସ୍ତଙ୍କର ଅଲଗା ଅଲଗା ସାମର୍ଥ୍ୟ ଚାଲିଥାଏ । ମୁସଲମାନମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଲାଗି ରହିବା ଏବଂ ରକ୍ତପାତ ହେବାକୁ ହଜରତ ଇମାମ୍ ହସନ ପସନ୍ଦ କରୁନଥିଲେ । ସେ ଶାନ୍ତି ବଜାୟ ରଖିବା ପ୍ରତି ଧ୍ୟାନ ଦେଉଥିଲେ କିନ୍ତୁ ହଜରତ ହୁସେନ୍ ର ଅ କୌଣସି ଦୁଷ୍ଟ ତଥା ଅନୈତିକ ବ୍ୟକ୍ତି ହାତରେ ବୟତ କରିବାକୁ ପସନ୍ଦ କରିନଥିଲେ । କାରଣ ଏତଦ୍‌ଦ୍ୱାରା ଧର୍ମ ଭ୍ରଷ୍ଟ ହୋଇଥାଏ । ଉଭୟଙ୍କ ଉଦ୍ଦେଶ୍ୟ ଥିଲା ପୁଣ୍ୟ । **ଇନ୍‌ମଲ୍ ଆମାଲୁ ବିନ୍ ନିୟାତ୍ ।** *(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୨୭୮-୨୭୯)*

**ଇବାଦତ୍ (ଉପାସନା)**

ଈଶ୍ୱରଙ୍କ ଉପାସନା ତାଙ୍କର ପ୍ରିୟ କାର୍ଯ୍ୟ ଥିଲା । ସେ ଅଧିକାଂଶ ସମୟ ଏହି ଉପାସନା କରିବାରେ ହିଁ ବ୍ୟତିତ କରୁଥିଲେ । ଅମୀର ମାଓ୍ୱିୟା ତାଙ୍କ ଅବସ୍ଥା

ବିଷୟରେ ଜଣକୁ ପଚାରିଲେ । ସେ କହିଲେ ଯେ ହଜରତ ହସନ୍ ର ଅ ଫଜର୍ ନମାଜ ପରେ ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ମୋସଲ୍ଲା (ଅର୍ଥାତ ନମାଜ ପଢ଼ିବା ପାଇଁ ଥିବା ନିର୍ଦ୍ଦିଷ୍ଟ ସ୍ଥାନ) ଉପରେ ବସି ରହୁଥିଲେ । ପୁଣି ଆଉଜିକି ବସୁଥିଲେ । ଯାଅ ଆସ କରୁଥିବା ଲୋକମାନଙ୍କୁ ଭେଟୁଥିଲେ । ସକାଳ ହେବା ପରେ ଚାସ୍ତ ନମାଜ ପଢ଼ି ଉମ୍ମୁଲ୍ ମୁମିନିନ୍‌ଙ୍କ ନିକଟକୁ ସଲାମ କରିବା ନିମନ୍ତେ ଯାଉଥିଲେ ପୁଣି ଘରେ ହାବୁଡ଼ି ମସ୍‌ଜିଦ୍‌କୁ ଚାଲିଯାଉଥିଲେ ।

ମକ୍କାରେ ରହଣି ସମୟରେ ତାଙ୍କର ଏ ଅଭ୍ୟାସ ଥିଲା ଯେ ସେ ଅସର୍ ନମାଜ ଖାନା କାବାରେ ବାଜମାଅତ୍ (ଅର୍ଥାତ ସାମୁହିକ ନମାଜ) ପାଠ କରୁଥିଲେ । ପୁଣି ନମାଜ ପରେ ଖାନା କାବାର ତୱାଫ୍ ଅର୍ଥାତ ପରିକ୍ରମଣ କରୁଥିଲେ । ରାଓି ଅବୁ ସଇଦ୍ କୁହନ୍ତି ଯେ ହସନ୍ ଏବଂ ହୁସୈନ୍ ଇମାମଙ୍କ ସହିତ କାବାରେ ନମାଜ ପଢ଼ିଲେ ପୁଣି ହଜ୍‌ରେ ଅସ୍ୱଦ୍‌କୁ ଚୁମ୍ବନ ଦେଇ ସାତ ଫେରା ତୱାଫ୍ କଲେ । ପୁଣି ଦୁଇ ରେକାତ ନମାଜ ପଢ଼ିଲେ । ଯେତେବେଳେ ଲୋକମାନେ ଜାଣିବାକୁ ପାଇଲେ ଯେ ଏହି ଦୁଇଜଣ ହେଉଛନ୍ତି ନବି ସ ଆ ସଙ୍କ ଆଖିର ତାରା, ସେତେବେଳେ ସୌନ୍ଦର୍ଯ୍ୟମୟଙ୍କ ପ୍ରେମୀମାନେ (ଅର୍ଥାତ ଈଶ୍ୱରଙ୍କୁ ପ୍ରେମ କରୁଥିବା ଲୋକମାନେ) ଚାରି ଆଡୁ ପ୍ରଜାପତି ସଦୃଶ ଘେରି ଆସିଲେ । ଫଳତଃ ଏତେ ଭିଡ଼ ଯୋଗୁଁ ରାସ୍ତା ବନ୍ଦ ହୋଇଗଲା । ହଜରତ ହୁସୈନ୍ ସେହି ଭିଡ଼ ମଧ୍ୟରେ ରହିଗଲେ । ତେଣୁ ହଜରତ ହସନ୍ ତାଙ୍କୁ ଜଣେ ଅର୍‌କାନୀଙ୍କ ସାହାଯ୍ୟରେ ତାଙ୍କୁ ସେଥିରୁ ବାହାର କଲେ । ହଜରତ ହସନ୍ ଗୋଟିଏ ପଟା ଉପରେ ସୁରଃ କହଫ୍ ଲେଖାଇଥିଲେ । ପ୍ରତିଦିନ ଶୋଇବା ସମୟରେ ତାହାକୁ ଆବୃତ୍ତି କରୁଥିଲେ ।

ସମସ୍ତ ପ୍ରକାରର ବାହନ ରଖିବା ସତ୍ୱେ ମଧ୍ୟ ପାଦ ଦ୍ୱାରା ଅର୍ଥାତ ଚାଲି ଚାଲି ହଜ୍ କରୁଥିଲେ । ଇମାମ୍ ନୁଓି ଉଲ୍ଲେଖ କରିଛନ୍ତି ଯେ ଇମାମ୍ ହସନ୍ ଅନେକ ଥର ପାଦରେ ଚାଲି ଚାଲି ହଜ୍ କରିଛନ୍ତି । ସେ କହୁଥିଲେ ମତେ ସଂକୋଚ ଲାଗୁଛି ଯେ ମୁଁ ଈଶ୍ୱରଙ୍କ ସହିତ ସାକ୍ଷାତ କରିବାକୁ ଯିବି ଓ ପାଦରେ ନ ଯିବି । (ଅର୍ଥାତ ପାଦରେ ଚାଲି ଚାଲି ଈଶ୍ୱରଙ୍କ ଦରବାରକୁ ନ ଗଲେ ମତେ ସଙ୍କୋଚ ଅନୁଭବ ହୁଏ) *(ସିରତୁଲ୍ ସାହାବାଃ, ଗ୍ରନ୍ଥଖଣ୍ଡ-୪, ପୃ-୩୮, ଲେଖକ ମୁଇନୁଦ୍ଦିନ୍)*

**ମାଲି କୁର୍ବାନୀ (ଆର୍ଥିକ ବଳିଦାନ)**

ହ ଇମାମ୍ ହସନ୍ ର ଅ ତିନିଥର ନିଜର ଅଧା ଧନସମ୍ପତି ଅଲ୍ଲାହ୍‌ଙ୍କ ମାର୍ଗରେ ଖର୍ଚ୍ଚ କରିଛନ୍ତି । ଏହି ଅଧା ଧନସମ୍ପତିକୁ ଅଲ୍ଲାହ୍‌ଙ୍କ ମାର୍ଗରେ ଖର୍ଚ୍ଚ କରିବା ପ୍ରସଙ୍ଗରେ ଆସୁଛି ଯେ ସେ ତାଙ୍କର ଦୁଇଟି ଯୋଡା ମଧ୍ୟରୁ ଗୋଟିଏ ଜୋତା ବି ଦାନ କରିଦେଇଥିଲେ । ପୁଣି ଦ୍ୱିତୀୟ ଥର ସର୍ମ୍ପୂର୍ଣ୍ଣ ଧନସମ୍ପତି ଅଲ୍ଲାହ୍‌ଙ୍କ ମାର୍ଗରେ ପ୍ରଦାନ କରିଦେଲେ । *(ଉସୁଦୁଲ୍ ଗାବାଃ ଫଇ ମାରିଫତିସ୍ ସାହାବାଃ........ ଖଣ୍ଡ-୧, ତଜ୍‌କରାଃ ହସନ୍ ବିନ୍ ଅଲୀ ର ଅ, ପୃ-୫୬୦, ଦାରୁଲ୍ ଫିକ୍‌ର୍....... ଲେବନାନ୍-୨୦୦୩)*

**ତାଙ୍କର ବଦାନ୍ୟତା**

ଏକଦା ଜଣେ ସିରିଆ ଦେଶର ନିବାସୀ ମଦିନା ଆସିଥିଲା । ସେ ହଜରତ ଅଲୀ ର ଅଙ୍କ ସମ୍ବନ୍ଧରେ ଅନାପସନାପ ଶବ୍ଦ ଉଚ୍ଚାରଣ କରୁଥିଲା । ତାକୁ ବହୁତ ଦୂର ସ୍ଥାନକୁ ଯାତ୍ରା କରିବାର ଥିଲା କିନ୍ତୁ ନା ତ ତାଙ୍କ ପାଖରେ ରାସ୍ତାଖର୍ଚ୍ଚ ଥିଲା ଓ ନା କୌଣସି ବାହନ ଥିଲା । ତେଣୁ ସେ ତାଙ୍କ ଅବସ୍ଥା ସମ୍ପର୍କରେ ମଦୀନାର ବିଭିନ୍ନ ଲୋକଙ୍କୁ ଅବଗତ କଲା କିନ୍ତୁ କେଉଁଠାରୁ ସେ କିଛି ପାଇଲା ନାହିଁ । ପୁଣି ଜଣେ ତାଙ୍କୁ ହଜରତ ହସନ୍ ର ଅଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଅସୁବିଧା ବିଷୟରେ କରାଇଦେଲେ ଓ ରାସ୍ତାଖର୍ଚ୍ଚ ବାବଦରେ କିଛି ଅର୍ଥ ମଧ୍ୟ ଦେଲେ । ଏହା ଦେଖି ଲୋକମାନେ ଏ ଅଭିଯୋଗ କଲେ ଯେ ଆପଣ ଏମିତି ଜଣେ ଲୋକ ସହିତ ଏପରି କାହିଁକି ବ୍ୟବହାର କଲେ ଯିଏ ଆପଣଙ୍କୁ ଓ ଆପଣଙ୍କ ବାପାଙ୍କୁ ଘୃଣା କରୁଛି ? ହଜରତ ହସନ୍ ଲୋକମାନଙ୍କୁ ଉତର ଦେଲେ ଯେ କ'ଣ ମୁଁ ମୋ ସମ୍ମାନର ସୁରକ୍ଷା କରିବି ନାହିଁ । *(ତାରିଖେ ମଦିନାଃ ଓ୍ୱ ଦିମଶ୍‌କ ଅଜ୍ ଇବ୍‌ନେ ଅସାକରି, ଖଣ୍ଡ-୧୩, ପୃ-୨୪୭, ଦାରୁଲ୍ ଫିକର ଓ ବେରୁତ ୧୯୯୫)*

**ଖିଦ୍‌ମତେ ଖଲକ୍ (ସମାଜ ସେବା)**

ଥରେ ଜଣେ ଲୋକ ହଜରତ ହୁସୈନ୍ ର ଅଙ୍କ ନିକଟକୁ ଆସି ନିଜର ଆବଶ୍ୟକତା ପାଇଁ ତାଙ୍କଠାରୁ ସାହାଯ୍ୟ ଭିକ୍ଷା କଲା । ହଜରତ ହୁସୈନ୍ ର ଅ ଏତେକାଫ୍‌ରେ ବସିଥିଲେ । ସେ କହିଲେ:- ଯଦି ମୁଁ ଏତେକାଫ୍‌ରେ ନ ବସିଥାନ୍ତି, ତା'ହେଲେ ଅବଶ୍ୟ ତୁମ ସହିତ ଯାଇ ତୁମର ଆବଶ୍ୟକତଠାରୁ ପୂରଣ କରିଥାନ୍ତି । ସେହି ଲୋକ ଜଣକ ତାଙ୍କଠାରୁ ଉତମ ଫଳ ପାଇଁ ହଜରତ ହସନ୍ ର ଅଙ୍କ ବସିଥିଲେ । କିନ୍ତୁ ସେ , ଏତେକାଫ୍‌ରୁ ବାହାରି ସେହି ଲୋକଟିର ଆବଶ୍ୟକତା ପୂରଣ କଲେ । କିଛି ଲୋକେ ହଜରତ ହୁସୈନ୍ ର ଅ ଙ୍କ କଥା କହିଲେ (ଅର୍ଥାତ ହଜରତ ହୁସୈନ୍ ର ଅ ଏତେକାଫ୍‌ରେ ଥିବା ଯୋଗୁଁ ସେହି ଲୋକଟିକୁ ସାହାଯ୍ୟ କରିବା ପାଇଁ ମନା କରିଦେଇଥିଲେ) । ଏଥିରେ ହଜରତ ହସନ୍ ର ଅ କହିଲେ:- ଅଲ୍ଲାହ୍ ଖାତିର୍ କୌଣସି ଭାଇର ଆବଶ୍ୟକତାକୁ ପୂରଣ କରିଦେବା ମୋ ନିକଟରେ ଏକ ମାସ ଧରି ଏତେକାଫ୍ ବସିବା ଅପେକ୍ଷା ଭଲ ।

ଥରେ ହଜରତ ହସନ୍ ର ଅ ତୱାଫ୍ (ଅର୍ଥାତ ଖାନାକାବା ପରିକ୍ରମା) କରୁଥିଲେ । ସେହି ଅବସ୍ଥାରେ ଜଣେ ତାଙ୍କୁ ନିଜର ଆବଶ୍ୟକତା ପାଇଁ ସାଥିରେ ନେବାକୁ ଚାହିଁଲା । ହଜରତ ହସନ୍ ତୱାଫ୍‌କୁ ପରିତ୍ୟାଗ କରି ସେହି ଲୋକ ସାଥିରେ ଚାଲିଗଲେ । ଯେତେବେଳେ ଲୋକଟିର ଆବଶ୍ୟକତାକୁ ପୂରଣ କରି ଲେଉଟିଲେ, କେହି ଜଣେ ଈର୍ଷା ପରାୟଣ ବ୍ୟକ୍ତି ଆରୋପ ଲଗାଇଲା ଯେ ହେ ଅବୁ ମୁହମ୍ମଦ୍ ! ତୁମେ ତୱାଫ୍‌କୁ ପରିତ୍ୟାଗ କରି ଅମୁକ ଲୋକ ସହିତ ଚାଲିଗଲ ? ଏଥିରେ ହଜରତ ହସନ୍ ର ଅ ଉତର ଦେଲେ:- ମୁଁ କାହିଁକି ତା ସହିତ ନ ଯାଇଥାନ୍ତି । ରସୁଲୁଲ୍ଲାହ୍ ସ ଆ ସଙ୍କର ଏ ଆଦେଶ ରହିଛି ଯେ, ଯଦି ଜଣେ ନିଜ ମୁସଲମାନ ଭାଇର ଆବଶ୍ୟକତା ପୂରଣ କରିବାକୁ ଯାଏ, ଓ ତା'ର ଆବଶ୍ୟକତା ପୁରଣ ହୋଇଯାଏ, ତେବେ ଯାଇଥିବା ଲୋକଟିକୁ ଗୋଟିଏ ହଜ୍ ଓ ଗୋଟିଏ ଉମ୍‌ରାଃ କରିବାର ପୂଣ୍ୟ ଲାଭ ହୋଇଥାଏ । ଯଦି ତା'ର ଆବଶ୍ୟକତା ପୂରଣ ବି ନହେଲା, ତା'ହେଲେ ଗୋଟିଏ ଉମ୍‌ରାଃର ପୂଣ୍ୟ ମିଳିଥାଏ । ସୁତରାଂ ମୁଁ ଏଠାରେ ଗୋଟିଏ ହଜ୍ ଓ ଗୋଟିଏ ଉମ୍‌ରାଃ କରିବାର ପୂଣ୍ୟ ଲାଭ କରି ତତ୍ ସହିତ ପୁଣି ଆସି ଏଠାରେ ତୱାଫ୍ ମଧ୍ୟ ପୂରଣ କଲି । *(ତାରିଖେ ମଦିନା ଓ୍ୱ ଦମିଶକ୍ ....... ଖଣ୍ଡ-୧୩. ପୃ-୨୪୭....... ଲେବ୍‌ନାନ୍ ୧୯୯୫)*

**ଧୈର୍ଯ୍ୟ ଓ ସହନଶୀଳତା**

ହଜରତ ଆଇଶା ସିଦ୍ଦିକା ର ଅ କୁହନ୍ତି:- ସିରିଆରୁ ଜଣେ ଲୋକ ମଦିନା ଆସିଲା ଓ କହିଲା ଯେ ଜଣେ ଅତି ସୂକ୍ଷ୍ମ ଆରବୀୟ ଆରୋହୀ ରାସ୍ତାରେ ଆରୋହଣ ହୋଇ ଚାଲିଯାଉଥିଲା । ମୁଁ ମୋ ଜୀବନରେ ଏତେ ସୁନ୍ଦର ଆରୋହୀଙ୍କୁ କେବେ ଦେଖିନାହିଁ । ତାଙ୍କର ଏତେ ଅନୁପମ ଗତି ମୋ ହୃଦୟକୁ କେବଳ ଆକର୍ଷିତ କରୁନଥିଲା ବରଂ ତାଙ୍କ ଘୋଡ଼ାର ଟାପୁ ମୋ ପ୍ରାଣକୁ ପଦଦଳିତ କରୁଥିଲା । ଯେତେବେଳେ ମୁଁ ଲୋକମାନଙ୍କୁ ପଚାରିଲି ଯେ ଏହି ଲୋକଟି କିଏ ? ଉତର ମିଳିଲା ଯେ ହେଉଛନ୍ତି ଅଲୀଙ୍କ ପୁତ୍ର ହସନ୍ ର ଅ । ମୁଁ ଏହି ଦୁଇଟି ନାଁ ଶୁଣି କ୍ରୋଧରେ ଭରିଗଲି ଓ ଈର୍ଷାପରାୟଣ ହୋଇ ଈର୍ଷାର ନିଆଁରେ ଆପାଦ ମସ୍ତକ ଜଳି ଉଠିଲି ଯେ ଅଲୀ ର ଅଙ୍କ ପୁଅ ଏପରି ! ମୁଁ ସେଠାରୁ ଧାଇଁଲି ଓ ରାସ୍ତାରେ ତାଙ୍କ ଘୋଡ଼ାର ଲଗାମ ଧରି କହିଲି ହେ ଆରୋହୀ ! ତୁମେ କ'ଣ ଅଲୀ ର ଅଙ୍କ ସୁପୁତ୍ର ? ହଜରତ ହସନ୍ ର ଅ କହିଲେ ହଁ । ଅତଃ ମୁଁ ହଜରତ ଅଲୀ ର ଅଙ୍କୁ ବହୁତ ଖରାପ ଭାଷା ପ୍ରୟୋଗ କରି ଅନାପ ସନାପ କହିଲି । କିନ୍ତୁ ବାଃ ରେ ସହନଶୀଳତା ! ଯେ ପର୍ଯ୍ୟନ୍ତ ମୁଁ ହଜରତ ଅଲୀ ର ଅଙ୍କୁ ଅଭାଷା କହିଚାଲିଥିଲି, ସେ ପର୍ଯ୍ୟନ୍ତ ସେ ଚୁପଚାପ ଛିଡ଼ା ହୋଇ ତାହା ଶୁଣି ଚାଲିଲେ । ଶେଷରେ ମୁଁ ନିଜ ଲଜ୍ଜିତ ହୋଇଗଲି । ଅତଏବ ମୁଁ ଯେତେବେଳେ ମୋ କଥା ଶେଷ କଲି, ସେ ହସି ଦେଇ କହିଲେ ବୋଧ ହୁଏ ତୁମେ ଜଣେ ମୁସାଫିର୍ (ଅର୍ଥାତ ପଥିକ) ଓ ସିରିଆରୁ ଚାଲି ଆସୁଅଛ । ମୁଁ କହିଲି ହଁ । ପୁଣି କହିଲେ ମୋ ସହିତ ଘରକୁ ଚାଲ, ମୁଁ ତୁମର ଆତିଥ୍ୟତା କରିବି । ତୁମକୁ କିଛି ଧନ ଦେବି ଓ ତୁମର ଆବଶ୍ୟକତାକୁ ପୂରଣ କରିବି । ମୁଁ ଏକଥା ଶୁଣି ବହୁତ ଲଜ୍ଜିତ ହେଲି । ମୁଁ ତାଙ୍କର ଏପରି ଉତମ ଆଚରଣ ଦ୍ୱାରା ବହୁତ ଆଶ୍ଚର୍ଯ୍ୟଚକିତ ହେଲି । ତାଙ୍କର ସେହି କଥା ମୋ ମନକୁ ଏତେ ପ୍ରଭାବିତ କରିଦେଲା ଯେ ମୁଁ ଧୈର୍ଯ୍ୟ ଧରି ପାରିଲି ନାହିଁ ଏବଂ ଉପାୟ ଶୂନ୍ୟ ହୋଇ ମୁଁ ତାଙ୍କ ହାତରେ ବୟତ କରିନେଲି । ତା' ପରଠାରୁ ମୁଁ ପ୍ରତ୍ୟେକ ଜିନିଷ ଅପେକ୍ଷା ତାଙ୍କୁ ଅଧିକା ଭଲ ପାଇବାକୁ ଲାଗିଲି । *(ସାଆଦତୁଲ୍ କୌନେନ୍ ଫି ଫଜାଇଲିଲ୍ ହୁସ୍‌ନୈନ୍, ଲେଖକ- ମୁଫ୍‌ତି ମୁହମ୍ମଦ୍ କରାମୁଦ୍ଦିନ୍, ପୃ-୮୪, କାଦ୍‌ରୀ ରିଜ୍‌ଓ୍ୱି କୁତୁବ୍‌ଖାନାଃ ଲାହୋର୍ ୨୦୧୦)*

**ହଜରତ ହସନ୍ ର ଅଙ୍କ କ୍ଷମା**

ହଜରତ ମସିହ୍ ମଉଦ୍ ଆ ସ ବର୍ଣ୍ଣନା କରୁଛନ୍ତି ଯେ:- "କୁହାଯାଏ ଯେ ଇମାମ୍ ହସନ୍ ର ଅଙ୍କ ନିକଟକୁ ତାଙ୍କର ଜଣେ ସେବକ ଚା ପାତ୍ର ଧରି ପହଂଚିଲା । ଯେବେ ସେ ନିକଟରେ ପହଂଚିଲା, ତା'ର ଅବହେଳା ଯୋଗୁଁ ସେହି ଚା ପାତ୍ରଟି ହଜରତ ହସନ୍ ର ଅଙ୍କ ମୁଣ୍ଡରେ ପଡ଼ିଗଲା । ଅତଏବ ହଜରତ ହସନ୍ ର ଅ ଯନ୍ତ୍ରଣା ଅନୁଭବ କରି ଗୁଲାମକୁ ଟିକିଏ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ । ସେବକ ଜଣକ ଧିରେ ଏହି ଆୟତକୁ ପାଠ କଲେ **ଓ୍ୱଲ୍‌କାଜିମିନଲ୍ ଗୈଜ୍ (ଆଲେ ଇମ୍‌ରାନ୍:୧୩୫)** (ଅର୍ଥାତ କ୍ରୋଧ ସମ୍ବରଣକାରୀ) ଏକଥା ଶୁଣି ହଜରତ ହସନ୍ ର ଅ କହିଲେ **"କଜମ୍‌ତୁ"** (ଅର୍ଥାତ ମୁଁ କ୍ରୋଧକୁ ସମ୍ବରଣ କଲି) ଏହା ଶୁଣି ସେବକ ଜଣ କହିଲା **ଓ୍ୱଲ୍‌ଆଫିନା ଅନିନ୍ ନାସି (ଆଲେ ଇମ୍‌ରାନ୍:୧୩୫)** (ଅର୍ଥାତ ବିଶ୍ୱାସକାରୀମାନେ ଲୋକମାନଙ୍କୁ କ୍ଷମା ପ୍ରଦାନ କରିଥାନ୍ତି) **କଜମ୍** ଅନ୍ତର୍ଗତ ମଣିଷ ନିଜ କ୍ରୋଧକୁ ଦବାଇ ଦିଏ ପ୍ରକାଶ କରେନାହିଁ । କିନ୍ତୁ ମନ ଭିତରୁ ପ୍ରସନ୍ନ ନ ଥାଏ । ସେଥିଯୋଗୁଁ କ୍ଷମାର ସର୍ତ ଲଗାଯାଇଅଛି । ଅତଏବ ହଜରତ ହସନ୍ ର ଅ କହିଲେ: ମୁଁ ଏବେ କ୍ଷମା ଦେଲି । ପୁଣି ସେବକ ଜଣକ କହିଲେ:- **ଓ୍ୱଲ୍ଲାହୁ ୟୁହିବ୍‌ବୁଲ୍ ମୁହ୍‌ସିନିନ୍** ଅର୍ଥାତ ଅଲ୍ଲାହ୍‌ଙ୍କ ପ୍ରିୟ ପାତ୍ର ସେମାନେ ହୋଇଥାନ୍ତି, ଯେଉଁମାନେ କ୍ରୋଧ ସମ୍ବରଣ କରିବା ତଥା କ୍ଷମା କରିବା ପରେ ପୂଣ୍ୟ ବି କରିଥାନ୍ତି । ଏହା ଶୁଣି ହଜରତ ହସନ୍ ର ଅ କହିଲେ ଯାଅ ଏବଂ ମୁଁ ତୁମକୁ ସ୍ୱାଧିନ (ମୁକ୍ତ) କରିଦେଲି । ଧାର୍ମିକମାନଙ୍କ ଆଦର୍ଶ ଏପରି କି ଚା ପାତ୍ର ପକାଇ ସ୍ୱାଧିନ ହେଲେ । ଏବେ ମତେ କୁହନ୍ତି, ଏହି ନୀତିଗତ ନମୁନା ଉତ୍କୃଷ୍ଟତାରୁ ହିଁ ସୃଷ୍ଟି ହୋଇଛି ।" *(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୧୧୫, ମୁଦ୍ରିତ ରବ୍‌ଓ୍ୱା)*

**ହସନ୍ ଓ ହୁସୈନ୍ ର ଅଙ୍କ ଜୀବନୀର**

## ଆଇନାରେ ଜମାତ୍‌ର ଉନ୍ନତି

ହଜରତ ମୁସ୍‌ଲେହ୍ ମଉଦ୍ ର ଅ ବର୍ଣ୍ଣନା କରନ୍ତି:- "ହଜରତ ମସିହ୍ ମଉଦ୍ ଆ ସଙ୍କୁ ମଧ ଅଲ୍ଲାଃ ତାଲା ବାରମ୍ବାର ବତାଇଛନ୍ତି ଯେ ଜମାତ୍ ଅହେମଦୀୟାକୁ ବି ସେହିଭଳି ବଳିଦାନ ଦେବାକୁ ପଡ଼ିବ ଯେଉଁଭଳି ପୂର୍ବରୁ ଆସିଥିବା ଅମ୍ବିୟାମାନଙ୍କ ଜମାତକୁ ବଳିଦାନ ଦେବାକୁ ପଡ଼ିଥିଲା । ଅତଃ ଆପଣ ଆ ସ ଏକଦା ସ୍ୱପ୍ନରେ ଦେଖିଲେ ଯେ 'ମୁଁ ନିଜାମୁଦ୍ଦିନ୍‌ଙ୍କ ଘରେ ପ୍ରବେଶ କରିଛି । ନିଜାମୁଦ୍ଦିନ୍‌ର ଅର୍ଥ ହେଉଛି "ଧର୍ମର ବ୍ୟବସ୍ଥା" ଏହି ସ୍ୱପ୍ନର ଅର୍ଥ ହେଉଛି ଏହା କି ପରିଶେଷରେ ଜମାତ ଅହେମଦୀୟା ଦିନେ "ନିଜାମେ ଦୀନ୍" (ଅର୍ଥାତ ଧର୍ମର ବ୍ୟବସ୍ଥା) ହୋଇଯିବ ଏବଂ ପୃଥିବୀର ଅନ୍ୟ ସମସ୍ତ ବ୍ୟବସ୍ଥା ତଥା ପ୍ରଣାଳୀ ଉପରେ ବିଜୟୀ ହେବ । କିନ୍ତୁ ଏ ବିଜୟ କିପରି ହେବ ? ସେ ସମ୍ବନ୍ଧରେ ସ୍ୱପ୍ନରେ ଆପଣ ଆ ସ କୁହନ୍ତି ଆମେ ସେହି ଘରେ କିଛିଟା ହସନୀ ଶୈଳୀରେ ପ୍ରବେଶ କରିବୁ ଓ ଆଉ କିଛିଟା ହୁସୈନୀ ଶୈଳୀରେ ପ୍ରବେଶ କରିବୁ । *(ତଜ୍‌କରାଃ, ଦ୍ୱିତୀୟ ଏଡ଼ିଶନ୍, ପୃ-୭୮୮-୭୮୯)* ଏହି ସବୁ ଲୋକମାନେ ଜାଣିଛନ୍ତି ଯେ ହଜରତ ହସନ୍ ର ଅ ଯେଉଁ ସଫଳତା ପ୍ରାପ୍ତ କରିଥିଲେ, ତାହା ସୁଲାହ୍ (ଅର୍ଥାତ ସନ୍ଧି) ଦ୍ୱାରା ପ୍ରାପ୍ତ କରିଥିଲେ । ସୁତରାଂ ହଜରତ ମସିହ୍ ମଉଦ୍ ଆ ସଙ୍କୁ ଏହା ବତାଇ ଦିଆଗଲା ଯେ ନିଜାମୁଦ୍ଦିନ୍ ସ୍ଥାନରେ ଏହି ଜମାତ୍ ପହଂଚିବ । ଏ କଥା ତ ସତ କିନ୍ତୁ କିଛିଟା ଶାନ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟତା ଦ୍ୱାରା ଏବଂ ଆଉ କିଛିଟା ଶହୀଦ ହୋଇ ତଥା ବଳିଦାନ ମାଧ୍ୟମରେ । ଯଦି ଆମ ମଧ୍ୟରୁ କିଏ ଏକଥା ଭାବୁଥାଏ ଯେ ବିନା କୌଣସି ବଳିଦାନ ଓ କୌଣସି ଶାହାଦତ୍‌ରେ ଏହି ସମ୍ପ୍ରଦାୟ ଉନ୍ନତି କରିବ ବୋଲି, ତା' ହେଲେ ସେ ଭୂଲ ବୁଝୁଛି । ଆମକୁ ବେଳେ ବେଳେ ସନ୍ଧି/ଶାନ୍ତି ଏବଂ ସମନ୍ୱୟର ମାର୍ଗକୁ ଆପଣେଇବାକୁ ହେବ ତ ଆଉ କେତେବେଳେ ହୁସୈନୀ ଆଭିମୂଖ୍ୟ ଗ୍ରହଣ କରିବାକୁ ହେବ । ଯାହାର ଅର୍ଥ ହେଉଛି ଏହା କି ଆମେ ଶତୃଙ୍କ ସାମ୍ନାରେ ମରିଯିବା ପଛକେ, ଆମେ ତା କଥାକୁ ମାନିବା ହିଁ ନାହିଁ । ଏହି ଦୁଇଟି ପଦ୍ଧତି ଆମ ପାଇଁ ଉଦ୍ଦିଷ୍ଟ । ଗୋଟିଏ ମଧ୍ୟମ ମାର୍ଗ ରହିଛି, ଯାହା ଉପରେ ଆମକୁ ଚାଲିବାକୁ ହେବ । ଗୋଟିଏ ବିଜୟ ସନ୍ଧି, ପ୍ରେମ ଓ ସୌହାର୍ଦ୍ଦ୍ୟ ଦ୍ୱାରା ମିଳିବ ଓ ଆଉ ଗୋଟିଏ ବିଜୟ ବଳିଦାନ ଦେଇ ପ୍ରାପ୍ତ ହେବ । ତା'ପରେ (ଆମ) ଜମାତ୍ ନିଜାମୁଦ୍ଦିନ୍ ଘରେ ପ୍ରବେଶ କରିବ ଓ ତାକୁ ସଫଳତା ପ୍ରାପ୍ତ ହେବ" । *(ତଫ୍‌ସୀର୍ କବୀର, ଖଣ୍ଡ-୭, ପୃ-୫୮୩)*

******************

## ହଜରତ ସାହେବ୍‌ଜାଦାଃ ମିର୍ଜା ବଶିର୍ ଅହେମଦ୍‌ଙ୍କ ଜୀବନୀ

ହଜରତ ସାହେବ୍‌ଜାଦାଃ ମିର୍ଜା ବଶିର୍ ଅହେମଦ ସାହେବଙ୍କୁ ଈଶ୍ୱରଙ୍କ ଐଶିବାଣୀ ଜରିଆରେ **କମରୁଲ୍ ଅମ୍ବିୟା** ଭାବରେ ଅଭିହିତ କରାଯାଇଅଛି । ୨୦ ଏପ୍ରିଲ୍ ୧୮୯୩ ମସିହାରେ ତାଙ୍କର ଜନ୍ମ ଏବଂ ସେପ୍ଟେମ୍ବର ଦୁଇ ତାରିଖ ୧୯୬୩ ମସିହାରେ ଦେହାନ୍ତ ହୋଇଥିଲା । ପ୍ରାୟ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ସେ ଅମ୍ବିୟାମାନଙ୍କ ମହାନତାର ପ୍ରତିଷ୍ଠା ଏବଂ ସେମାନଙ୍କ ଜ୍ୟୋତିର ଅନୁସରଣ ତଥା ପ୍ରକାଶ ଜରିଆରେ ତଥା ଦୁଃଖ ମଣିଷମାନଙ୍କ ପାଇଁ ଶୀତଳ ଆଲୋକ ସୃଷ୍ଟି କରି ବାସ୍ତବିକ ନିଜେ କମରୁଲ୍ ଅମ୍ବିୟା (ଅର୍ଥାତ ଅମ୍ବିୟାମାନଙ୍କର ଚନ୍ଦ୍ର) ହେବା ସାବ୍ୟସ୍ତ କରିଦେଲେ ।

କମ୍‌ରୁଲ୍ ଅମ୍ବିୟାର ଅର୍ଥ ହେଉଛି, ସେ ନବିମାନଙ୍କଠାରୁ ଆଲୋକ ଗ୍ରହଣକାରୀ ହେବେ । ସେମାନଙ୍କ ମହାନତା ଏବଂ ବିଶେଷଗୁଣଗୁଡ଼ିକୁ ବିସ୍ତାର କରିବେ ଏବଂ ସେମାନଙ୍କର ଆଲୋକରେ ଜୀବନ ଅତିବାହିତ କରିବେ । ସୁତରାଂ ଏହିପରି ହିଁ ହେଲା ।

ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ର ଅଙ୍କ ମଧ୍ୟରେ ତକ୍‌ୱା (ଅର୍ଥାତ ଧର୍ମପରାୟଣତା) ଅନେକ ଦିଗରେ ପ୍ରତିଷ୍ଠିତ ଥିଲା । ବିନମ୍ର ସ୍ୱଭାବୀ, ଅହଂକାରରୁ ମୁକ୍ତ, ସ୍ୱାର୍ଥପରତା ଠାରୁ ବହୁ ଦୂରରେ ଖାଇବା ପିଇବା, ପୋଷାକ ପରିଧାନ ତଥା ରହଣୀରେ ଅତ୍ୟନ୍ତ ସରଳ ଜୀବନଯାପନ କରିବା । ସାଂସାରିକ ଜୀବନକୁ କେବଳ ପରକାଳ ପାଇଁ ଏକ ବାହନ ଭାବରେ ବ୍ୟବହାର କରିବା ଓ ତାକୁ ଧର୍ମ ସେବା ପାଇଁ ଉର୍ତ୍ସଗ କରିବା, ଯନ୍ତ୍ରଣାକୁ ଆନନ୍ଦରେ ସହ୍ୟ କରିବା, ଧୈର୍ଯ୍ୟ ଏବଂ ଦୃଢ଼ତାର ବଳିଷ୍ଠ ଉଦାହରଣ ଦେଖାଇବା, ପ୍ରାଣୀଜଗତ ପ୍ରତି ସହାନୁଭୂତିଶୀଳ ହେବା, ଅଲ୍ଲାଃଙ୍କ ସ୍ମରଣକୁ ଖାଦ୍ୟ କରିବା ଏବଂ ଈଶ୍ୱରୀୟ ପ୍ରେମରେ ମଜ୍ଜି ରହିବା, ଏହି ସବୁ ତକ୍‌ୱା (ଧର୍ମପରାୟଣତା) ଅଲ୍ଲାଃଙ୍କ ଚମତ୍କାର ଥିଲା, ଯାହା ତାଙ୍କ ଭିତରେ ପରିପ୍ରକାଶ ହେଉଥିଲା ।

ହଜରତ ମିଆଁ ସାହେବଙ୍କ ପବିତ୍ର ଜୀବନୀ ଅଧ୍ୟୟନ କଲେ ଏହି ସତ୍ୟାସତ୍ୟ ଭଲ ଭାବରେ ପ୍ରକାଶ ହୋଇଯାଇଥାଏ ଯେ ହଜରତ ମିଆଁ ସାହେବ ତାଙ୍କ ଜୀବନର ପ୍ରତ୍ୟେକ ମୂହୁର୍ତ୍ତକୁ ଏବଂ ଈଶ୍ୱର ପ୍ରଦତ ପ୍ରତିଭାକୁ ଧର୍ମ ସେବାରେ ଉତ୍ସର୍ଗ କରିଦେଇଥିଲେ । ସେ ନିଜର ସମସ୍ତ ଈଶ୍ୱର ପ୍ରଦତ ଶକ୍ତି ଓ ସାମର୍ଥ୍ୟକୁ ଧର୍ମ ସେବାରେ ବିନିଯୋଗ କରିଦେଇଥିଲେ । ତାଙ୍କର ଧର୍ମ ସେବା ବହୁତ ବିବିଧ ଅଟେ । ଜ୍ଞାନଭିତିକ ଡ଼ର୍ଜନ ପୁସ୍ତକ ତଥା ପ୍ରତ୍ରିକାମାନ, ଯାହା ମୂଲ୍ୟବାନ ଆଧାତ୍ମିକ ଏବଂ ସାହିତ୍ୟିକ ରତ୍ନ ଦ୍ୱାରା ପରିପୂର୍ଣ୍ଣ ତାହା ସବୁ ତାଙ୍କ କଲମ ମୁନର ଅବଦାନ । ଜମାତ୍‌ର ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ଖବର କାଗଜରେ ଛୋଟ ଛୋଟ ବିଷୟବସ୍ତୁର ଧାରା ମଧ୍ୟ ନିୟମିତ ଜାରି ରହୁଥିଲା । ସେ ଯୁବକମାନଙ୍କୁ ତଥା ଜମାତ୍‌କୁ ବ୍ୟକ୍ତିଗତ ଏବଂ ସାମୁହିକ ଭାବରେ ଧର୍ମସେବା ଓ ବିଶେଷତଃ ଲେଖା ମାଧ୍ୟମରେ ସେବା କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ ଏବଂ ନିଜର ମୂଲ୍ୟବାନ ଉପଦେଶ ଦେଉଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ପରିସ୍ଥିତିରେ ବ୍ୟକ୍ତିଗତ ଆଗ୍ରହ ଦେଖାଇ, ସେ ଏପରି ପ୍ରେମ ଓ ଦୟା ପରିପ୍ରକାଶ କରୁଥିଲେ ଯେ ସେହି ଲୋକଟି ଜଣେ ଅମୂଲ୍ୟ ଦାସ ହୋଇଯାଉଥିଲା । ଅତଏବ ସେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଓ ନିଜର ସମସ୍ତ ସମୟକୁ ଧର୍ମ ଦେଶ ତଥା ଜାତିର ସେବା ପାଇଁ ଓ ଈଶ୍ୱରଙ୍କ ପ୍ରାଣୀଜଗତର ସହାନୁଭୂତିରେ ବିନିଯୋଗ କରିଦେଇଥିଲେ ।

### ଈଶ୍ୱରୀୟ ପ୍ରେମର ଗୋଟିଏ ଶୈଳୀ (ବିସ୍‌ମିଲ୍ଲାଃ ଲେଖିବାରେ ଯତ୍ନଶୀଳତା- ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃଙ୍କ ନାମରୁ ଆରମ୍ଭ କରିବା)

ମୋକରମ୍ ମୁଖ୍‌ତାର୍ ଅହେମଦ ହାଶ୍‌ମୀ ସାହେବ୍ କର୍ମକର୍ତା ନିଜାରତ୍ ଖିଦ୍‌ମତେ ଦର୍‌ୱେଶାନ୍ ଉଲ୍ଲେଖ କରିଛନ୍ତି;- ଥରେ ମୁଁ ହଜରତ ମିଆଁ ସାହେବ ର ଅଙ୍କ ଘରେ ଦଫ୍‌ତରି ଡ଼ାକ ଧରି ଉପସ୍ଥିତ ହେଲି । ସେ କାମ ଶେଷ କରିବା ପରେ କହିଲେ ଯେ ମୋ କଲମର ନିବ୍ ଖରାପ୍ ହୋଇଯାଇଛି । ମୋ ପାଇଁ ଆପଣ ବଜାରରୁ ଗୋଟିଏ ଭଲ କଲମ କିଣି ଘେନି ଆସ । ଅତଃ ମୁଁ ବଜାରରୁ ଦୁଇ ତିନୋଟି କଲମ ନମୁନା ଧରି ହାଜିର୍ ହେଲି । ସେ ପ୍ରତ୍ୟେକ କଲମ ଜରିଆରେ ଖଣ୍ଡେ କାଗଜ ଉପରେ କିଛି କିଛି ଲେଖିଲେ । ପରିଶେଷରେ ଗୋଟିଏ କଲମକୁ ପସନ୍ଦ କଲେ । ମତେ ସେହି କଲମ ଦ୍ୱାରା ଲେଖାଯାଇଥିବା ଲେଖାକୁ ବି ଦେଖାଇଲେ ଯେବେ ମୁଁ କାଗଜକୁ ଦେଖିଲି, ସେଥିରେ ଅନେକ ଥର **"ବିସ୍‌ମିଲ୍ଲାଃ"** ଲେଖାଯାଇଥିଲା । ସେ କହିଲେ ମୁଁ ଯେବେ ବି କୌଣସି ନୂଆ କଲମ କିଣେ, ସେଥିରେ ସର୍ବଦା ପ୍ରଥମେ **"ବିସ୍‌ମିଲ୍ଲାଃ"** ହିଁ ଲେଖିଥାଏ ଯଦି କଲମର ଲେଖା ବା ତାହା କିପରି ଚାଲୁଛି ଇତ୍ୟାଦି ପରୀକ୍ଷା କରିବା ପାଇଁ କିଛି ଲେଖିବାକୁ ହିଁ ପଡ଼ିଥାଏ, ସେଠାରେ କ'ଣ ଏହା ଅଲ୍ଲାଃଙ୍କ ନାମରୁ ଆରମ୍ଭ କରିବା ଭଲ ନୁହେଁ କି ? ସେହିଭଳି କାଦିଆନ୍‌ରୁ ଆସୁଥିବା ପ୍ରତିନିଧିମଣ୍ଡଳ ସମ୍ପର୍କରେ ସରକାରୀ କାର୍ଯ୍ୟାଳୟକୁ ଯେଉଁ ଚିଠି ଇଂରାଜୀରେ ଲେଖଯାଉଥିଲା ସେ ପ୍ରସଙ୍ଗରେ ଆପଣ ର ଅ ଦଫ୍‌ତର୍‌କୁ କ୍ରମାଗତ ଭାବରେ ଏ ନିର୍ଦ୍ଦେଶ ଦେଇଥିଲେ ଯେ ସେହି ଚିଠି ସବୁର ପ୍ରାରମ୍ଭ **ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍‌ରହିମ୍ ନହମଦୁହୁ ନୁସଲ୍ଲି ଅଲା ରସୁଲିହିଲ୍ କରିମ୍** ରୁ କରାଯାଉ । ଅତଃ କାର୍ଯ୍ୟାଳୟ ତରଫରୁ ତାହାର ପାଳନ ସମ୍ପୁର୍ଣ୍ଣ କରାଯାଉଥିଲା ।

### ରସୁଲେ୍ କରିମ୍ ସ ଆ ସଙ୍କ ସହିତ ପ୍ରେମ

ଥରେ ହଜରତ ମିଆଁ ସାହେବ ମତେ ଗୋଟିଏ ଡ୍ରାଫ୍ଟ ଲେଖିବାକୁ ଦେଲେ, ସେଥିରେ ଗୋଟିଏ ବାକ୍ୟ ଏହା ମଧ ଥିଲା ଯେ ହଜରତ ରସୁଲେ୍ କରିମ୍ ସ ଆ ସ କହିଛନ୍ତି । ମୁଁ ଶୀଘ୍ର ଲେଖିବା ପାଇଁ ସେଠାରେ "ସ୍ୱଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍ ପରିବର୍ତେ "ସଲ୍‌ଅମ୍" ଲେଖିଦେଲି । ସେ ଦସ୍ତଖତ କରିବା ସମୟରେ କହିଲେ ଯେ "ସଲ୍‌ଅମ୍" ଲେଖିବା ଅପସନ୍ଦ କଥା । ଯେଉଁଠି ଏତେ ଲମ୍ବା ଓ ପ୍ରଶସ୍ତ ବାକ୍ୟଗୁଡ଼ିକୁ ଲେଖାଯାଉଅଛି, ସେଠି କେବଳ ରସୁଲେ୍ କରିମ୍ ସ ଆ ସଙ୍କ ନାମକୁ ହ୍ରାସ କରି ଲେଖିବାର ଧାରଣା ଆସଯାଉଛି । ପୁଣି ସେ ନିଜ କଲମରେ ସ୍ୱଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍ ଲେଖିଦେଲେ । ତା'ପରେ ମୁଁ ପୁଣି କେବେ ବି ସଲ୍‌ଅମ୍ ଲେଖିନାହିଁ । ସେହି ଅବସରରେ ସେ ଆହୁରି ପୁଣି କହିଲେ ଯେ ମତେ ଇଂରାଜୀରେ ମୁହମ୍ମଦର ସଂକ୍ଷିପ୍ତ Mohd ଶବ୍ଦକୁ ଲେଖାଯିବା ଦେଖିବାରେ ସର୍ବଦା ଏତେ ଦୁଃଖ ଲାଗେ ଯେ ଜଣାନାହିଁ କିଏ ଏହା ଉଦ୍‌ଭାବନ କଲା ଓ ଲେଖାର ସମସ୍ତ ଗୁରୁତ୍ୱ କେବଳ ମୁହମ୍ମଦ ସ ଆ ସଙ୍କ ନାମକୁ ହ୍ରାସ କରିବାରେ ବ୍ୟୟ ହୋଇଛି ।

ଥରେ ହଜରତ ମିଆଁ ସାହେବ ପାକିସ୍ତାନ ବାହାରେ ଥିବା ମୁବଲ୍ଲିଗ୍‌ମାନଙ୍କୁ ଦଫତର୍‌କୁ ପ୍ରିଂଟ ପ୍ୟାଡ଼ ବଦଳରେ ଧଳା କାଗଜ ଉପରେ ଚିଠି ଲେଖାଇଲେ । ମୁଁ ସେହି ଚିଠିର ଆରମ୍ଭରେ **ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍ ରହିମ୍ ନହମଦୁହୁ ୱ୍ ନୁସଲ୍ଲି ଅଲା ରସୁଲିହିଲ୍ କରିମ୍ ୱ୍‌ସ୍ ସଲାତୁ ୱ୍‌ସ୍ ସଲାମ୍ ଅଲା ଅବ୍‌ଦିହିଲ୍ ମସିହିଲ୍ ମଉଦ୍** ଲେଖିଦେଲି । ଦସ୍ତଖତ କରିବା ସମୟରେ ଆପଣ ର ଅ କହିଲେ ଆପଣ ହଜରତ ମସିହ ମଉଦ ଆ ସଙ୍କ ସହିତ "ସଲାତ୍" ଏବଂ "ସଲାମ୍" ଦୁଇଟି ଶବ୍ଦ ଲେଖିଛନ୍ତି କିନ୍ତୁ ହଜରତ ରସୁଲେ୍ କରିମ୍ ସ ଆ ସଙ୍କ ସହିତ କେବଳ "ସଲାତ୍" । ଏପରି ଶୈଳୀ ବିଲ୍‌କୁଲ୍ ଠିକ୍ ନୁହେଁ । ସେ ହେଉଛନ୍ତି ଆକା ଓ ଇଏ ହେଉଛନ୍ତି ଦାସ । ଏଠାରେ **ଅଲା ଅବ୍‌ଦିହିଲ୍ ମସିହିଲ୍ ମଉଦ୍** ଲେଖିବା ଯଥେଷ୍ଟ । ଯଦି ଏହା ତୁମେ ଅଲଗା କେଉଁଠି ଲେଖିବାକୁ ଚାହଁ ତା'ହେଲେ ସଲାତ୍ ୱ୍ ସଲାମ୍ ଲେଖିବାରେ କୌଣସି ଅସୁବିଧା ନାହିଁ ।

### ହଜରତ ଅମୀରୁଲ୍ ମୁମିନିନ୍‌ଙ୍କ ସହିତ ପ୍ରେମ

ମୁଖ୍‌ତାର୍ ହାଶିମୀ ସାହେବ ବର୍ଣ୍ଣନା କରିଛନ୍ତି: ଯେତେବେଳେ ଆପଣ ର ଅ ନିଜର ବ୍ୟକ୍ତିଗତ ଘର "ଅଲ୍‌ବୁଶ୍‌ରା" ନିର୍ମାଣ କଲେ ଓ ସଦର୍ ଅଞ୍ଜୁମନ୍ ଅହେମଦୀୟାର କ୍ୱାର୍ଟର ଛାଡ଼ି ସେଠାକୁ ଯିବାକୁ ବାହାରିଲେ, ସେତେବେଳେ କହିଲେ "ମୋ ମନ ଚାହୁଁଛି ଯେ ମୁଁ ଏହି ଘରେ ରହିବାକୁ ଚାହେଁ । ଏଠାରେ ଆମେ ହଜରତ ସାହେବ୍‌ଙ୍କ ନିକଟରେ ବସିଛୁ, ସେଠାରୁ ଦୂର ହୋଇଯିବୁ" । ଏହା ଗୋଟିଏ ସଂକ୍ଷିପ୍ତ ବାକ୍ୟ କିନ୍ତୁ ଏଥିରୁ ଅନୁମାନ ଲଗାଯାଇପାରେ ଯେ ହଜରତ ମିଆଁ ସାହେବଙ୍କୁ ସୟଦନା ହଜରତ ଅମୀରୁଲ୍ ମୁମିନିନ୍‌ଙ୍କଠାରୁ ଅଳ୍ପ ଟିକିଏ ଦୂରତାରେ ରହିବା

କେତେ କଷ୍ଟକର ଲାଗୁଥିଲା ।

**ଜୀବନୀର କିଛି ଘଟଣାବଳୀ**

ଏହା ଏକ ଜଣାଶୁଣା ସତ୍ୟ ଯେ କମରୁଲ୍ ଅମ୍ବିୟା ହଜରତ ସାହେବ୍‌ଜାଦାଃ ମିର୍ଜା ବଶିର୍ ଅହେମଦ୍ ସାହେବ୍‌ଙ୍କ ଦ୍ୱାର ସବୁବେଳେ ଗରିବ ତଥା ଅସହାୟ ଲୋକମାନଙ୍କ ପାଇଁ ଖୋଲା ରହୁଥିଲା । ଅନେକ ଗରିବ ଛାତ୍ର ପୁସ୍ତକ ତଥା ଫିସ୍ ପାଇଁ ନିଜ ନିଜର ଦରଖାସ୍ତ ଧରି ଆପଣ ର ଅଙ୍କ ସେବାରେ ଉପସ୍ଥିତ ହେଉଥିଲେ । ଆପଣ ପ୍ରତ୍ୟେକ ଛାତ୍ରଙ୍କୁ ସାହାଯ୍ୟ କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରୁଥିଲେ ।

ପାକିସ୍ତାନରେ ରହୁଥିବା ଦରୱେଶ୍‌ମାନଙ୍କ ପରିବାର ପାଇଁ ତାଙ୍କର ଅସ୍ତିତ୍ୱ ଜଣେ ବାପାଙ୍କ ସଦୃଶ ଥିଲା । ଦରୱେଶ୍‌ମାନଙ୍କ ପିଲାମାନଙ୍କ ମଧ୍ୟରୁ ଯଦି କିଏ ଆପଣ ର ଅଙ୍କ ସେବାରେ ଉପସ୍ଥିତ ହୋଇ ନିଜର ସମସ୍ୟା ଉପସ୍ଥାପନ କରୁଥିଲା, ସେତେବେଳେ ଆପଣ ର ଅଙ୍କ ହୃଦୟ ତା' ଦୁଃଖକୁ ଦେଖି ତରିଳ ଯାଉଥିଲା ଓ ଆପଣ ସେହି ସମସ୍ୟାର ସମାଧାନ ବି ଖୋଜି ବାହାର କରୁଥିଲେ ଏବଂ ତା ପାଇଁ ପ୍ରାର୍ଥନା (ଦୁଆ)ବି କରୁଥିଲେ ଏତଦ୍‌ଦ୍ୱାରା ସେହି ଗରିବକୁ ଆତ୍ମସନ୍ତୋଷ ମିଳୁଥିଲା ।

**ହଜରତ କମରୁଲ୍ ଅମ୍ବିୟା ଏବଂ ୱାକିଫିନ୍ ଜିନ୍ଦେଗୀ**

ମୋହତର୍ ମୌଲାନା ମୁହମ୍ମଦ୍ ମୁନୱ୍ୱର୍ ସାହେବ ମୁବଲ୍ଲିଗ୍ ଆଫ୍ରିକା ଲେଖିଛନ୍ତି ଯେ ନଭେମ୍ବର ମାସ ୧୯୫୨ ମସିହାରେ ଯେ ମୁଁ ଛୁଟିରେ ପାକିସ୍ତାନ ଗଲି, ସଂଯୋଗବଶତଃ ମସ୍‌ଜିଦ୍ ମୁବାରକ୍ ରବ୍‌ୱା ନିକଟରେ ହଜରତ ମିଆଁ ସାହେବଙ୍କ ସହିତ ସାକ୍ଷାତ ହୋଇଗଲା । ହାତ ମିଳାଇବାର ସୌଭାଗ୍ୟ ମତେ ପ୍ରାପ୍ତ ହେଲା । ତା'ପରେ ମୁଁ କହିଲି ଯେ ମୁଁ ପୂର୍ବ ଆଫ୍ରିକାରେ ଚାରିବର୍ଷ ତବ୍‌ଲିଗ୍ କାର୍ଯ୍ୟ ସମ୍ପାଦନ କରିବା ପରେ ଏଠାକୁ ଫେରିଛି । ଏକଥା ଶୁଣିବା ମାତ୍ରେ ହଜରତ ମିଆଁ ସାହେବ ମୋ ସହିତ କାନ୍ଧ ମିଳାଇଲେ ଓ ମୋ କୁଶଳ ମଙ୍ଗଳ ପଚାରି ବୁଝିଲେ । ସେହି କାନ୍ଧ ମିଳାଇବାର (ଅର୍ଥାତ ଆଲିଙ୍ଗନ) କରିବାର ଯେଉଁ ଆନନ୍ଦ ମତେ ମିଳିଥିଲା, ତାହା ଅବର୍ଣ୍ଣନୀୟ । ବୋଧ ହୁଏ ହଜରତ ମିଆଁ ସାହେବ ମତେ ଚିହ୍ନିପାରିଥାନ୍ତେ । ନା ହିଁ ମିଆଁ ସାହେବଙ୍କର ଏ ଅଭ୍ୟାସ ଥିଲା ଯେ, ସେ ଏମିତି ସଡ଼କରେ ବୁଲି ବୁଲି ଲୋକମାନଙ୍କୁ ଆଲିଙ୍ଗନ କରୁଥିଲେ । ମତେ ବି ତାଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଯୋଗୁଁ ତାଙ୍କ ସହିତ କାନ୍ଧ ମିଳାଇବା ପାଇଁ ସାହସ ନଥିଲା । କିନ୍ତୁ ସେ ଏତିକି ମାତ୍ର ଶୁଣିବା ପରେ ଅର୍ଥାତ "ମୁଁ କିଛି ବର୍ଷ ଆଫ୍ରିକାରେ ଧର୍ମ ପ୍ରଚାର କାର୍ଯ୍ୟ କରିଆସିଛି ।" ସେ ମୋତେ ଉତ୍ସାହିତ କରି ଏପରି ଭାବରେ ଐଶ୍ୱରୀୟ ପ୍ରେମର ପରିପ୍ରକାଶ କଲେ ଯେ ଏବେ ସେହି ପ୍ରେମ ମୋ ପାଇଁ ଜୀବନର ସମ୍ପଦ ହୋଇଯାଇଛି । ଧର୍ମପ୍ରଚାର ନିମନ୍ତେ ପ୍ରଚେଷ୍ଟା କରୁଥିବା ସମସ୍ତ ସେବକମାନଙ୍କ ସହିତ ଆମ ପ୍ରିୟ ମିଆଁ ସାହେବଙ୍କୁ ବିଶେଷ ପ୍ରେମ ଥିଲା ଓ ସେମାନଙ୍କ ସେ ସର୍ବଦା ଦୁଆ (ପ୍ରାର୍ଥନା) କରୁଥିଲେ ।

ପୁଣି ଶ୍ରୀମାନ୍ ମୌଲାନା ମୁନୱ୍ୱର୍ ସାହେବ ଲେଖିଛନ୍ତି ଯେ ଅଗଷ୍ଟ ୧୯୬୦ ମସିହାରେ, ଯେବେ ମୁଁ ଆଠ ବର୍ଷ ପରେ ପୁଣି ରବ୍‌ୱା ଫେରିଲି, ହଜରତ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ) ର ଅଙ୍କ ହାତକୁ ଚୁମ୍ବନ ଦେବା ପରେ ହଜରତ ମିଆଁ ସାହେବଙ୍କ ଘରକୁ ମଧ୍ୟ ତାଙ୍କୁ ଦର୍ଶନ କରିବା ପାଇଁ ଗଲି । ତାଙ୍କ ସେବକ ପ୍ରିୟ ମୁହମ୍ମଦ୍ ଶରିଫ୍ ସାହେବ ଆଫ୍ ଦେରେୱାଲ୍ ଭିତରେ ଯାଇ ଏତେଲା କଲେ ଓ ବାର୍ତ୍ତା ଆଣିଲେ ଯେ ହଜରତଙ୍କ ଦେହ ଅସୁସ୍ଥ ଅଛି ତେଣୁ ସେ ଆଜି ସାକ୍ଷାତ କରିପାରିବେ ନାହିଁ । ସୁତରାଂ ମୁଁ ସେଠାରୁ ଫେରିଲି । ଏବେ ମୁଁ ଚାରିପାଦ ଆଗକୁ ବଢ଼ି ନଥିଲି ଯେ ଆଉ ଜଣେ ଖାଦିମ୍ (ସେବକ) ଧାଇଁ ଧାଇଁ ଆସି କହିଲେ ଯେ ହଜରତ ମିଆଁ ସାହେବ୍ ଆପଣଙ୍କୁ ଡ଼ାକୁଛନ୍ତି । ମୋ ଖୁସିର ସୀମା ନଥିଲା । ଭିତରକୁ ଯାଇ କ'ଣ ଦେଖିଲି, ଦେଖିଲି ଯେ ହଜରତ ମିଆଁ ସାହେବ୍ ପଲଙ୍କ ଉପରେ ଶୋଇଛନ୍ତି, ରଙ୍ଗ ହଳଦିଆ ପଡ଼ିଯାଇଛି, ଚେହେରା କ୍ଳାନ୍ତ ଏବଂ ଅସ୍ଥିରତା ସ୍ପଷ୍ଟ ହେଉଅଛି । ନିଜ ପାଖରେ ବିଛଣାରେ ବସିବାକୁ ଇସାରା କଲେ । ପୁଣି କହିଲେ ରାତିବେଳା ଉମ୍ମେ ମୁଜଫର୍‌ଙ୍କୁ ଆଘାତ ଲାଗିବା ହେତୁ ମୁଁ ମଧ୍ୟ ଶୋଇପାରିନାହିଁ । ତାଙ୍କ ପାଇଁ ଅନିଦ୍ରା ହୋଇ ବ୍ୟତିବ୍ୟସ୍ତ ହୋଇଯାଇଥିଲି । ଏବେ ଦୃବଳତା ଯୋଗୁଁ ବ୍ୟସ୍ତ ଲାଗୁଛି । ଏକଥା ଶୁଣି ମୁଁ ବହୁତ ଲଜ୍ଜିତ ଅନୁଭବ କଲି ଯେ ମୁଁ ହଜରତ ମିଆଁ ସାହେବଙ୍କ ପାଇଁ ଦୁଃଖର କାରଣ ହେଲି । କିନ୍ତୁ ସେହି ଦୁର୍ଘଟଣା ସମ୍ବନ୍ଧରେ ମୁଁ କିଛି ବି ଜାଣି ନଥିଲି । ପରେ "ଅଲ୍‌ଫଜଲ୍" ଖବର କାଗଜରୁ ଜଣାପଡ଼ିଲା ଯେ ଗାଧୁଆ ଘରେ ଗୋଡ଼ ଖସିଯିବା ଯୋଗୁଁ ହାଡ଼ ଭାଙ୍ଗି ଯାଇଛି । ଅଲ୍ଲାଃ ଅଲ୍ଲାଃ ! ମୋ ମନ ନ ଭାଙ୍ଗିବା ପାଇଁ ତାଙ୍କୁ ଏତେ ଧ୍ୟାନ ଥିଲା ଯେ ସେ ନିଜର ଦୁଃଖ ଭୂଲିଗଲେ ଯଦିଓ ସେତେବେଳେ ଯଦି ମୋର ସାକ୍ଷାତ ନା ବି ହୋଇଥାନ୍ତା, ତା'ହେଲେ ତାଙ୍କ ନିବାସକୁ ଦଶ ଦଶ ଥର ଯିବାକୁ ମତେ କିଛି କଷ୍ଟ ବା ଅସୁବିଧା ନଥିଲା । ପୁଣି ଯେବେ ମୁଁ ତାଙ୍କ ସେବାରେ ଉପହାର ପେଶ୍ କଲି, ସେ ଏକଥା କହି ତାହା ଫେରାଇ ଦେଲେ ଯେ ଆପଣ ହେଉଛନ୍ତି ଧର୍ମ ସେବକ ଏହା ନିଜ ପାଖରେ ରଖନ୍ତୁ ।

**ଉର୍ଦ୍ଦୁ ଭାଷାର ମହାନ ଗଦ୍ୟ ଲେଖକ**

ହଜରତ ମସିହ୍ ମଉଦ ଆ ସଙ୍କ ଜ୍ଞାନରୁ ଉପକୃତ ହୋଇଥିବା ଜମାତ୍ ଏପରି ଲେଖକମାନଙ୍କୁ ସୃଷ୍ଟି କରି ଯେଉଁମାନେ ଏହି କ୍ଷେତ୍ରରେ ନିଜ ନିଜର ସାମର୍ଥ୍ୟ ମୁତାବକ ସେବା ସମ୍ପାଦନ କରିଛନ୍ତି । ସେହି ଶୀର୍ଷ ନାମମାନଙ୍କ ମଧ୍ୟରୁ ହଜରତ ମିର୍ଜା ବଶିର୍ ଅହେମଦ୍ ର ଅଙ୍କ ପବିତ୍ର ଅସ୍ତିତ୍ୱ ଅନ୍ୟତମ । ଯିଏ ଉର୍ଦ୍ଦୁ ଗଦ୍ୟରେ ଏକ ବିଶାଳ ଜୀବନ୍ତ ସାହିତ୍ୟ ନିଜ ଅନ୍ତେ ଛାଡ଼ି ଯାଇଛନ୍ତି । ତାଙ୍କ କଲମ ମୂନରୁ "ସିରତ୍ ଖାତ୍‌ମୁନ୍ ନବିୟିନ୍ ସ ଆ ସ" ପରି ଐତିହାସିକ ମାଷ୍ଟର ପିସ୍ ଏବଂ ଅନ୍ୟାନ୍ୟ ବହୂ ମୂଲ୍ୟବାନ ପୁସ୍ତକମାନ ଉର୍ଦ୍ଦୁ ଭାଷାକୁ ସମୃଦ୍ଧ କରିଛି ଅଲ୍ଲାଃ ତାଲା ହଜରତ ମିଆଁ ସାହେବଙ୍କୁ ଏକ ସ୍ୱତନ୍ତ୍ର ଅଭିବ୍ୟକ୍ତିର ନିଆରା ଶୈଳୀ ପ୍ରଦାନ କରିଥିଲେ । ତାଙ୍କ ଗଦ୍ୟ ସମ୍ଭାରକୁ ଏମିତି ଏକ ବଗିଚା ସହିତ ତୁଳନା କରାଯାଇପାରେ, ଯେଉଁଥିରେ ରଙ୍ଗବେରଙ୍ଗର ଫୁଲ ଫୁଟିଥାଏ । ସହଜ ଏବଂ ପ୍ରବାହିତ ଶୈଳୀ ଯାହା ଉପରେ ଉଚ୍ଚକୋଟିର ସାହିତ୍ୟ ଉତ୍ସର୍ଗ । ଶବ୍ଦଗୁଡ଼ିକର ସୁନ୍ଦର ପ୍ରୟୋଗ, ସୁନ୍ଦର ଶବ୍ଦ ସଂଯୋଜନା, ରୁପାନ୍ତର ପ୍ରତୀକଗୁଡ଼ିକର ସାଙ୍କେତିକ ବ୍ୟବହାର ହେଉଛି ତାଙ୍କର ସ୍ୱତନ୍ତ୍ର ଶୈଳୀ ।

ସୟଦନା ହଜରତ ମସିହ୍ ମଉଦ ଆ ସଙ୍କ ଦେହାନ୍ତ ସମୟରେ ଆମ ଜମାତ ଉପରେ ସତେ ଯେମିତି ପାହାଡ଼ ଖସି ପଡ଼ିଥିଲା । ଏପରି ସୂକ୍ଷ୍ମ ଓ ଜଟିଳ ପରିସ୍ଥିତିରେ ଆମ ଜମାତ୍‌ର ଲୋକମାନଙ୍କ ମନୋଭାବର ପରିପ୍ରକାଶ ଏପରି ଶବ୍ଦରେ କରିଛନ୍ତି:-

"ଏହି ଖବର ସତେ ଯେପରି ଆମ ଜମାତକୁ ଦୁଃଖରେ ପାଗଳ କରିଦେଇଛି ଏବଂ ଏ ଦୁନିଆ ଏମାନଙ୍କ ଦୃଷ୍ଟିରେ ଅନ୍ଧକାର ହୋଇଯାଇଛି । ପ୍ରତ୍ୟେକଙ୍କ ହୃଦୟ ଦୁଃଖରେ ଫାଟିଯାଉଥିଲା, ପ୍ରତ୍ୟେକ ଆଖି ନିଜ ପ୍ରିୟଙ୍କ ବିଚ୍ଛେଦରେ ଅଶ୍ରୁଝରଣ କରୁଥିଲା ଏବଂ ପ୍ରତ୍ୟେକଙ୍କ ଛାତି ବିରହ ପ୍ରଦାହରେ ଜଳୁଥିଲା ।"

ସାଂସାରିକ ଦୃଷ୍ଟିକୋଣରୁ ଭାବାବେଗର ସମ୍ପର୍କ ତିନୋଟି ଜିନିଷ ସହିତ ରହିଛି । ହୃଦୟ ଆଖି ଓ ଛାତି । ଆପଣ ର ଅ । ତିନୋଟିର ଅବସ୍ଥାକୁ କେଡ଼େ ସୁନ୍ଦର ତଥା ସଂକ୍ଷିପ୍ତ ଭାବରେ, କଳାତ୍ମକ ଦକ୍ଷତା ସହିତ ବର୍ଣ୍ଣନା କରିଛନ୍ତି । ପୁଣି କହିଲେ:

"ଲୋକମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ଏପରି ଥିଲେ ଯେଉଁମାନେ ପିଲାମାନଙ୍କ ପରି ରାହା ଧରି କାନ୍ଦୁଥିଲେ । କିଛି ଲୋକ ତ ଏ କଥାକୁ ବିଶ୍ୱାସ କରିବା ପାଇଁ ପ୍ରସ୍ତୁତ ନଥିଲେ ଯେ ସେମାନଙ୍କ ପ୍ରିୟ ଇମାମ୍, ସେମାନଙ୍କ ପ୍ରିୟ ଆକା, ସେମାନଙ୍କ ଆଖିର ତାରା, ସେମାନଙ୍କ ହୃଦୟର ଆନନ୍ଦ, ସେମାନଙ୍କ ଜୀବନର ସାହାରା, ସେମାନଙ୍କ ଅସ୍ତିତ୍ୱର ଉଜ୍ଜ୍ୱଳ ତାରକା କ'ଣ ବାସ୍ତବିକ ସେମାନଙ୍କଠାରୁ, ଦୁରେଇ ଯାଇଛନ୍ତି ।

ପୁଣି ସେହି ଦୃଶ୍ୟର ଅନ୍ୟ ଏକ ପାର୍ଶ୍ୱକୁ ବର୍ଣ୍ଣନା କରି କୁହନ୍ତି:-

"ଯେତେବେଳେ ହଜରତ ମସିହ୍ ମଉଦ ଆ ସଙ୍କ ମୃତ୍ୟୁ ଖବର ବିରୋଧିମାନଙ୍କ ନିକଟରେ ପହଂଚିଲା,....... ସେହି ଲୋକମାନେ ଆମ ସମ୍ମୁଖରେ ଛିଡ଼ା ହୋଇ ଖୁସିରେ ଗୀତ ଗାଇଲେ, ଆନନ୍ଦରେ ନାଚିଲେ ଓ ଚିତ୍କାର କରି ସ୍ଲୋଗାନ ଦେଲେ ଏବଂ ମନଗଢ଼ା ଜନାଯାଃ ତିଆରି କରି ପ୍ରଦର୍ଶନୀ ଶୋକ ଶୋଭାଯାତ୍ରା ଅନୁଷ୍ଠିତ କଲେ ।"

ଏହି ଶବ୍ଦଗୁଡ଼ିକ ଜରିଆରେ ସେତେବେଳର ଦୃଶ୍ୟପଟ ଜଣେ ପାଠକଙ୍କ ମନରେ ଆଙ୍କି ହୋଇଯାଇଥାଏ ଏବଂ ଏହା ହେଉଛି ଜଣେ ଭଲ ଲେଖକଙ୍କର କମାଲ୍ ଅର୍ଥାତ୍ ସିଦ୍ଧତା ।

ପୁଣି ଆମ ଜମାତକୁ ଉପଦେଶ ଦେଇ ଉଲ୍ଲେଖ କରିଛନ୍ତି:- "ଆମ ଦୁଃଖି ଆଖି ସେହି ଦୃଶ୍ୟକୁ ଦେଖିଲା । ଆମ କ୍ଷତବିକ୍ଷତ ହୃଦୟ ଆମ ଛାତି ଭିତରେ ରକ୍ତ ରଞ୍ଜିତ ହେଉ ହେଉ ରହିଗଲା । କିନ୍ତୁ ଆମେ ସେମାନଙ୍କ ସେହି ଅତ୍ୟାଚାର ଉପରେ ଧୈର୍ଯ୍ୟ ଧରିଲୁଁ......... ଆମେ ଆମ ଆସନ୍ତା ପିଢ଼ିକୁ ମଧ୍ୟ ଏହା ଏହା କହୁଛୁ ଯେ ହଁ ସେମାନେ ହସନ୍ତୁ । ଯେଉଁମାନଙ୍କ ମୁଣ୍ଡରେ ରାଜମୁକୁଟ ରଖାଯିବ ଯେ, ଯେବେ ଖୁଦାତାଲା ତୁମମାନଙ୍କୁ ଏ ଦୁନିଆରେ ଶକ୍ତି ପ୍ରଦାନ କରିବେ ଓ ତୁମେ ଶତୃମାନଙ୍କ ମୁଣ୍ଡକୁ ପଦଦଳିତ କରିବାର ସୁଯୋଗ ପାଇବ ଏବଂ ତୁମର ହାତକୁ କୌଣସି ମଣିଷର ଶକ୍ତି ରୋକିବା ପାଇଁ ସକ୍ଷମ ନଥିବ, ସେତେବେଳେ ତୁମେ ନିଜର ବିଗତ ଶତୃମାନଙ୍କ ଅତ୍ୟାଚାରକୁ ମନେପକାଇ ନିଜ ରକ୍ତ ଗରମ ହେବାକୁ ଦେବନାହିଁ । ଆମ ଦୃବଳତାର ସମୟକୁ ମନେ ପକାଇବ ଅନ୍ୟଥା ଲୋକମାନେ ଏକଥା ନ କହିବେ ଯେ ଯେବେ ଏମାନେ ଦୃବଳ ଥିଲେ, ଶତୃମାନଙ୍କ ସମ୍ମୁଖରେ ମଥାପାତିକି ରହୁଥିଲେ, ଏବେ ଯେତେବେଳେ ଶକ୍ତି ପାଇଲେ, ପ୍ରତିଶୋଧର ହାତକୁ ଲମ୍ବା କରିଦେଲେ । ବରଂ ତୁମେ ସେତେବେଳେ ବି ଧୈର୍ଯ୍ୟ ଦେଖାଇବ ଓ ନିଜର ପ୍ରତିଶୋଧକୁ ଈଶ୍ୱରଙ୍କଠାରେ ଛାଡ଼ିଦେବ । ହେ ଆକାଶ ତୁମେ ସାକ୍ଷି ରୁହ, ଆମେ ଆମ ଆସନ୍ତା ପିଢ଼ୀକୁ ଈଶ୍ୱରଙ୍କ ସଚ୍ଚା ମସିହ୍‌ଙ୍କ କରୁଣା ଓ କ୍ଷମାର ବାର୍ତ୍ତା ପହଂଚାଇ ଦେଲୁଁ ।"

ହଜରତ ଚୌଧୁରୀ ମୁହମ୍ମଦ ଜଫ୍‌ରୁଲ୍ଲାଃ ଖାନ୍ ସାହେବ ଉଲ୍ଲେଖ କରିଛନ୍ତି:- ହଜରତ ସାହିବ୍‌ଜାଦାଃ ସାହେବଙ୍କର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସେବା କାର୍ଯ୍ୟକୁ ସଂକ୍ଷେପରେ ସୂଚିତ କରିବାକୁ ମୁଁ ଏଠାରେ ଯଥେଷ୍ଟ ମଣିବି । ଏମିତି ତ ସାହିବଜାଦାଃ ସାହେବଙ୍କ ସମଗ୍ର ଜୀବନ ମାନବଜାତିର, ଇସ୍‌ଲାମ୍‌ର ଏବଂ ଏ ସିଲ୍‌ସିଲାର ସେବାରେ ଉତ୍ସର୍ଗ ଥିଲା । ଈଶ୍ୱରଙ୍କ କୃପାରୁ ଏପରି ସେବା କରିବାର ସୁଯୋଗ ବିଭିନ୍ନ ରଙ୍ଗରେ ଆପଣ ର ଅଙ୍କୁ ଉପଲବ୍ଧ ହୋଇ ଚାଲିଥିଲା । ଯେଉଁଥିରୁ ସେ ସମ୍ପୂର୍ଣ୍ଣ ଲାଭ ଉଠାଉଥିଲେ । ବହୁତ ନିଷ୍ଠା ଓ ପରିଶ୍ରମ କରି ଇସ୍‌ଲାମ୍ ତଥା ଅହେମଦୀୟା ସମ୍ପ୍ରଦାୟକୁ ମଜ୍‌ଭୁତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଚାଲିଥିଲେ । ଯାହାର ଶିକ୍ଷା, ପ୍ରଶିକ୍ଷଣ ଏବଂ ନୈତିକ ଅନୁଗ୍ରହ ସବୁଦିନ ପାଇଁ ଜାରି ରହିବ ଏବଂ ଏହା ହିଁ ତାଙ୍କର ପ୍ରକୃତ ସ୍ମୃତିଚିହ୍ନ ହେବ ।...............

*(ପେଶ୍ ଲଫ୍‌ଜ୍, "ହୟାତେ ବଶିର୍" ପୃ-୬,୭)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୨ ର ଅବଶିଷ୍ଟାଂଶ ......*

ଦ୍ୱାରା ସଂଚାଳିତ କରାଯାଇଛି ଯେପରି କି "ହେ ଈଶ୍ୱର! ତୁମ୍ଭେ ମୁହମ୍ମଦଙ୍କ ଉପରେ ସେହିପରି ବିଶେଷ କଲ୍ୟାଣ ଓ ସମୃଦ୍ଧି ଅବତୀର୍ଣ୍ଣ କର, ଯେପରି ତୁମ୍ଭ ମୁହମ୍ମଦଙ୍କର ଆବିର୍ଭାବ ମାଧମରେ ଇବ୍ରାହିମ୍‌ଙ୍କ ପ୍ରତି ନିଜର ବିଶେଷ କଲ୍ୟାଣ ଅବତୀର୍ଣ୍ଣ କରିଥିଲ । ସତେ ଯେପରି ସମୟ ଚକ୍ର ଘୁରି ଘୁରି ମୁହମ୍ମଦଙ୍କର ଆଧାତ୍ମିକ ଉତ୍କର୍ଷତାର ଦୃଷ୍ଟାନ୍ତ ସ୍ୱୟଂ ମୁହମ୍ମଦଙ୍କ ଆଡ଼କୁ ଫେରି ଆସିଛି ଏବଂ **କମା ସଲ୍ଲୈତା ଅଲା ଇବ୍ରାହିମା** ର ଶବ୍ଦରେ ହଜରତ ଇବ୍ରାହିମ ଆ ସଙ୍କର ଶ୍ରେଷ୍ଠତ୍ୱ ଓ ବଡ଼ିମାର କୌଣସି ପ୍ରଶ୍ନ ହିଁ ଉଠୁନାହିଁ, କାରଣ ପ୍ରକୃତରେ ମୁହମ୍ମଦ ରସୁଲୁଲ୍ଲାଃଙ୍କ ସକାଶେ ଉଦ୍ଦିଷ୍ଟ କଲ୍ୟାଣ ଓ ଆଶିଷର ପ୍ରାର୍ଥନା ସ୍ୱୟଂ ମହାଭାଗଙ୍କ ନିଜସ୍ୱ ଦୃଷ୍ଟାନ୍ତ ଦିଆଯାଇ ମଗା ଯାଇଛି ଏବଂ ହଜରତ ଇବ୍ରାହିମ ଆ ସଙ୍କ ନାମ କେବଳ ସେହି ଦୃଷ୍ଟାନ୍ତର ଭାବକୁ ବୁଝାଇବା ପାଇଁ ଅଣାଯାଇଛି । ତେଣୁ ଏହାର ସାରାଂଶ ହେଉଛି "ହେ ଈଶ୍ୱର! ମୁହମ୍ମଦ ରସୁଲୁଲ୍ଲାଃଙ୍କର ଅତୁଳନୀୟ କଲ୍ୟାଣ ତାଙ୍କ ନିଜ ବ୍ୟକ୍ତିତ୍ୱ ମଧରେ ସୀମିତ ହୋଇ ରହି ନ ଯାଉ, ବରଂ ଏହି ଧାରା କୟାମତ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଚାଲିଥାଉ ଏବଂ ତାଙ୍କର ଆଧାତ୍ମିକ ପ୍ରତିଭା ବିଶ୍ୱରେ ପ୍ରକାଶ ହୋଇ ସଦା ସର୍ବଦା ମହାଭାଗଙ୍କ ଜ୍ୟୋତି ଓ ଆଲୋକ ପ୍ରସାର କରୁଥାଉ ।

ଏବେ ଏହି ପ୍ରଶ୍ନ ବାକି ରହୁଛି ଯେ ଏହି ଦରୁଦର ପ୍ରାର୍ଥନା ପୁରଣ ହେଲା କି ନାହିଁ ଏବଂ ଯଦି ପୂରଣ ହେଲା, ତା'ହେଲେ କେଉଁ ରଙ୍ଗରେ ପୂରଣ ହେଲା? ତେବେ ଏହାର ସିଧା ସଳଖ ଉତର ହେଉଛି ଯେ ନା କେବଳ ପ୍ରାର୍ଥନା ନିଜର ସମ୍ପୁର୍ଣ୍ଣ ମହିମା ସହ ପୂରଣ ହୋଇଛି, ବରଂ ସ୍ୱୟଂ ହଜରତ ମୁହମ୍ମଦ ସ ଆ ସଙ୍କୁ ମଧ ଈଶ୍ୱରଙ୍କଠାରୁ ବିଦିତ କରାଗଲା ଯେ ଆମ୍ଭ ଦ୍ୱାରା ଶିଖା ଯାଇଥିବା ଦରୁଦର ପ୍ରାର୍ଥନା ଏହି ପ୍ରକାରେ ପୂରଣ କରାଯିବ । ସୁତରାଂ ଏହି ପ୍ରାର୍ଥନାର ସାଧାରଣ ପରିପ୍ରକାଶ ତ ଏପରି ହୋଇଛି ଯେ ମୁହମ୍ମଦୀୟ ସମ୍ପ୍ରଦାୟକୁ ଉତ୍କୃଷ୍ଟ ଧରଣର ସାଧୁ ସନ୍ଥ ଓ ଚମତ୍କାର ବିଦ୍ୱାନମାନଙ୍କର ପ୍ରଚଣ୍ଡ ପ୍ରତିଭା ସମ୍ପନ୍ନ ଗୋଷ୍ଠୀ ଉତରାଧିକାର ସୂତ୍ରେ ଅର୍ପଣ କରାଯାଇଛି । ଯେପରିକି ହଜରତ ମୁହମ୍ମଦ ସ ଆ ସ ସ୍ୱୟଂ କହିଛନ୍ତି:

**ଉଲମାଆଓ ଉମ୍ମତି କା ଆମ୍ବିୟାଏ ବନି ଇସ୍ରାଈଲ୍**

ଅର୍ଥାତ "ମୋ ସମ୍ପ୍ରଦାୟର ଆଧାତ୍ମିକ ବିଦ୍ୱାନ (ଯହିଁରେ ପ୍ରତି ଶତାବ୍ଦୀ ପୁରୁଷ ବା ମୁଜଦ୍ଦିତଗଣ ମଧ ଅନ୍ତର୍ଭୁକ୍ତ) ନିଜର ଉତ୍କର୍ଷ ପ୍ରତିଭାରେ ବନି ଇସ୍ରାଇଲ ନବୀମାନଙ୍କ ପରି ହେବେ, "ତେବେ ଏଇ ଯେଉଁ ମୁହମ୍ମଦୀୟ ସମ୍ପ୍ରଦାୟରେ ହଜାର ହଜାର ଚମତ୍କାର ଧର୍ମ ପଣ୍ଡିତ ତଥା ହଜାର ହଜାର ଦେବୋତମ ପୁରୁଷ ଜନ୍ମ ଗ୍ରହଣ କରି ନିଜ ଯୁଗରେ ବିଜ୍ଞତାର ପ୍ରକାଶ ସହିତ ଐଶି ବାର୍ତାଳାପ ମଧ ଅର୍ଜନ କରି ଯାଇଛନ୍ତି ଏବଂ ଯାହା କରିବା ଦ୍ୱାରା ଇସଲାମ ଆକାଶର କୋଣ ଅନୁକୋଣ ସ୍ପଷ୍ଟ ଦୃଶ୍ୟମାନ ହେଉଛି, ଏ ସବୁ ସେହି ଦରୁଦ ସମ୍ବଳିତ ଶୁଭ ପ୍ରାର୍ଥନାର ଆଶ୍ଚର୍ଯ୍ୟ ଜନକ ଘଟଣା ।

କିନ୍ତୁ ଏହି ସାଧାରଣ ଆଧାତ୍ମିକ ଐତିହ ବ୍ୟତୀତ ହଜରତ ମୁହମ୍ମଦ ସ ଆ ସଙ୍କ ସହିତ ସମ୍ପୁର୍ଣ୍ଣ ଛାୟାନୁରୁପ ଶ୍ରେଷ୍ଠତମ ଅନୁରକ୍ତଙ୍କର ଆଗମନର ମଧ ପ୍ରତିଶୃତି ରହିଥିଲା । ଯାହାଙ୍କର ଆବିର୍ଭାବ ହେବା ସ୍ୱୟଂ ହଜରତ ମୁହମ୍ମଦ ସ ଆ ସଙ୍କର ଦ୍ୱିତୀୟ ଆବିର୍ଭାବ ରୂପେ ଆଖ୍ୟାୟିତ କରାଯାଇଥିଲା । ଯେପରିକି ସୁରଃ ଜୁମାର ପଂକ୍ତି: **ଓ୍ୱଆଖିରିନା ମିନହୁମ୍** (ଅର୍ଥାତ ଅନ୍ତିମ ଯୁଗରେ ପରମେଶ୍ୱର ମୁହମ୍ମଦଙ୍କୁ ଏକ ସହାୟକ ନବୀ ଦାସାନୁରକ୍ତଙ୍କ ମାଧମରେ ଦ୍ୱିତୀୟ ଥର ଆବିର୍ଭୁତ କରାଇବେ) ବୋଲି ଯେଉଁଥିରେ ଏହା କୁହାଯାଇଛି । ତତ୍ ସହିତ ହଜରତ ମୁହମ୍ମଦ ସ ଆ ସ **ୟୁଦଫନୁ ମୟୀ ଫି କବ୍‌ରୀ.........** (ଅର୍ଥାତ ଆସିବାକୁ ଥିବା ଯୁଗ ସଂସ୍କାରକ ନିଜର ଦେହାବସାନ ପରେ ନିଜର ଆଧାତ୍ମିକ ସ୍ଥାନ ଦୃଷ୍ଟିରୁ ମୋ ସହିତ ସମାଧିସ୍ଥ ହୋଇ ରଖାଯିବେ) ର ଏହି ଶବ୍ଦାବଳୀରେ ଏହାରି ଆଡ଼କୁ ଇଙ୍ଗିତ ହୋଇଛି । ତେଣୁ ଏହି ପ୍ରତିଶୃତି ମଧ ହଜରତ ମୁହମ୍ମଦ ସ ଆ ସ ଜନ୍ମ ଗ୍ରହଣ କରିଥିଲେ, ତଦନୁରୂପ **କମା ସଲ୍ଲୈତା ଅଲା ଇବ୍ରାହିମା...** ପ୍ରାର୍ଥନାକୁ ସମ୍ପୁର୍ଣ୍ଣ କରିବା ପାଇଁ ହଜରତ ମୁହମ୍ମଦ ସ ଆ ସ ଦ୍ୱିତୀୟ ଥର ସଂସାରକୁ ଆସି ଯାଇଛନ୍ତି । ଏବେ ଜଣାନାହିଁ କୟାମତ ପର୍ଯ୍ୟନ୍ତ ମହାଭାଗ ସ ଆ ସଙ୍କର ଆହୁରି କେତେ ଯେ ଦୈବୀ ମହିମା ପ୍ରଦର୍ଶନକାରୀ ଆକାଶର ଇଚ୍ଛାକୁ କାର୍ଯ୍ୟକାରୀ କରି ଉଦୟ ହେବା ପୂର୍ବକ ଦୁରଦର ପ୍ରାର୍ଥନାକୁ ପୂରଣ କରିବାର ଅଛି ।

କହିବାର ସାରାଂଶ ହେଉଛି, ଦରୁଦରେ ହଜରତ ଇବ୍ରାହିମ ଆ ସଙ୍କର ଦୃଷ୍ଟାନ୍ତ ବର୍ଣ୍ଣନା କରିବାରେ ହଜରତ ଇବ୍ରାହିମ ଆ ସଙ୍କର କୌଣସି ବ୍ୟକ୍ତିଗତ ପ୍ରତିଭା ଆଡ଼କୁ ଇଶାରା କରିବା ଉଦ୍ଦେଶ୍ୟ ନୁହେଁ, ବରଂ ତାଙ୍କର ଏହି ପ୍ରାର୍ଥନା ପ୍ରତି ଇଶାରା କରିବା ଅଭିପ୍ରାୟ ଯାହା ଫଳରେ ହଜରତ ମୁହମ୍ମଦ ସ ଆ ସଙ୍କ ପରମ ସତା ସାକ୍ଷାତ ପ୍ରତୀୟମରାନ ହେଲା, ଅଧିକନ୍ତୁ ଯେପରି ହଜରତ ଇବ୍ରାହିମ ଆ ସଙ୍କ ପ୍ରାର୍ଥନା ବଳରେ ହଜରତ ମୁହମ୍ମଦ ସ ଆ ସଙ୍କର ଆଶିଷମୟ ଅସ୍ତିତ୍ୱ ଜନ୍ମ ଧାରଣ କଲା, ସେହିପରି ହେ ଈଶ୍ୱର! ହଜରତ ମୁହମ୍ମଦ ସ ଆ ସଙ୍କ ସମ୍ପ୍ରଦାୟରେ ତାଙ୍କର ଆଧାତ୍ମିକ ଛାୟାରୂପ ପ୍ରଦର୍ଶନର ପରମ୍ପରା ମଧ ମହା ପ୍ରଳୟ ପର୍ଯ୍ୟନ୍ତ ଜାରି ରହିଥାଉ । ଏବଂ ଏହା ମାଧମରେ ଏପରି ଏକ ଦିବ୍ୟ ସମୟର ଧାରା ସ୍ଥାପିତ ହୋଇଯାଉ, ଯାହା ତୁମ୍ଭର ଅନ୍ତିମ ଜ୍ୟୋତି ଦ୍ୱାରା ସର୍ବଦା ବିଶ୍ୱକୁ ଆଲୋକିତ କରି ରଖୁ । ଏହି ପ୍ରଶ୍ନ ସମାଧାନ ହୋଇଯିବା ପରେ ମୋର ଅନ୍ତରାତ୍ମା 'କମା **ସଲ୍ଲୈତା** ଅଲା ଇବ୍ରାହିମା' ପାଖରେ ଅଟକିଯିବା ଓ ଝଟକା ଖାଇବା ପରିବର୍ତେ ଏକ ବିଶେଷ ପ୍ରକାରର ଆଧାତ୍ମିକ ତୃପ୍ତି ପାଇବା ଅବସ୍ଥାରେ ପ୍ରଭୁଙ୍କ ନାମ ଜପ କରି ଆଗକୁ ଅଗ୍ରସର ହୋଇଯାଉଛି । ଏହି ଚମକୁଥିବା ଆକାଶୀୟ ନକ୍ଷତ୍ରରାଜି ଏବଂ ଉଜ୍ଜ୍ୱଳ ଦୀପ୍ତିମାନ ଛାୟାଭିଷିକ୍ତ ସୂର୍ଯ୍ୟ ଚନ୍ଦ୍ରକୁ ଅବଲୋକନ କରିବାରେ ଏପରି ଆନନ୍ଦ ଅନୁଭବ କରୁଛି, ଯେଉଁ ଇସଲାମର ବାତାବରଣ ଦୃଶ୍ୟକୁ ପୂର୍ବରୁ ଅନୁଭବ କରିବାର ଅବସର ଭାଗ୍ୟରେ କେବେ ଜୁଟି ନଥିଲା ।

**ଅଲ୍ଲାହୁମ୍ମା ସ୍ୱଲ୍ଲେ ଅଲା**
**ମୁହମ୍ମଦିନ୍ କମା ସଲ୍ଲୈତା ଅଲା**
**ଇବରାହିମା ଓ୍ୱ ବାରିକ୍ ଓ୍ୱ ସଲ୍ଲିମ୍**
**ଅଲ୍ଲାହୁମ୍ମା ସ୍ୱଲ୍ଲେ ଅଲା**
**ମୁହମ୍ମଦିନ୍ କମା ସଲ୍ଲୈତା ଅଲା**
**ଇବରାହିମା ଓ୍ୱ ବାରିକ୍ ଓ୍ୱ ସଲ୍ଲିମ୍**
**ଅଲ୍ଲାହୁମ୍ମା ସ୍ୱଲ୍ଲେ ଅଲା**
**ମୁହମ୍ମଦିନ୍ କମା ସଲ୍ଲୈତା ଅଲା**
**ଇବରାହିମା ଓ୍ୱ ବାରିକ୍ ଓ୍ୱ ସଲ୍ଲିମ୍**
**ଓ୍ୱ ଆଖିରୁ ଦାଓ୍ୱାନା ଅନିଲ୍**
**ହମଦୁ ଲିଲ୍ଲାହି ରବ୍‌ବିଲ୍ ଆଲମୀନ୍**

(ମଜାମିନ ବଶିର ଖଣ୍ଡ ୨, ପୃଷ୍ଠ ୨୯୮, ପ୍ରକାଶନ ବର୍ଷ ୨୦୧୧)

ଓଡ଼ିଆ ଭାଷାନ୍ତର: ଇଂ. ରୌଶନ୍ ଖାନ, କେରଙ୍ଗ

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୩ ର ଅବଶିଷ୍ଟାଂଶ ......*

ବି ତାଉପରେ ଖସୁଡ଼ି ଯିବ । ଯେବେ ପାଦ ଉଠାଉଥିଲେ, ସମ୍ପୂର୍ଣ୍ଣ ରୂପେ ଉଠାଉଥିଲେ । ଚାଲିବାର ଗତି ସମ୍ମାନଜନକ କିନ୍ତୁ କିଛିଟା ଦ୍ରୁତ,ଯେମିତି ଜଣେ ପାହାଡରୁ ଓହ୍ଲାଉଥାଏ । ଯେବେ କାହା ଆଡକୁ ମୁହଁ କରି ସାମ୍ନା କରୁଥିଲେ,ସମ୍ପୂର୍ଣ୍ଣ ରୂପେ ସାମ୍ନା କରୁଥିଲେ । ଆଖି ସବୁବେଳେ ତଳକୁ ରହୁଥିଲା । ଏମିତି ଲାଗୁଥିଲା ସତେଯେମିତି ଆକାଶ ଅପେକ୍ଷା ପୃଥିବୀରେ ଆପଣ ସ ଆ ସ ଙ୍କ ନଜର ଅଧିକା ପଡୁଥିଲା । ଆପଣ ସ ଆ ସ ଅଧିକାଂଶ ସମୟ ଅର୍ଦ୍ଧ ମୁଦ୍ରିତ ଆଖିରେ ଦେଖୁଥିଲେ । ନିଜ ସାହାବାମାନଙ୍କ ପଛରେ ଚାଲନ୍ତି ଓ ସେମାନଙ୍କର ଧ୍ୟାନ ରଖନ୍ତି । ସାକ୍ଷାତ କରିବାକୁ ଆସୁଥିବା ପ୍ରତ୍ୟେକ ଲୋକଙ୍କୁ ପ୍ରଥମେ ସଲାମ କରୁଥିଲେ ।

**(ଶମାଇଲେ ତିରମିଜି,ବାବ ଫି ଖୁଲକେ ରସୁଲୁଲ୍ଲାଃ ସ ଆ ସ ବହଓ୍ୱାଲା ହଦିକତୁଲ୍ ସ୍ୱାଲିହୀନ,ହଦିସ ନଂ-୨୨)**

## ଆଁ ହଜରତ୍ ସ ଆ ସ ନିଜପାଇଁ କେବେ କ୍ରୋଧିତ ହୋଇନାହାନ୍ତି କି ପ୍ରତିଶୋଧ ନେଇନାହାନ୍ତି । କୃତଜ୍ଞତାର ପାର୍ଶ୍ୱଟି ଆଖିଦୃଶିଆ ଥିଲା । ନା କାହାକୁ ନିନ୍ଦା ବା ନ୍ୟୁନ ମଣୁଥିଲେ ଓ ନା କାହାର ଅପମାନ କରୁଥିଲେ ନା ସମାଲୋଚନା

ହଜରତ୍ ହସନ୍ ବିନ ଅଲୀ ର ଅ ବର୍ଣ୍ଣନା କରିଛନ୍ତି ଯେ ମୁଁ ନିଜ ମାମୁଁ ହିନ୍ଦ୍ ବିନ୍ ଅବି ହାଲାଙ୍କଠାରୁ ଆଁହଜରତ୍ ସ ଆ ସ ଙ୍କ କଥା କହିବାର ଶୈଳୀ ବିଷୟରେ ପଚାରିଲି । ସେ ମତେ ବତାଇଲେ ଯେ ଆଁହଜରତ୍ ସ ଆ ସ ସର୍ବଦା ଏମିତି ଲାଗୁଥିଲେ ଯେମିତି ଗୋଟିଏ ନିରନ୍ତର ଓ ଗଭୀର ଚିନ୍ତାରେ ଅଛନ୍ତି ଏବଂ କୌଣସି ଏକ ଭାବନାରେ ବୁଡି ଅସହଜ ଅନୁଭବ କରୁଥିବା ପରି ମନେହେଉଥିଲେ । ଅଧିକାଂଶ ସମୟ ଚୁପ ରହୁଥିଲେ । ଅନାବଶ୍ୟକ କଥା ହେଉନଥିଲେ । ଯେବେ କଥା ହେଉଥିଲେ,ସମ୍ପୂର୍ଣ୍ଣ ସ୍ୱଚ୍ଛ/ସ୍ୱଷ୍ଟ ଭାବରେ କରୁଥିଲେ । ତାଙ୍କର କଥାବାର୍ତା ସଂକ୍ଷିପ୍ତ କିନ୍ତୁ ସାହିତ୍ୟିକ , ଜ୍ଞାନବର୍ଦ୍ଧକ,ବିସ୍ତୃତ ବିଷୟବସ୍ତୁ ଉପରେ ଆଧାରିତ ତଥା ଅତିରିକ୍ତ ଶବ୍ଦ ରହିତ ଥିଲା । କିନ୍ତୁ ସେଥିରେ କୌଣସି ଅଭାବ ବା ଅସ୍ୱଷ୍ଟତା ନଥିଲା । ନା କାହାକୁ ନିନ୍ଦା ବା ନ୍ୟୁନ ମଣୁଥିଲେ ଓ ନା କାହାର ଅପମାନ କରୁଥିଲେ ନା ସମାଲୋଚନା । ଛୋଟରୁ ଛୋଟ ନେମତ୍ (ଈଶ୍ୱର ପ୍ରଦତ ଜିନିଷ)କୁ ବି ବଡ ଭାବୁଥିଲେ । **କୃତଜ୍ଞତାର ପାର୍ଶ୍ୱଟି ଆଖିଦୃଶିଆ ଥିଲା** । କୌଣସି ଜିନିଷକୁ ନିନ୍ଦା କରୁନଥିଲେ କି ଏତେ ପ୍ରଶଂସା କରୁନଥିଲେ ଯେମିତିକି ତାହା ଆପଣଙ୍କୁ ବହୁତ ପସନ୍ଦ । ଖାଦ୍ୟପେୟ ସ୍ୱାଦିଷ୍ଟ ହୋଇଥିଲେ ବା ଅସ୍ୱାଦକର ହୋଇଥିବ କ୍ଷେତ୍ରରେ, ତାହାର ପ୍ରଶଂସା ବା ନିନ୍ଦାରେ ଆକାଶ ପାତାଳ ଏକ କରିଦେବା ମହାଭାଗ ସ ଆ ସଙ୍କ ଅଭ୍ୟାସ ନଥିଲା । ମଧ୍ୟମ ଧରଣର ଅଭ୍ୟାସ ଥିଲା । କୌଣସି ସାଂସାରିକ ମାମଲା ଯୋଗୁଁ ନାତ କ୍ରୋଧିତ ହେଉଥିଲେ ନା ଖରାପ ଭାବୁଥିଲେ । କିନ୍ତୁ ଯଦି ହକ୍/ସତ୍ୟର ଅସମ୍ମାନ ହେଉଥିଲା ବା ହକ୍/ସତ୍ୟ କଥାକୁ ଦବାଇଦିଆଯାଉଥିଲା ତାହେଲେ ପୁଣି ଆପଣ ସ ଆ ସ ଙ୍କ କ୍ରୋଧ ସାମ୍ନାରେ କେହି ବି ଛିଡା ହୋଇପାରୁନଥିଲେ । ଯେପର୍ଯ୍ୟନ୍ତ ତାହାର କ୍ଷତି ପୂରଣ ନହୋଇଯାଉଥିଲା ସେପର୍ଯ୍ୟନ୍ତ ଆପଣ ସ ଆ ସଙ୍କୁ ଶାନ୍ତି ମିଳୁନଥିଲା । ନିଜପାଇଁ କେବେ କ୍ରୋଧିତ ହୋଇନାହାନ୍ତି କି ପ୍ରତିଶୋଧ ନେଇନାହାନ୍ତି । ଯେବେ ଇସାରା କରୁଥିଲେ ,କେବଳ ଆଙ୍ଗୁଠି ଉଠାଇ ନୁହେଁ ବରଂ ପୁରା ହାତ ଉଠାଇ କରୁଥିଲେ । ଯେତେବେଳେ ଆଶ୍ଚର୍ଯ୍ୟ ପ୍ରକାଶ କରୁଥିଲେ ,ହାତକୁ ଓଲଟାଇ ଦେଉଥିଲେ । ଯେବେ କୌଣସି କଥାକୁ ବିଶେଷ ଗୁରୁତ୍ୱ ଦେଉଥିଲେ , ତାହେଲେ ଗୋଟିଏ ହାତକୁ ଅନ୍ୟ ହାତରେ ଏପରି ମିଶାଉଥିଲେ ଯେ ଡାହାଣ ହାତର ପାପୁଲି ଉପରେ ବାମ ହାତର ବୁଢା ଆଙ୍ଗୁଠିକୁ ମାରୁଥିଲେ । ଯେବେ କୌଣସି ଅପସନ୍ଦ ଜିନିଷକୁ ଦେଖୁଥିଲେ ମୁହଁ ଫେରାଇନେଉଥିଲେ । ଯେବେ ଖୁସି ହେଉଥିଲେ ନିଜର ଆଖିକୁ କିଛିଟା ବନ୍ଦ କରିଦେଉଥିଲେ । ମହାଭାଗ ସ ଆ ସଙ୍କ ହସିବାର ସୀମା ମୁଚୁକୁନ୍ଦ ହସରେ ସୀମିତ ଥିଲା । ଅର୍ଥାତ ବଡପାଟିରେ ଠୋ ଠୋ ହସୁନଥିଲେ । ହସିବା ବେଳେ ଆପଣ ସ ଆ ସଙ୍କ ପବିତ୍ର ଦାନ୍ତଗୁଡିକ ଏପରି ଲାଗୁଥିଲା ସତେଯେପରି ମେଘରୁ ଟପକୁ ଥିବା ଧଳା ଧଳା କୁଆପଥର । **(ଶମାଇଲେ ତିରମିଜି,ବାବ କୈଫା କାନା କଲାମେ ରସୁଲୁଲ୍ଲାଃ ସ ଆ ସ, ବହଓ୍ୱାଲା ହଦିକତୁଲ୍ ସ୍ୱାଲିହୀନ,ହଦିସ ନଂ-୨୩)**

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୦୯ ର ଅବଶିଷ୍ଟାଂଶ ......

ହୋଇପଡିଲେ ଯେ ଏବେ ତ ଏଠାରେ ଅନେକ ଘର ତିଆରି ହୋଇଯିବ । ଏଠାରେ ଅନେକ ମାଲିକାଣୀ ସୃଷ୍ଟି ହୋଇଯିବେ । ତେଣୁ ବହୁତ ଅସୁବିଧା ହୋଇଯିବ । ସୁତରାଂ ସେ ଇଦ ଅବସରରେ ଜମାତର ଲୋକମାନଙ୍କ ଆଗରେ ଗୋଟିଏ ସ୍କିମ୍ ରଖିଲେ ଯେ ଏଠାରେ ସବୁ ଅହେମଦୀମାନେ ଜାଗା କିଣି ଘର ତିଆରି କଲେ କିପରି ହୁଅନ୍ତା ? ସୁତରାଂ ଜମାତର ଲୋକମାନେ ଏହି ଯୋଜନାକୁ ସ୍ୱୀକାରା କଲେ ଓ ଅଲ୍ଲାଃତାଲାଙ୍କ କୃପାରୁ ସେଠାରେ ପିସ୍ ଭିଲେଜ୍ ସ୍ଥାପନ ହୋଇଗଲା ।

ମୁରବୀ ସିଲସିଲା ଜିଶାନ୍ ଗୋରାୟାଃ ସାହେବ୍ କୁହନ୍ତି : ଅଗଣିତ ଯୁବକ ତାଙ୍କଠାରୁ ତରବିୟତ୍ (ଅର୍ଥାତ ପ୍ରଶିକ୍ଷଣ ଓ ତାଲିମ୍) ପ୍ରାପ୍ତ କରିଛନ୍ତି । ଏହି ପ୍ରଶିକ୍ଷଣ ଯୋଗୁଁ ଆମେମାନେ ଦୁନିଆର ବିଭିନ୍ନ ସ୍ଥାନରେ ଓ ବିଭିନ୍ନ ଇଲାକାରେ ମୁରବୀ ସିଲସିଲା ଭାବରେ ସେବାକାର୍ଯ୍ୟ ସମ୍ପାଦନ କରିବାର ସୌଭାଗ୍ୟ ଲାଭ କରୁଅଛୁ । ତାଙ୍କ ପ୍ରଶିକ୍ଷଣ ଯୋଗୁଁ ଆମେମାନେ ଖିଲାଫତ୍ ସହିତ ପ୍ରେମ କରିବା ଶିଖିଲୁଁ ଏବଂ ଆଜ୍ଞାନୁବର୍ତୀତାର ଆତ୍ମା ନିଜ ଭିତରେ ବୃଦ୍ଧି ପାଇବାର ଦେଖିବାକୁ ପାଉଅଛୁ ।

ସେହିପରି ଆସିଫ୍ ଖାନ୍ ସାହେବ୍ ଯିଏ କାନାଡାର ସେକ୍ରେଟାରୀ ଉମୁରେ ଖାରିଜାଃ ଅଛନ୍ତି , ସେ କୁହନ୍ତି :ମୁଁ ତେର ବର୍ଷ ବୟସରେ ୱାନ୍ ସହରକୁ ଆସିଥିଲି । ସେତେବେଳେ ମିଶନ୍ ହାଉସ୍ ଆଖପାଖରେ ବୋଧହୁଏ ଡର୍ଜନ ଅହେମଦୀ ଥିବେ । ସେତେବେଳେ ଜମାତ ବିଷୟରେ ବହୁତ କମ୍ ଜ୍ଞାନ ଥିଲା । ମେହେଦୀ ସାହେବ୍ ନିଜ ପୁଅ ପରି ମୋ ସହିତ ବ୍ୟବହାର କଲେ ଓ ମୋର ଶିକ୍ଷକ ହୋଇଗଲେ । ବାସକେଟ୍ ବଲ୍ ଖେଳନ୍ତି ଓ ଆମକୁ ଜମାତି ତାଲିମ୍ ଦିଅନ୍ତି । ଯେବେଠାରୁ ମୋର ଚେତନା ଜାଗ୍ରତ ହେଲାଣି ମତେ ବିଭିନ୍ନ ରାଜନେତାଙ୍କ ସହିତ ଯୋଗାଯୋଗ କରିବା ନିମନ୍ତେ ଜମାତି କାମ ଦିଅନ୍ତି । ହୁଜୁର୍ ଅନୱର୍ ଅ ବ ଅ କହିଲେ ସେହିପରି ଆଜି ବି ଅଲ୍ଲାଃଙ୍କ କୃପାରୁ ସେ ବହୁତ ଭଲ କାମ କରୁଛନ୍ତି । ସେ କୁହନ୍ତି ମୁଁ ସବୁ ପ୍ରଶିକ୍ଷଣ ଅର୍ଥାତ୍ ତାଲିମ ତରବିୟତ୍ ତାଙ୍କଠାରୁ ହିଁ ଶିଖିଛି ।

ମିଆଁ ମଗଫୁର୍ ଅହେମଦ୍ ସାହେବ୍ ଜମାତ୍ ଅହେମଦୀୟା ଆମେରିକା କୁହନ୍ତି : ତାଙ୍କୁ ଜମାଅତ୍ ଅହେମଦୀୟା ଆମେରିକାର ମିଶିନାରୀ ଇନଚାର୍ଜ ଭାବରେ ତଥା ନାଏବ୍ ଅମୀର୍ ଜମାଅତ୍ ଅହେମଦୀୟା ଆମେରିକା ଭାବେ ୨୦୧୬ ମସିହାରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ମିଳିଥିଲା । ସେ ଆମେରିକାରେ ବହୁତ ଭଲ ଭଲ କାମ କରିଛନ୍ତି । ଦୌରାଃ ଅର୍ଥାତ୍ ଜମାତଗୁଡିକୁ ଗସ୍ତ କରୁଥିଲେ । ବିଭିନ୍ନ ରାଜ୍ୟକୁ ଗସ୍ତ କରିଥିଲେ । ବହୁତ ପ୍ରଭାବଶାଳୀ ଢଙ୍ଗରେ ତବଲିଗ୍ କାମ ପାଇଁ ଚେଷ୍ଟା କରୁଥିଲେ । ସେହି ସମୟ ମଧ୍ୟରେ ସ୍ୱର୍ଗତ ଗଣମାଧ୍ୟମ ତଥା ବିଭିନ୍ନ ଅଭିଯାନ ଜରିଆରେ ଆମେରିକାରେ ଇସଲାମ୍ ଅହେମଦୀୟତର ବାର୍ତା ପ୍ରସାର ପ୍ରଚାର କରିବାର ସୌଭାଗ୍ୟ ପାଇଛନ୍ତି । ପୁଣି ମେକ୍ସିକୋରେ ଜମାତ୍ ସ୍ଥାପନ କରିବା ପ୍ରସଙ୍ଗରେ ମର୍କଜର ମାର୍ଗଦର୍ଶିକା ଅନୁସାରେ ସେଠାରେ ମିଶନ ହାଉସ୍ ସ୍ଥାପନ କରିବା ପାଇଁ ତାଙ୍କୁ ସୌଭାଗ୍ୟ ମିଳିଥିଲା । ଆମେରିକାର ସେକ୍ରେଟାରୀ ତବଲିଗ୍ ଓ୍ୱସିମ୍ ସାହେବ୍ କୁହନ୍ତି :ପ୍ରତ୍ୟେକଙ୍କ ସହିତ ତାଙ୍କର ପ୍ରେମ ଓ ସ୍ନେହର ସମ୍ପର୍କ ରହିଥିଲା । ଏହି କାମରେ ସେ ପ୍ରଥମେ ଆଗକୁ ବଢିଥାନ୍ତି । ଇସଲାମର ସେବାକାର୍ଯ୍ୟ କରିବା ପାଇଁ ସମସ୍ତଙ୍କୁ ସାଥିରେ ରଖି କାମ କରିବାର କଳା ତାଙ୍କୁ ଜଣା ଥିଲା । ଆମେରିକା ଅସିବାପରେ ସେ ୧୧ ସେପ୍ଟେମ୍ବର ଉପଲକ୍ଷେ ପ୍ରତି ବର୍ଷ ସେହି ବାର୍ଷିକ ଶୋକଉତ୍ସବକୁ ଇସଲାମ୍ ର ଶିକ୍ଷାକୁ ପ୍ରଚାର ପ୍ରସାର କରିବା ନିମନ୍ତେ ଗୋଟିଏ ପ୍ରଭାବଶାଳୀ ମାଧ୍ୟମ କରିଥିଲେ । ଏବଂ ମୁସଲିମ୍ ଫର୍ ଲାଇଫ୍ Muslims for life ଏବଂ ଆଁ ହଜରତ୍ ସ ଆ ସ ଙ୍କ ଜୀବନ ଚରିତ ସମ୍ବନ୍ଧରେ Messenger of Peace , Muhammad ଅଭିଯାନ ଆରମ୍ଭ କରିଥିଲେ । ଆମେରିକାର ଛପନଟି ୟୁନିଭରସିଟିରେ ଏହି ବିଷୟବସ୍ତୁ ଉପରେ ଲେକଚର୍ (ବକ୍ତୃତା) ଦିଆଯାଇଛି । Life of Muhammad ପୁସ୍ତକକୁ ବହୁଳ ସଂଖ୍ୟାରେ ତାଙ୍କ ଲେକଚର୍ ଶୁଣିବାକୁ ଆସିଥିବା ଲୋକମାନଙ୍କୁ ଉପହାର ଦିଆଯାଇଅଛି । Muslims for loyalty ଅଭିଯାନ ମଧ୍ୟ ସେ ଆରମ୍ଭ କରିଥିଲେ । ବିଭିନ୍ନ ୟୁନିଭରସିଟିରେ ଲେକଚର୍ ଦେଇଛନ୍ତି । ସ୍ଥାନୀୟ ସରକାରୀ ସର୍କଲ ସହିତ ମିଟିଂ କରି ଇସଲାମର ଶିକ୍ଷା ଉପରେ ଆଲୋକପାତ କରିଥିଲେ ।

ହଜରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର ଅ ନିଜର ଏକ ଭାଷଣରେ ସୁଇଜରଲାଣ୍ଡରେ ନସୀମ୍ ମେହ୍‌ଦୀ ସାହେବଙ୍କ ଚର୍ଚ୍ଚା କରି କହିଥିଲେ ଯେ ସୁଇଜରଲ୍ୟାଣ୍ଡ ର ପାହାଡ ଗୁଡିକ ଉପରେ ଯେଉଁ ଲୋକମାନେ ରହୁଛନ୍ତି, ଏମାନେ ପଶୁପାଳକ ମାନଙ୍କ ଜନଜାତି ମଧ୍ୟରୁ ତିନୋଟି ଜନଜାତି ଅଟନ୍ତି । ତିନୋଟି କବିଲାର ଭାଷା ବି ଭିନ୍ନ ଭିନ୍ନ । ସେମାନଙ୍କର ସଂଖ୍ୟା ପ୍ରାୟ ୨୮ ହଜାର୍ । ଆଠାରୁ ବି ସଂଖ୍ୟା କମ ହେବ । ସେ ଯାହା ବି ହେଉ ସେ କୁହନ୍ତି : ସଂଯୋଗବଶତଃ ୨୮ ହଜାର୍ ସଂଖ୍ୟାରେ ଫୋଲ୍ଡର୍ ପ୍ରକାଶ କରିଦେଲେ ନସିମ ମେହେଦୀ ସାହେବ୍ । ଅଲ୍ଲାଃ ତାଲା ତାଙ୍କୁ ଏହାର ଉତମ ପ୍ରତିଫଳ ପ୍ରଦାନ କରନ୍ତୁ । ମୋ ସହିତ ପରାମର୍ଶ କରିବା ପରେ ଆହୁରି ୮ ହଜାର ଫୋଲଡ଼ର୍ ସେ ଇଲାକାର ପ୍ରତ୍ୟେକ ଘରେ ପଂହଂଚାଇ ଦେଲେ । (ଅର୍ଥାତ୍ ସୁଇଜରଲାଣ୍ଡର ପାର୍ବତ୍ୟାଂଚଳରେ ବାସ କରୁଥିବା ଲୋକମାନଙ୍କ ପ୍ରତ୍ୟେକ ପରିବାର ନିକଟରେ ପହଂଚାଇ ଦେଇଥିଲେ) । ଫଳତଃ ସେଠାରେ କୋଳାହଳ ସୃଷ୍ଟି ହୋଇଗଲା । ଦୁଇଟି ଖବରକାଗଜ ଏ ବାବତରେ ଭିଷଣ ସମାଲୋଚନା କରିଥିଲେ । **(ଉଦ୍ଧୃତାଂଶ ସବିଲୁର୍ ରିଶାଦ୍ ଖ-୦୨ ପୃ-୪୨୬-୪୨୭)**

ମୁଁ କହିଲି ଯେ ତାଙ୍କ ସପକ୍ଷରେ ଭଲ ଦୁଆ ହେଲା । ଏହିପରି ଲକ୍ଷ ଲକ୍ଷ ଫୋଲ୍ଡର୍ ବଂଟନ ହୋଇଗଲା ।

**(ଉଦ୍ଧୃତାଂଶ ଖୁତବାତେ ନାସିର୍ ଖ-୦୨ ପୃ-୫୪୩-୫୪୪)**

ତେବେ ସେଠାରେ ହଜରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମହୁଲ୍ଲାଃ ଜଲସାରେ ଗୋଟିଏ ସଂକ୍ଷିପ୍ତ ରିପୋର୍ଟ ଉପସ୍ଥାପନ କରିଥିଲେ । ଅଲ୍ଲାଃତାଲା ତାଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ । ପଦମର୍ଯାଦାର ସ୍ତର ବଢାନ୍ତୁ । ନିଜ ପ୍ରିୟ ଜନମାନଙ୍କ ପାଦତଳେ ତାଙ୍କୁ ସ୍ଥାନ ଦିଅନ୍ତୁ । ତାଙ୍କ ସନ୍ତାନମାନଙ୍କୁ ତଥା ତାଙ୍କ ପତ୍ନୀଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ତାଙ୍କ ପୂଣ୍ୟଗୁଡିକୁ ଜାରି ରଖିବା ପାଇଁ ସେମାନଙ୍କୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯେଉଁଭଳି ସେ ବିଶ୍ୱସ୍ତତାର ଜୀବନ ଅତିବାହିତ କରିଛନ୍ତି, ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ସେହିଭଳି ନିଷ୍ଠା ଓ ବିଶ୍ୱସ୍ତତାର ସହିତ ଜୀବନ ଅତିବାହିତ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତୀ ପିଲା ଜଣକ ହେଲେ ପ୍ରୀୟ ମୁହମ୍ମଦ୍ ଅହେମଦ୍ ଶାଦ୍ ରବୱା ନିବାସୀ । ଏହି ପିଲାଟି ୧୬ ବର୍ଷ ବୟସରେ ମୃତ୍ୟୁ ବରଣ କରିଛି । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହେ ରାଜେଉନ୍ ।** ଖିଲାଫତ ପ୍ରତି ଉତ୍ସର୍ଗୀ , ଜଣେ ହସକୁରା ତଥା ପ୍ରତ୍ୟେକଙ୍କ ପ୍ରିୟଭାଜନ ଥିଲା । ଆର୍ଥିକ ବଳିଦାନ କରିବାରେ ବଢି ଚଢିକି ଭାଗ ନେଉଥିଲେ । ଜମାତି ତଥା ସାଙ୍ଗଠାନିକ କାର୍ଯ୍ୟରେ ଓ ପ୍ରୋଗ୍ରାମରେ ନିୟମିତ ସାମିଲ୍ ହେଉଥିଲେ । ସେ ଅଲ୍ଲାଃଙ୍କ କୃପାରୁ ମୁସି ଥିଲେ । ତାଙ୍କ ପରିବାରରେ ତାଙ୍କ ମାଆ ବାପାଙ୍କ ବ୍ୟତୀତ ଦୁଇଜଣ ଭଉଣୀ ଅଛନ୍ତି । ଅଲ୍ଲାଃତାଲା ସେ ସମସ୍ତଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ।

ତୃତୀୟ ଜଣକ ହେଉଛନ୍ତି ମୋକରମାଃ ସଲିମା କମର୍ ସାହିବା ପତ୍ନୀ ରଶିଦ୍ ଅହେମଦ୍ ସାହେବ୍ ମରହୁମ୍ । ୧୬ ମଇ ଦିନ ତାଙ୍କର ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହେ ରାଜେଉନ୍ ।** ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ । ତାଙ୍କ କୁଟୁମ୍ବରେ ଅହେମଦୀୟତ୍ ତାଙ୍କ ବାପା ଚୌଧୁରୀ ମୁହମ୍ମଦ୍ ସିଦ୍ଦିକ୍ ସାହେବ୍ ଙ୍କ ଅଜା ହଜରତ୍ ମୌଲବୀ ଓଜିରୁଦ୍ଦିନ୍ ସାହେବ ଆଫ୍ ମକିରିୟାଁ ଙ୍କ ଜରିଆରେ ଆସିଥିଲା । ସେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସାହାବି ଥିଲେ ଓ କାଙ୍ଗଡାରେ ହେଡମାଷ୍ଟର୍ ଥିଲେ । ତାଙ୍କ ବାପା ଚୌଧୁରୀ ମୁହମ୍ମଦ୍ ସିଦ୍ଦିକ୍ ସାହେବ୍ ମୌଲବୀ ଫାଜିଲ୍ ଥିଲେ । ସେ ଜମାତର ନୈଷ୍ଠିକ ବ୍ୟକ୍ତି ବିଶେଷ ଥିଲେ । ଦୀର୍ଘ ସମୟ ଧରି ସେ ଖିଲାଫତ୍ ଲାଇବ୍ରେରୀର ଇନଚାର୍ଜ ରହିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ସଦର୍ ଉମୁମୀ ରବୱା ଭାବରେ ବି ସେ ବହୁଦିନ ପର୍ଯ୍ୟନ୍ତ କାମ କରିଛନ୍ତି । ମୌଲବୀ ସହେବଙ୍କୁ ଅର୍ଥାତ୍ ସଲିମା କମର୍ ସାହିବାଙ୍କ ବାପାଙ୍କୁ ହଜରତ୍ ଖଲିଫତୁଲ୍ ମସିହ୍ ସାନି ର ଅ ଙ୍କ ଆଦେଶରେ ରବୱା ସ୍ଥାପନ ହେବା ସମୟରେ ଟେଂଟ୍ (ସାମିଆନା) ଲଗାଇବା ପାଇଁ ତଥା ପ୍ରଥମ ରାତି ବିତାଇବା ପାଇଁ ସୌଭାଗ୍ୟ ମିଳିଥିଲା । ମରହୁମା ଅର୍ଥାତ୍ ସଲିମା କମର୍ ସାହିବା ନିଜର ପ୍ରାରମ୍ଭିକ ଶିକ୍ଷା ରବୱାରେ ହାସଲ କରିଥିଲେ । ତାଲିମୁଲ୍ ଇସଲାମ୍ କଲେଜରୁ ଆରବୀ ଭାଷାରେ ଏମ୍ ଏ ଡିଗ୍ରୀ ହାସଲ କରିଥିଲେ । ଦୀର୍ଘ କାଳ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟାଳୟରେ ସେବାକରିବାର ସୁଯୋଗ ତାଙ୍କୁ ମିଳିଛି । ଲଜନାଃ ଇମାଉଲ୍ଲାଃ ମୁକାମି (ସ୍ଥାନୀୟ)ରେ ୧୯୭୨-୧୯୮୨ ପର୍ଯ୍ୟନ୍ତ ଜେନେରାଲ୍ ସେକ୍ରେଟାରୀ ଭାବରେ ସେବା କରିବାର ସୌଭାଗ୍ୟ ସେ ପାଇଛନ୍ତି । ୧୯୮୨-୧୯୮୭ ପର୍ଯ୍ୟନ୍ତ ଅମତୁଲ୍ ହୟୀ ଲାଇବ୍ରେରୀରେ ଲାଇବ୍ରେରୀଆନ୍ ଭାବରେ ସେବାକାର୍ଯ୍ୟ ସମ୍ପାଦନ କରିଛନ୍ତି । ୧୯୮୭-୨୦୧୮ ପର୍ଯ୍ୟନ୍ତ ୩୧ ବର୍ଷଧରି ସେ ମିସବାହ୍ ପତ୍ରିକାର ଏଡିଟର୍ ହେବାର ସୌଭାଗ୍ୟ ପାଇଛନ୍ତି । ଏହି ଅବଧି ମଧ୍ୟରେ ପ୍ରତିକୂଳ ପରସ୍ଥିତିରେ ବି ସେ ଖୁବ୍ ସୁଚାରୁ ରୂପେ ଏହି ପତ୍ରିକା ମିସବାହ୍‌କୁ ପରିଚାଳନା କରିଥିଲେ । ସେ ଅତ୍ୟନ୍ତ ଗୁଣବାନ୍ , ଉପାସନାକାରୀ , ପ୍ରର୍ଥନାକାରୀ ଏବଂ ସରଳ ସ୍ୱଭାବର ଥିଲେ । ନିୟମିତ ତହଜ୍ଜୁଦ୍ ନମାଜ ସହିତ ଅନ୍ୟାନ୍ୟ ନଫିଲ୍ ନମାଜ ଉଦାହରଣ ସ୍ୱରୂପ ଚଶତ୍ ଓ ଇଶରାକ୍ ନମାଜ ପାଠ କରୁଥିଲେ । ଖିଲାଫତ୍ ସହିତ ଗଭୀର ନିଷ୍ଠା ତଥା ଆନ୍ତରିକତା ଥିଲା । ତାଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଦୁଆ (ପ୍ରର୍ଥନା) ର ରଙ୍ଗ ପ୍ରମୁଖ ଥିଲା । ସେ ଜଣେ ଫରିସ୍ତା (ଅର୍ଥାତ୍ ଦେବଦୂତ) ସଦୃଶ ଗୁଣସମ୍ପନ୍ନ ମହିଳା ଥିଲେ । ପ୍ରତ୍ୟେକଙ୍କ ସହିତ ତାଙ୍କର ପ୍ରେମପୂର୍ଣ୍ଣ ତଥା ସ୍ନେହପୂର୍ଣ୍ଣ ସମ୍ପର୍କ ଥିଲା । କେବେ କାହା ଉପରେ ଅସନ୍ତୁଷ୍ଟ ହୋଉନଥିଲେ । ଅଲ୍ଲାଃତାଲା ମରହୁମାଃ (ମୃତକ)ଙ୍କ ସହିତ ଦୟା ଓ କ୍ଷମା ଆଚରଣ କରନ୍ତୁ । ତାଙ୍କର ପଦ ମର୍ଯ୍ୟାଦା ବୃଦ୍ଧି କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟଗୁଡିକୁ ଆପଣେଇ ତାହାକୁ ଜାରି ରଖିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । **(ଅଲଫଜଲ୍ ଇଂଟରନ୍ୟାସନାଲ୍ ୨୪ ଜୁନ୍ ୨୦୨୨ ପୃ-୫-୯)**

⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଉତମ? ତାହା ହେଉଛି ଏହା କି ଯେବେ ତୁମେ ତୁମ ବିଛଣାରେ ଶୋଇବାକୁ ଯାଅ, ସେତେବେଳେ ତେତିଶି (୩୩)ଥର **ସୁବହାନଲ୍ଲାଃ,** ତେତିଶି (୩୩) ଥର **ଅଲ୍‌ହମ୍‌ଦୁିଲିଲ୍ଲାଃ** ଏବଂ ଚଉତିରିଶି (୩୪) ଥର **ଅଲ୍ଲାହୁ ଅକ୍‌ବର୍** ଆବୃତି କର। ଏହା ତୁମମାନଙ୍କ ପାଇଁ ସେହି ସେବକ ଅପେକ୍ଷା ଉତମ ହେବ।

ଏବେ ଏହି ବିଷୟ ଉଲ୍ଲେଖ୍ୟ ଯୋଗ୍ୟ ଯେ ଆଁ ହଜରତ ସ ଆ ସଙ୍କ ନିକଟରେ ଜାତୀୟ ରାଜକୋଷର ଅର୍ଥ ହିଁ ନଥିଲା, ଯାହାକୁ ସେ ନିଜ ପାଇଁ ତଥା ନିଜ ପରିବାରବର୍ଗ ଓ ଅହ୍‌ଲେ ବୟତଙ୍କ ଉପରେ ଖର୍ଚ୍ଚ କରିବାକୁ ପାପ ବୋଲି ମଣୁଥିଲେ ବରଂ ତାଙ୍କ ନିଜ ପାଇଁ ବି ବହୁତ ଧନସମ୍ପତି ବହୁମାତ୍ରାରେ ଆସୁଥିଲା। ସାହାବାମାନେ ନିଜର ଆନ୍ତରିକତା ଓ ନିଷ୍ଠାଭାବ ଯୋଗୁଁ ଅନେକ ଉପହାର ଉପସ୍ଥାପନ କରି ନିବେଦନ ଓ ଇଚ୍ଛା ପ୍ରକାଶ କରୁଥିଲେ ଯେ ହଜୁର ସ ଆ ସ ସେ ସବୁକୁ ନିଜ ପାଇଁ ଓ ନିଜ ପରିବାର ବର୍ଗଙ୍କ ପାଇଁ ବ୍ୟବହାର କରନ୍ତୁ। ଯଦି ମହାଭାଗ ସ ଆ ସ ଏକଥା ଚିନ୍ତା କରିଥାନ୍ତେ, ଅର୍ଥାତ ତାଙ୍କ ଅନ୍ତେ ତାଙ୍କ ପରିବାର କିପରି ଗୁଜୁରାଣ ମେଂଟାଇବେ ? ତାହେଲେ ଯଥେଷ୍ଟ ପରିମାଣର ଅର୍ଥ ଏବଂ ସମ୍ପତି ଠୁଳ କରି ଦେଇଥାନ୍ତେ। ତେବେ ମଧ୍ୟ ଏଥିରେ କୌଣସି ଆପତି ହୋଇ ନଥାନ୍ତା। କିନ୍ତୁ ମହାଭାଗ ସ ଆ ସଙ୍କ ଦେହାନ୍ତ ସମୟରେ ଆପଣ ସ ଆ ସଙ୍କ ଘରର ଯେଉଁ ଅବସ୍ଥା ଥିଲା, ତାହାର ନକ୍ସା ଅମ୍‌ରୋ ବିନ୍ ହାରିସ୍ ର ଅ ଙ୍କ ଏହି ରିଓ୍ୱାୟତ୍‌ରେ ସ୍ପଷ୍ଟ ହୋଇଥାଏ। ସେ ବର୍ଣ୍ଣନା କରିଛନ୍ତି ଯେ ରସୁଲେ କରିମ୍ ସ ଆ ସ ନିଜ ମୃତ୍ୟୁ ସମୟରେ ନିଜ ଘରେ କିଛି ଛାଡ଼ିଯାଇ ନଥିଲେ। ନା କୌଣସି ଦିର୍‌ହମ୍, ନା ଦିନାର୍, ନା ଗୁଲାମ୍, ନା ଦାସୀ ଓ ନା ଆଉ କିଛି ଜିନିଷ। କେବଳ ନିଜର ଗୋଟିଏ ଧଳା ଖଚର୍ (ଅର୍ଥାତ ଗଧ ଜାତିର ଏକ ପଶୁ), ନିଜର କିଛି ଅସ୍ତ୍ରଶସ୍ତ୍ର ଏବଂ ଖଣ୍ଡେ ଜମି ଯାହାକୁ ଆପଣ ସ ଆ ସ ସଦକାଃ (ଅର୍ଥାତ ଦାନ) ସ୍ୱରୁପ ଦେଇ ସାରିଥିଲେ।

ହଜରତ ସହଲ୍ ବିନ୍ ସାଆଦ୍ ର ଅ ବର୍ଣ୍ଣନାକ କରୁଛନ୍ତି ଯେ ନବି କରିମ୍ ସ ଆ ସ ହଜରତ ଆଇଶା ର ଅଙ୍କ ନିକଟରେ ସାତ ଦିନାର୍ ରଖିଥିଲେ। ଶେଷ ରୋଗ ସମୟରେ କହିଲେ ହେ ଆଇଶା! ଯେଉଁ ସୁନା ତୁମ ନିକଟରେ ଥିଲା ତାହା କ'ଣ ହେଲା? ସେ ଉତର ଦେଲେ ତାହା ମୋ ନିକଟରେ ଅଛି। ଆପଣ ସ ଆ ସ କହିଲେ ତାକୁ ସଦ୍‌କାଃ କରିଦିଅ। ତା'ପରେ ମହାଭାଗ ସ ଆ ସ ବେହୋସ୍ ହୋଇଗଲେ ଓ ହଜରତ ଆଇଶା ର ଅ ଆପଣ (ସ ଆ ସ)ଙ୍କ ସେବା କାର୍ଯ୍ୟରେ ଲାଗିପଡ଼ିଲେ ଯେବେ ଚେତା ଫେରିଲା ପୁଣି ପଚାରିଲେ କ'ଣ ସେହି ସୁନାକୁ ସଦ୍‌କାଃ କରିଦେଲ? (ହଜରତ ଆଇଶା ର ଅ) କହିଲେ ଏ ପର୍ଯ୍ୟନ୍ତ କରିନାହିଁ। ସୁତରାଂ ମହାଭାଗ ସ ଆ ସ ସେହି ଦିନାରଗୁଡ଼ିକୁ ମଗାଇ ନିଜ ହାତରେ ଧରି ଗଣିଲେ ଓ କହିଲେ ଯଦି ମୁହମ୍ମଦ (ସ ଆ ସ) ଖୁଦାତାଲାଙ୍କ ସହିତ ସାକ୍ଷାତ କରିବାକୁ ଯିବା ସମୟରେ ତଥା ଏ ସଂସାରକୁ ବିଦାୟ ଦେଇ ଏ ସଂସାର ଛାଡ଼ି ଚାଲିଯାଉଥିବା ସମୟରେ ଏହି ଦିନାର୍ ଗୁଡ଼ିକ ତା'ପାଖରେ ଥାଏ, ତା'ହେଲେ ଖୁଦାଙ୍କ ଉପରେ ତା'ର କ'ଣ ଭରସା ରହିଲା? ପୁଣି ସେହି ଦିନାର୍‌ଗୁଡ଼ିକୁ ସଦ୍‌କାଃ କରିଦେଲେ। ସେହି ଦିନ ଆପଣ ସ ଆ ସଙ୍କର ଦେହାନ୍ତ ହେଲା। *(ମଜ୍‌ମଉଜ୍ ଜଓ୍ୱାଇଦ୍ ହୈଶମୀ, ଖଣ୍ଡ-୩, ପୃ-୧୨୪, ବେରୁତ)*

**ଅଲ୍ଲାହୁମ୍ମା ସ୍ୱଲ୍ଲେ ଅଲା ମୁହମ୍ମଦିନ୍ ଓ୍ୱ ଆଲେ ମୁହମ୍ମଦିନ୍ ଓ୍ୱ ବାରିକ୍ ଓ୍ୱ ସଲ୍ଲିମ୍**

ଆପଣ ସ ଆ ସଙ୍କ ସଚ୍ଚା ପ୍ରେମୀ ହଜରତ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ମସିହ ମଉଦ୍ ଓ୍ୱ ମେହେଦୀ ମାହୁଦ୍ ଆ ସ ମହାଭାଗ ସ ଆ ସଙ୍କ ଜୀବନୀର ଗୋଟିଏ ନକ୍ସା ଟାଣି ଉଲ୍ଲେଖ କରିଛନ୍ତି:-

"ଖୁଦାତାଲା ଆଁ ହଜରତ ସ ଆ ସଙ୍କ ନିମନ୍ତେ ଅସଂଖ୍ୟ ଭଣ୍ଡାରର ଦ୍ୱାରକୁ ଖୋଲି ଦେଇଥିଲେ। କିନ୍ତୁ ମହାଭାଗ ସ ଆ ସ ସେ ସବୁକୁ ଈଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କରିଦେଉଥିଲେ। ଗୋଟିଏ ବି ଉପହାର ନିଜର ପୋଷଣ ପାଇଁ ବି ଖର୍ଚ୍ଚ କରାଯାଉନଥିଲା। ନା କୌଣସି ଅଟ୍ଟାଳିକା ତିଆରି କଲେ ଓ ନା କୌଣସି ଦରବାର ନିର୍ମାଣ କଲେ ବରଂ ସାରା ଜୀବନ ଗୋଟିଏ ଛୋଟ କଚାଘରେ ଯାହା ଜଣେ ଗରୀବ ଲୋକର ଘରଠାରୁ ବି ଅଧିକା ନଥିଲା, ରହିବାକୁ ପସନ୍ଦ କଲେ। ଖରାପ ଲୋକମାନଙ୍କ ସହିତ ସଦ୍‌ବ୍ୟବହାର କରି ଦେଖାଇଦେଲେ। ଯେଉଁ ଲୋକମାନେ (ଆପଣ ସ ଆ ସ)ଙ୍କୁ ଦୁଃଖ ଓ ଯନ୍ତ୍ରଣା ଦେଇଥିଲେ, ସେମାନଙ୍କୁ ସେମାନଙ୍କ ବିପଦ ଆପଦ ସମୟରେ ଖୁସି ପହଂଚାଇଲେ। ଅଧିକାଂଶ ସମୟ ଶୋଇବା ପାଇଁ ଭୂଇଁକୁ ବିଛଣା, ରହିବା ପାଇଁ ଗୋଟିଏ ଛୋଟିଆ କୁଟୀର ତଥା ଖାଇବା ପାଇଁ ଯଅ ନିର୍ମିତ ରୁଟି ବା ଉପାସକୁ ଆଦରି ନେଉଥିଲେ। ସାଂସାରିକ ଧନ ତାଙ୍କୁ ପ୍ରଚୁର ପରିମାଣରେ ଦିଆଗଲା। କିନ୍ତୁ ଆଁ ହଜରତ ସ ଆ ସ ନିଜର ପବିତ୍ର ହାତକୁ ସାଂସାରିକ ଧନସମ୍ପତି ଦ୍ୱାରା ଦୂଷିତ କରିନଥିଲେ। ସର୍ବଦା ଦରିଦ୍ର ଜୀବନକୁ ଧର୍ନାଢ଼୍ୟ ଜୀବନ ଉପରେ ଅଗ୍ରାଧିକାର ଦେଉଥିଲେ ଏବଂ ଯେବେଠାରୁ ଆବିର୍ଭୂତ ହୋଇଥିଲେ ସେବେଠାରୁ ଈଶ୍ୱରଙ୍କ ସହିତ ସାକ୍ଷାତ କରିବା ପର୍ଯ୍ୟନ୍ତ (ଅର୍ଥାତ ମୃତ୍ୟୁ ପର୍ଯ୍ୟନ୍ତ) ନିଜ ପ୍ରିୟ ଈଶ୍ୱରଙ୍କ ବ୍ୟତୀତ ଆଉ କାହାକୁ ବି କିଛି ମଣିନଥିଲେ।" *(ବରାହିନେ ଅହେମଦୀୟା, ରୁହାନୀ ଖଜାଇନ୍ ଖଣ୍ଡ-୧, ପୃ-୨୭୬-୨୯୨ ହାଶିୟା ନଂ-୧୧)*

ଅତଏବ ଆଁ ହଜରତ ସ ଆ ସଙ୍କ ବ୍ୟକ୍ତିଗତ ତଥା ପାରିବାରିକ ଜୀବନୀର ଏହି ଅନ୍ତର୍ନିହିତ ଘଟଣା ଯେ କୌଣସି ସାମ୍ରାଜ୍ୟର ରାଷ୍ଟ୍ରମୁଖ୍ୟ ଓ ଶାସକଙ୍କ ପାଇଁ ଏକ ବତିଘର (ଅର୍ଥାତ ମାର୍ଗଦର୍ଶନ) ଅଟେ। ଏହି (ମାର୍ଗଦର୍ଶନ) ବିନା ସେମାନେ ନାଗରିକ ତଥା ଜନତାର ଅଧିକାରକୁ ସଠିକ ଯତ୍ନ ନେଇ ପାରିବେ ନାହିଁ କି କାର୍ଯ୍ୟକାରୀ କରିପାରିବେ ନାହିଁ।

ଆଜିକାଲିର ଶାସକମାନଙ୍କୁ ଛାଡ଼ନ୍ତୁ ମୁସ୍‌ଲିମ୍ ଶାସକମାନେ ବି ଜାତୀୟ ରାଜକୋଷରୁ ବ୍ୟକ୍ତିଗତ ଓ ପାରିବାରିକ ଉଦ୍ଦେଶ୍ୟରେ ଅବାଞ୍ଛିତ ଖର୍ଚ୍ଚ କରିବା ବିଷୟରେ ଯେଉଁ ସବୁ ଖବର ଶୁଣାଯାଉଅଛି ଓ ଦେଖାଯାଉଅଛି, ତାହା ନ କହିବା ଭଲ। ଅଲ୍ଲାଃ ତାଲା ହିଁ ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ଆମ ମୁନୀବ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ଆଦର୍ଶର ହଜାରେ ଭାଗରୁ ଭାଗେ ଉପରେ ପରିଚାଳିତ ହେବା ପାଇଁ ସେମାନଙ୍କୁ ଯଦି ସୌଭାଗ୍ୟ ମିଳିଯାଆନ୍ତା ତା'ହେଲେ ଜନତାଙ୍କର ଅବସ୍ଥା ସୁଧୁରି ଯାଆନ୍ତା।

ପ୍ରିୟ ଶ୍ରୋତାଗଣ! ଆମ ପ୍ରିୟ ଇମାମ୍ ହଜରତ ମିର୍ଜା ମସ୍‌ରୁର୍ ଅହେମଦ୍ ଖଲିଫତୁଲ୍ ମସିହ୍ ପଂଚମ ଅ ବ ଅ ଏହି ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ମାନବିକତାର ହିତକାରୀ ହଜରତ ଅକ୍‌ଦସ୍ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ପବିତ୍ର ନମୁନାକୁ (ଅର୍ଥାତ ଆଦର୍ଶକୁ) ଦୃଷ୍ଟିରେ ରଖି ଆଜି ଦୁନିଆର ବଡ଼ ବଡ଼ ବିକଶିତ ଦେଶର ରାଜପ୍ରାସାଦରେ ଛିଡ଼ା ହୋଇ ନ୍ୟାୟ ପ୍ରତିଷ୍ଠା ନିମନ୍ତେ ଓ ଆର୍ନ୍ତଜାତିକ ଅସ୍ଥିରତା, ଅଶାନ୍ତି ତଥା ଉଗ୍ରବାଦକୁ ରୋକିବା ପାଇଁ ଏବଂ ତୃତୀୟ ବିଶ୍ୱଯୁଦ୍ଧର ଯେଉଁ କଳାବାଦଲ ମୁଣ୍ଡ ଉପରେ ଘୂରି ବୁଲୁଛି, ସେଥିରୁ ବଂଚି ରହିବା ପାଇଁ ବିଶ୍ୱ ନେତାମାନଙ୍କୁ ସତର୍କ କରାଉଛନ୍ତି।

ଶେଷରେ ମୁଁ ସେଥିମଧ୍ୟରୁ ଦୁଇଟି ଉଦ୍ଧୃତାଂଶ ଉପସ୍ଥାପନ କରି ମୁଁ ମୋ ବକ୍ତବ୍ୟକୁ ଶେଷ କରିବି। ୨୭ ଜୁନ୍ ୨୦୧୨ ମସିହାରେ କ୍ୟାପିଟାଲ୍ ହିଲ୍ ଓ୍ୱାସିଂଟନ୍ ଡ଼ିସିଠାରେ ହଜରତ ଖଲିଫତୁଲ୍ ମସିହ ପଂଚମ ଅ ବ ଅ କଂଗ୍ରେସ ଓ ସିନେଟ୍‌ର ପ୍ରମୁଖ ସଦସ୍ୟଗଣ, ହ୍ୱାଇଟ୍ ହାଉସ୍‌ର କର୍ମଚାରୀ, ଅଣସରକାରୀ ସଂଗଠନଗୁଡ଼ିକର ମୂଖ୍ୟ କାର୍ଯ୍ୟ ନିର୍ବାହିଗଣ ତଥା ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରଦୂତମାନଙ୍କ ଉପସ୍ଥିତିରେ ସମ୍ବୋଧନ କଲେ। ସେଥିରେ ହଜୁର ଅ ବ ଅ କହିଲେ:

ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବା ପରେ କେତେକ ଦେଶର ନେତାମାନେ, ଭବିଷ୍ୟତରେ ଭଲ ଓ ଶାନ୍ତିପୂର୍ଣ୍ଣ ଆର୍ନ୍ତଜାତୀୟ ସମ୍ପର୍କ ସ୍ଥାପନ କରିବାକୁ ଇଚ୍ଛା ପୋଷଣ କରିଥିଲେ। ସୁତରାଂ ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ପ୍ରୟାସ ଭାବରେ ଲିଗ୍ ଅଫ୍ ନେଶନ୍‌ସ ପ୍ରତିଷ୍ଠା କରାଗଲା। ଏହାର ମୂଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ଏବଂ ଭବିଷ୍ୟତର ଯୁଦ୍ଧକୁ ରୋକିବା। ଦୁର୍ଭାଗ୍ୟବଶତଃ ସେହି ଲିଗ୍‌ର ନିୟମାବଳୀରେ ତଥା ସଂକଳ୍ପନାମାରେ କିଛି ତ୍ରୁଟି ରହିଯାଇଥିଲା। ସୁତରାଂ ସେମାନେ ସମସ୍ତ ରାଷ୍ଟ୍ରର ଅଧିକାରକୁ ସଠିକ୍ ଭାବରେ ସମାନତାର ସହିତ ସୁରକ୍ଷା କରିପାରିଲେ ନାହିଁ। ଏହି ଅସମାନତାର ପରିଣାମ ସ୍ୱରୂପ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହୋଇପାରିଲା ନାହିଁ। ଲିଗ୍‌ର ପ୍ରଚେଷ୍ଟା ଅସଫଳ ହୋଇଗଲା ଏବଂ ତାହାର ପ୍ରତ୍ୟକ୍ଷ ଫଳାଫଳ ଭାବରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା। ତା'ପରେ ଯେଉଁ ଭୟାବହ ବିନାଶ ଘଟିଲା, ଆମେ ସମସ୍ତେ ସେ ବିଷୟରେ ଅବଗତ ଯେଉଁଥିରେ ପ୍ରାୟ ସାତକୋଟି ପଚାଶ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରେ ବହୁ ସଂଖ୍ୟକ ନିରୀହ ସାଧାରଣ ନାଗରକ ଥିଲେ। ଏହି ଯୁଦ୍ଧ ଜଗତର ଆଖି ଖୋଲିଦେବା ପାଇଁ ଯଥେଷ୍ଟ ହେବାର ଥିଲା। ଯାହା ଫଳରେ ଏପରି ନୀତି ପ୍ରଣୟନ କରାଯିବା ଉଚିତ ଥିଲା, ଯାହା ମାଧ୍ୟମରେ ନ୍ୟାୟ ଆଧାରରେ ପ୍ରତ୍ୟେକ ପକ୍ଷଙ୍କୁ ସେମାନଙ୍କର ଉଚିତ ଅଧିକାର ମିଳିଥାନ୍ତା ଏବଂ ଏହିପରି ଏହି ସଗଂଠନ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଏକ ମାଧ୍ୟମ ସାବ୍ୟସ୍ତ ହୋଇପାରିଥାନ୍ତା। ସେ ସମୟରେ ଅବଶ୍ୟ ଶାସକମାନେ କିଛି ପରିମାଣରେ ଶାନ୍ତି ପ୍ରତିଷ୍ଠା କରିବାକୁ ପ୍ରୟାସ କରିଛନ୍ତି। ତେଣୁ ମିଳିତ ଜାତିସଂଘ ସୃଷ୍ଟି ହୋଇପାରିଲା। ଯେବେକି ଏହା ବହୁତ ଶିଘ୍ର ସ୍ପଷ୍ଟ ହୋଇଗଲା ଯେ ମିଳିତ ଜାତିସଂଘର ମହାନ ଉଦ୍ଦେଶ୍ୟ ତଥା ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ।

ସେହିପରି ୧୧ ଜୁନ୍ ୨୦୧୩ ମସିହାରେ ପାର୍ଲାମେଂଟ ହାଉସ୍ ଲଣ୍ଡନଠାରେ ଏକ ଅଭିଭାଷଣରେ କହିଲେ:-

"ବର୍ତମାନ ସମୟ ଏହା ଆବଶ୍ୟକ କରୁଛି ଯେ ବିଶ୍ୱଶାନ୍ତି ଏବଂ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ନିମନ୍ତେ ପ୍ରୟାସ କରି ସମସ୍ତ ଲୋକେ ପରସ୍ପରକୁ ତଥା ସବୁ ଧର୍ମକୁ ସମ୍ମାନ ଦିଅନ୍ତୁ। ଅନ୍ୟଥା ଭୟଙ୍କର ପରିଣାମ ସୃଷ୍ଟି ହୋଇପାରେ।

ଏ ଦୁନିଆ ଗୋଟିଏ ଗ୍ଲୋବାଲ୍ ଭିଲେଜ୍ (ବିଶ୍ୱ ଗ୍ରାମ) ରେ ପରିଣତ ହୋଇସାରିଛି। ସୁତରାଂ ପାରସ୍ପାରିକ ସମ୍ମାନର ଅଭାବ ଏବଂ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକତାର ଅଭାବ କେବଳ ସ୍ଥାନୀୟ ବାସିନ୍ଦାଙ୍କୁ କିମ୍ବା ସହରକୁ କିମ୍ବା କୌଣସି ଗୋଟିଏ ଦେଶକୁ କ୍ଷତି ପହଂଚାଇବ ନାହିଁ ବରଂ ବାସ୍ତବରେ ଏହା ସମଗ୍ର ବିଶ୍ୱକୁ ଧ୍ୱଂସ/ ବିନାଶ କରିବାର କାରଣ ହେବ। ଆମେ ସମସ୍ତେ ବିଗତ ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଭୟାବହତା ବିଷୟରେ ଭଲ ଭାବରେ ଅବଗତ। କେତେକ ଦେଶର ନୀତି ଯୋଗୁଁ ଆଉ ଏକ ବିଶ୍ୱଯୁଦ୍ଧର ଲକ୍ଷଣ ଏ ଦୁନିଆରେ ଦେଖା ଦେଲାଣି। ଜଗତ ମଧ୍ୟରେ ଏହାର ଦୀର୍ଘସ୍ଥାୟୀ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହେବ। ଆସନ୍ତୁ ଏହି ବିନାଶରୁ ନିଜକୁ ରକ୍ଷା କରିବା। ଆସନ୍ତୁ ନିଜର ଭବିଷ୍ୟତ ପିଢ଼ୀକୁ ଯୁଦ୍ଧରା ସାଂଘାତିକ ତଥା ଭୟଙ୍କର ପରିଣାମରୁ ସୁରକ୍ଷିତ ରଖିବା କାରଣ ଏହି ବିନଶକାରୀ ଯୁଦ୍ଧ ପରମାଣୁ ଯୁଦ୍ଧ ହିଁ ହେବ। ଏ ଦୁନିଆ ଯେଉଁ ଆଡ଼କୁ ମାଡ଼ି ଚାଲିଛି, ସେଥିରେ ନିଶ୍ଚିତ ରୂପେ ଏପରି ଯୁଦ୍ଧ ହୋଇଯିବାର ବିପଦ ରହିଛି। ଏହି ଭୟଙ୍କର ପରିଣାମକୁ ଏଡ଼ାଇବା ଯୋଗୁଁ ନ୍ୟାୟ, ସଚ୍ଚୋଟତା ଏବଂ ଇମାନ୍‌ଦାରୀକୁ ଆପଣାଇବାକୁ ହେବ ଏବଂ ଯେଉଁ ଗୋଷ୍ଠୀଗୁଡ଼ିକ ଘୃଣାଭାବ ସୃଷ୍ଟି କରି ବିଶ୍ୱଶାନ୍ତିକୁ ଧ୍ୱଂସ କରିବା ପାଇଁ ଲାଗି ପଡ଼ିଛନ୍ତି, ସେମାନଙ୍କ ବିରୁଦ୍ଧରେ ଏକଜୁଟ ହୋଇ ସେମାନଙ୍କୁ ରୋକିବାକୁ ପଡ଼ିବ।

ମୋର ଇଚ୍ଛା ଓ ଆନ୍ତରିକ ପ୍ରାର୍ଥନା ହେଉଛି ଏହା କି ଈଶ୍ୱର ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ଏ ପ୍ରସଙ୍ଗରେ ସେମାନଙ୍କର ଦାୟିତ୍ୱ ଏବଂ କର୍ତବ୍ୟକୁ ଅତ୍ୟନ୍ତ ନ୍ୟାୟପୂର୍ଣ୍ଣ ତଥା ସୁଚାରୁ ରୂପେ ନିର୍ବାହ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ। ଆମିନ୍"

(ବିଶ୍ୱ ସଙ୍କଟ ଓ ଶାନ୍ତିର ମାର୍ଗ, ପୃ-୧୨୯)

**ଓ୍ୱ ଆଖିରୁ ଦାଓ୍ୱାନା ଅନିଲ୍ ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମୀନ୍**

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୫ ର ଅବଶିଷ୍ଟାଂଶ ......*

ଯେତେବେଳେ ଏହି ଟଙ୍କା ମୋ ଆଶାନୁରୂପ ପରିମାଣରେ ପଂହଚିବ, ଯାହା ମୁଁ ଚାହୁଁଅଛି, ସେତେବେଳେ ମୁଁ ଏହାକୁ ପାଉଣ୍ଡରେ ପରିବର୍ତନ କରି ହଜରତ ମସିହ୍ ମଉଦ୍ ଆ ସଙ୍କ ସେବାରେ ପେଶ୍ କରିଦେବି । .......... ଯେବେ ଏହି ପାଉଣ୍ଡ ମୋ ନିକଟରେ ଏକାଠି ହୋଇଗଲା ସେତେବେଳେ ....... ଏହିଠାରେ ପଂହଂଚିଥିଲେ ଯେ ପୁଣି ସେ ଭାବ ବିହ୍ୱୋଳ ହୋଇଗଲେ ଓ କାନ୍ଦିବାକୁ ଲାଗିଲେ । ଶେଷରେ କାନ୍ଦି କାନ୍ଦି ସେ ଏହି ବାକ୍ୟକୁ ଏମିତି ପୂରଣ କଲେ ଯେ, ଯେବେ ମୋ ନିକଟରେ ପାଉଣ୍ଡ ଜମା ହୋଇଗଲା, ହଜରତ ମସିହ୍ ମଉଦ୍ ଆ ସଙ୍କ ଦେହାନ୍ତ ହୋଇଗଲା ।

ନିଷ୍ଠା ଓ ଆନ୍ତରିକାତର କି ଅନୁପମ ଉଦାହରଣ ଯେ ଜଣେ ଚାନ୍ଦା ବି ଦେଉଛି, ବଳିଦାନ ବି କରୁଛି ମାସକରେ ଥରେ ନୁହେଁ ଦୁଇଥର ନୁହେଁ ବରଂ ତିନି ତିନିଥର ଜୁମ୍ମା ପଢ଼ିବା ପାଇଁ କାଦିଆନ୍ ପହଂଚିଯାଉଛି । ସମ୍ପ୍ରଦାୟର ଖବର କାଗଜ ଓ ବହି ବି କିଣୁଛି । ବହୁତ କମ ଦରମାରେ (ଏତେ କାମ କରିପାରୁଛି) ଯେବେ କି ଆଜିକାଲି ସେହି ଦରମାଠାରୁ ବହୁମାତ୍ରାରେ ବେତନ ପାଉଥିବା ଲୋକେ ସେହି ବଳିଦାନର ଏକ ଦଶମାଂଶ ବା ଏକବିଂଶମାଂଶ ବି ବଳିଦାନ କରୁନାହାନ୍ତି । ତା’ ମନରେ ଏ ଭାବନା ଜାଗ୍ରତ ହେଉଅଛି ଯେ ଯଦି ଧନୀ ଲୋକମାନେ ହଜରତ ମସିହ୍ ମଉଦ୍ ଆ ସଙ୍କ ସେବାରେ ସୁନା ଉପହାର ଦେଉଛନ୍ତି, ତା’ହେଲେ ମୁଁ କାହିଁକି ସେମାନଙ୍କ ପଛରେ ରହିବି । ସୁତରାଂ ସେ ବହୁତ କମ୍ ବେତନରୁ ମାସିକ କିଛି ଅର୍ଥ ସଂଚୟ କରୁଛି ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ଜମା କରି ଚାଲିଛି । ଜଣାନାହିଁ ସେହି ସବୁ ଦିନମାନଙ୍କରେ ତାକୁ କ’ଣ ସବୁ (ଅସୁବିଧା ଭୋଗିବାକୁ ପଡ଼ିଥିବ ଓ କ’ଣ ସବୁ) ବରଦାସ୍ତ କରିବାକୁ ପଡ଼ିଥିବ । କେତେ କ’ଣ ଦୁଃଖ କଷ୍ଟ ସେ ସହିଥିବ । ଏହା ସବୁ କେବଳ ଏଥିପାଇଁ ଯେ ସେ ହଜରତ ମସିହ ମଉଦ ଆ ସଙ୍କ ସେବାରେ/ ଗୋଚରେ ଅଶ୍ରଫି (ଅର୍ଥାତ ସୁନା ମୁଦ୍ରା) ଅର୍ପଣ କରିପାରିବ । କିନ୍ତୁ ଯେବେ ତା’ର ଇଚ୍ଛା ପୂରଣ ହେବାର ସମୟ ଆସିଲା, ସେତେବେଳେ ବିଧିର ବିଧାନ ଏପରି ଘଟିଲା ଯେ ସେ ସେହି ଖୁସିରୁ ତାକୁ ବଂଚିତ କରିଦେଲା, ଯାହା ସେ ଚାହୁଁଥିଲା । *(ଅସ୍‌ହାବେ ଅହେମଦ୍, ଖଣ୍ଡ-୪, ପୃ-୭୪-୭୬)*

ହଜରତ ଅକ୍‌ଦସ୍ ମସିହ ମଉଦ ଆ ସ କୁହନ୍ତି:-

“ସେହି ପରି ଆମର ପ୍ରିୟ ମୌଲବୀ ମୁହମ୍ମଦ ଅହ୍‌ସନ୍ ସାବେହ ଅମ୍‌ରୋହି, ଯିଏ ଏହି ସିଲ୍‌ସିଲାକୁ ସାହାଯ୍ୟ ଓ ସମର୍ଥନ କରିବା ପାଇଁ ଉତ୍କୃଷ୍ଟ ଜିନିଷ ମାନ ଉପହାର ଦେବାରେ ଲାଗି ରହିଛନ୍ତି, ସାହେବ ଜାଦାଃ ପୀର୍ ଜି ସିରାଜୁଲ୍ ହକ୍ ସାହେବ୍ ନିଜର ହଜାର ହଜାର ଶିଷ୍ୟ ଓ ଅନୁଗାମୀମାନଙ୍କଠାରୁ ସମ୍ପର୍କ ତୁଟାଇ ଏଠାରେ ଦରୱେଶ୍ (ଅର୍ଥାତ ଭିକ୍ଷୁ, ସାଧୁ ଓ ସନ୍ଥ)ଙ୍କ ଜୀବନକୁ ଆଦରି ନେଇଛନ୍ତି ଏବଂ ମିଆଁ ଅବ୍‌ଦୁଲ୍ଲାଃ ସାହେବ ସନ୍‌ୱରୀ, ମୌଲବୀ ବୁର୍‌ହାନୁଦ୍ଦିନ୍ ସାହେବ ଜେହ୍‌ଲମୀ, ମୌଲବୀ ମୁବାରକ ଅଲୀ ସାହେବ୍ ସିଆଲ୍‌କୋଟି, କାଜି ଜିଆଉଦ୍ଦିନ୍ ସାହେବ କାଜି କୋଟି, ମୁନ୍‌ଶି ଚୌଧୁରୀ ନବୀ ବଖ୍‌ଶ୍ ସାହେବ ବଟାଲା ଜିଲ୍ଲା ଗୁର୍‌ଦାସ୍‌ପୁରାଃ ତଥା ମୁନ୍‌ଶି ଜଲାଲୁଦ୍ଦିନ୍ ସାହେବ୍ ବଲାନୀ ଇତ୍ୟାଦି ସଦସ୍ୟଗଣ ନିଜ ନିଜର ସାମର୍ଥ୍ୟ ମୁତାବକ ଧର୍ମ ସେବାରେ ଲାଗି ରହିଛନ୍ତି । ମୁଁ ମୋ ଜମାତ୍‌ର ପ୍ରେମ ଓ ଆନ୍ତରିକତା ଦେଖି ଆଶ୍ଚର୍ଯ୍ୟ ହୋଇଯାଉଛି ଯେ, ସେମାନଙ୍କ ମଧ୍ୟରେ ବହୁତ କମ୍ ରୋଜଗାର କରୁଥିବା ଲୋକେ ଅଛନ୍ତି, ଯେମିତି ମିଆଁ ଜମାଲୁଦ୍ଦିନ୍, ଖୈରୁଦ୍ଦିନ୍ ଏବଂ ଇମାମୁଦ୍ଦିନ୍ କଶ୍‌ମିରୀ ମୋ ଗାଁ ପାଖର ବାସିନ୍ଦା ଅଟନ୍ତି । ଏହି ତିନିଜଣ ଗରୀବ ଭାଇମାନେ, ଯେଉଁମାନେ ବୋଧ ହୁଏ ପ୍ରତ୍ୟହ ତିନି ଅଣା ବା ଚାରି ଅଣା ମଜୁରୀ ଖଟି ଉପାର୍ଜନ କରୁଥିବେ, କିନ୍ତୁ ସେମାନେ ମାସିକ ଚାନ୍ଦା ଦେବାରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କ ସାଥି ମିଆଁ ଅବ୍‌ଦୁଲ୍ ଅଜିଜ୍ ପଟୱାରୀଙ୍କ ନିଷ୍ଠା ଓ ଆନ୍ତରିକତା ଦେଖି ବି ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଯାଉଛି ଯେ ସେ ନିଜେ ବହୁତ ଅଭାବରେ ଥିବା ସତ୍ୱେ ମଧ୍ୟ ଦିନେ ଆସି ଶହେ ଟଙ୍କା ଦେଇଗଲେ ଓ କହିଲେ ଯେ ମୁଁ ଚାହୁଁଛି ଯେ ଏହା ଈଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ ହେଉ । ଏହି ଶହେ ଟଙ୍କା ହୁଏତ ଏହି ଗରିବ ଲୋକଟି ବହୁ ବର୍ଷ ମଧ୍ୟରେ ରୋଜଗାର କରି ଏକାଠି କରିଥିବେ । କିନ୍ତୁ ଈଶ୍ୱରଙ୍କ ପ୍ରତି ଥିବା ଉତ୍ସାହ ତାଙ୍କୁ ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ପ୍ରୋତ୍ସାହିତ କରିଲା ।” *(ଜମିମାଃ ଅନ୍‌ଜାମେ ଆଥମ୍, ରୁହାନୀ ଖଜାଇନ୍, ଖଣ୍ଡ-୧୧, ପୃ-୩୧୩-୩୧୪ ହାଶିୟା)*

ଧର୍ମ ମାର୍ଗରେ ଧନ ଉତ୍ସର୍ଗ କରିବାର ଗୋଟିଏ ମହାନ ଓ ଚମତ୍କାର ଉଦାହରଣ ହଜରତ ମସିହ୍ ମଉଦ୍ ଆ ସଙ୍କ ସାହାବି ହ ଚୌଧୁରୀ ମୁହମ୍ମଦ ଜଫ୍‌ରୁଲ୍ଲାଃ ଖାନ୍ ସାହେବଙ୍କର ମିଳିଥାଏ । ଷାଠିଏ ଦଶକରେ ଲଣ୍ଡନ ମିଶନ୍‌ରେ ଗୋଟିଏ ପ୍ରସ୍ତାବ ରଖାଗଲା ଯେ ଜମାତ୍ ଅହେମଦୀୟା ବ୍ରିଟେନ୍‌ର କେନ୍ଦ୍ର (ମର୍କଜ)ରେ ରହିଥିବା ଦୁଇଟି ବିଲ୍‌ଡ଼ିଂକୁ (ଯାହା ବହୁତ ପୁରୁଣା ହୋଇଯାଇଥିଲା) ଭାଙ୍ଗି ଗୋଟିଏ ବଡ଼ କମ୍ପଲେକ୍ସ ନିର୍ମାଣ କରାଯାଉ । ଯେଉଁଥିରେ ଗୋଟିଏ ବଡ ହଲ୍, କାର୍ଯ୍ୟାଳୟ, ଦୁଇଟି ବଡ଼ ବଡ ଆବାସିକ ଘର ଓ ଗୋଟିଏ ଛୋଟ ଆବାସିକ ଫ୍ଲାଟ୍ ରହିବ । ଏହି ନିର୍ମାଣ ପ୍ରକଳ୍ପ ନିମନ୍ତେ ଆବଶ୍ୟକହେଉଥିବା ଏକ ଲକ୍ଷ ପାଉଣ୍ଡର ଅର୍ଥରାଶି ସେ ସମୟରେ ଜମାତ୍ ନିକଟରେ ନଥିଲା । ବହୁତ ଚିନ୍ତା, ବିଚାର ତଥା ପ୍ରୟାସ କରିବା ପରେ, ଯେବେ କୌଣସି ରାସ୍ତା ଦେଖାଦେଲା ନାହିଁ, ସେତେବେଳେ ହ ଚୌଧୁରୀ ସାହେବଙ୍କୁ ନିବେଦନ କରାଗଲା ଯେ କ’ଣ ସେ ଏହି ଅର୍ଥରାଶି ଉପଲବ୍ଧ କରାଇପାରିବେ, ଯାହା ଆପଣଙ୍କୁ କିସ୍ତିରେ ଫେରସ୍ତ କରିଦିଆଯିବ । ସେ ଏକଥାରେ ରାଜି ହୋଇଗଲେ । ପବିତ୍ର କୁର୍‌ଆନ୍‌ର ଶିକ୍ଷା ମୁତାବକ ଏକ ଚୁକ୍ତିନାମା ଏ ଉଦ୍ଦେଶ୍ୟରେ ଲେଖା ଗଲା ଯେ ହ ଚୌଧୁରୀ ସାହେବ ଜମାତ୍‌କୁ ଏକ ଲକ୍ଷ ପାଉଣ୍ଡ ଦେବେ ଓ ଜମାତ୍ ଗୋଟିଏ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ତାହା ଫେରସ୍ତ କରିବ । ଦିନେ ସଂନ୍ଧ୍ୟାରେ ଚୁକ୍ତିନାମାର ପ୍ରସ୍ତାବିତ ଲେଖାଟିକୁ ଚୌଧୁରୀ ସାହେବଙ୍କୁ ଦିଆଗଲା । ସେ କହିଲେ ମୁଁ ଏହାକୁ ଭଲ ଭାବରେ ଅଧ୍ୟୟନ କରିବା ପରେ ଆସନ୍ତା କାଲି ଦସ୍ତଖତ କରି ଦେଇଦେବି ।

ତା’ ପରଦିନ ସକାଳେ ଚୌଧୁରୀ ସାହେବ କହିଲେ ଯେ ମୁଁ ଏ ବିଷୟରେ ସଚ୍ଚୋଟତାର ସହିତ ଚିନ୍ତା ବିଚାର କଲି, ତା’ପରେ ମୋ ଆତ୍ମା ମତେ କହିଲା ଯେ ଜଫ୍‌ରୁଲ୍ଲାଃ ଖାନ୍ ! ଆଜି ତୁମେ ଯାହା କିଛି ହୋଇପାରିଛ, ଅହେମଦୀୟତ୍ ଯୋଗୁଁ ହିଁ ହୋଇପାରିଛି । ତୁମେ ଆଜି ଯାହା କିଛି ପାଇଛ, ତାହା ସବୁ କିଛି ଜମାତ୍‌ର ଅନୁଗ୍ରହ । କ’ଣ ତୁମେ ଏହି ଉପକାରୀ ଜମାତ୍‌କୁ ଗୋଟିଏ ଅର୍ଥରାଶି ଫେରସ୍ତ ପାଇବା ଆଶାରେ ଜମାତକୁ କରଜ ଦେବାକୁ ଚାହୁଁଅଛ ? ମୋ ଆତ୍ମା ମତେ ବହୁତ ଭର୍ସନା କଲା, ମୁଁ ମୋର ଏପରି ମନସ୍ଥ ପାଇଁ ବହୁତ ଲଜ୍ଜିତ ହେଲି । ସୁତରାଂ ମୁଁ ବହୁତ ଇସ୍ତେଗ୍‌ଫାର୍ କଲି । ସେହି ମୁହୂର୍ତରେ ମୁଁ ସ୍ଥିର କରିନେଲି ଯେ ସେହି ଆବଶ୍ୟକ ଅର୍ଥରାଶି କରଜ ଭାବରେ ନୁହେଁ ବରଂ ବିନମ୍ରତାର ସହିତ ଜମାତ୍‌କୁ ଦାନ ସ୍ୱରୂପ ଅର୍ପଣ କରିବି । ଏହା କହି ସେ ସେହି ଚୁକ୍ତିନାମାକୁ ଚିରିଦେଲେ ଓ ଏକ ଲକ୍ଷ ପାଉଣ୍ଡର ଚେକ୍ ସଙ୍ଗେ ସଙ୍ଗେ ଜମାତକୁ ଦେଇଦେଲେ । ତତ୍‌ସହିତ ଏ ନିବେଦନ ବି କଲେ ଯେ ମୋର ଏହି ଦେୟ ସମ୍ବନ୍ଧରେ ହ ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ)ଙ୍କ ବ୍ୟତୀତ ମୋ ଜୀବଦଶାରେ ଅନ୍ୟ କୌଣସି ଲୋକଙ୍କ ଆଗରେ ଚର୍ଚ୍ଚା ନ କରାଯାଉ । ବଳିଦାନ, ନମ୍ରତା ତଥା ଆନ୍ତରିକତାର କି ଅଦ୍ଭୁତ ଉଦାହରଣ !

ହଜରତ ମସିହ୍ ମଉଦ୍ ଆ ସଙ୍କ ସାହାବମାନଙ୍କ ମଧ୍ୟରେ ମାଲିକୁର୍ବାନୀ (ଅର୍ଥାତ ଆର୍ଥିକ ବଳିଦାନ)ର ଉତ୍ସାହ ଏତେମାତ୍ରାରେ ଭରି ରହିଥିଲା ଯେ, ସେମାନେ ଏଥିପାଇଁ ଅଭିନବ ଉପାୟ ଅବଲମ୍ବନ କରୁଥିଲେ । ଗୋଟିଏ ଛୋଟିଆ ଉଦାହରଣ ଦେବି, ଯେଉଁଥିରେ ବଳିଦାନର ସୀମାବାହାର ଆବେଗ ପ୍ରତିଫଳିତ ହେଉଅଛି । ହଜରତ ମସିହ୍ ମଉଦ୍ ଆ ସଙ୍କ ଜଣେ ସାହାବି ସାଇଁ ଦିୱାନ୍ ଶାହ୍ ସାହେବ୍, ନିଜର ବାରମ୍ବାର କାଦିଆନ୍ ଗସ୍ତ କରିବାର କାରଣ ନିମ୍ନଲିଖିତ ବର୍ଣ୍ଣନା କରିଛନ୍ତି:-

“ମୁଁ ଯେହେତୁ ଜଣେ ଗରିବ ଲୋକ ଚାନ୍ଦା ତ ଦେଇପାରିବି ନାହିଁ, ତେଣୁ ମୁଁ ଏଥିପାଇଁ କାଦିଆନ୍ ଯାଉଛି ଯେ ମେହ୍‌ମାନ୍ ଖାନା (ଅର୍ଥାତ ଅତିଥିଶାଳା)ରେ ଥିବା ଖଟିଆଗୁଡ଼ିକୁ ବୁଣି ଆସିବି, ଫଳତଃ ମୋ ମୁଣ୍ଡରୁ ଚାନ୍ଦାର (ବୋଝ) ଓହ୍ଲାଇ ଯିବ ।” *(ଅସ୍‌ହାବେ ଅହେମଦ୍, ଖଣ୍ଡ-୧୩, ପୃ-୯)*

ହଜରତ ବାବୁ ଫକିର୍ ଅଲୀ ସାହେବ ର ଅ ଅମୃତସରଠାରେ ଥିଲେ ଯେ ହଜୁର (ଆ ସ)ଙ୍କ ତରଫରୁ ଚାନ୍ଦା ଦେବା ପାଇଁ ଲୋକ ପହଂଚିଗଲେ । ନଗଦ ରାଶି ତ ତାଙ୍କ ନିକଟରେ ନଥିଲା, ଟିଣ ଭିତରେ ଅଧା ସେର ପାଖାପାଖି ଅଟା ଥିଲା, ସେ ସେହି ଅଟାକୁ ଅର୍ପଣ କରିଦେଲେ, ଏବଂ ରାତି ତମାମ୍ ସେ ନିଜେ ଓ ତାଙ୍କ ପରିବାର ଭୋକରେ ଶୋଇଲେ ।

ଆର୍ଥିକ ବଳିଦାନ କ୍ଷେତ୍ରରେ ହ ମୁହମ୍ମଦ ସ ଆ ସ ଏବଂ ତାହାଙ୍କ ସାହାବମାନେ ଯେଉଁ ଅଧ୍ୟାୟ ଲେଖିଯାଇଛନ୍ତି, ତାହାର ଉଦାହରଣ ଧର୍ମ ଇତିହାସରେ କେଉଁଠି ମିଳେନାହିଁ । ଆଁ ହ ସ ଆ ସଙ୍କ ନେତୃତ୍ୱରେ ସାହାବଗଣ ଜୀବନ ଓ ଧନର ବଳିଦାନ ଦେଇଛନ୍ତି, ଯେଉଁମାନଙ୍କୁ ଅଲ୍ଲାଃ ତାଲା ନା କେବଳ ଗ୍ରହଣ କରିଥିଲେ ବରଂ ସେମାନଙ୍କୁ ପବିତ୍ର କୁର୍‌ଆନ୍‌ରେ ବିଶିଷ୍ଟ ଆଖ୍ୟା ପ୍ରଦାନ କରିଛନ୍ତି । (ଯେମିତି କି ଅଲ୍ଲାଃ କହିଛନ୍ତି) **ରଜିୟଲ୍ଲାହୁ ଅନ୍‌ହୁମ୍ ୱ ରଜୁ ଅନ୍‌ହୁ** ଅର୍ଥାତ ଅଲ୍ଲାଃ ତାଲା ସେମାନଙ୍କ ଉପରେ ପ୍ରସନ୍ନ ହେଲେ ଓ ସେମାନେ ବି ଅଲ୍ଲାଃଙ୍କ ଉପରେ ସନ୍ତୁଷ୍ଟ ଥିଲେ । କେଡ଼େ ସୌଭାଗ୍ୟ ସେହି ପବିତ୍ର ଲୋକମାନଙ୍କର, ଯେଉଁମାନଙ୍କ ସମ୍ବନ୍ଧରେ ଆଁ ହ ସ ଆ ସ କହିଥିଲେ ଯେ **(ଅସ୍‌ହାବି କନ୍ ନୁଜୁମି ବିଅୟିହିମ୍ ଇକ୍‌ତଦୈତୁମ୍ ଇହ୍‌ତଦୈତୁମ୍)** ଅର୍ଥାତ ମୋ ସାହାବାମାନଙ୍କର ଉଦାହରଣ ହେଉଛି ତାରାମାନଙ୍କ ପରି, ତୁମେମାନେ ସେମାନଙ୍କ ମଧ୍ୟରୁ ଯାହାର ବି ଅନୁସରଣ କରିବ ମାର୍ଗଦର୍ଶନ ପାଇଯିବ ।

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ମୋମିନ୍ (ଅର୍ଥାତ ବିଶ୍ୱାସକାରୀ)ମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ, **ଇନ୍ନଲ୍ଲାହଶ୍ ତରା ମିନଲ୍ ମୁମିନିନା ଅନ୍‌ଫୁସହୁମ୍ ୱ ଅମ୍‌ୱାଲହୁମ୍ ବିଅନ୍ନା ଲହୁମୁଲ୍ ଜନ୍ନତା (ସୁରଃ ତୌବାଃ:୧୧୧)** ଅର୍ଥାତ ଅଲ୍ଲାଃ ବିଶ୍ୱାସକାରୀମାନଙ୍କଠାରୁ ସେମାନଙ୍କ ଧନ ଓ ଜୀବନ (ଏହି ପ୍ରତିଶୃତି ସହ) କ୍ରୟ କରିଛନ୍ତି ଯେ ସେମାନଙ୍କୁ ବୈକୁଣ୍ଠପ୍ରାପ୍ତ ହେବ ।

ଯେଉଁ ମଣିଷକୁ ସଚ୍ଚା ପ୍ରତିଶୃତି ପ୍ରଦାନକାରୀ ଅଲ୍ଲାଃ ତାଲାଙ୍କ ତରଫରୁ ତା ଜୀବଦଶାରେ ହିଁ ବୈକୁଣ୍ଠର ସୁସମାଚାର ମିଳିଯାଏ, ସେ ବାସ୍ତବରେ ତା ଉଦ୍ଦେଶ୍ୟକୁ ହିଁ ପାଇଯାଏ । ଏହି ଆୟତର ଶେଷ

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.7 Thursday 07-14 July 2022 Issue No. 27-28

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)


ଭାଗରେ ଅଲ୍ଲାଃ ତାଲା ମାଲି କୁର୍ବାନୀ (ଅର୍ଥାତ ଆର୍ଥିକ ବଳିଦାନ କରୁଥିବା (ଆଧାତ୍ମିକ) ସୈନିକମାନଙ୍କୁ କେଡ଼େ ସ୍ୱଷ୍ଟ ଶବ୍ଦରେ ସୁସମାଚାର ଦେଇଛନ୍ତି ଯେ ନିଜର ରକ୍ତକୁ ପାଣି ଫଟାଇ, ନିଜର ଝାଳବୁହା ପବିତ୍ର ଧନକୁ ମୋ ପ୍ରସନ୍ନତା ପାଇବା ପାଇଁ ହେ ବଳିଦାନ କାରୀମାନେ! ମୁଁ ତୁମକୁ କହୁଛି ଯେ **ଫସ୍ତବ୍‌ଶିରୁ ବିବୈଇକୁମୁଲ୍ ଲ୍ଲଜି ବାୟଅତୁମ୍ ବିହି ଜାଲିକା ହୁଓ୍ୱଲ୍ ଫୋଜୁଲ୍ ଅଜିମ୍ (ସୁରଃ ତୌବାଃ:୧୧୧)** ଅର୍ଥାତ ତୁମେମାନେ ଯେଉଁ କାରବାର କରିଅଛ, ସେଥିପାଇଁ ଆନନ୍ଦିତ ହୁଅ; ଏବଂ ଏହା ହିଁ ଏକ ମହାନ୍ ସଫଳତା (ଯାହାର ପ୍ରତିଶ୍ରୁତି ବିଶ୍ୱାସକାରୀମାନଙ୍କୁ ଦିଆଯାଇଛି):

ଆମ ଦୟାଳୁ ଓ କୃପାଳୁ ଅଲ୍ଲାଃଙ୍କର ଆମ ଉପରେ କେଡ଼େ ଅନୁଗ୍ରହ ଯେ ସେ ଆମକୁ ଜନ୍ମ କରିଛନ୍ତି, ସେ ଆମକୁ ଜୀବନ ଦେଇଛନ୍ତି ଏବଂ ସେ ଆମକୁ ଧନ ଉପାର୍ଜନ କରିବ ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି। ଯେତେବେଳେ ତାହାଙ୍କ ଅନୁଗ୍ରହ ଓ କୃପାରୁ ଅର୍ଜନ କରାଯାଇଥିବା ଧନର ଏକ ଅଂଶ/ଭାଗ ତାହାଙ୍କ ଉଦ୍ଦେଶ୍ୟରେ ବଳିଦାନ କରାଯାଇଥାଏ, ସେହି ସର୍ବଦାତା ଈଶ୍ୱର ଏତେ ପ୍ରସନ୍ନ ହୋଇଯାଇଥାନ୍ତି ଯେ ବୈକୁଣ୍ଠର ସୁସମାଚାର ଦେଇ ଦିଅନ୍ତି। ନିଶ୍ଚିତ ରୂପେ ଜଣେ ଈଶ୍ୱର ବିଶ୍ୱାସୀ ଭକ୍ତ ନିମନ୍ତେ ଏହାଠାରୁ ବଳି ଆଉ କ'ଣ ପୁରସ୍କାର ଅଛି, ଯାହାକୁ ମହାନ ସଫଳତା କୁହାଯାଇପାରିବ? ହଜରତ ମିର୍ଜା ବଶୀର ଅହେମଦ୍ ସାହେବ ର ଅ କେଡ଼େ ସୁନ୍ଦର କଥା କହିଛନ୍ତି ଯେ:-

**ଯେ ଜର୍ ଓ୍ୱ ମାଲ୍ ଦୁନ୍ୟା ମେଁ ହି ରହ୍ ଜାଏଁଗେ**
**ହଶର୍ କେ ରୋଜ୍ ଜୋ କାମ୍ ଆଏ ଓ୍ୱହ୍ ଜର୍ ପୈଦା କର୍**

ହଜରତ ମସିହ୍ ମଉଦ୍ ଆ ସଙ୍କ ଲେଖାରୁ ଏଠାରେ ସଂକ୍ଷିପ୍ତରେ ଦୁଇଟି ଆଧାତ୍ମିକ ଉଦ୍ଧୃତାଂଶ ଉପସ୍ଥାପନ କରୁଅଛି। ହଜରତ ମସିହ୍ ମଉଦ୍ ଆ ସ କୁହନ୍ତି:-

"ବ୍ୟବହାରିକ ଦୃଷ୍ଟିରୁ ତୁମେ ଦୁଇଟି ଜିନିଷକୁ (ସମାନ ଭାବରେ) ଭଲ ପାଇପାରିବ ନାହିଁ। ତୁମ ପକ୍ଷେ ଏହା ସମ୍ଭବ ନୁହେଁ ଯେ ତୁମେ ଧନକୁ ବି ଭଲପାଅ ଓ ଈଶ୍ୱରଙ୍କୁ ବି ଭଲପାଅ। କେବଳ ଗୋଟିଏ କୁ ଭଲ ପାଇପାରିବ। ଅତଏବ ସୌଭାଗ୍ୟବାନ ବ୍ୟକ୍ତି ହେଉଛି ସେ ଯିଏ ଈଶ୍ୱରଙ୍କ ସହିତ ପ୍ରେମ କରୁଛି। ଯଦି ତୁମ ମଧ୍ୟରୁ କେହି ଖୁଦାଙ୍କୁ ଭଲ ପାଇବା ସହିତ ତାହାଙ୍କ ମାର୍ଗରେ ଧନ ଖର୍ଚ୍ଚ କରିବ, ମୁଁ ଏ ବିଶ୍ୱାସ ରଖିଛି ଯେ ତା ଧନ ସମ୍ପତିରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ବର୍କତ୍ (ବୃଦ୍ଧି) ଘଟିବ। କାରଣ ଧନସମ୍ପତି ସ୍ୱତଃପ୍ରୁତ ଭାବରେ ଆସିନଥାଏ ବରଂ ଈଶ୍ୱରଙ୍କ ଇଚ୍ଛାରୁ ଆସିଥାଏ।" *(ମଜ୍‌ମୁଆ ଇସ୍ତେହାରାତ୍, ଖଣ୍ଡ-୩, ପୃ-୪୯୭, ମୁଦ୍ରିତ ରବ୍‌ୱା ୧୯୮୯)*

ପୁଣି କୁହନ୍ତି:-

"ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜକୁ ବୟତଶୁଦାଃ (ଅର୍ଥାତ ଦୀକ୍ଷା ନେଇଥିବା ଲୋକ)ମାନଙ୍କ ମଧ୍ୟରେ ବିବେଚନା କରିଥାଏ, ତା ପାଇଁ ଏବେ ସମୟ ଆସିଛି ଯେ ସେ ନିଜ ଧନରୁ ବି ଏହି ସିଲ୍‌ସିଲା (ସମ୍ପ୍ରଦାୟ)ର ସେବା କରୁ।......... ବୟତ (ଅର୍ଥାତ ଦୀକ୍ଷା) କରିଥିବା ପ୍ରତ୍ୟେକ ବ୍ୟକ୍ତି, ନିଜ ସାମର୍ଥ୍ୟ ଅନୁସାରେ ପାରୁପର୍ଯ୍ୟନ୍ତ ଚାନ୍ଦା ଦେବା ଉଚିତ ଯଦ୍ୱାରା ଖୁଦାତାଲା ବି ତାଙ୍କୁ ସାହାଯ୍ୟ କରିବେ। ଯଦି ନିରବିଚ୍ଛିନ୍ନ ଭାବରେ ମାସକୁ ମାସ ସେମାନଙ୍କର ସାହାଯ୍ୟ ମିଳିଚାଲିବ, ତାହା ଅଳ୍ପ ସାହାଯ୍ୟ ହୋଇଥାଉ ନା କାହିଁକି, ତାହା ଏପରି ସାହାଯ୍ୟଠାରୁ ଉତମ ହେବ ଯାହା ବହୁ ସମୟ ପର୍ଯ୍ୟନ୍ତ ନ ଦିଆଯାଉ ପୁଣି କେବେ ନିଜ ଇଚ୍ଛା ମୁତାବକ ଦିଆଯାଇଥାଏ। ପ୍ରତ୍ୟେକ ଲୋକର ନିଷ୍ଠା ଓ ଆନ୍ତରିକତା ତା' ସେବାକାର୍ଯ୍ୟରେ ଚିହ୍ନିତ ହୋଇଥାଏ। ହେ ମୋର ପ୍ରୀୟ ଲୋକମାନେ! ଏହା ଧର୍ମ ତଥା ଧର୍ମର ଉଦ୍ଦେଶ୍ୟ ପାଇଁ ସେବା କରିବାର ସମୟ। ଏହି ସମୟକୁ ଏକ ସୌଭାଗ୍ୟ ବୋଲି ଜାଣ। ଏପରି ସମୟ ପୁଣି ମିଳିବ ନାହିଁ।" *(କିଶ୍ତି ନୂହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୯, ପୃ-୮୩)*

ସୟଦନା ହଜରତ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଅଲ୍‌ଖାମିସ୍ (ଫଂଚମ) ଅ ବ ଅ କୁହନ୍ତି:- "ଏ ଯେଉଁ ମସିହ ମଉଦ ଆ ସଙ୍କ ଯୁଗ ଅଛି, ଏଥିରେ ଗୋଟିଏ ଜିହାଦ୍ (ଚେଷ୍ଟା, ପ୍ରୟାସ) ହେଉଛି ଆର୍ଥିକ ବଳିଦାନର ଜିହାଦ୍। କାରଣ ଏହା ବିନା ନା ତ ଇସ୍‌ଲାମ୍‌ର ପ୍ରତିରକ୍ଷା ପାଇଁ ଲିଟ୍‌ରେଚର୍ ପ୍ରକାଶ ହୋଇପାରିବ, ନା ପବିତ୍ର କୁର୍‌ଆନ୍‌ର ବିଭିନ୍ନ ଭାଷାରେ ଅନୁବାଦ ହୋଇପାରିବ, ଓ ନା ଏହି ଅନୁବାଦ ପୃଥିବୀର କୋଣ ଅନୁକୋଣରେ ପହଂଚିପାରିବ, ନା ମିଶନ୍ ଖୋଲାଯାଇପାରିବ, ନା ମୁରବୀଗଣ, ନା ମୁବଲ୍ଲିଗିନ୍ ପ୍ରସ୍ତୁତ କରାଯାଇପାରିବ ନା ମୁରବୀୟାନ୍, ମୁବଲ୍ଲିଗମାନଙ୍କୁ ଜମାତକୁ ପଠାଯାଇପାରିବ। ନା ମସ୍‌ଜିଦ୍ ନିର୍ମାଣ ହୋଇପାରିବ, ନା ସ୍କୁଲ୍ କଲେଜ୍ ଦ୍ୱାରା ଗରିବ ଶ୍ରେଣୀର ଲୋକମାନଙ୍କୁ ଶିକ୍ଷା ସୁବିଧା ଯୋଗାଇ ଦିଆଯାଇପାରିବ। ନା ଡ଼ାକ୍ତରଖାନା ଜରିଆରେ ଦୁଃଖି ଲୋକମାନଙ୍କର ସେବା କରାଯାଇପାରିବ। ତେଣୁ ଯେପର୍ଯ୍ୟନ୍ତ ଦୁନିଆର ପ୍ରତ୍ୟେକ କୋଣରେ ଏବଂ ପ୍ରତ୍ୟେକ କୋଣରେ ଥିବା ଲୋକମାନଙ୍କ ନିକଟରେ ଇସ୍‌ଲାମ୍‌ର ବାର୍ତା ନ ପହଂଚିଛି ଓ ଯେପର୍ଯ୍ୟନ୍ତ ଗରିବ ଲୋକମାନଙ୍କର ଆବଶ୍ୟକତା ପୂରଣ ନ କରାଯାଇଛି, ସେ ପର୍ଯ୍ୟନ୍ତ ଏହି ଆର୍ଥିକ ଜିହାଦ୍ ଜାରି ରହିବ ଏବଂ ନିଜ ନିଜର କ୍ଷମତା ତଥା ନିଜ ନିଜର ସୁବିଧା ଅନୁସାରେ ପ୍ରତ୍ୟେକ ଅହେମଦୀଙ୍କ ପାଇଁ ଏଥିରେ ସାମିଲ ହେବା ଅନିବାର୍ଯ୍ୟ।" *(ଖୁତ୍‌ବା ଜୁମା ପ୍ରଦତ ୩୧ ମାର୍ଚ୍ଚ ୨୦୦୬)*

***ପାସ୍ ହୋ ମାଲ୍ ତୋ ଦୋ ଇସ୍‌ସେ ଜକାତ୍ ଓ୍ୱ ସଦ୍‌କାଃ***
***ଫିକ୍ରେ ମିସ୍‌କିଁ ରହେ ତୁମ୍‌କୋ ଗମେ ଆୟାମ୍ ନ ହୋ***

ପ୍ରିୟ ଶ୍ରୋତଗଣ! ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି:- **ଓ୍ୱନ୍‌ଫିକୁ ଖୈରନ୍ ଲି ଅନ୍‌ଫୁସିକୁମ୍ ଓ୍ୱ ମଇଁ ୟୁକା ଶୁହ୍‌ହା ନଫ୍‌ସିହି ଫ ଉଲାଇକା ହୁମୁଲ୍ ମୁଫ୍‌ଲିହୁନ୍ (ତଗାବୁନ୍:୧୭)**

ଅର୍ଥାତ:- ନିଜର ଭଲ ପାଇଁ ଖର୍ଚ୍ଚ କର, ଏବଂ ଯେଉଁ ବ୍ୟକ୍ତିକୁ ତା ହୃଦୟର କୃପଣଠାରୁ ବଚାଂଇ ଦିଆଗଲା, ସେ ହିଁ ସଫଳ ହେବ।

ସମ୍ମାନୀୟ ଶ୍ରୋତବୃନ୍ଦ! ଏହି ପବିତ୍ର ଆୟତରେ ଆମକୁ ଆହ୍ୱାନ କରାଯାଇଅଛି ଯେ ଆମେ ଆମର ମଙ୍ଗଳ ଓ ଆମର ଭଲ ପାଇଁ ଖର୍ଚ୍ଚ କରିବା। ଈଶ୍ୱରଙ୍କ ଅସ୍ତିତ୍ୱ ତ ସମୃଦ୍ଧ ତଥା ଧର୍ନାଢ଼୍ୟ, ତାଙ୍କୁ କୌଣସି ଧନ ସମ୍ପତିର ଆବଶ୍ୟକତା ନାହିଁ। ଅଲ୍ଲାଃ ତାଲା ଆମକୁ ଈଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କରିବା ପାଇଁ ଅଧିକରୁ ଅଧିକ ସୌଭାଗ୍ୟ ପ୍ରଦାନ କରନ୍ତୁ ଏବଂ ଏହା ଫଳରେ ଅଲ୍ଲାଃ ଆମକୁ ଆର୍ଥିକ ବଳିଦାନର ଆଶୀର୍ବାଦ ପ୍ରଦାନ କରନ୍ତୁ। ଆମିନ୍।।

⌘⌘⌘⌘⌘⌘⌘⌘⌘⌘

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି। ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୂରଣ କରୁଅଛି। ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଓ୍ୱର୍ ଅ:ବ:ଅଙ୍କ ତାଜା ଖୁତ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନ୍‌ଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି। ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ। ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ। ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ। ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ। ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ। ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ।

(ବଦର କାର୍ଯ୍ୟାଳୟ)

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ।''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan